# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୬/୨୦୨୪ (୧୬ ପୃଷ୍ଠା) Bhubaneswar, Monday, September 16/2024 Page 16 ₹ 7.00

୫୦ଶ ଭାଗ ୨୯୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 293 ମୂଲ୍ୟ ₹୭/-



DSPL-109



ଓଡ଼ିଶା ଶାସନ

ସୁଭଦ୍ରା

## ଆସନ୍ତାକାଲି
# ସୁଭଦ୍ରା
## ଶୁଭାରମ୍ଭ

## ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ
ମାନନୀୟ ପ୍ରଧାନମନ୍ତ୍ରୀଙ୍କ
କରକମଳରେ

## କଥା ଦେଇ କଥା ରଖିଲେ
## ଆମ ସରକାର





OIPR-33001/13/0009/2425

- ଉପକୃତ ହେବେ ୧ କୋଟି ରୁ ଊର୍ଦ୍ଧ୍ୱ ମହିଳା
- ଦୁଇଟି କିସ୍ତିରେ ବାର୍ଷିକ ୧୦ ହଜାର କରି ପାଞ୍ଚ ବର୍ଷରେ ପାଇବେ ୫୦ ହଜାର ଟଙ୍କା
- ପ୍ରତିବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ (ମାର୍ଚ୍ଚ ୮ ତାରିଖ)ରେ ପ୍ରଥମ କିସ୍ତି ଏବଂ ରାକ୍ଷୀ ପୂର୍ଣ୍ଣିମାରେ ଦ୍ୱିତୀୟ କିସ୍ତିରେ ପାଇବେ ମୋଟ୍ ୧୦ ହଜାର ଟଙ୍କା
- ହିତାଧିକାରୀଙ୍କ ଆଧାର ସଂଯୋଜିତ ବ୍ୟାଙ୍କ ଖାତାକୁ ସିଧା ସଳଖ ଯିବ ସହାୟତା ରାଶି
- ସୂଚନାଯୋଗ୍ୟ ଯେ, ସୁଭଦ୍ରା ପାଇଁ ଆବେଦନ ଜାରି ରହିଛି ଏବଂ ଏହାର କୌଣସି ଶେଷ ତାରିଖ ନାହିଁ

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

**ନାଇଜେରିଆରେ ବୋଟ୍ ବୁଡ଼ି ୪୦ ନିଖୋଜ**

ଉତ୍ତରପଶ୍ଚିମ ନାଇଜେରିଆର ଏକ ନଦୀରେ ଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ବୋଟ୍ ବୁଡ଼ିଯାଇଛି। ଫଳରେ ଅନ୍ୟୂନ ୪୦ ଜଣ ନିଖୋଜ ହୋଇଥିବା ସେଠାର ରାଷ୍ଟ୍ରପତି ବୋଲା ଟିନୁବୁ ରବିବାର କହିଛନ୍ତି। ଜମ୍ଫାରା ରାଜ୍ୟ ଚାଷୀମାନେ ଶନିବାର ସେମାନଙ୍କ ଜମିକୁ ବୋଟ୍ ଯୋଗେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ୫ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୪୦ ଜଣଙ୍କ ପତ୍ତା ମିଳି ନ ଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ଇଂଲିଶ ଚ୍ୟାନେଲ ଅତିକ୍ରମ ବେଳେ ୮ ମୃତ

ପ୍ୟାରିସ୍, ୧୫।୯

ଉତ୍ତର ଫ୍ରାନ୍ସ ପାର୍ଶ୍ୱରୁ ଇଂଲିଶ ଚ୍ୟାନେଲ ଅତିକ୍ରମ ଉଦ୍ୟମ ବେଳେ ଅନ୍ୟୂନ ୮ ଜଣଙ୍କର ମୃତ୍ୟୁ ଘଟିଥିବା ଫ୍ରାନ୍ସ ସାମୁଦ୍ରିକ କର୍ତ୍ତୃପକ୍ଷ ଜଣାଇଛନ୍ତି। ଶନିବାର ମଧ୍ୟରାତ୍ର ପୂର୍ବରୁ ଏକ ବୋଟ୍‌ରେ କେତେଜଣ ଇଂଲିଶ ଚ୍ୟାନେଲ ପାର୍ ହେବାକୁ ଉଦ୍ୟମ କରୁଥିବାବେଳେ ଆମ୍ବେଟେଉସ୍ ଉପକୂଳ ନିକଟରେ ବିପଦରେ ପଡ଼ିଥିବା ମେରିଟାଇମ୍ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ଫ୍ରାନ୍ସର ରେସ୍କ୍ୟୁ ଜାହାଜ ସେଠାକୁ ଯାଇ ୫୩ ଜଣଙ୍କୁ ଚିକିତ୍ସା ସହାୟତା ଯୋଗାଇଥିଲା। ଜରୁରୀ ସେବା ପ୍ରଦାନ ସତ୍ତ୍ୱେ ୮ ଜଣଙ୍କର ମୃତ୍ୟୁ ଘଟିଛି। ଜଣେ ୧୦ ମାସର ଶିଶୁ ସମେତ ୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଶରଣାର୍ଥୀମାନେ ଇରିଟ୍ରିଆ, ସୁଦାନ, ସିରିଆ, ଆଫଗାନିସ୍ତାନ, ଇଜିପ୍ଟ ଏବଂ ଇରାନରୁ ଆସିଥିଲେ ବୋଲି ଫ୍ରାନ୍ସ କର୍ତ୍ତୃପକ୍ଷ କହିଛନ୍ତି।

### ଗ୍ୟାସ୍ ଟ୍ୟାଙ୍କରରେ ବିସ୍ଫୋରଣ: ୨୪ ମୃତ

ପୋର୍ଟ-ଅଉ-ପ୍ରିନ୍ସ, ୧୫।୯

ହାଇତିର ଦକ୍ଷିଣ ଭାଗରେ ଶନିବାର ଏକ ଗ୍ୟାସ୍ ଟ୍ୟାଙ୍କରରେ ବିସ୍ଫୋରଣ ଘଟି ୨୪ ଜଣଙ୍କ ମୃତ୍ୟୁ ହେବା ସହ ୪୦ ଜଣ ପୋଡ଼ିଯାଇ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମିରାଗୋଆନେ ଉପକୂଳ ସହର ନିକଟରେ ଏହି ଦୁର୍ଘଟଣା ଘଟିଛି। ହାଇତି ପ୍ରଧାନମନ୍ତ୍ରୀ ଗାରି କୋନିଲେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଗୁରୁତର ଆହତଙ୍କୁ ହେଲିକପ୍ଟର ଯୋଗେ ସ୍ୱତନ୍ତ୍ର ଚିକିତ୍ସା ପାଇଁ ପଠାଯାଇଛି। ଅନ୍ୟମାନେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅଧିକାଂଶ ପୁରୁଷ ହୋଇଥିବାବେଳେ ୩ ଜଣ ମହିଳା ଓ ଜଣେ ଶିଶୁ ରହିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଅନ୍ୟ ଏକ ଗାଡ଼ି ଧକ୍କାରେ ଟ୍ରକ୍‌ର ଗ୍ୟାସ୍ ଟାଙ୍କିରେ ଛିଦ୍ର ହୋଇଯାଇଥିଲା। ଲୋକେ ଇନ୍ଧନ ସଂଗ୍ରହ ପାଇଁ ସେଠାକୁ ଯାଇଥିବାବେଳେ ବିସ୍ଫୋରଣ ଘଟିଥିଲା।

### ଘର ଭୁଶୁଡ଼ି ୧୦ ମୃତ

ମିରଟ, ୧୫।୯

ଉତ୍ତରପ୍ରଦେଶର ମିରଟସ୍ଥିତ ଜାକିର ନଗର ଅଞ୍ଚଳରେ ଶନିବାର ରାତିରେ ଏକ ୩ ମହଲା ବିଶିଷ୍ଟ ଘର ଭୁଶୁଡ଼ି ୧୦ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରୁ ଅଗ୍ନିଶମ ବାହିନୀ ଏବଂ ପୋଲିସ ୫ ଜଣଙ୍କୁ ଜୀବନ୍ତ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ସମସ୍ତ ମୃତକଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ୪ ଲକ୍ଷ ଲେଖାଏ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ଜିଲାପାଳ ଦୀପକ ମୀଣା ଘୋଷଣା କରିଛନ୍ତି। ଜଣେ ଅଗ୍ନିଶମ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଘର ଭୁଶୁଡ଼ିବା ସମୟରେ ୩ ଜଣ ଖସି ବର୍ତ୍ତିଯିବାରେ ସଫଳ ହୋଇଥିବାବେଳେ ୧୫ ଜଣ ଆବର୍ଜନା ମଧ୍ୟରେ ଫସି ରହିଥିଲେ। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କର ମୃତ୍ୟୁ ଘଟିଛି ବୋଲି ସେ କହିଛନ୍ତି।

### କେନ୍ଦ୍ରୀୟ ଇସ୍ରାଏଲ୍‌ରେ ହୁତିର ମିଶାଇଲ ମାଡ଼

ଜେରୁଜେଲମ୍, ୧୫।୯

ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ରବିବାର ପ୍ରଥମ ଥର ପାଇଁ କେନ୍ଦ୍ରୀୟ ଇସ୍ରାଏଲ୍‌ରେ କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ସେମାନଙ୍କୁ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଚେତାବନୀ ଦେଇଛନ୍ତି। ହୁତି ସାମରିକ ମୁଖପାତ୍ର ୟାହୟା ସାରେଆଙ୍କ କହିବା ଅନୁଯାୟୀ, ସେମାନେ ଛାଡ଼ିଥିବା ନୂଆ ହାଇପରସୋନିକ୍ ବାଲିଷ୍ଟିକ୍ ମିଶାଇଲ ମାତ୍ର ୧୧.୫ ମିନିଟରେ ୨,୦୪୦ କିଲୋମିଟର ଅତିକ୍ରମ କରି କେନ୍ଦ୍ରୀୟ ଇସ୍ରାଏଲ୍‌ରେ ମାଡ଼ କରିଥିଲା। ତେବେ ଏହା ଏକ ଖୋଲା ସ୍ଥାନରେ ପଡ଼ିଥିବାରୁ କେହି ମୃତାହତ ହୋଇନାହାନ୍ତି। କ୍ଷେପଣାସ୍ତ୍ର ପଡ଼ିବା ପୂର୍ବରୁ ସକାଳ ୬ଟା ୩୫ ମିନିଟ୍ ସମୟରେ ତେଲ୍ ଆଭିଭ୍ ଏବଂ କେନ୍ଦ୍ରୀୟ ଇସ୍ରାଏଲ୍‌ରେ ଏୟାର ରେଡ୍ ସାଇରନ୍ ବାଜିଉଠିବାରୁ ଲୋକମାନେ ଘରକୁ ପଳାଇଥିଲେ। ଏକ ଖୋଲା ସ୍ଥାନରୁ ପ୍ରବଳ ଧୂଆଁ ଉଠୁଥିବା ଦେଖିବାକୁ ମିଳିଛି। ଗତ ଜୁଲାଇରେ ତେଲ୍ ଆଭିଭ୍‌ରେ ହୁତି ବିଦ୍ରୋହୀ ଡ୍ରୋନ୍ ଆକ୍ରମଣ କରିବାରୁ ଇସ୍ରାଏଲ୍ ଏହାର ଜବାବରେ ଏୟାରଷ୍ଟ୍ରାଇକ୍ କରିଥିଲା।

# ହରିୟାଣା ଭାଜପା: ମୁଖ୍ୟମନ୍ତ୍ରୀ ହେବାକୁ ଟଣାଓଟରା

**୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ଅକ୍ଟୋବର ୫ରେ ହେବ, ଯାହାର ଫଳାଫଳ ୮ରେ ଆସିବ। ଯେଉଁ ଦଳ ସଂଖ୍ୟାଗରିଷ୍ଠତା ଲାଭ କରିବ, ସେହି ଦଳର ଜଣେ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା କିନ୍ତୁ ଏହି ପଦ ପାଇଁ ଶାସକ ଭାଜପାରେ ଏବେଠୁ ଟଣାଓଟରା ଆରମ୍ଭ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଅନିଲ ଭିଜ୍ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନିଙ୍କ ନେତୃତ୍ୱକୁ ପ୍ରତ୍ୟାଖ୍ୟାନ କରି ନିଜକୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ୧ ନମ୍ବର ଦାବିଦାର ଘୋଷଣା କରିବା ପରେ ହରିୟାଣା ଭାଜପାର ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଛି।**

ଚଣ୍ଡିଗଡ଼/ନୂଆଦିଲ୍ଲୀ, ୧୫।୯


ନାଏବ ସିଂ ସାଇନି


ଅନିଲ ଭିଜ୍


ରାଓ ଇନ୍ଦ୍ରଜିତ୍ ସିଂ

ହରିୟାଣାସ୍ଥିତ ଅମ୍ବାଲା କ୍ୟାଣ୍ଟେନମେଣ୍ଟ ଆସନର ଭାଜପା ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଅନିଲ ଭିଜ୍ ଏକ୍ସ'ରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ସେ କହିଛନ୍ତି, ଭାଜପା ପୁନର୍ବାର କ୍ଷମତାସୀନ ହେଲେ ସେ ମୁଖ୍ୟମନ୍ତ୍ରୀ ହେବା ପାଇଁ ଦାବି କରିବେ। କାରଣ ସେ ରାଜ୍ୟର ସବୁଠୁ ବରିଷ୍ଠ ବିଧାୟକ। ମୁଖ୍ୟମନ୍ତ୍ରୀ ହେବା ପାଇଁ ତାଙ୍କ ଉପରେ ଲୋକେ ପ୍ରବଳ ଚାପ ପକାଉଛନ୍ତି। ଭାଜପା ପୂର୍ବରୁ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନିଙ୍କ ନାମ ଏହି ପଦବୀ ଲାଗି ଘୋଷଣା କରିସାରିଥିବାବେଳେ ଭିଜ୍‌ଙ୍କ ଦାବି ଦଳ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଅନ୍ୟ ରାଜ୍ୟଗୁଡ଼ିକରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଟଣାଓଟରା ମଧ୍ୟ ରହିଛି। ତେବେ ଭିଜ୍‌ଙ୍କ ଦାବିଦାରି ଭାଜପା ଶୀର୍ଷ ନେତୃତ୍ୱଙ୍କ ଆଗରେ ଚ୍ୟାଲେଞ୍ଜଠାରୁ କମ୍ ନୁହେଁ ବୋଲି କୁହାଯାଉଛି।

୬ ଥର ବିଧାୟକ ହୋଇସାରିଥିବା ଭିଜ୍ ନିଜ ପୋଷ୍ଟରେ ଆହୁରି କହିଛନ୍ତି, ତାଙ୍କୁ ସୁଯୋଗ ମିଳିଲେ ସେ ହରିୟାଣାରେ ବଡ଼ ଧରଣର ଉନ୍ନତି ଘଟାଇବେ। ଭିଜ୍ ପୂର୍ବରୁ ୨ ଥର ମୁଖ୍ୟମନ୍ତ୍ରୀ ହେଉ ହେଉ ଏହି ପଦ ତାଙ୍କ ହାତରୁ ଖସିଯାଇଥିଲା। ଥରେ ମନୋହର ଲାଲ ଖଟ୍ଟାର ଓ ଆଉ ଥରେ ସାଇନିଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ୨୦୧୪ରେ ଭିଜ୍ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦୌଡ଼ ଆଗରେ ରହିଥିଲେ। କିନ୍ତୁ କେନ୍ଦ୍ରୀୟ ନେତୃତ୍ୱ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଘନିଷ୍ଠ ଖଟ୍ଟାରଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲେ। ସେତେବେଳେ ଭିଜ୍‌ଙ୍କୁ ଗୃହମନ୍ତ୍ରୀ କରାଯାଇଥିଲା, କିନ୍ତୁ ସେ କ୍ୟାବିନେଟ୍‌ର ସବୁଠୁ ପ୍ରଭାବଶାଳୀ ମନ୍ତ୍ରୀ ଭାବେ ଉଭା ହୋଇଥିଲେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଖଟ୍ଟାରଙ୍କୁ ଲୋକ ସଭା ପ୍ରାର୍ଥୀ କରାଯାଇଥିଲା। ମାର୍ଚ୍ଚ ୧୨ରେ ତାଙ୍କ ସ୍ଥାନରେ ଖଟ୍ଟାର ମୁଖ୍ୟମନ୍ତ୍ରୀ ହେବେ ବୋଲି ଆଶା ବାନ୍ଧିଥିବାବେଳେ କେନ୍ଦ୍ରୀୟ ନେତୃତ୍ୱ ସାଇନିଙ୍କୁ ସୁଯୋଗ ଦେଇଥିଲେ। ଏପରି କି ଭିଜ୍‌ଙ୍କୁ ସାଇନିଙ୍କ କ୍ୟାବିନେଟ୍‌ରେ ସାମିଲ କରାଯାଇ ନ ଥିଲା। ତେଣୁ ଦଳୀୟ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ନେଇ କ୍ଷୁବ୍ଧ ଥିବା ଭିଜ୍ ନିଜ ମହତ୍ତ୍ୱାକାଂକ୍ଷାକୁ ନେଇ ଖୋଲାଖୋଲି କହିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଫଳରେ ହରିୟାଣା ଭାଜପା ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏନେଇ ସ୍ପଷ୍ଟ କରିବାକୁ ପଡ଼ିଛି ଯେ, ସାଇନି ହିଁ ଦଳର ମୁଖ୍ୟମନ୍ତ୍ରୀ ଚେହେରା। କର୍ନାଲରେ ନିର୍ବାଚନ ପ୍ରଚାରବେଳେ ଧର୍ମେନ୍ଦ୍ରଙ୍କୁ ଖବରଦାତାମାନେ ପ୍ରଶ୍ନ କରିବାରୁ ସେ କହିଛନ୍ତି, ଭିଜ୍ ଭାଜପାର ଜଣେ କର୍ମୀ ଭାବେ ଏପରି କହିଥାଇପାରନ୍ତି। କିନ୍ତୁ ନାଏବ ସିଂ ସାଇନି ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ।

> "ମୁଁ ଆଜିଯାଏ ଦଳରୁ କିଛି ଆଶା କରି ନ ଥିଲି। ଲୋକେ ମୋତେ ପ୍ରଶ୍ନ କରୁଛନ୍ତି, ବରିଷ୍ଠତମ ବିଧାୟକ ହୋଇ ମଧ୍ୟ କାହିଁକି ମୁଖ୍ୟମନ୍ତ୍ରୀ ହୋଇପାରୁ ନାହିଁ। ଲୋକଙ୍କ କହିବା ଅନୁସାରେ ମୁଁ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବି କରିବି। ଭାଜପା ମୋତେ କରିବ କି ନାହିଁ, ତାହା ଦଳ ଉପରେ ନିର୍ଭର କରେ। କିନ୍ତୁ ମୁଁ ମୁଖ୍ୟମନ୍ତ୍ରୀ ହେଲେ ହରିୟାଣାର ଭାଗ୍ୟ ଓ ଚେହେରା ସମ୍ପୂର୍ଣ୍ଣ ଭାବେ ବଦଳାଇଦେବି।
> **-ଅନିଲ ଭିଜ୍, ବରିଷ୍ଠ ଭାଜପା ନେତା**

### ହରିୟାଣାବାସୀ ମୋତେ ଚାହୁଁଛନ୍ତି: ଇନ୍ଦ୍ରଜିତ୍

ହରିୟାଣାର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଭିଜ୍ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନିଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଟଣାଓଟରା ଲାଗିରହିଥିବାବେଳେ କେନ୍ଦ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂ ମଧ୍ୟ ଏହି ପଦ ପାଇଁ ଆଶାୟୀ ଅଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସାଇନିଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରିଛନ୍ତି। କିନ୍ତୁ ହରିୟାଣାବାସୀ ମୋତେ ମୁଖ୍ୟମନ୍ତ୍ରୀ କରାଇବାକୁ ଚାହୁଁଛନ୍ତି। ଏହା ମୋର ବ୍ୟକ୍ତିଗତ ଆଗ୍ରହ ନୁହେଁ, ବରଂ ଲୋକଙ୍କ ଦାବି ବୋଲି ଇନ୍ଦ୍ରଜିତ କହିଛନ୍ତି। ଗୁରୁଗ୍ରାମ ଏମ୍‌ପି ଇନ୍ଦ୍ରଜିତ ଆହୁରି କହିଛନ୍ତି, ଆମ ଦକ୍ଷିଣ ହରିୟାଣାର ସମର୍ଥନ ପାଇ ନ ଥିଲେ, ଭାଜପା ରାଜ୍ୟରେ ଲଗାତାର ଦ୍ୱିତୀୟ ଥର କ୍ଷମତାସୀନ ହୋଇପାରି ନ ଥାନ୍ତା।

### ବର୍ତ୍ତମାନର ସରକାରଙ୍କ କାର୍ଯ୍ୟକାଳରେ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' କାର୍ଯ୍ୟକାରୀ ହେବ

ନୂଆଦିଲ୍ଲୀ, ୧୫।୯ (ପି.ଟି.)

ବର୍ତ୍ତମାନର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ କାର୍ଯ୍ୟକାଳରେ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' କାର୍ଯ୍ୟକାରୀ ହେବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏହି ସଂସ୍କାରମୂଳକ ପଦକ୍ଷେପକୁ ଦଳ ନିର୍ବିଶେଷରେ ସମର୍ଥନ ମିଳିବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ସରକାର ୧୦୦ ଦିନ ପୂରଣ କରିଛି ଏବଂ ପୂରା ୫ ବର୍ଷ ଶାସକ ମେଣ୍ଟ ଅତୁଟ ରହିବ ବୋଲି କୁହାଯାଇଛି। ଏହି ୫ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଏକ ରାଷ୍ଟ୍ର ଏକ ନିର୍ବାଚନ ବାସ୍ତବ ରୂପ ନେବ ବୋଲି ଜଣେ ପଦାଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ସ୍ୱାଧୀନତା ଦିବସ ପାଳନବେଳେ ଲାଲ୍‌କିଲ୍ଲାରୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ 'ୱାନ୍ ନେଶନ, ୱାନ୍ ଇଲେକ୍ସନ'ଉପରେ ଗୁରୁତ୍ୱ ଦେଇଥିଲେ। ବାରମ୍ବାର ନିର୍ବାଚନ ହେବା ଦ୍ୱାରା ଦେଶର ବିକାଶ ବାଧାପ୍ରାପ୍ତ ହେଉଥିବା ସେ କହିଥିଲେ। ସୂଚନାଯୋଗ୍ୟ, ଭାଜପାର ଲୋକ ସଭା ନିର୍ବାଚନ ଇସ୍ତାହାରରେ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ଅନ୍ୟତମ ମୁଖ୍ୟ ପ୍ରତିଶ୍ରୁତି ଥିଲା। ଗତ ମାର୍ଚ୍ଚରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଏକସଙ୍ଗେ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ପାଇଁ ସୁପାରିସ କରିଛନ୍ତି। ଏହାର ୧୦୦ ଦିନ ମଧ୍ୟରେ ପୌରସଭା ଓ ପଞ୍ଚାୟତଗୁଡ଼ିକ ପାଇଁ ନିର୍ବାଚନ ହେବ।

### ମ୍ୟାନ୍‌ମାର ବନ୍ୟାରେ ଶତାଧିକ ମୃତ

ନେପିଡୋ, ୧୫।୯



ବାତ୍ୟା 'ୟାଗି' ପ୍ରଭାବରେ ମ୍ୟାନ୍‌ମାରରେ ବନ୍ୟା ଯୋଗୁ ରବିବାର ସୁଦ୍ଧା ୧୧୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୬୪ ନିଖୋଜ ହୋଇଛନ୍ତି। ପ୍ରାୟ ୩ ଲକ୍ଷ ୨୦ ହଜାର ଲୋକଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ୬୬ ହଜାର ଘର ଓ ୩୭୫ଟି ସ୍କୁଲ ନଷ୍ଟ ହୋଇଛି। ମ୍ୟାନମାରର କାୟା, କାୟିନ, ମାଣ୍ଡଲେ, ମୋନ୍, ଶାନ ଆଦି ରାଜ୍ୟରେ ବନ୍ୟାର ବିଶେଷ ପ୍ରଭାବ ଦେଖିବାକୁ ମିଳିଛି। ୟାଗି ବାତ୍ୟାରେ କ୍ଷତିଗ୍ରସ୍ତ ଭିଏତ୍‌ନାମ, ଲାଓସ୍ ଏବଂ ମ୍ୟାନ୍‌ମାର ପାଇଁ ଭାରତ ସହାୟତାର ହାତ ବଢ଼ାଇଛି। ୩ ଦେଶକୁ ସହାୟତା ଉଦ୍ଦେଶ୍ୟରେ ଭାରତ ପକ୍ଷରୁ 'ଅପରେଶନ ସଦ୍‌ଭାବ' ଲଞ୍ଚ କରାଯାଇଛି। ଭାରତ ଲାଓସ୍ ପାଇଁ ୧ ଲକ୍ଷ ଓ ଭିଏତ୍‌ନାମ ପାଇଁ ୧୦ ଲକ୍ଷ ଡଲାର ସହାୟତା ଘୋଷଣା କରିଛି।

### ଗୁଜରାଟରେ ନିର୍ଭୟା ପାଣ୍ଠି ପରିଚାଳନାରେ ତ୍ରୁଟି: ସିଏଜି

ଅହମଦାବାଦ, ୧୫।୯

ମହିଳାମାନଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ନିର୍ଭୟା ପାଣ୍ଠି ପରିଚାଳନାରେ ଗୁଜରାଟ ସରକାରଙ୍କ ଦ୍ୱାରା ବଡ଼ ତ୍ରୁଟି ହୋଇଥିବା କମ୍ପ୍ଟ୍ରୋଲର ଆଣ୍ଡ ଅଡିଟ୍ ଜେନେରାଲ (ସିଏଜି)ଙ୍କ ୨୦୨୩ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ପାଣ୍ଠିରୁ ୧୧୮.୭୫ କୋଟି ଟଙ୍କା ବିନିଯୋଗ ନ ହୋଇ ଗୁଜରାଟ ରାଜ୍ୟ ପୋଲିସ ହାଉସିଂ କର୍ପୋରେଶନ ଲିଃ ନିକଟରେ ପଡ଼ି ରହିଥିବାବେଳେ ସେଥିରୁ ସୁଧ ବାବଦକୁ ୩.୨୧ କୋଟି ଟଙ୍କା ଆୟ ହୋଇଛି। ନିୟମ ଅନୁଯାୟୀ ସୁଧର ୬୦ ପ୍ରତିଶତ ବା ୧.୯୨ କୋଟି ଟଙ୍କା ଭାରତର କନ୍‌ସୋଲିଡେଟେଡ୍ ଫଣ୍ଡରେ ରହିବା ଉଚିତ। କିନ୍ତୁ ଉକ୍ତ ନିୟମର ଉଲ୍ଲଂଘନ କରାଯାଇ ପୋଲିସ ହାଉସିଂ କର୍ପୋରେଶନ ଭୁଲ୍‌ବଶତଃ ୩.୨୧ କୋଟି ଟଙ୍କାକୁ ରାଜ୍ୟ କନ୍‌ସୋଲିଡେଟେଡ୍ ପାଣ୍ଠିରେ ଜମା କରିଛି। ନିର୍ଭୟା ପାଣ୍ଠିରୁ ୨୫ କୋଟି ଅହମଦାବାଦ ମ୍ୟୁନିସିପାଲ କର୍ପୋରେଶନରେ ଏବଂ ୧୧୮.୭୫ କୋଟି ବିନିଯୋଗ ନ ହୋଇ ଗୁଜରାଟ ରାଜ୍ୟ ଫାଇନାନ୍ସ ସର୍ଭିସ ଲିଃରେ ରହିଥିବାବେଳେ ୫୭.୬୬ ଲକ୍ଷ ଟଙ୍କା ନିରାପଦ ସହର ପ୍ରକଳ୍ପ ଏବଂ ମହିଳା ଓ ଶିଶୁଙ୍କ ବିରୋଧରେ ସାଇବର ଅପରାଧ ପ୍ରତିକାର ପାଇଁ ବିନିଯୋଗ ନ ହୋଇ ୫ ବର୍ଷ ହେଲା ପଡ଼ିରହିଥିବା ସିଏଜି ଅଡିଟ୍‌ରୁ ଜଣାପଡ଼ିଛି।

### ୫ ଘଣ୍ଟା ବିଳମ୍ବ ପରେ ବିମାନ ଉଡ଼ାଣ ରଦ୍ଦ, ଫସି ରହିଲେ ୩୦୦ ଯାତ୍ରୀ

ମୁମ୍ବାଇ, ୧୫।୯

ମୁମ୍ବାଇରୁ ଦୋହା ଯିବାକୁ ଥିବା ଇଣ୍ଡିଗୋ ଏୟାରଲାଇନ୍ସର ୬ଇ ୧୩୦୩ ବିମାନରେ ବୈଷୟିକଜନିତ ତ୍ରୁଟି ଦେଖାଯିବା ଯୋଗୁ ରବିବାର ଏହାର ଉଡ଼ାଣରେ ବାରମ୍ବାର ବିଳମ୍ବ ଘଟିଥିଲା ଏବଂ ପରିଶେଷରେ ଏହି ବିମାନକୁ ରଦ୍ଦ କରିଦିଆଯାଇଥିଲା। ଉକ୍ତ ବିମାନରେ ପ୍ରାୟ ୨୫୦ରୁ ୩୦୦ ଯାତ୍ରୀ ଉପସ୍ଥିତ ଥିଲେ। ତେବେ ଯାତ୍ରୀମାନଙ୍କୁ ୫ ଘଣ୍ଟା ଧରି ବିମାନରେ ବସିବାକୁ ବାଧ୍ୟ କରାଯାଇଥିବା ସହ ସେମାନଙ୍କୁ ବିମାନରୁ ଓହ୍ଲାଇବାକୁ ଅନୁମତି ଦିଆଯାଇ ନ ଥିଲା। ଫଳରେ ବହୁ ଯାତ୍ରୀ ଇଣ୍ଡିଗୋ ଏୟାରଲାଇନ୍ସ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ବିମାନ ରଦ୍ଦକୁ ନେଇ ଇଣ୍ଡିଗୋ ଏୟାରଲାଇନ୍ସ ମୁଖପାତ୍ର କ୍ଷମା ପ୍ରାର୍ଥନା କରିଛନ୍ତି। ବିମାନ ଉଡାଣ ପାଇଁ ଅନେକ ଚେଷ୍ଟା କରାଯାଇଥିବା ସତ୍ତ୍ୱେ ମଧ୍ୟ କ୍ରିଉ ସଦସ୍ୟ ବିଫଳ ହୋଇଥିବା ସେ କହିଛନ୍ତି। ହୋଟେଲରେ ସମସ୍ତ ଯାତ୍ରୀଙ୍କ ରହଣୀ ପାଇଁ ବ୍ୟବସ୍ଥା କରାଯାଇଛି ଏବଂ ସେମାନଙ୍କୁ ଦୋହାରେ ପହଞ୍ଚାଇବାକୁ ଅନ୍ୟ ବିମାନ ବୁକ୍ କରାଯାଇଛି ବୋଲି ସେ କହିଛନ୍ତି।

### ମହିଳାଙ୍କୁ ଡରାଇ ସହମତିରେ ଯୌନ ସମ୍ପର୍କ ବଳାତ୍କାର: ହାଇକୋର୍ଟ

ପ୍ରୟାଗରାଜ, ୧୫।୯ (ପି.ଟି.)

ମହିଳାଙ୍କୁ ଭୟଭୀତ କରାଇ କିମ୍ବା ତାଙ୍କଠାରେ ଭୁଲ୍ ଧାରଣା ଜନ୍ମାଇ ସହମତିରେ ଯୌନ ସମ୍ପର୍କ ରଖିବା ବଳାତ୍କାର ବୋଲି ଆଲ୍ଲାହାବାଦ ହାଇକୋର୍ଟ ଏକ ରାୟରେ କହିଛନ୍ତି। ରାଘବ କୁମାର ଜଣେ ମହିଳାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଯୌନ ସମ୍ପର୍କ ରଖିଥିବାରୁ ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗରେ ଆଗ୍ରା କୋର୍ଟରେ ଚାର୍ଜଶିଟ୍ ଦାଖଲ ହୋଇଥିଲା। ଏହାକୁ ରାଘବ ଆଲ୍ଲାହାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲାବେଳେ ଜଷ୍ଟିସ୍ ଅନିସ୍ କୁମାର ଗୁପ୍ତା ତାଙ୍କ ପିଟିଶନକୁ ଖାରଜ କରିଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ରାଘବ ପ୍ରଥମେ ମହିଳାଙ୍କୁ ବେହୋସ କରାଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ସେ ବିବାହ ପ୍ରଲୋଭନ ଦେଖାଇ କ୍ରମାଗତ ଯୌନ ସମ୍ପର୍କ ରଖିଆସୁଥିଲେ। ଉଭୟ ପରସ୍ପରର ଜଣାଶୁଣା ଏବଂ ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ସେମାନଙ୍କ ମଧ୍ୟରେ ସହମତିରେ ଶାରୀରିକ ସମ୍ପର୍କ ଥିଲା। ତେଣୁ ଏହା ବଳାତ୍କାର ନୁହେଁ ବୋଲି ରାଘବଙ୍କ ଓକିଲ କହିଥିଲେ। ସରକାରୀ ଓକିଲ କହିଥିଲେ, ମହିଳାଙ୍କୁ ପ୍ରତାରିତ କରି ସମ୍ପର୍କ ରଖାଯାଇଥିଲା ଏବଂ ଅଭିଯୁକ୍ତ ବଳପ୍ରୟୋଗ କରିଥିଲେ। ଯୌନ ସମ୍ପର୍କ ପାଇଁ ଏହାକୁ ପ୍ରତିପକ୍ଷଙ୍କ ସହମତି ବୋଲି କୁହାଯାଇପାରିବ ନାହିଁ। ମହିଳାଙ୍କ ଇଚ୍ଛା ବିରୋଧରେ ତାଙ୍କୁ ପ୍ରତାରିତ କରି ଓ ଧମକ ଦେଇ ସମ୍ପର୍କ ରଖିଥିବାରୁ ଆବେଦନକାରୀଙ୍କୁ ବଳାତ୍କାର ମାମଲାରେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ହାଇକୋର୍ଟ କହିଛନ୍ତି।

### ସବୁ ଡାକ୍ତରଙ୍କର ରହିବ ଏକକ ପରିଚୟ

ନୂଆଦିଲ୍ଲୀ, ୧୫।୯ (ପି.ଟି.)

**ଏନ୍‌ଏମ୍‌ସି ପୋର୍ଟାଲରେ ପଞ୍ଜୀକରଣ ଆରମ୍ଭ**

ସମସ୍ତ ଡାକ୍ତରଙ୍କର ଏକକ ପରିଚୟପତ୍ର ରହିବ। ଏଥିପାଇଁ ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ଭାରତରେ ଚିକିତ୍ସା କରିବାକୁ ଯୋଗ୍ୟ ସମସ୍ତ ଏମ୍‌ବିବିଏସ୍ ଡାକ୍ତରଙ୍କର ପଞ୍ଜୀକରଣ ପ୍ରକ୍ରିୟା ସଦ୍ୟ ଲଞ୍ଚ୍ ହୋଇଥିବା ପୋର୍ଟାଲରେ ଆରମ୍ଭ କରିଛି। ନ୍ୟାଶନାଲ ମେଡିକାଲ ରେଜିଷ୍ଟର (ଏନ୍‌ଏମ୍‌ଆର୍) ସମସ୍ତ ପଞ୍ଜୀକୃତ ଡାକ୍ତରଙ୍କର ଏକ ଗତିଶୀଳ ଡେଟାବେସ୍, ଯାହାର ପ୍ରାମାଣିକତା ଆଧାର ଆଇଡି ସହ ଯାଞ୍ଚ କରାଯିବ। ଡାକ୍ତରମାନଙ୍କ ପଞ୍ଜୀକରଣ ପାଇଁ ଏନ୍‌ଏମ୍‌ଆର୍ ପ୍ରସ୍ତୁତ ହୋଇଥିବା ଏନ୍‌ଏମ୍‌ସି ସମ୍ପାଦକ ଡ. ବି. ଶ୍ରୀନିବାସ କହିଛନ୍ତି। ଇଣ୍ଡିଆନ୍ ମେଡିକାଲ ରେଜିଷ୍ଟରରେ ପଞ୍ଜୀକୃତ ହୋଇଥିବା ସମସ୍ତ ଏମ୍‌ବିବିଏସ୍ ଡାକ୍ତର ପୁଣିଥରେ ଏନ୍‌ଏମ୍‌ଆର୍‌ରେ ପଞ୍ଜୀକରଣ କରାଇବେ ବୋଲି ଏନ୍‌ଏମ୍‌ସି ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ସମସ୍ତ ମେଡିକାଲ କଲେଜ/ଶିକ୍ଷାନୁଷ୍ଠାନ, ରାଜ୍ୟ ମେଡିକାଲ କାଉନ୍‌ସିଲଗୁଡ଼ିକୁ ଉକ୍ତ ପୋର୍ଟାଲରେ ଇଣ୍ଟରଲିଙ୍କ୍ କରାଯାଇଛି।

### ହିମାଚଳରେ ବେଆଇନ ମଦ ବିକିଲେ ବାଜ୍ୟାପ୍ତ ହେବ ସମ୍ପତ୍ତି

ସିମ୍‌ଲା, ୧୫।୯

କଂଗ୍ରେସ ଶାସିତ ହିମାଚଳପ୍ରଦେଶରେ ଏଣିକି ବେଆଇନ ଭାବେ ମଦ ବିକିଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ସ୍ପଷ୍ଟ କରିଛନ୍ତି। ବିଧାନସଭାର ମୌସୁମୀ ଅଧିବେଶନ ବେଳେ ହିମାଚଳପ୍ରଦେଶ ଅବକାରୀ ଆଇନ ୨୦୧୧ରେ ସଂଶୋଧନ ଆଣି ଏହି ଦଣ୍ଡ ବ୍ୟବସ୍ଥା କରାଯାଇଛି। ବିଷାକ୍ତ ମଦ ବିକ୍ରେତାଙ୍କ ସମସ୍ତ ସମ୍ପତ୍ତି ସରକାର ବାଜ୍ୟାପ୍ତ କରିପାରିବେ ବୋଲି ଆଇନରେ ବ୍ୟବସ୍ଥା ରହିଛି। ଏଭଳି ନିୟମ କରିବାରେ ହିମାଚଳପ୍ରଦେଶ ଦେଶର ପ୍ରଥମ ରାଜ୍ୟ।

### ସିଦ୍ଧାରାମାୟାଙ୍କ ମଞ୍ଚକୁ ଧାଇଁଲେ ଯୁବକ

ବେଙ୍ଗାଲୁରୁ, ୧୫।୯

କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ସୁରକ୍ଷାରେ ରବିବାର ବଡ଼ ତ୍ରୁଟି ଦେଖାଦେଇଛି। ବେଙ୍ଗାଲୁରୁରେ ଏକ କାର୍ଯ୍ୟକ୍ରମ ବେଳେ ଜଣେ ଯୁବକ ମଞ୍ଚାସୀନ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ନେତାମାନଙ୍କ ପାଖକୁ ହଠାତ୍ ଧାଇଁଯାଇଥିଲେ। ସେଠାରେ ଉପସ୍ଥିତ ସୁରକ୍ଷା କର୍ମୀମାନେ ତାଙ୍କୁ କାବୁ କରିନେଇଥିଲେ। ବିଧାନ ସୌଧ ସମ୍ମୁଖରେ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ପାଳନ ବେଳେ କନ୍ନଡ଼ ପତାକା ସଦୃଶ ପୋଷାକ ପରିହିତ ଯୁବକ ଜଣକ ହାତରେ ସାଲ୍ ଧରି ଅଚାନକ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଦୌଡ଼ିଥିଲେ। ସେଠାରେ ସେ ସିଦ୍ଧାରାମାୟାଙ୍କ ଉପରକୁ ସାଲ୍ ଫିଙ୍ଗିଥିଲେ। କନକପୁରା ବାସିନ୍ଦା ସେହି ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।




### ପୃଥିବୀକୁ ଫେରିଲେ ୪ ମହାକାଶଯାତ୍ରୀ

ୱାଶିଂଟନ, ୧୫।୯

ସ୍ପେସ୍‌ଏକ୍ସର 'ପୋଲାରିସ୍ ଡନ୍' ମିଶନ ସଫଳ ହୋଇଛି। ଫ୍ଲୋରିଡାର ଡ୍ରାଏ ଟର୍ଟୁଗାସ ଦ୍ୱୀପ ଉପକୂଳରେ ୪ ମହାକାଶଚାରୀଙ୍କ ସହ ଡ୍ରାଗନ୍ କ୍ୟାପ୍‌ସୁଲ ଅବତରଣ କରିଛି। ମହାକାଶରୁ ଫେରିବା ବେଳେ ଘଣ୍ଟା ପ୍ରତି ୨୭ ହଜାର କି.ମି. ବେଗ ସହ ଡ୍ରାଗନ୍ କ୍ୟାପସୁଲ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିଥିଲା। ଅବତରଣ ସମୟରେ ମହାକାଶଯାନର ଗତି ମନ୍ଥର ହୋଇଯାଇଥିଲା। ଏହାର ବେଗକୁ ଆହୁରି ମନ୍ଥର କରିବା ପାଇଁ ପାରାଚ୍ୟୁଟ ଖୋଲାଯାଇଥିଲା ଏବଂ ଏହା ସମୁଦ୍ରରେ ଅବତରଣ କରିଥିଲା।

ଏହି ମିଶନ ଅନେକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି। ୫ ଦିନିଆ ମିଶନରେ ଥିବା ୪ ନନ୍‌ପ୍ରଫେସନାଲ ଆଷ୍ଟ୍ରୋନଟ୍ ପୃଥିବୀଠାରୁ ୧୪୦୦ କି.ମି. ଉଚ୍ଚତାରେ ପହଞ୍ଚିଥିଲେ। ଏହି ମିଶନରେ ପ୍ରଥମ ପ୍ରାଇଭେଟ ସ୍ପେସ୍ ୱାକ୍ ଅନୁଷ୍ଠିତ ହୋଇଥିଲା। ୨ ଅଣପେସାଦାର ମହାକାଶଯାତ୍ରୀ ତଥା ଆମେରିକୀୟ ଉଦ୍ୟୋଗୀ ଜରେଡ୍ ଇସାକ୍‌ମ୍ୟାନ ଏବଂ ସ୍ପେସ୍‌ଏକ୍ସର ଅପରେଶନ ଇଞ୍ଜିନିୟର ସାରାହ ଗିଲିସ୍ ପୃଥିବୀଠାରୁ ୭୦୦ କି.ମି . ଉଚ୍ଚରେ ସ୍ପେସ୍‌ୱାକ୍ କରିଥିଲେ। ପୋଲାରିସ୍ ଡନ୍ ମିଶନରେ ମାନବ ସ୍ୱାସ୍ଥ୍ୟ ଏବଂ ମହାକାଶ ନିରାପତ୍ତା ସହ ଜଡ଼ିତ ୪୦ଟି ବୈଜ୍ଞାନିକ ପରୀକ୍ଷଣ କରାଯାଇଥିଲା। ଏଲନ ମସ୍କଙ୍କ ସ୍ପେସ୍‌ଏକ୍ସ ପକ୍ଷରୁ ଗତ ୧୦ରେ ଫାଲ୍କନ୍ -୯ ରକେଟ ଦ୍ୱାରା 'ପୋଲାରିସ୍ ଡନ୍' ମିଶନକୁ ଲଞ୍ଚ୍ କରାଯାଇଥିଲା। ଏହି ମିଶନର ଉଦ୍ଦେଶ୍ୟ ଥିଲା ମହାକାଶରେ ପ୍ରଥମ ପ୍ରାଇଭେଟ ସ୍ପେସ୍‌ୱାକ୍ ସହ ମାନବ ସ୍ୱାସ୍ଥ୍ୟ ଏବଂ ମହାକାଶ ନିରାପତ୍ତା ସହ ଜଡ଼ିତ ବିଭିନ୍ନ ତଥ୍ୟ ହାସଲ। ଉକ୍ତ ମିଶନରୁ ସଂଗୃହୀତ ତଥ୍ୟ ମାନବ ଶରୀର ଉପରେ ମହାକାଶ ଭ୍ରମଣର ପ୍ରଭାବ ବିଷୟରେ ରିସର୍ଚ୍ଚ କରିବାକୁ ଯଥେଷ୍ଟ ସହାୟକ ହେବ।


'ପୋଲାରିସ୍ ଡନ୍' ମିଶନକୁ ସମାପ୍ତ କରି କମର୍ସିଆଲ ଆଷ୍ଟ୍ରୋନଟ୍ ଜରେଡ୍ ଇସାକ୍‌ମ୍ୟାନ ଡ୍ରାଗନ କ୍ୟାପସୁଲରୁ ବାହାରୁଛନ୍ତି।

### ମଣିପୁର ମନ୍ତ୍ରୀଙ୍କ ଘରେ ବିସ୍ଫୋରଣ

ଗୁଆହାଟୀ, ୧୫।୯

ମଣିପୁର ମନ୍ତ୍ରୀ ଖାସିମ୍ ବାଶୁମ୍‌ଙ୍କ ଉଖ୍ରୁଲ ଜିଲାର ହାମଲେଇଖୋଙ୍ଗ ଅଞ୍ଚଳରେ ଥିବା ଆବାସିକ କମ୍ପ୍ଲେକ୍ସରେ ଶନିବାର ରାତିରେ ବିସ୍ଫୋରଣ ଘଟିଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ପ୍ରାଣୀସମ୍ପଦ ଓ ପରିବହନ ବିଭାଗ ମନ୍ତ୍ରୀ ଥିବା ବାଶୁମ୍ ବିସ୍ଫୋରଣ ସମୟରେ ରାଜଧାନୀ ଇମ୍ଫାଲରେ ଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏହି ବିସ୍ଫୋରଣ ପରେ ରାଜ୍ୟରେ ଇଣ୍ଟରନେଟ୍ ସେବା ବ୍ୟାନ୍ ସମୟକୁ ବଢ଼ାଇ ଦିଆଯାଇଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୬/୨୦୨୪ Bhubaneswar, Monday, September 16/2024 | ପୃଷ୍ଠା-୧


## ଗୁଣି ସନ୍ଦେହରେ ୫ ଜଣଙ୍କୁ ପିଟି ହତ୍ୟା

ମାଲକାନଗିରି,୧୫।୯ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ଆଦିବାସୀ ଅଧ୍ୟୁଷିତ ସୁକମା ଜିଲା ଅନ୍ତର୍ଗତ ଏକତାଲ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଗୋଟିଏ ପରିବାରର ୨ ଦମ୍ପତି ଓ ଅନ୍ୟ ଜଣେ ମହିଳାଙ୍କୁ ରବିବାର ଗ୍ରାମବାସୀ ପିଟି ମାରିଦେଇଛନ୍ତି। ପୋଲିସ ଉକ୍ତ ଗାଁର ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୃତକମାନେ ହେଲେ ମୌସମ କାନ୍ନା(୩୪), ତାଙ୍କ ସ୍ତ୍ରୀ ମୌସମ ବିରି, ମୌସମ ବୁଛା(୩୪), ତାଙ୍କ ସ୍ତ୍ରୀ ମୌସମ ଅର୍ଜୁ(୩୨) ଏବଂ ଅନ୍ୟ ଜଣେ ମହିଳା କର୍କା ଲାଛି(୪୩)। ପୋଲିସ ଅଫିସରମାନେ ଗାଁରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଗତ ଗୁରୁବାର ବାଲୁଦବଜାର-ଭାଟପଡ଼ା ଜିଲାରେ ଗୁଣି ସନ୍ଦେହରେ ଜଣେ ଶିଶୁ ସମେତ ପରିବାରର ୪ ଜଣଙ୍କୁ ହତ୍ୟା କରାଯାଇଥିଲା।


ଦକ୍ଷିଣ, ପଶ୍ଚିମ ଓଡ଼ିଶାର ଲାଇଫ୍ ଲାଇନ ହେବ 'ବନ୍ଦେ ଭାରତ' ୩



**ଆଜିର ସମ୍ପାଦକୀୟ**

ଜନସାଧାରଣଙ୍କ କୋର୍ଟରେ ବଲ୍


**ଆଜିର ମନ୍ତବ୍ୟ**

"ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସ କରିବା ସହ ଅନୁଷ୍ଠାନଗୁଡ଼ିକୁ ଭାଙ୍ଗିବା ଏବଂ ଏହାର ସଂହତି କ୍ଷୁଣ୍ଣ କରିବାକୁ ଗତ ୧୦ ବର୍ଷ ହେଲା ଏକ ସଂଗଠିତ ଉଦ୍ୟମ ହୋଇଆସୁଛି।

-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ

# ଇସ୍ତଫା ଦେବେ କେଜ୍‌ରିୱାଲ

### ସୁପ୍ରିମକୋର୍ଟ ନ୍ୟାୟ ଦେଇଛନ୍ତି, ଲୋକଙ୍କ ନ୍ୟାୟକୁ ଅପେକ୍ଷା

ନୂଆଦିଲ୍ଲୀ,୧୫।୯

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ୨ ଦିନ ପରେ ନିଜ ପଦରୁ ଇସ୍ତଫା ଦେବେ। ସୁପ୍ରିମକୋର୍ଟରୁ ଜାମିନ ପାଇ ତିହାର ଜେଲରୁ ମୁକୁଳିବାର ୨ ଦିନ ପରେ ରବିବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ନେଇ ଅପ୍ରତ୍ୟାଶିତ ଭାବେ ଘୋଷଣା କରିଛନ୍ତି, ଯାହାକୁ ନେଇ ଜାତୀୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। କେଜ୍‌ରିୱାଲଙ୍କ ଆକସ୍ମିକ ପଦତ୍ୟାଗ ପଦକ୍ଷେପକୁ ଆପ୍ ତାଙ୍କ ପାଇଁ 'ଅଗ୍ନି ପରୀକ୍ଷା' ବୋଲି ଅଭିହିତ କରିଥିବାବେଳେ ଭାଜପା ଏହାକୁ ଲୋକଦେଖାଣିଆ ଓ ଡ୍ରାମା କହି ସମାଲୋଚନା କରିଛି।

ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ଦୁର୍ନୀତି ମାମଲାରେ ଗିରଫ ହୋଇ ୬ ମାସ ଜେଲରେ ରହିବା ପରେ ଶୁକ୍ରବାର ସୁପ୍ରିମକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ସେ ରବିବାର ଅପରାହ୍ନରେ ସ୍ତ୍ରୀ ସୁନୀତା କେଜ୍‌ରିୱାଲଙ୍କ ସହ ଆପ୍ ମୁଖ୍ୟାଳୟକୁ ଯାଇ ଦଳୀୟ କର୍ମୀଙ୍କୁ



ଅରବିନ୍ଦ କେଜ୍‌ରିୱାଲ

ସମ୍ବୋଧିତ କରିଛନ୍ତି। ଏହି ଅବସରରେ କେଜ୍‌ରିୱାଲ କହିଛନ୍ତି, ସେ ୨ ଦିନ ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ। ଲୋକଙ୍କଠାରୁ ଜନାଦେଶ ନ ପାଇବା ଯାଏ ସେ ମୁଖ୍ୟମନ୍ତ୍ରୀ ଆସନରେ ☞ପୃଷ୍ଠା-୨

### ମାଷ୍ଟରଷ୍ଟ୍ରୋକ୍ ନା ହାଇରିସ୍କ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଅରବିନ୍ଦ କେଜ୍‌ରିୱାଲଙ୍କ ଇସ୍ତଫା ଘୋଷଣାକୁ ନେଇ ରାଜନୈତିକ ମହଲରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ରାଜନୈତିକ ବିଶ୍ଳେଷକଙ୍କ ମତରେ କେଜ୍‌ରିୱାଲ ନୈତିକତା ଦୃଷ୍ଟିରୁ ଏଭଳି ଘୋଷଣା କରି ମାଷ୍ଟରଷ୍ଟ୍ରୋକ୍ ଖେଳିଛନ୍ତି। କ୍ଷମତା ପାଇଁ ତାଙ୍କର ଲୋଭ ନାହିଁ। ତେଣୁ ଲୋକେ କହିଲେ ସେ ପୁଣି ମୁଖ୍ୟମନ୍ତ୍ରୀ ପଦକୁ ଫେରିବେ। ଅନ୍ୟପକ୍ଷେ ସମାଲୋଚକଙ୍କ ମତରେ ଆପ୍ ମୁଖ୍ୟଙ୍କ ପାଇଁ ଏହା ଏକ ହାଇରିସ୍କ। ସେ ଯେତେ ଡ୍ରାମା କଲେ ବି କ୍ଷମତାକୁ ଆଉ ଫେରିପାରିବେ ନାହିଁ। ଆପ୍ ରାଜ୍ୟ ସଭା ସଦସ୍ୟ ରାଘବ ଚଢ଼ା କହିଛନ୍ତି, ଅଗ୍ନିପରୀକ୍ଷା ☞ପୃଷ୍ଠା-୨

# ସୁଭଦ୍ରା: ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲା ୧ ଟଙ୍କା

ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)

ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପରୀକ୍ଷାମୂଳକ ଭାବେ ୧ ଟଙ୍କା ଲେଖାଏଁ ପଠାଯାଇଛି ବୋଲି ରବିବାର 'ସୁଭଦ୍ରା' ସଚେତନତା ପଦଯାତ୍ରା ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏହି ଅବସରରେ ସେ କହିଛନ୍ତି, ରାଜ୍ୟରେ 'ସୁଭଦ୍ରା' ଯୋଜନାକୁ ନେଇ ମହିଳାଙ୍କ ମଧ୍ୟରେ ଉତ୍ସାହ ବଢୁଛି। ଏବେ ସୁଦ୍ଧା ଏହି ଯୋଜନା ପାଇଁ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଆବେଦନ କରିସାରିଲେଣି। ଏହି ଯୋଜନାରେ ରେଜିଷ୍ଟ୍ରେଶନ ପାଇଁ ବଢୁଥିବା ଗହଳିକୁ ଦେଖି ସ୍ପଷ୍ଟ ଅନୁମେୟ ହେଉଛି, ଓଡ଼ିଶାରେ ମହିଳାମାନେ 'ସୁଭଦ୍ରା'କୁ ଆପଣେଇଛନ୍ତି। ଏହାକୁ ଏକ ସଫଳ ଯୋଜନା କରିବା ପାଇଁ ରାଜ୍ୟ ସରକାରଙ୍କ ସହ କାନ୍ଧରେ କାନ୍ଧ ମିଶାଇ ଛିଡ଼ା ହୋଇଛନ୍ତି ବୋଲି ସେ କହିଛନ୍ତି।

### ସବୁ ରାଜସ୍ୱ ଗ୍ରାମରେ ହେବ ସୁଭଦ୍ରା ପଦଯାତ୍ରା

ସାରା ରାଜ୍ୟରେ 'ସୁଭଦ୍ରା' ସଚେତନତା ପଦଯାତ୍ରା ଚାଲିଛି। ରାଜଧାନୀ ଭୁବନେଶ୍ୱରର ୟୁନିଟ୍-୩ ଗିରିଦୁର୍ଗା ମନ୍ଦିର ନିକଟରୁ ରମାଦେବୀ ବିଶ୍ୱବିଦ୍ୟାଳୟ ଛକ ପର୍ଯ୍ୟନ୍ତ 'ସୁଭଦ୍ରା ସଚେତନତା ପଦଯାତ୍ରା' କରାଯାଇଛି। ଏହି ପଦଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେ.ଭି. ସିଂଦେଓ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ ଏବଂ ଭୁବନେଶ୍ୱର ମେୟର ସୁଲୋଚନା ଦାସ ସାମିଲ୍ ହୋଇଛନ୍ତି। ☞ପୃଷ୍ଠା-୨










# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଗାନ୍ଧୀ ମଣିଷ ଦୋଳଗୋବିନ୍ଦ ପ୍ରଧାନଙ୍କ ୬ଷ୍ଠ ବାର୍ଷିକୀରେ ବୃକ୍ଷପୂଜା, ସ୍ଥାନ: ସ୍ମୃତିବନ, ପାତ୍ରପଡ଼ା, ସମୟ: ସକାଳ ୯ଟା।
- ନୂତନ ଅନୁଦାନପ୍ରାପ୍ତ ଉ.ପ୍ରା (ମ.ଇ) ବିଦ୍ୟାଳୟ ସହକାରୀ ଶିକ୍ଷକଙ୍କ ସମ୍ମିଳନୀ, ସ୍ଥାନ: ଝୁଲନ ଭାଇ ସେବା ସଦନ, ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ଜ୍ୟୋତିପୀଠର ମହାରାଜ ସ୍ୱାମୀ ମୁକୁଳାନନ୍ଦ ସରସ୍ୱତୀ ଜୀଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ରୟାଲ ସୁଇଟ୍, ସମୟ: ପୂର୍ବାହ୍ନ ୧୧ଟା।
- ଏଆଇଟିୟୁସି ଖୋର୍ଦ୍ଧା ଜିଲା କମିଟିର କନଭେନଶନ, ସ୍ଥାନ: ଏଆଇଟିୟୁସି କାର୍ଯ୍ୟାଳୟ, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପ୍ରଫେସର ବିଜୟିନୀ ମହାନ୍ତିଙ୍କ ସ୍ମୃତି ସଭା, ସ୍ଥାନ: ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଚତୁର୍ଥ ଚନ୍ଦ୍ରଶେଖର ରାଓ ସ୍ମାରକୀ ବକ୍ତୃତା, ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଓମ୍ ଅଏଲ ଆଣ୍ଡ ଫ୍ଲୋର ମିଲ୍ସ ଲିମିଟେଡ୍ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ରୁଚି ମସଲା ବିଲ୍ଡିଂ ନିକଟ ନୂତନ ଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାଲେପୁର ହାଇସ୍କୁଲର ପୁରାତନ ଛାତ୍ର ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସାଲେପୁର ହାଇସ୍କୁଲ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ମଙ୍ଗୁଳି-ନିର୍ଗୁଣ୍ଡୀ, ରାମରହିମ ଓ ବିଲତେରୁଆଁ ଟ୍ରକ ଓନର ଆସୋସିଏଶନ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ମଙ୍ଗୁଳି, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱକର୍ମା ପୂଜା, ସ୍ଥାନ: ଚୌଦ୍ୱାରସ୍ଥିତ ଇମ୍ଫା ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱକର୍ମା ପୂଜା, ସ୍ଥାନ: ନୂଆପାଟଣା ବିଦ୍ୟୁତ୍ ଯୋଗାଣ କେନ୍ଦ୍ର, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ଆର୍ଟିଷ୍ଟ ଅର୍ଗାନାଇଜେସନ୍ ପକ୍ଷରୁ ସିଏମ୍ସି ସହଯୋଗରେ ଫାଷ୍ଟ ଆର୍ଟ ପ୍ରଦର୍ଶନୀ, ସ୍ଥାନ: ଟାଉନ୍ ହଲ୍, ସମୟ: ଅପରାହ୍ନ ୪ଟା ୩୦।
- ହଜରତ ମହମ୍ମଦଙ୍କ (ସିରାତୁନ ନବୀ ) ଜୟନ୍ତୀ ଜଲସା ପାଳନ, ସ୍ଥାନ: ଜମାତ ଅହମ୍ମଦିୟା ଜାମା ମସ୍‌ଜିଦ, ପଙ୍କାଳ, ତିଗିରିଆ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରିଣୀ ସଂଘର ଷଡ଼ବିଂଶ ବାର୍ଷିକ ଉତ୍ସବ ୩ୟ ଦ୍ୱିବସରେ ଧର୍ମସଭା-ପ୍ରବଚନ, ସ୍ଥାନ: ବଳଦେବଜୀଉ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ସାଧୁସନ୍ଥଙ୍କ ଶ୍ରୀମନ୍ଦିର ପରିକ୍ରମା, ସ୍ଥାନ: ବୃନ୍ଦାବତୀ ନିବାସଠାରୁ ଶ୍ରୀମନ୍ଦିର, ସମୟ: ସକାଳ ୭ଟା।
- ବିଶ୍ୱ ଓଜନ ଦିବସ ଅବସରରେ ଚାରାରୋପଣ, ସ୍ଥାନ: ଗଳଦରି, ଗୋପ, ସମୟ: ସକାଳ ୯ଟା।
- ଛାତ୍ର ଓ ଶିକ୍ଷକ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଓଷ୍ଟା କାର୍ଯ୍ୟାଳୟ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ସାଧାରଣ ବୈଠକ, ସ୍ଥାନ: ଶ୍ରୀଜଗନ୍ନାଥ ବଲ୍ଲଭ ମଠ, ସମୟ: ପୂର୍ବାହ୍ନ ୧୦ଟା।
- ଗୋପ ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା, ସ୍ଥାନ: କାର୍ଯ୍ୟାଳୟ ପରିସର, ଗୋପ, ସମୟ: ପୂର୍ବାହ୍ନ ୧୧ଟା।
- ନିମାପଡ଼ା ଶହୀଦ ଦିବସ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ପଡ଼ିଆ, ନିମାପଡ଼ା, ସମୟ: ଅପରାହ୍ନ ୩ଟା।
- ବିଶ୍ୱକର୍ମା ଟ୍ୟାକ୍ସି ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ବଗଲା ଧର୍ମଶାଳା, ବଡ଼ଦାଣ୍ଡ, ପୁରୀ, ସମୟ: ସନ୍ଧ୍ୟା ୬ଟା।
- ପୁରୀ ଜିଲା କାଠ ଶିଳ୍ପୀ ଓ କାରିଗର ସଂଗଠନ ପକ୍ଷରୁ ବିଶକର୍ମା ପୂଜା, ସ୍ଥାନ: ସଂଗ୍ରାମ କ୍ଲବ ଲେନ୍, ପୁରୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ମହମ୍ମଦ ଜୟନ୍ତୀ ପାଳନ, ବାଇକ୍ ଓ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଦରଘା ମଇଦାନ, ସମୟ: ସକାଳ ୬ଟା ୩୦।
- ମହମ୍ମଦ ଜୟନ୍ତୀ ଉପଲକ୍ଷେ ବାଇକ୍ ରାଲି, ସ୍ଥାନ: ଖଗଡ଼ାପାଳସ୍ଥିତ ହବିବନଗର ମସ୍‌ଜିଦରୁ କଚୁଆପଡ଼ା ପୀର ପର୍ଯ୍ୟନ୍ତ, ବାଲିଆପାଳ, ସମୟ: ସକାଳ ୯ଟା।
- ଅନୁକୂଳଚନ୍ଦ୍ର ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: କୁପୁରାବଜାର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ରକ୍ତଦାନ ଶିବିର, ସ୍ଥାନ: ଚନ୍ଦନବଜାର, ଭଦ୍ରକ, ସମୟ: ସକାଳ ୯ଟା।
- ମହମ୍ମଦ ଜୟନ୍ତୀ ପାଳନ, ସ୍ଥାନ: ମଦିନା ମଇଦାନ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- କାଫେଲା ଶୋଭାଯାତ୍ରା, ସ୍ଥାନ: ଚୌଖଣ୍ଡି, ପୁରୁଣାବଜାର, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ମହମ୍ମଦ ଜୟନ୍ତୀ ପାଳନ, ସ୍ଥାନ: ଗୋଲାଡ଼ିଆ ବସ୍ତି, ଚାନ୍ଦବାଲି, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ମା' ରାମଚଣ୍ଡୀ ପୀଠରେ ସଂକ୍ରାନ୍ତି ପୂଜା, ହୋମ, ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ସନ୍ଧ୍ୟା ୭ ଟା।
- ଅଘୋର ଶିବ ଚତୁର୍ଦ୍ଦଶୀ ପାଳନ, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ : ସକାଳ ୭ ଟା।
- ବିଭିନ୍ନ ବେସରକାରୀ ଅନୁଷ୍ଠାନରେ ବିଶ୍ୱକର୍ମା ପୂଜା ଏବଂ ଭଜନ ସମାରୋହ, ସ୍ଥାନ: ବଂଚୋ, ବଣିଆପଙ୍କ, ସୁନ୍ଦରାପାଳ, ମଠଡାହି, ଗୋବିନ୍ଦପୁରା, ହାଟଡ଼ିହୀ, ସମୟ : ସକାଳ ୯ ଏବଂ ସନ୍ଧ୍ୟା ୭ ଟା।
- ଦେବଶିଳ୍ପୀ ବିଶକର୍ମାଙ୍କ ପୂଜା, ସ୍ଥାନ: ଢେଙ୍କିକୋଟ୍ ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ଏବଂ ବିଭିନ୍ନ ଯାନ୍ତ୍ରିକ ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ବିଶ୍ୱକର୍ମା ପୂଜା, ସ୍ଥାନ: ଚିତ୍ରଡ଼ା ଏବଂ ମୋରଡ଼ା ଶିଳ୍ପ ତାଲିମ କେନ୍ଦ୍ର, ସମୟ: ସକାଳ ୯ଟା।
- କପ୍ତିପଦା ଉପଖଣ୍ଡ କଣ୍ଟ୍ରାକ୍ଟର ଆସୋସିଏସନ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ଉଦଳା ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମୋଟର କର୍ମଚାରୀ ସଂଘ ପକ୍ଷରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା, ସ୍ଥାନ: ଉଦଳା ବସ୍‌ଷ୍ଟାଣ୍ଡ: ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନ ଠିକାଦାର ସଂଘର ବିଶ୍ୱକର୍ମା ପୂଜା, ସ୍ଥାନ: ହାଇସ୍କୁଲ ଛକ, ଅତୁଲ ବାବାଙ୍କ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅନ୍ନଭୋଗ ବିକ୍ରି, ସ୍ଥାନ:ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ

- ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗରର ଏନ୍ଏସି ଅଫିସ ସମ୍ମୁଖ, ସମୟ: ସକାଳ ୯ଟା।
- ଆସିକା ତାଲୁକା ବିଶ୍ୱକର୍ମା ସମାଜ ପକ୍ଷରୁ ବିଶ୍ୱକର୍ମା ପୂଜା କରିଥିଲେ, ସ୍ଥାନ: ବିଶ୍ୱକର୍ମା ମନ୍ଦିର ଆସିକା ବ୍ଲକ କୋଟିଗଡ଼ା, ସମୟ: ସକାଳ ୯ଟା।
- ବିଶ୍ୱକର୍ମାଙ୍କ ପୂଜା ଉତ୍ସବ,ସ୍ଥାନ: ବୁଗୁଡା ଜଳସେଚନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୨୦।
- ସ୍ୱାମୀ ଶିବାନନ୍ଦ ଶିଳ୍ପ ତାଲିମ କେନ୍ଦ୍ରରେ ବିଶ୍ୱକର୍ମା ପୂଜା, ସ୍ଥାନ: ଆସିକା ହରିହର ନଗର, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ମିଳିତବଜାର ଲକ୍ଷ୍ମୀପୂଜା କମିଟିର ବୈଠକ, ସ୍ଥାନ-ସୂର୍ଯ୍ୟମଣ୍ଡପ, ଢେଙ୍କାନାଳ, ସମୟ-ସନ୍ଧ୍ୟା ୭ଟା

## ଜଗତ୍‌ସିଂହପୁର

- ବିଶ୍ୱ ଓଜୋନ ଦିବସ ଉପଲକ୍ଷେ ଆଦର୍ଶପ୍ରୟାସ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ତାଳ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ମହାନଦୀ ଅବବାହିକା, ଚଉମୁହାଣି, ନୂଆଗଡ଼, ପାରାଦୀପ, ସମୟ: ସକାଳ ୮ଟା।
- ଓମ୍ଫା ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ପାଇଁ କଳସ ଯାତ୍ରା, ପୂଜାବିଧି କାର୍ଯ୍ୟକ୍ରମ, ସ୍ଥାନ: ଭି ପଏଣ୍ଟ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱକର୍ମା ପୂଜା ପାଇଁ ଭାରତୀୟ ମଜ୍‌ଦୁର ସଂଘ ପକ୍ଷରୁ କଳସ ଶୋଭାଯାତ୍ରା, ସ୍ଥାନ: ବତୀଘର ପାଖ ସମୁଦ୍ର କୂଳ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱକର୍ମା ପୂଜା ପାଇଁ ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘ ପକ୍ଷରୁ କଳସ ଯାତ୍ରା ସ୍ଥାନ: ବ୍ୟାଙ୍କ ଛକ, ବଡ଼ପଡ଼ିଆ ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱକର୍ମା ପୂଜା ପାଇଁ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ ପକ୍ଷରୁ ଶତାଧିକ ମହିଳାଙ୍କ ଦ୍ୱାରା କଳସ ଯାତ୍ରା, ସ୍ଥାନ: ହନୁମାନ ମନ୍ଦିର ପାଖ ସମୁଦ୍ର କୂଳ, ପାରାଦୀପ ସମୟ: ଅପରାହ୍ନ ୨ଟା।

## କେନ୍ଦ୍ରାପଡ଼ା

- ମହମ୍ମଦ ଜୟନ୍ତୀ ସମାବେଶ, ସ୍ଥାନ: ନୂଆ ଇଦ୍‌ଗାହ ପଡ଼ିଆ, ସମୟ: ସକାଳ ୯ଟା।
- ସୁଭଦ୍ରା ଯୋଜନା ସଚେତନତା ରଥ ଭ୍ରମଣ, ସ୍ଥାନ: ସିକୋ ପଞ୍ଚାୟତ କାର୍ଯ୍ୟାଳୟ, ରାଜକନିକା, କୃଷ୍ଣନଗର ପଞ୍ଚାୟତ କାର୍ଯ୍ୟାଳୟ, ରାଜନଗର, ଶ୍ୟାମସୁନ୍ଦରପୁର ପଞ୍ଚାୟତ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, କୁଶିଆପାଳ ପଞ୍ଚାୟତ କାର୍ଯ୍ୟାଳୟ, ଡେରାବିଶ, ଗଡ଼ରୋମିତ ପଞ୍ଚାୟତ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ୧୦ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ମଣିକୁଣ୍ଡା, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ମହର୍ଷି ଦୟାନନ୍ଦ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ଓଡ଼ଗାଁ ବ୍ଲକର ପଥରା ବୃଦ୍ଧାଶ୍ରମ, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ୫ମ ଦିବସ, ସ୍ଥାନ:ଦଶପଲ୍ଲା ସହରର ଦୁର୍ଗାବଜାର କଲୋନୀ, ସମୟ: ପାରାୟଣ ସକାଳ ୭ଟା। ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା, ରାସଲୀଳା, ରୁକ୍ମିଣୀ ବିବାହ, ବ୍ରହ୍ମାଙ୍କ ମୋହ ଉପାଖ୍ୟାନ ଉପରେ ପ୍ରବଚନ ସନ୍ଧ୍ୟା ୭ଟା।
- ଟିପିସିଓଡିଏଲ କାର୍ଯ୍ୟାଳୟ, ଶିଳ୍ପ ଓ ବାଣିଜ୍ୟ ଅନୁଷ୍ଠାନରେ ବିଶ୍ୱକର୍ମା ପୂଜା , ସ୍ଥାନ:ଖଣ୍ଡପଡ଼ା ଓ କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୦ଟା।
- ନୟାଗଡ଼ ଟିପିସିଓଡିଏଲ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା, ସ୍ଥାନ:ନୟାଗଡ଼ ସହର ଖଣ୍ଡପଡ଼ା ରୋଡ଼ର ବିଦ୍ୟୁତ୍ ଷ୍ଟ୍ରକଚର, ସମୟ: ପୂର୍ବାହ୍ନ ୧୦ଟା।
- ନୟାଗଡ଼ ପ୍ରାଥମିକ କେନ୍ଦ୍ର ସମବାୟ ସମିତିରେ ବିଶ୍ୱକର୍ମା ପୂଜା, ସ୍ଥାନ:ନୟାଗଡ଼ ସହର ଖଣ୍ଡପଡ଼ା ରୋଡ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ୫ମ ଦିବସ, ସ୍ଥାନ:ଗୋଡିପଡ଼ା ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ:ଭୋର ୫ଟା।

## ରାୟଗଡ଼ା

- ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ରେଳ ଷ୍ଟେଶନ, ସମୟ: ରାତି ୮ ଟା ।
- ରକ୍ତଦାନ ଶିବିର, ସ୍ଥାନ: ରକ୍ତ ଭଣ୍ଡାର, ଜିଲା ମୁଖ୍ୟ ଚିକିତ୍ସାଳୟ, ରାୟଗଡା,ସମୟ: ସକାଳ ୮ଟା।

## କୋରାପୁଟ

- ରାଷ୍ଟ୍ରୀୟ ଶ୍ରମିକ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ- ନାଲ୍‌କୋ ମଜଦୁର ସଂଘ କାର୍ଯ୍ୟାଳୟ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା।
- ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା, ସ୍ଥାନ: ନାଲକୋ ଖଣି ଅଞ୍ଚଳ ଓ ଟାଉନଶିପ୍, ସମୟ: ସକାଳ ୯ରୁ ଆରମ୍ଭ।

## ମାଲକାନଗିରି

ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ସ୍ଥାନ- ଏମ୍‌ପିଭି ୮୧ ଉଚ୍ଚ ବିଦ୍ୟାଳୟ ସମୟ- ସକାଳ ୮ଟା ।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା ।
- ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୭ଟା।
- ବିଶ୍ୱକର୍ମା ପୂଜା, ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ସ୍ଥାନ : ଅଇଁଠାପାଲି ବସ ଟର୍ମିନାଲ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଜିଲା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଶ୍ରୀ ବିଶ୍ୱକର୍ମା ପୂଜନୋତ୍ସବ, ସ୍ଥାନ: ନୂଆବସ ଟର୍ମିନାଲ, ବଲାଙ୍ଗୀର, ସମୟ: ସକାଳ ୮ଟାରୁ କଳସ ଶୋଭାଯାତ୍ରା,ପୂର୍ବାହ୍ନ ୧୦ଟାରୁ ପୂଜାରମ୍ଭ।
- ବଲାଙ୍ଗୀର ଜିଲା ଟ୍ରକ୍ ଅପରେଟର୍ସ ଆସୋସିଏଶନ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ଟ୍ରକ ଅପରେଟର୍ସ ଅଫିସ ସମ୍ମୁଖ, ରାଣୀବନ୍ଧ ହିଡ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୦ଟା।
- କେବିକେ ଆଇଟିଆଇ ପରିସର ବିଶ୍ୱକର୍ମା ପୂଜା, ସ୍ଥାନ: କେବିକେ ଆଇଟିଆଇ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ତରଭା ବ୍ଲକ ଜନକପୁର ଶିବ ମନ୍ଦିରରେ ସଂକ୍ରାନ୍ତି ପାଇଁ ନାମ ସଂକୀର୍ତ୍ତନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ସଂକ୍ରାନ୍ତି ପାଳନ, ସ୍ଥାନ: ଅମରପାଲି,ବୀରମହାରାଜପୁର, ସମୟ: ସକାଳ ୯ ଟା।
- ବିଶ୍ୱକର୍ମା ପୂଜା ସ୍ଥାନ: ଗୌଡଗାଡ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା ୩୦।
- ସୁବର୍ଣ୍ଣପୁର ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ମଝିପଡା ସ୍ଥିତ ବିଶ୍ୱକର୍ମା ମଣ୍ଡପ, ସମୟ: ସକାଳ ୯ଟା।
- ତରଭା ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଶ୍ୱକର୍ମା ପୂଜା ଓ ଅନ୍ନ ପ୍ରସାଦ ବଣ୍ଟନ। ସ୍ଥାନ-ହାଟପଦା ସ୍ଥିତ ବିଶ୍ୱକର୍ମା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱକର୍ମା ପୂଜାରମ୍ଭ, ସ୍ଥାନ:ବୀରମହାରାଜପୁର ଟ୍ୟାକ୍ସି ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ନିଷ୍ଠା ପରିବାର ତରଫରୁ ରକ୍ତଦାନ ଶିବିର, ସ୍ଥାନ: ନୂଆଗଡ, ଖଣ୍ଡହତା, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ବିଶ୍ୱକର୍ମା ନଗର, ଗାଇସୀମା, ବରଗଡ଼, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା।
- ବିଶ୍ୱକର୍ମା ପୂଜା ପାଳନ, ସ୍ଥାନ: ସହରସ୍ଥିତ ବେଦାନ୍ତ କାରଖାନା ପରିସର, ସମୟ: ସକାଳ ୮ଟା।
- ବିଶ୍ୱକର୍ମା ପୂଜା ପାଳନ, ସ୍ଥାନ: ସହରସ୍ଥିତ ଏସ୍ଏମ୍ସି କାରଖାନା ପରିସର, ସମୟ: ସକାଳ ୮ଟା ୩୦।
- ବିଶ୍ୱକର୍ମା ପୂଜା, ସ୍ଥାନ: ସହରସ୍ଥିତ ରେଳ ଷ୍ଟେଶନ ପରିସର, ସମୟ: ସକାଳ ୯ଟା।
- ଗଣେଶ ପୂଜା ବିସର୍ଜନ, ସ୍ଥାନ ସହରସ୍ଥିତ ବୁରୋମାଲ ଗ୍ରାମ କ୍ଲବ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ଗୀତା ପ୍ରବଚନ, ସ୍ଥାନ: ରେଲୱେ ଷ୍ଟେଶନ ପରିସର ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଟିପିଡବ୍ଲ୍ୟୁଓଡ଼ିଏଲ୍ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: କୋଏଲ ନଗର ଏବଂ ଏନ୍ଆଇଟି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଜ୍ଞାନ ଓ ଅଧ୍ୟାତ୍ମ କର୍ମଶାଳା, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।।

## ଦେବଗଡ଼

- ଶ୍ରୀଶ୍ରୀ ଗଣେଶଙ୍କ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ଗଣେଶ ପୂଜା ମଣ୍ଡପ, ସମୟ: ସକାଳ ୮ଟା।
- ଗଣେଶଙ୍କ ଭସାଣି ଉତ୍ସବ, ସ୍ଥାନ: ପୂଜା ମଣ୍ଡପରୁ ଦେବଗଡ ନଗର ପରିକ୍ରମା, ସମୟ: ଅପରାହ୍ନ ୪ଟା।
- ଭସାଣି ଉତ୍ସବରେ କଂସ ମହାରାଜା ହାତୀରେ ବସି ସହର ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ପୂଜା ମଣ୍ଡପରୁ ଦେବଗଡ ନଗର ପରିକ୍ରମା, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଦଶସ୍ଥ ଚନ୍ଦ୍ର ଯୋଗୁ ଅର୍ଥ ଓ ସମ୍ମାନ ପାଇବା ସହ ଯାତ୍ରାରେ ଲକ୍ଷ୍ୟପୂରଣ ହେବ ଏବଂ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପିଲାଙ୍କ ସ୍ୱାସ୍ଥ୍ୟହାନି କିମ୍ବା ବିବାହ ସମସ୍ୟା ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ନେବାକୁ ଚିନ୍ତା କରିବେ। ଅର୍ଥ ଅଭାବରୁ ଜମି ବିକ୍ରି ପାଇଁ ଯୋଜନା କରିପାରନ୍ତି।

**ବୃଷ** ମୁଖଭାବରେ ମଙ୍ଗଳ ଥିବାରୁ କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣ ସମସ୍ୟା ସୃଷ୍ଟିର ଏକମାତ୍ର ମୁଖ୍ୟ କାରଣ ହେବ। ରାଜନୈତିକ କ୍ଷେତ୍ରରେ ସାଂଗଠନିକ କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ସାହିତ୍ୟ, ଚର୍ଚ୍ଚା ଓ ସାମ୍ବାଦିକତା କ୍ଷେତ୍ରରୁ ସୁନାମ ଅର୍ଜନ କରିପାରନ୍ତି।

**ମିଥୁନ** ଭାଗ୍ୟାଧିପତି ଶନିଯୁକ୍ତ ହେତୁ ଦୀର୍ଘ ଦିନରୁ ଚିନ୍ତା କରିଥିବା କାମଗୁଡିକ ବାସ୍ତବତାରେ ପରିଣତ ହେବ। ବନ୍ଧୁ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ରହିବ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅଫିସ୍ କାମର କେତେକ ଘଟଣାର ବିବରଣୀ ଜାଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ** ବୁଧଙ୍କ ପ୍ରତି ଶନିଦୃଷ୍ଟିଜନିତ କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ଆସିପାରେ। ପରିବାରର ଆବଶ୍ୟକତା ପୂରଣ କରିବା ଦିଗରେ ଋଣ ସୂତ୍ରରେ ଅର୍ଥ ଆଣିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ଲାଗି ରହିବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ସାହିତ୍ୟ, କଳା, କ୍ରୀଡା, ସଙ୍ଗୀତ, ନୃତ୍ୟ ପ୍ରଭୃତି ସହ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ବୁଧାଦିତ୍ୟ ଯୋଗ ପ୍ରଭାବରେ କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିବେ। ଯାତ୍ରା, ବିବାଦର ସମାଧାନ ସାଙ୍ଗକୁ ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ଆଜି ଆନୁଷ୍ଠାନିକ କାର୍ଯ୍ୟାରମ୍ଭ ସହ ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅର୍ଥ ଅଭାବ ଥିଲେ ମଧ୍ୟ ତାହାକୁ ବନ୍ଧୁଙ୍କ ସାହାଯ୍ୟକ୍ରମେ ସୁଧାରି ନେଇ ପାରିବେ।

**କନ୍ୟା** ଶୁକ୍ର କବନ୍ଧଗ୍ରହ କେତୁ ଯୁକ୍ତ ହେତୁ ବାରମ୍ବାର ଧୋକା ଖାଇ ଓ ସମସ୍ୟା ମଧ୍ୟରେ ଚଳିବେ। ହାତକୁ ନେଇଥିବା କାର୍ଯ୍ୟ ଠିକ୍ ସମୟରେ ସମ୍ପନ୍ନ କଷ୍ଟକର ହେବ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ସାହାଯ୍ୟ କରିବେ। ତଥାପି ଚିତ୍ରାନକ୍ଷତ୍ର ଯେତେ ଭଲ କାମ କଲେ କ'ଣ ହେବ, ଟିକିଏ ଟିକିଏ କଥାରେ ଚିହ୍ନା ପଡି ସମାଲୋଚିତ ହୋଇପାରନ୍ତି।

**ତୁଳା** ପାପଗ୍ରହ ପ୍ରଭାବରେ ଯେତେ ଉପାୟ ଅବଲମ୍ବନ କଲେ ମଧ୍ୟ କାର୍ଯ୍ୟ ହାସଲ ଦୁରୂହ ହୋଇପଡିବ। ପଡୋଶୀଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମିତ ହେବେ। ଦୀର୍ଘଦିନାନ୍ତେ ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିଙ୍କ କ୍ଷେତ୍ରରୁ ଉପକୃତ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଯିବା ଫଳରେ ଟେନସନ୍ କିଛି ମାତ୍ରାରେ କମି ଯାଇପାରେ।

**ବିଛା** ଭାଗ୍ୟାଧିପତିଙ୍କ ଭାଗ୍ୟସ୍ଥାନ ଦୃଷ୍ଟିଜନିତ ଅପେକ୍ଷା କରିଥିବା କାମ ସମ୍ପର୍କରେ ଆଶାଜନକ ଖବର ପାଇ ଖୁସି ହୋଇଯିବେ। ଆଜି ବନ୍ଧୁଙ୍କ ସହ ଆଳାପରେ ସମୟ କଟିବ। ସାହିତ୍ୟଚର୍ଚ୍ଚା, ସାମ୍ବାଦିକତା, ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ। ପ୍ରତ୍ୟେକ କ୍ଷେତ୍ରରେ ଦୁର୍ଭାବନା ବଢିଚାଲିବ ଓ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେନାହିଁ।

**ଧନୁ** ଚନ୍ଦ୍ରଙ୍କ ସୁପ୍ରଭାବରେ ନମ୍ରତା ଓ ବିନୟପୂର୍ଣ୍ଣ ବାକ୍ୟାଳାପରେ ବିଶିଷ୍ଟବ୍ୟକ୍ତିଙ୍କ ପୃଷ୍ଠପୋଷକତା ଲାଭକରିବେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଆଜିର ଦୂରଯାତ୍ରା ମଧ୍ୟ ସଫଳ ହେବ। ପାରିବାରିକ କ୍ଷେତ୍ରରେ ଅସ୍ଥିରତା ହିଁ ମାନସିକ ଅଶାନ୍ତିର କାରଣ ହେବ। ପ୍ରିୟଜନଙ୍କ ସହ ତୀର୍ଥାଟନର ସୁଯୋଗ ଲଭିବେ।

**ମକର** ସପ୍ତମାଧିପ ରାଶିରେ ଥିବାରୁ ବହୁତ ଦିନରୁ ଚେଷ୍ଟା ଚଳାଇଥିବା କାମଟି ହାସଲ କରିବେ। ଯେଉଁଥିରେ ହାତଦେବେ ସେଥିରେ ନିଶ୍ଚିତ ସଫଳତା ଲାଭ କରିବେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଦଳ ବଦଳ ହୋଇଯାଇପାରେ। ବନ୍ଧୁଙ୍କ ଫେରିବାର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ରାଶ୍ୟାଧିପତି ରାଶିସ୍ଥ ଯୋଗୁ ଅଫିସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଶିଳ୍ପ, ବାଣିଜ୍ୟ, ପରିବହନରେ ସଫଳତା ହାସଲ କରିବେ। ଆର୍ଥିକ ଦୁଃସ୍ଥିତି ଚିନ୍ତା ଜନକ ପରିଣାମ ସୃଷ୍ଟି କରିବାର ଆଶଙ୍କା ରହିଛି। ଆତ୍ମୀୟସ୍ୱଜନଙ୍କ ପରୋକ୍ଷ ଶତ୍ରୁତା ମନୋଭାବକୁ ଲକ୍ଷ୍ୟକରି ମାନସିକ ସ୍ତରରେ ଯନ୍ତ୍ରଣା ଅନୁଭବ କରିବେ।

**ମୀନ** ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ। ଗୁରୁଙ୍କ କୃପାରୁ ଆନୁଷ୍ଠାନିକ କାମରେ ବନ୍ଧୁମିଳନ ଜନିତ ଆନନ୍ଦ ଅନୁଭବ କରିବେ। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି।

ଆଜି ସେପ୍ଟେମ୍ବର ୧୬ ତାରିଖ, କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା, ବିଶ୍ୱ ଓଜୋନ ଦିବସ, ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ(ମିଲଦ-ଉନ୍-ନବି), ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ସୋମବାର, ଶ୍ରୀମନ୍ଦିରରେ ବଳିବାମନ ବେଶ, ଶ୍ରୀଲିଙ୍ଗରାଜ ଦେବଙ୍କ ପାର୍ଶ୍ୱପରିବର୍ତ୍ତନ ଉତ୍ସବ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ଶରଣ, ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ତ୍ରୟୋଦଶୀର ଏକୋଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୭ ଗତେ, ଘ.୦୭।୦୮ ମଧ୍ୟେ, ଘ.୦୮।୫୧ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୦୮ ଗତେ, ଘ. ୦୮।୩୯ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...




ଭୁବନେଶ୍ୱର ୟୁନିଟ୍-୩ ଗିରିଦୁର୍ଗା ମନ୍ଦିରଠାରୁ ରମାଦେବୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ବାହାରିଥିବା 'ସୁଭଦ୍ରା ସଚେତନତା ପଦଯାତ୍ରା'ରେ ୨ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକବର୍ଦ୍ଧନ ସିଂଦେଓ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ବାବୁ ସିଂ ଓ ଅନ୍ୟମାନେ।

### ସୁଭଦ୍ରା: ହିତାଧିକାରୀଙ୍କ ...

୧୦୦ ଦିନ ଭିତରେ ଏଭଳି ଫ୍ଲାଗଶିପ୍ ପ୍ରୋଗ୍ରାମ ମହିଳାଙ୍କ ପାଇଁ ଆଣିଥିବାରୁ ପ୍ରଭାତୀ ପରିଡ଼ା ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି। 'ସୁଭଦ୍ରା ସଚେତନତା ପଦଯାତ୍ରା' ଆରମ୍ଭ ପୂର୍ବରୁ ଉଦ୍‌ବୋଧନ ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଛନ୍ତି, ଓଡ଼ିଶା ବିକଶିତ ହେବ ଏବଂ ମହିଳାମାନଙ୍କ ନେତୃତ୍ୱରେ ହେବ। ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟି। ନିର୍ବାଚନ ପୂର୍ବରୁ ଦେଇଥିବା କଥାକୁ ରକ୍ଷାକରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୭ ତାରିଖରେ ଓଡ଼ିଶା ଆସୁଛନ୍ତି । ବହୁ ପ୍ରତୀକ୍ଷିତ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ ହେବ। ୧୫ ତାରିଖ ପର୍ଯ୍ୟନ୍ତ ଯେଉଁମାନେ ଆବେଦନ କରିଥିବେ ସେମାନଙ୍କ ପାଖକୁ ୧୭ରେ ବ୍ୟାଙ୍କରୁ ପ୍ରଥମ କିସ୍ତି ଯିବ। ଓଡ଼ିଶାର ରାଜସ୍ୱ ଗାଁଗୁଡ଼ିକରେ ଆୟୋଜିତ ହେଉଛି ୧୦ ହଜାର 'ସୁଭଦ୍ରା ପଦଯାତ୍ରା'। ସେପ୍ଟେମ୍ବର ୧୭ ସୁଦ୍ଧା କୋଟିଏ ମହିଳା ପଞ୍ଜୀକୃତ କରିବାର ଲକ୍ଷ୍ୟ ରହିଛି। ଗାଁ ଗୁଡ଼ିକରେ ୭୪,୦୦୦ ଜାଗାରେ ଅଙ୍ଗନୱାଡି ଭଉଣୀମାନେ 'ସୁଭଦ୍ରା' ଯୋଜନାକୁ ଘରେ ଘରେ ପହଞ୍ଚାଇବା ପାଇଁ ଅଭିଯାନ ସୁରୁଖୁରରେ ଚଳାଉଛନ୍ତି ବୋଲି ପ୍ରଭାତୀ କହିଛନ୍ତି। 'ସୁଭଦ୍ରା ସଚେତନତା ପଦଯାତ୍ରା' ରମାଦେବୀ ବିଶ୍ୱବିଦ୍ୟାଳୟ ନିକଟରେ ପହଞ୍ଚିବା ପରେ ସ୍ୱାଧୀନତା ସଂଗ୍ରାମୀ, ରାଜ୍ୟରେ ନାରୀ ସଶକ୍ତୀକରଣର ବାର୍ତ୍ତାବହ, ସେବା ଓ କରୁଣାର ପ୍ରତୀକ ମାଆ ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉପମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି, ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହାପରେ ବିଶ୍ୱବିଦ୍ୟାଳୟର କୁଳପତି, ଅଧ୍ୟାପକ ଏବଂ ଅଧ୍ୟାପିକାଙ୍କ ସହ ଉପମୁଖ୍ୟମନ୍ତ୍ରୀ ବିଶ୍ୱବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଏବଂ ଭିତ୍ତିଭୂମି ଉନ୍ନତୀକରଣ ଉପରେ ଗୁରୁତ୍ୱ ଦେବା ଦିଗରେ ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୋଭା ଶର୍ମା, ମିଶନ ଶକ୍ତି କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣାଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

ଏହି ଅବସରରେ ମେୟର ସୁଲୋଚନା ଦାସ ସୁଭଦ୍ରା ଯୋଜନାକୁ ନେଇ ପ୍ରଶ୍ନ ଉଠାଇ କହିଛନ୍ତି, ଏହି ଯୋଜନାକୁ ନେଇ ଏବେ ବି ଲୋକଙ୍କ ମନରେ ପ୍ରଶ୍ନ। ସରକାରଙ୍କ ପକ୍ଷରୁ ଅଧିକ ସ୍ପଷ୍ଟ କରାଯାଉ। ଏହା ସହିତ ଅଧିକ ସଚେତନତା କରାଯିବା ଦରକାର। ଏହି ଯୋଜନାରେ କୋଟିଏ ମହିଳାଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ୫୦ ଲକ୍ଷ ମହିଳା ମଧ୍ୟ ଆବେଦନ କରିନାହାନ୍ତି। ଏଥିରୁ ଜଣାପଡୁଛି ମହିଳାଙ୍କ ମନରେ ଭୟ ରହୁଛି। ପୂର୍ବ ସରକାର କଷ୍ଟ ସ୍ୱୀକାର କରି ଏସ୍ଏଚ୍‌ଜି ମହିଳାଙ୍କୁ ସଶକ୍ତ କରିଥିଲେ। ଏହାଦ୍ୱାରା ୭୦ ଲକ୍ଷ ମହିଳା ଓ ତାଙ୍କ ପରିବାର ଉପକୃତ ହୋଇଥିଲେ। ଏବେ ସେମାନଙ୍କ ଭବିଷ୍ୟତ କ'ଣ ହେବ ସେନେଇ ଦ୍ୱନ୍ଦ୍ୱ ରହୁଛି। ଏବେ ଯେଉଁମାନେ ଟଙ୍କା ପାଇବେ କେମିତି ଖର୍ଚ୍ଚ କରିବେ ସେଥିଲାଗି ଟ୍ରେନିଂ ପାଇନାହାନ୍ତି। ରାଜ୍ୟ ସରକାର ୫ ହଜାର ଟଙ୍କା ଦେଇ ଜଣାଇବା ଦରକାର ମହିଳାମାନେ କେମିତି ସ୍ୱାବଲମ୍ବୀ ହେବେ। ଯୋଜନାରେ ରହିଥିବା ଅସୁବିଧାକୁ ସୁଧାରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ବୋଲି ସୁଲୋଚନା କହିଛନ୍ତି। ମେୟରଙ୍କ ଏଭଳି ପ୍ରତିକ୍ରିୟା ଉପରେ ମତ ରଖି ପ୍ରଭାତୀ କହିଛନ୍ତି, ଏସ୍ଏଚ୍‌ଜି ବନ୍ଦ ହେବ ନାହିଁ। ବରଂ ଏହା ଆହୁରି ସଶକ୍ତ ହେବ ଏବଂ ଏଥିରେ ୧ କୋଟି ମହିଳା ଯୋଡ଼ି ହେବେ ବୋଲି ପ୍ରଭାତୀ କହିଛନ୍ତି।

### ଇସ୍ତଫା ଦେବେ ...

ବସିବେ ନାହିଁ। ଦିଲ୍ଲୀ ବିଧାନସଭା ନିର୍ବାଚନକୁ କିଛିମାସ ବାକି ଅଛି। ଆଇନଗତ ଅଦାଲତ ତାଙ୍କୁ ନ୍ୟାୟ ଦେଇଛନ୍ତି। ଏବେ ଲୋକଙ୍କ ଅଦାଲତରୁ ନ୍ୟାୟ ପାଇବାକୁ ସେ ଅପେକ୍ଷା କରିବେ। ଜନାଦେଶ ମିଳିବା ପରେ ଯାଇ ସେ ମୁଖ୍ୟମନ୍ତ୍ରୀ ଆସନକୁ ଫେରିବେ ବୋଲି କେଜ୍‌ରିୱାଲ ସ୍ପଷ୍ଟ କରିଛନ୍ତି। ଆପ୍ ମୁଖ୍ୟ କେଜ୍‌ରିୱାଲ ଦିଲ୍ଲୀବାସୀଙ୍କୁ ପ୍ରଶ୍ନ କରିଛନ୍ତି, 'ମୁଁ ନିର୍ଦ୍ଦୋଷ ନା ଦୋଷୀ ? ମୁଁ ଯଦି ଆପଣମାନଙ୍କ ପାଇଁ କାର୍ଯ୍ୟ କରିଛି, ତେବେ ମୋତେ ଭୋଟ ଦିଅନ୍ତୁ।' ଆସନ୍ତା ୨ ଦିନ ଭିତରେ ଆପ୍ ବିଧାୟକମାନଙ୍କ ଏକ ବୈଠକ ଅନୁଷ୍ଠିତ ହେବ। ଦିଲ୍ଲୀର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ, ତାହା ଉକ୍ତ ବୈଠକରେ ଦଳର ୬୦ ବିଧାୟକ ସ୍ଥିର କରିବେ। ଦିଲ୍ଲୀରେ ଆସନ୍ତା ଫେବୃଆରୀରେ ନିର୍ବାଚନ ହେବାକୁ ଥିବାବେଳେ ମହାରାଷ୍ଟ୍ରରେ ହେବାକୁ ଥିବା ବିଧାନସଭା ଭୋଟ ସହ ଏହି ନିର୍ବାଚନ କରାଇବା ପାଇଁ ନିର୍ବାଚନ କମିଶନଙ୍କ ନିକଟରେ ସେ ଦାବି କରିଛନ୍ତି। ଏହି ଅବସରରେ କେଜ୍‌ରିୱାଲ କେନ୍ଦ୍ରକୁ ଟାର୍ଗେଟ କରି କହିଛନ୍ତି, ନରେନ୍ଦ୍ର ମୋଦିଙ୍କ ସରକାର ବ୍ରିଟିଶ୍‌ଙ୍କଠାରୁ ମଧ୍ୟ ଅଧିକ ଏକଛତ୍ରବାଦୀ। 'ଗିରଫ ହେବା ସତ୍ତ୍ୱେ ମୁଁ ଇସ୍ତଫା ଦେଇ ନ ଥିଲି। ସେମାନେ ସିଦ୍ଧାରାମାୟା(କର୍ଣାଟକ ମୁଖ୍ୟମନ୍ତ୍ରୀ), ପିନାରାୟୀ ବିଜୟନ୍ (କେରଳ ମୁଖ୍ୟମନ୍ତ୍ରୀ), ମମତା ଦିଦି (ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ)ଙ୍କ ବିରୋଧରେ ମାମଲା ରୁଜୁ କରାଇଲେ। ସେମାନେ ମାମଲା ରୁଜୁ କଲେ ଅଣଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଇସ୍ତଫା ଦିଅନ୍ତୁ ନାହିଁ। ଏହା ସେମାନଙ୍କ ନୂଆ ଖେଳ' ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି। କେବଳ ଏତିକି ନୁହେଁ, ମାସକ ତଳେ ସୁପ୍ରିମକୋର୍ଟଙ୍କଠାରୁ ଜାମିନ ପାଇ ମୁକୁଳିଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ମଧ୍ୟ ନିଜ ପଦକୁ ଫେରିବେ ନାହିଁ, ଯେତେବେଳେ ପର୍ଯ୍ୟନ୍ତ ଦିଲ୍ଲୀବାସୀ ତାଙ୍କୁ କ୍ଲିନ୍‌ଚିଟ୍ ନ ଦେଇଛନ୍ତି। ଭାଜପା ଆମକୁ ଦୁର୍ନୀତିଗ୍ରସ୍ତ ସାବ୍ୟସ୍ତ କରିବାକୁ ସବୁ ପ୍ରକାର ଉଦ୍ୟମ କରିଥିଲା। କିନ୍ତୁ ନିଜେ ଦୁର୍ନୀତିଗ୍ରସ୍ତ ହୋଇଥିବାରୁ ଲୋକଙ୍କୁ ଭଲ ସ୍କୁଲ ଓ ମାଗଣା ବିଜୁଳି ଦେଇପାରି ନ ଥିଲା। ଆମେ ସଚ୍ଚୋଟ ବୋଲି କେଜ୍‌ରିୱାଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ମାଷ୍ଟରଷ୍ଟ୍ରୋକ୍ ନା ...

ଦେବା ପାଇଁ କେଜ୍‌ରିୱାଲ ଘୋଷଣା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଦିଲ୍ଲୀବାସୀ ତାଙ୍କୁ ସଚ୍ଚୋଟତାର ପ୍ରମାଣପତ୍ର ଦେବେ। ଅନ୍ୟପକ୍ଷେ ଭାଜପା ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ଦଳୀୟ ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, କେଜ୍‌ରିୱାଲଙ୍କ ଇସ୍ତଫା ଘୋଷଣା କରି ନିଜ ଅପରାଧ ସ୍ୱୀକାର କରିଛନ୍ତି। ସେ ଜେଲ ଯିବା ପରେ କାହିଁକି ଇସ୍ତଫା ଦେଇ ନ ଥିଲେ ବୋଲି ସୁଧାଂଶୁ ପ୍ରଶ୍ନ କରିଛନ୍ତି। ଭାଜପାର ହରିଶ ଖୁରାନା ମଧ୍ୟ କେଜ୍‌ରିୱାଲଙ୍କୁ ଏଭଳି ଡ୍ରାମା ପଛର କାରଣ ପଚାରିଛନ୍ତି। ହରିଶ କହିଛନ୍ତି, ୪୮ ଘଣ୍ଟା କାହିଁକି ? ଆଜି ହିଁ ଇସ୍ତଫା ଦିଅନ୍ତୁ। ଅତୀତରେ ମଧ୍ୟ ସେ ଏପରି ନାଟକ କରିଥିଲେ। କେଜ୍‌ରିୱାଲ ସଚିବାଳୟକୁ ଯାଇପାରିବେ ନାହିଁ କି କୌଣସି ଦସ୍ତାବିଜରେ ସ୍ୱାକ୍ଷର କରିପାରିବେ ନାହିଁ। ଏଥିଯୋଗୁ ସେ ପ୍ରହସନ କରୁଛନ୍ତି। ଆଜି ହେଉ କି ଆସନ୍ତାକାଲି, ଏପରି କି ୨୫ ବର୍ଷ ପରେ ମଧ୍ୟ ନିର୍ବାଚନ ହେଲେ ଭାଜପା କ୍ଷମତାକୁ ଫେରିବ। ଦିଲ୍ଲୀ କଂଗ୍ରେସ କେଜ୍‌ରିୱାଲଙ୍କ ଇସ୍ତଫା ଘୋଷଣାକୁ ସ୍ୱାଗତ କରିଛି। ଦଳର ଦିଲ୍ଲୀ ସଭାପତି ଦେବେନ୍ଦ୍ର ଯାଦବ କହିଛନ୍ତି, ଆଦୌ ପଦ ନ ଛାଡ଼ିବା ଅପେକ୍ଷା ବିଳମ୍ବରେ ଇସ୍ତଫା ଦେବା ଏକ ଉଚିତ ପଦକ୍ଷେପ। ଦିଲ୍ଲୀବାସୀ ଖୁବ୍‌ଶୀଘ୍ର ଜଣେ ନୂଆ ମୁଖ୍ୟମନ୍ତ୍ରୀ ପାଇବେ, ଯିଏକି ନିଜ ଅଫିସକୁ ଯାଇ ଫାଇଲଗୁଡ଼ିକରେ ଦସ୍ତଖତ କରିବେ।

# ବିପଦସଙ୍କେତ ଟପିଲା ଜଳକା



**ବାଲେଶ୍ୱର, ୧୫।୯ (ବାଞ୍ଛାନିଧି ଦେ)**

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ଲଗାଣ ବର୍ଷା ଜାରି ରହିଛି। ଦୁଇଦିନ ଧରି ବାଲେଶ୍ୱର ଜିଲାରେ ପ୍ରବଳ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ ୬୮୫ମି.ମି. ବର୍ଷା ହୋଇଥିବା ବେଳେ ବାଲିଆପାଳ ବ୍ଲକରେ ସର୍ବାଧିକ ଓ ସିମୁଳିଆରେ ସର୍ବନିମ୍ନ ରେକର୍ଡ଼ ହୋଇଛି। ସେହିପରି ଜିଲାରେ ପ୍ରବାହିତ ଜଳକା ନଦୀରେ ବନ୍ୟା ଆଶଙ୍କା ଦେଖାଦେଇଥିବା ବେଳେ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳକା ନଦୀ ଅବବାହିକା ସମେତ ନଦୀର ଉପରମୁଣ୍ଡ ପଡ଼ୋଶୀ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁରରେ ଶନିବାର ୮୨ମି.ମି., ମୋରଡ଼ାରେ ୩୦.୨ମି.ମି., ଶୁଳିଆପଦାରେ ୭୦ମି.ମି. ବର୍ଷା କାରଣରୁ ନଦୀର ଜଳସ୍ତର ବୃଦ୍ଧି ପାଉଛି। ମଥାନୀଠାରେ ନଦୀର ବିପଦସଙ୍କେତ ୬.୫୦ ମିଟର ରହିଥିବା ବେଳେ ରବିବାର ରାତି ୮ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୬.୫୧ ମିଟରରେ ପ୍ରବାହିତ ହେଉଛି। ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ଉପକୂଳବର୍ତ୍ତୀ ଗ୍ରାମବାସୀ ବନ୍ୟା ଆଶଙ୍କାରେ ଭୟଭୀତ ଅବସ୍ଥାରେ ଅଛନ୍ତି। ଦୁର୍ବଳ ନଦୀବନ୍ଧ ଓ ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିବା ତହସିଲଦାର ରାଧାରଞ୍ଜନ ଦାସ ଓ ଜଳସେଚନ କନିଷ୍ଠଯନ୍ତ୍ରୀ ମହେଶ୍ୱର ସିଂ ସୂଚନା ଦେଇଛନ୍ତି। ସେହିପରି ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ବିପଦସଙ୍କେତ ୧୦.୩୬ ମିଟରେ ଥିବାବେଳେ ଅପରାହ୍ନ ୩ଟା ସୁଦ୍ଧା ୫.୮୯ ଓ ସନ୍ଧ୍ୟା ୬ଟା ସୁଦ୍ଧା ୬.୧୯ମିଟରରେ ପ୍ରବାହିତ ହେଉଛି।

# ଅଭିଯୋଗକାରୀଙ୍କୁ ଭରତପୁର ଥାନାରେ ନିର୍ଯାତନା

**ଭୁବନେଶ୍ୱର, ୧୫।୯ (ସୁନିତ୍ ମିଶ୍ର)**

ରାସ୍ତାରେ କେତେଜଣ ନିଶାସକ୍ତ ଯୁବକଙ୍କଠାରୁ ମାଡ଼ ଖାଇବା ପରେ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ଜଣେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କୁ ଅକଥନୀୟ ନିର୍ଯାତନାର ଶିକାର ହେବାକୁ ପଡ଼ିଛି। ଏଭଳିଘଟଣା ଭୁବନେଶ୍ୱର ଭରତପୁର ଥାନାରେ ଶନିବାର ବିଳମ୍ବିତ ରାତିରେ ଘଟିଛି। ଏଫ୍ଆଇଆର୍ ରଖି ମାମଲା ରୁଜୁ କରିବା ପରବର୍ତ୍ତେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କୁ ପୋଲିସ ମାଡ଼ ମାରିବା ସହ ରାତିସାରା ହାଜତରେ ରଖିଥିଲା। ଏପରି କି ସକାଳୁ ଆର୍ମି ଅଫିସରଙ୍କୁ ପିଆର୍ ବଣ୍ଡରେ ଛଡ଼ାଯାଇଥିବାବେଳେ ତାଙ୍କ ବାନ୍ଧବୀଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଏହି ଘଟଣାରେ ପୋଲିସର କାର୍ଯ୍ୟଶୈଳୀକୁ ନେଇ ଅଙ୍ଗୁଳି ଉଠିଛି।

ମିଳିଥିବା ସୂଚନା ଅନୁସାରେ, ଆର୍ମି ଅଫିସର ଗୁରୁଭନ୍ସ ସିଂ ଓ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନ ଶନିବାର ରାତି ପ୍ରାୟ ୧୨ଟା ୩୦ରେ ପଟିଆରୁ ଫେରୁଥିଲେ। ଅଙ୍କିତାଙ୍କ ପଟିଆରେ ଥିବା ଏକ ରେଷ୍ଟୁରାଣ୍ଟରୁ ଉଭୟ ବାହାରି ଆସୁଥିଲେ। ଏହି ସମୟରେ ରାସ୍ତାରେ ସେମାନେ ଏକ କାର୍‌କୁ ଓଭରଟେକ୍ କରି ଆଗକୁ ଯାଇଥିଲେ। ତେବେ ଓଭରଟେକ୍ କରାଯାଇଥିବା ଗାଡ଼ି ଏବଂ ଆଉ ଦୁଇଟି ଗାଡ଼ିର ଚାଳକ ଗୁରୁଭନ୍ସ ଏବଂ ଅଙ୍କିତାଙ୍କୁ ରାସ୍ତାରେ ଅଟକାଇଥିଲେ। ଉକ୍ତ ଗାଡ଼ିରୁ କେତେଜଣ ଯୁବକ ବାହାରି ଗୁରୁଭନ୍ସଙ୍କୁ ଧକ୍କା ମାରିବା ସହ ଧମକ ଦେଇ ସେଠାରୁ ଚାଲିଯାଇଥିଲେ। ଘଟଣା ସମ୍ପର୍କରେ ଅଭିଯୋଗ କରିବା ଲାଗି ଗୁରୁଭନ୍ସ ଏବଂ ଅଙ୍କିତା ଭରତପୁର ଥାନାରେ ରାତି ପ୍ରାୟ ସାଢ଼େ ଗୋଟେ ସମୟରେ ପହଞ୍ଚିଥିଲେ। ଗୁରୁଭନ୍ସଙ୍କ କହିବାନୁଯାୟୀ, ସେତେବେଳେ ଥାନାରେ ଜଣେ ପୁରୁଷ କନ୍‌ଷ୍ଟେବଲ ବସିଥିଲେ। ସେମାନେ ତାଙ୍କ ଅଭିଯୋଗ ରଖିବା ଲାଗି କୌଣସି ଅଫିସରଙ୍କୁ ଡାକିବାକୁ କନ୍‌ଷ୍ଟେବଲଙ୍କୁ କହିଥିଲେ। ହେଲେ ସେତେବେଳକୁ ଉକ୍ତ କନ୍‌ଷ୍ଟେବଲ ଜଣକ ମଦ୍ୟପାନ କରିଥିଲେ। ଏପରି କି ତାଙ୍କ ଟେବୁଲ ଉପରେ ଗ୍ଲାସ ମଧ୍ୟ ଥୁଆ ହୋଇଥିଲା। ଏହାଦେଖି ଅଙ୍କିତା ଜଣେ ମହିଳା ଅଫିସରଙ୍କୁ ଡାକନ୍ତୁ ବୋଲି କହିଥିଲେ। କିଛି ସମୟ ପରେ ଜଣେ ମହିଳା ଅଫିସର ବିନା ୟୁନିଫର୍ମରେ ଆସିଥିଲେ। ତାଙ୍କୁ ମାମଲା ରୁଜୁ କରିବାକୁ କହିବାରୁ ସେ କିଛି ଶୁଣି ନ ଥିଲେ। ଏହାପରେ ଅଙ୍କିତା ସେହି ମହିଳା ଅଫିସରଙ୍କୁ କାହିଁକି ବିନା ୟୁନିଫର୍ମରେ ଅଛ ବୋଲି ପ୍ରଶ୍ନ କରିଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାର କିଛି ସମୟ ମଧ୍ୟରେ କେତେଜଣ ପୋଲିସ କର୍ମଚାରୀ ଏକ ପାଟ୍ରୋଲିଂ ଭ୍ୟାନ୍‌ରେ ଆସି ପହଞ୍ଚିଥିଲେ। ସେମାନେ କ'ଣ ହୋଇଛି ବୋଲି ପଚାରିବା ସହିତ ଗୁରୁଭନ୍ସଙ୍କୁ ଷ୍ଟେଟ୍‌ମେଣ୍ଟ ଦେବାକୁ କହିଥିଲେ। ହେଲେ ଏହି ସମୟରେ ଅଙ୍କିତାଙ୍କ ସହିତ ଉକ୍ତ ମହିଳା ଏଏସ୍ଆଇଙ୍କ ଯୁକ୍ତିତର୍କ ଚାଲିଥିବାରୁ, ପାଟ୍ରୋଲିଂ ଭ୍ୟାନ୍‌ରେ ଆସିଥିବା କର୍ମଚାରୀମାନେ ଗୁରୁଭନ୍ସଙ୍କ ପ୍ୟାଣ୍ଟ, ବେଲ୍ଟ, ଜୋତା ଖୋଲିଦେଇ ତାଙ୍କୁ ହାଜତ ଭିତରେ ପୂରାଇ ଦେଇଥିଲେ। ଜଣେ ଆର୍ମି ଅଫିସରଙ୍କୁ ତୁମେ ବିନା ଏତଲାରେ ହାଜତରେ ରଖିପାରିବ ନାହିଁ ବୋଲି ଗୁରୁଭନ୍ସ କହିଥିଲେ। ଏହି ସମୟରେ ପୁଣିଥରେ ଅଙ୍କିତା ଏବଂ ମହିଳା ଏଏସ୍ଆଇଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତା'ପରେ ସେଠାରେ ଥିବା ପୋଲିସ୍ ଅଫିସରଙ୍କୁ ଯେତେ ଯାହା ପଚାରିଲେ ବି କେହି କିଛି ଉତ୍ତର ଦେଇ ନ ଥିଲେ। ଏହି ସମୟରେ ଅଙ୍କିତା ମହିଳା ଏଏସ୍ଆଇଙ୍କୁ ଏଫ୍ଆଇଆର୍ ମାଗିବାରୁ ପୁଣିଥରେ ଜୋର୍‌ରେ ଝଗଡ଼ା ହୋଇଥିଲା। ଏହାପରେ ଅଙ୍କିତା ବାହାରକୁ ଯାଉଥିବାବେଳେ ତାଙ୍କୁ ୩ ଜଣ ମହିଳା ପୋଲିସ୍ କର୍ମଚାରୀ ଚୁଟି ଟାଣି ଏକ ରୁମ୍ ଭିତରକୁ ଘୋଷାରି ନେଇଥିଲେ। ତାଙ୍କ ଶାର୍ଟ ଖୋଲିଦେଇ ଓଢ଼ଣିରେ ହାତ ବାନ୍ଧିଦେଇଥିଲେ। ପୁରୁଷ ପୋଲିସ୍ କର୍ମଚାରୀଙ୍କ ଉପସ୍ଥିତିରେ ତାଙ୍କ ଅନ୍ତଃବସ୍ତ୍ର ମଧ୍ୟ ଖୋଲିଦେଇ ତାଙ୍କ ଉପରେ ଠିଆ ହୋଇ ମାଡ଼ ମାରିଥିଲେ। ଏଭଳି ଘଟଣା ସକାଳ ୬ଟା ପର୍ଯ୍ୟନ୍ତ ଚାଲିଥିଲା। ଏହାପରେ ଗୁରୁଭନ୍ସଙ୍କୁ ହାଜତରୁ ବାହାର କରାଯାଇଥିଲା। ପରେ କେତେଜଣ ଆର୍ମି ବନ୍ଧୁଙ୍କୁ ଫୋନ୍ କରି ଗୁରୁଭନ୍ସ ସାହାଯ୍ୟ ମାଗିବା ସହ ଅଙ୍କିତାଙ୍କୁ ଦେଖା କରିଥିଲେ। କିନ୍ତୁ ପୋଲିସ ଅଙ୍କିତାଙ୍କ ବିରୋଧରେ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଥିବା ଗୁରୁଭନ୍ସ କହିଛନ୍ତି। ନିୟମ ଦୃଷ୍ଟିରୁ ସୂର୍ଯ୍ୟାସ୍ତ ପରେ କୌଣସି ମହିଳାଙ୍କୁ ଥାନାରେ ଅଟକ ରଖାଯାଇପାରିବ ନାହିଁ। ଏପରିକି ଅଭିଯୋଗ କରିବାକୁ ଆସିଥିବା ମହିଳାଙ୍କ ଅଭିଯୋଗକୁ ଗ୍ରହଣ କରି ତୁରନ୍ତ ଏଫ୍ଆଇଆର୍ ରୁଜୁ କରିବା କଥା। ହେଲେ ଭରତପୁର ଥାନାରେ ଏଭଳି ନ କରାଯାଇ ଓଲଟା ଅସହ୍ୟ ନିର୍ଯାତନା ଦିଆଯାଇଥିବା ଗୁରୁଭନ୍ସ କହିଛନ୍ତି।

ଘଟଣା ସମ୍ପର୍କରେ ଧରିତ୍ରୀ ଖବରଦାତା ଥାନା ଭାରପ୍ରାପ୍ତ ଅଧିକାରୀ ଦୀନକୃଷ୍ଣ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଗୁରୁଭନ୍ସ ଏବଂ ଅଙ୍କିତା ଥାନାରେ ବିଶୃଙ୍ଖଳା କରିବା ସହ ମହିଳା ପୋଲିସ୍ କର୍ମଚାରୀଙ୍କୁ ମାଡ଼ ମାରିଛନ୍ତି। ସେମାନେ ଶନିବାର ରାତିରେ ଥାନାକୁ ଆସି ଏକ ମାମଲା ରୁଜୁ କରିବାକୁ କହିଥିଲେ। ଉଭୟ ପ୍ରବଳ ପାଟିତୁଣ୍ଡ କରି ଥାନାର ଇନଚାର୍ଜ କୁଆଡ଼େ ଗଲେ ବୋଲି ପ୍ରଶ୍ନ କରିଥିଲେ। ରାତି ପ୍ରାୟ ୨ଟା ୪୦ ମିନିଟ୍ ସମୟରେ ଅଙ୍କିତା ମହିଳା ପୋଲିସ୍ କର୍ମଚାରୀଙ୍କୁ ମାଡ଼ ମାରିବା ସହିତ ତାଙ୍କ ହାତ କାମୁଡ଼ି ଦେଇଥିଲେ। ଏହାପରେ ଗୁରୁଭନ୍ସ ନିଜକୁ ଜଣେ ଆର୍ମି ଅଫିସର ବୋଲି କହିବା ସହ ଧମକାଇଥିଲେ। ଉଭୟେ ସକାଳ ପର୍ଯ୍ୟନ୍ତ ଥାନା କର୍ମଚାରୀମାନଙ୍କୁ ପ୍ରବଳ ହଇରାଣ କରିଥିଲେ। ସକାଳେ ଏକ ଘରୋଇ ହସ୍ପିଟାଲରେ ସେମାନଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଅଙ୍କିତା ଆକ୍ରମଣ କରିବା ଏବଂ ଗୁରୁଭନ୍ସ ଧମକାଇବା ଅଭିଯୋଗରେ ସେମାନଙ୍କ ବିରୋଧରେ ବିଏନ୍ଏସ୍(ଭାରତୀୟ ନ୍ୟାୟ ସଂହିତା)ର ଦଫା ୧୨୬(୨), ୧୧୫(୨), ୧୧୮(୧), ୨୯୬, ୩୫୧(୩)ରେ ମାମଲା ରୁଜୁ ହୋଇଛି। ଗୁରୁଭନ୍ସଙ୍କୁ ବିଏନ୍ଏସ୍‌ର ଧାରା ୩୫(୩)ରେ ଥାନାରୁ ପିଆର୍ ବଣ୍ଡରେ ଛଡ଼ାଯାଇଥିବାବେଳେ ଅଙ୍କିତାଙ୍କୁ କୋର୍ଟ ଫରୱାର୍ଡ କରାଯାଇଥିବା ଦୀନକୃଷ୍ଣ କହିଛନ୍ତି। ଏଭଳି ଘଟଣାର କିଛି ସିସିଟିଭି ଭିଡିଓ ଅଛି କି ବୋଲି ପଚାରିବାରୁ ଥାନାରେ ସିସିଟିଭି ନ ଥିବା ଦୀନକୃଷ୍ଣ କହିଛନ୍ତି।

# ଦୁର୍ବଳ ହେଉଛି ଅବପାତ, ଜାରି ରହିବ ବର୍ଷା

**ଭୁବନେଶ୍ୱର, ୧୫।୯ (ଅନୁରାଧା ମହାରଣା)**

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ରବିବାର ସନ୍ଧ୍ୟା ସୁଦ୍ଧା ଗଭୀର ଅବପାତରେ ପରିଣତ ହେବାପରେ ଦୁର୍ବଳ ହୋଇ ଝାଡ଼ଖଣ୍ଡ ଓ ଉତ୍ତର ଛତିଶଗଡ଼ ଆଡ଼େ ଅଗ୍ରସର ହେଉଛି। ଲଘୁଚାପ ପ୍ରଭାବରେ ଶନିବାର ଓ ରବିବାର ରାଜ୍ୟର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡରେ ଲଗାଣ ବର୍ଷା ଯୋଗୁ ଶନିବାର ରାତିରେ କାନ୍ଥ ଭୁଶୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗୋରୁମହିଷାଣି ଥାନା ଅଧୀନ ବଡ଼ବିଲା ଗ୍ରାମର ଲୁଖାର ପିଙ୍ଗୁଆଙ୍କ ସ୍ତ୍ରୀ ପଙ୍ଗଲା(୫୬) ଏବଂ ଉଦଳା ଥାନା ଅଧୀନ ମାର୍ସିଙ୍ଗା ଗ୍ରାମର ରୁନୁ ବିନ୍ଧାଣି(୫୮)। ସୋମବାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର

## କାନ୍ଥ ଭୁଶୁଡ଼ି ୨ମୃତ

ପକ୍ଷରୁ ସୂଚନା ରହିଛି। ପ୍ରବଳ ବର୍ଷା ନେଇ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍‌ସି) ଜିଲାପାଳମାନଙ୍କୁ ସତର୍କ କରାଇଛନ୍ତି। ପ୍ରବଳ ବର୍ଷା ଯୋଗୁ କଚ୍ଚା ଘର ଭାଙ୍ଗିବା ସହ ତଳିଆ ଅଞ୍ଚଳରେ ପାଣି ଜମିପାରେ। ସୋମବାର ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ସମ୍ଭାବନା ଥିବାରୁ ମୟୂରଭଞ୍ଜ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିପରି କେନ୍ଦୁଝର, ବାଲେଶ୍ୱର ଓ ସୁନ୍ଦରଗଡ଼ ଆଦି ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢ଼େଙ୍କାନାଳ, କଟକ, ଖୋର୍ଦ୍ଧା, ଭଦ୍ରକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା ଓ ଝାରସୁଗୁଡ଼ାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ।

# ଡିଜେ ଗାଡ଼ି ପାଇଁ ତୁମୁଳକାଣ୍ଡ, ୪ଜଣଙ୍କ ନାଁରେ ମାମଲା

**ଅସ୍ତରଙ୍ଗ, ୧୫।୯ (ପ୍ରଦୀପ୍ତ କୁମାର ଦୀକ୍ଷିତ)**

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଡିହକରଡ଼ା ଗ୍ରାମରେ ଗଣେଶ ପୂଜା ଭସାଣିରେ ଡିଜେଗାଡ଼ି ଯିବାକୁ ନେଇ ତୁମୁଳକାଣ୍ଡ ଘଟିଥିବା ବେଳେ ରବିବାର ଅସ୍ତରଙ୍ଗ ଥାନାରେ ୪ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଡିହକରଡ଼ା ଗ୍ରାମରେ ଗଣେଶ ପୂଜା ଭସାଣି ଶୁକ୍ରବାର ରାତିରେ ହୋଇଥିଲା। ଡିଜେଗାଡ଼ି ଆସୁଥିବା ଦେଖି ରାସ୍ତାରେ ଥିବା ଗାଡ଼ିକୁ ସେହି ଗ୍ରାମର ନର୍ମଦା ମହାନ୍ତିଙ୍କ ପୁଅ ବିଶ୍ୱଜିତ୍ ମହାନ୍ତି ସାଇଡ୍ କରୁଥିବା ବେଳେ ଯୁବକମାନେ ପାଟିତୁଣ୍ଡ କରିଥିଲେ। ଏହା ଦେଖି ନର୍ମଦା ମହାନ୍ତି ପାଟିତୁଣ୍ଡ ବନ୍ଦ କରୁଥିବା ବେଳେ ଉତ୍ତକ୍ଷିପ୍ତ ଯୁବକମାନେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଯାହାକୁ ନେଇ ଡିହକରଡ଼ା ଗ୍ରାମର ନର୍ମଦା ମହାନ୍ତି ଏକ ଲିଖିତ ଅଭିଯୋଗ ଅସ୍ତରଙ୍ଗ ଥାନାରେ ଦେଇଥିଲେ। ପରେ ନର୍ମଦା ମହାନ୍ତିଙ୍କ ଅଭିଯୋଗକ୍ରମେ ଅସ୍ତରଙ୍ଗ ଥାନାରେ ଲିଟୁ ଦାଶ, ପଦୁ ସାମଲ, ସାଗର ମୁଦୁଲି, ରାଜା ପରିଡ଼ାଙ୍କ ନାମରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି ବୋଲି ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂ ସୂଚନା ଦେଇଛନ୍ତି।

# ଦକ୍ଷିଣ, ପଶ୍ଚିମ ଓଡ଼ିଶାର ଲାଇଫ୍‌ଲାଇନ୍ ହେବ ବନ୍ଦେ ଭାରତ

**ବ୍ରହ୍ମପୁର (ସ୍ମୃତି ରଞ୍ଜନ ମହାଲିକ)/ ଭୁବନେଶ୍ୱର (ସୁନିତ୍ ମିଶ୍ର)/ ରାଞ୍ଚି (ପି.ଟି.), ୧୫।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମୋଡ୍‌ରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରି ଓଡ଼ିଶାକୁ ଆଉ ୨ଟି ଟ୍ରେନ୍ ଦେଇଛନ୍ତି। ବ୍ରହ୍ମପୁରରୁ ଟାଟା ନଗର ଏବଂ ରାଉରକେଲାରୁ ହାଓଡ଼ାକୁ ଏହି ଟ୍ରେନ୍ ଚଳାଚଳ କରିବ। ଏହି ନୂତନ ଏକ୍ସପ୍ରେସ୍ ଟ୍ରେନ୍‌ଗୁଡ଼ିକ ଦକ୍ଷିଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଲାଇଫ୍‌ଲାଇନ୍ ସାଜିବ ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ରାଞ୍ଚିରୁ ଏକ୍ସପ୍ରେସ୍ ଟ୍ରେନ୍‌ଗୁଡ଼ିକୁ ଲୋକାର୍ପଣ କରିବା ସମୟରେ ବ୍ରହ୍ମପୁର ଷ୍ଟେଶନରେ ମୁଖ୍ୟମନ୍ତ୍ରୀ ମାଝୀ ଉପସ୍ଥିତ ରହି ବ୍ରହ୍ମପୁରବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଭାରତ ଭିତ୍ତିଭୂମି କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ବିକଶିତ ରାଷ୍ଟ୍ରଗୁଡ଼ିକ ସହ ସମକକ୍ଷ ହୋଇପାରିଛି। ଦେଶରେ ବିକାଶର ଏକ ନୂଆ ଲହର ଆରମ୍ଭ ହୋଇଛି। ମୋଦିଙ୍କ ନେତୃତ୍ୱରେ ଆମ ଦେଶର ୧୪୦ କୋଟି ଜନତା ଏକ ବିକଶିତ ଭାରତର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛନ୍ତି। ବ୍ରହ୍ମପୁର-ଟାଟା ବନ୍ଦେ ଭାରତ ଏକ୍ସପ୍ରେସ୍ ଓଡ଼ିଶାର ରେଶମ ସହର ବ୍ରହ୍ମପୁରକୁ ଇସ୍ପାତ ସହର ଟାଟା ସହିତ ସଂଯୋଗ କରିବ। ଏହି ଟ୍ରେନ୍ ବ୍ରହ୍ମପୁରଠାରୁ ଟାଟାକୁ ୯ ଘଣ୍ଟା ୫ ମିନିଟରେ ଅତିକ୍ରମ କରିବ। ଏହା ବାଲୁଗାଁ, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଜଖପୁରା, ହରିଚନ୍ଦନପୁର, କେନ୍ଦୁଝରଗଡ଼ ଆଦି ଷ୍ଟେଶନରେ ମଧ୍ୟ ରହଣି କରିବ। ବ୍ରହ୍ମପୁର ଏକ ସମୃଦ୍ଧ ସହର, ଯାହାକି ଏହାର ରେଶମ ଶାଢ଼ୀ ବା ବ୍ରହ୍ମପୁରୀ ପାଟ ପାଇଁ







ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳର ଶୁଭାରମ୍ଭ ଅବସରରେ ବ୍ରହ୍ମପୁର ରେଳ ଷ୍ଟେଶନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାତ୍ରୀମାନଙ୍କୁ ହାତ ଦେଖାଇ ଶୁଭେଚ୍ଛା ଜଣାଉଛନ୍ତି (ବାମ)। ରାଉରକେଲାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଓ ଅନ୍ୟମାନେ।

## ୨୦ ହଜାର କୋଟି ଟଙ୍କାରେ ୮ ନୂଆ ରେଳପଥ ପ୍ରକଳ୍ପ ବିକାଶର ଡବଲ୍ ଇଞ୍ଜିନ୍‌କୁ ଗତିଶୀଳ କରାଇବ: ମୁଖ୍ୟମନ୍ତ୍ରୀ

ପ୍ରସିଦ୍ଧ। ଏଥିପାଇଁ ବ୍ରହ୍ମପୁର 'ରେଶମ ସହର' ଭାବେ ପରିଚିତ। ଏହା ସହିତ ବ୍ରହ୍ମପୁର ମଧ୍ୟ ଆମ ରାଜ୍ୟର ଏକ ପ୍ରସିଦ୍ଧ ବାଣିଜ୍ୟିକ କେନ୍ଦ୍ର। ବନ୍ଦେ ଭାରତ ଏକ୍ସପ୍ରେସ ଯୋଗୁ ସହରର ପର୍ଯ୍ୟଟନ ଓ ବାଣିଜ୍ୟ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଆସିବ। ବର୍ତ୍ତମାନ ଆମ ରାଜ୍ୟରେ ପୁରୀ-ହାଓଡ଼ା, ପୁରୀ-ରାଉରକେଲା ଏବଂ ଭୁବନେଶ୍ୱର-ବିଶାଖାପାଟଣା ମଧ୍ୟରେ ୩ଟି ବନ୍ଦେ ଭାରତ ଏକ୍ସପ୍ରେସ ଚାଲୁଛି। ରବିବାର ଆଉ ୩ଟି ବନ୍ଦେ ଭାରତ ବ୍ରହ୍ମପୁର-ଟାଟା, ରାଉରକେଲା-ହାଓଡା ଏବଂ ରାୟପୁର-ବିଶାଖାପାଟଣା ମଧ୍ୟରେ ଚଳାଚଳ ଆରମ୍ଭ କରିଛି। ଏହି ୩ ବନ୍ଦେ ଭାରତ ଏକ୍ସପ୍ରେସ୍ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଲାଇଫ୍‌ଲାଇନ୍ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ନୂଆ ଟ୍ରେନ୍ ଚଳାଚଳ ଯୋଗୁ ଆଦିବାସୀ ବହୁଳ ଅଞ୍ଚଳରେ ଯୋଗାଯୋଗର ବିକାଶ ହେବ ଏବଂ ସେମାନେ ଆମର ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ସାମିଲ ହୋଇପାରିବେ। ଏହି ୬ ବନ୍ଦେ ଭାରତ ଟ୍ରେନ୍ ଆମ ଓଡ଼ିଶାର ବିଭିନ୍ନ ସହରକୁ ପଡ଼ୋଶୀ ରାଜ୍ୟ ସହ ଯୋଡ଼ିବ। ଏହା ଓଡ଼ିଶାର ଦ୍ରୁତ ବିକାଶ ଏବଂ ପ୍ରଗତି କ୍ଷେତ୍ରରେ ସହାୟକ ହେବ। ଚଳିତ ଆର୍ଥିକବର୍ଷରେ କେନ୍ଦ୍ର ସରକାର ଗୁଣପୁର-ଥେରୁବାଲି, ଜୁନାଗଡ଼-ନବରଙ୍ଗପୁର, ବାଦାମପାହାଡ଼-କେନ୍ଦୁଝରଗଡ଼, ବାଙ୍ଗିରିପୋଷି-ଗୋରୁମହିଷାଣି, ମାଲକାନଗିରି-ପାଣ୍ଡୁରଙ୍ଗପୁରମ୍, ବାମରା-ଚକୁଳିଆ, ବରଗଡ଼ ରୋଡ୍-ନୂଆପଡ଼ା ଓ ସରଡ଼େଗା-ଭାଲୁମୁଣ୍ଡା ଏହିପରି ୮ଟି ନୂତନ ରେଳପଥ ନିର୍ମାଣକୁ ଅନୁମୋଦନ କରିଛନ୍ତି। ଏଥିପାଇଁ ପ୍ରାୟ ୨୦ ହଜାର କୋଟି ଟଙ୍କା ବିନିଯୋଗ ହେବ। ୨୦୨୪-୨୫ ଆର୍ଥିକବର୍ଷରେ ଓଡ଼ିଶାରେ ରେଳ ବିକାଶ ପାଇଁ କେନ୍ଦ୍ର ବଜେଟରେ ୧୦,୫୮୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ଅମୃତ ଭାରତ ଷ୍ଟେଶନ ଅଧୀନରେ ଶ୍ରୀକ୍ଷେତ୍ର ପୁରୀ ଓ ରାଜଧାନୀ ଭୁବନେଶ୍ୱରକୁ ମିଶାଇ ମୋଟ ୫୨ଟି ରେଳ ଷ୍ଟେଶନର ଆଧୁନିକୀକରଣ ଏବଂ ସମ୍ପ୍ରସାରଣ ହେବ। ଏହିପ୍ରକଳ୍ପଗୁଡ଼ିକ ରାଜ୍ୟର ରେଳ ନେଟୱର୍କ ଦକ୍ଷତା ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ କହି 'ଜୟ ହିନ୍ଦ୍', 'ବନ୍ଦେ ଉତ୍କଳ ଜନନୀ' ଧ୍ୱନି ସହ ମୁଖ୍ୟମନ୍ତ୍ରୀ ଅଭିଭାଷଣ ଶେଷ କରିଥିଲେ।

ବ୍ରହ୍ମପୁର ରେଲୱେ ଷ୍ଟେଶନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଧାୟକ କେ. ଅନିଲ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଟ୍ରେନଟି ପୂର୍ବାହ୍ନ ୧୧ଟାରେ ୪ ନମ୍ବର ପ୍ଲାଟ୍‌ଫର୍ମ ଛାଡ଼ିଥିଲା। ମୁଖ୍ୟମନ୍ତ୍ରୀ ସେଥିରେ ଯାତ୍ରା କରିବା ପରେ ଜଗନ୍ନାଥପୁରଠାରେ ପହଞ୍ଚିଥିଲେ। ସେଠାରେ କିଛି ସମୟ ରହଣି ପରେ ମୁଖ୍ୟମନ୍ତ୍ରୀ ଟ୍ରେନ୍‌ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ।

## ବିକଶିତ ରେଳପଥ ଦେଶକୁ ଉନ୍ନତି ମାର୍ଗରେ ନେଇଥାଏ: ରାଜ୍ୟପାଳ

**ରାଉରକେଲା, ୧୫।୯ (ସଙ୍ଗୀତା ଜେନା)**

ପ୍ରଶସ୍ତ, ସୁଦୀର୍ଘ ଓ ବିକଶିତ ରେଳପଥ ସଂଯୋଗୀକରଣ ଦେଶକୁ ଉନ୍ନତି ମାର୍ଗରେ ବାଟ କଢ଼ାଇନେଇଥାଏ। ସ୍ପିଡ୍ ବା ଗତି ହିଁ ମଜଭୁତ ରାଷ୍ଟ୍ରରେ ପରିଣତ କରିଥାଏ। ଓଡ଼ିଶାରେ ୨ଟି ନୂତନ ବନ୍ଦେ ଭାରତ ଆଗାମୀ ଦିନରେ ରାଜ୍ୟର ଉନ୍ନତିର ମାର୍ଗ ଉନ୍ମୁକ୍ତ କରିବ ବୋଲି ରବିବାର ରାଉରକେଲା-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ ଶୁଭାରମ୍ଭ ଅବସରରେ ରାଉରକେଲା ରେଲୱେ ଷ୍ଟେଶନରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ଚକ୍ରଧରପୁର ରେଲୱେ ଏଜିଏମ୍ ସୌମିତ୍ର ମଜୁମଦାର, ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟବାନ ମହାଜନ ପ୍ରମୁଖ ମଞ୍ଚାସୀନ ଥିଲେ।

## ଶ୍ରୀକ୍ଷେତ୍ରରେ ବିଶ୍ୱ ସାଧୁସନ୍ଥ ମହାସମ୍ମିଳନୀ ଉଦ୍‌ଘାଟିତ

# ସନାତନ ଧର୍ମର ପ୍ରଚାର, ସୁରକ୍ଷା ପାଇଁ ଆହ୍ୱାନ

**ପୁରୀ, ୧୫।୯ (ଅଜିତ୍ କୁମାର ମହାନ୍ତି)**

ପବିତ୍ର ଶ୍ରୀଜଗନ୍ନାଥ ଧାମ ପୁରୀରେ ସନାତନ ଧର୍ମର ସାଧୁସନ୍ଥଙ୍କ ମିଳନ ଘଟିଛି। ରବିବାରଠାରୁ ଶ୍ରୀକ୍ଷେତ୍ରର ନରେନ୍ଦ୍ରକୋଣସ୍ଥିତ ବୃନ୍ଦାବନୀ ଭକ୍ତନିବାସ ପରିସରରେ ବିଶ୍ୱ ସାଧୁସନ୍ଥ ମହାସମ୍ମିଳନୀ ଆରମ୍ଭ ହୋଇଛି। ଏହା ୩ଦିନ ଧରି ଚାଲିବ। ବିଶ୍ୱ ସନାତନ ଧର୍ମ ଟ୍ରଷ୍ଟ ଆନୁକୂଲ୍ୟରେ ତଥା ଚେୟାରମ୍ୟାନ ପଣ୍ଡିତ କାଶୀନାଥ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି ମହାସମ୍ମିଳନୀରେ ଭାରତ ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ପ୍ରାୟ ୧୫ଶହ ସାଧୁସନ୍ଥ ଯୋଗଦେଇଛନ୍ତି। ବିଶ୍ୱରେ ସନାତନ ଧର୍ମର ପ୍ରଚାର, ପ୍ରସାର, ସହ ପୁନରୁଦ୍ଧାର ଏବଂ ମଠ, ମନ୍ଦିର ବିକାଶ ଓ ସୁରକ୍ଷା ପାଇଁ ସାଧୁସନ୍ଥମାନେ ଆହ୍ୱାନ ଦେଇଛନ୍ତି। ହିନ୍ଦୁ ପରମ୍ପରା ଅନୁଯାୟୀ ଘରେ ଘରେ ଭାଗବତ ପଢ଼ିବା, ପ୍ରତ୍ୟେକ ବ୍ୟକ୍ତି



ତ୍ରିସନ୍ଧ୍ୟା ଧାରାକୁ ପାଳନ କରିବା, ଗୋ ସୁରକ୍ଷା, ସନାତନ ଧର୍ମକୁ ସମ୍ମାନ ଦେବା ସହ ଏହାର ପ୍ରଚାର ଓ ସୁରକ୍ଷା କରିବା ବୋଲି ସମ୍ମିଳନୀରେ ମତ ପ୍ରକାଶ ପାଇଛି। ସନାତନ ଧର୍ମର ସମ୍ମାନ, ସୁରକ୍ଷା, ପ୍ରଚାର ପ୍ରସାର ସମେତ ମଠ, ମନ୍ଦିରର ସୁରକ୍ଷା ପାଇଁ ସମସ୍ତେ ମିଳିମିଶି ଲଢ଼ିବା ବୋଲି ପଣ୍ଡିତ ମିଶ୍ର କହିଛନ୍ତି। ଏ ନେଇ ଭାରତ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବାକୁ ସମ୍ମିଳନୀରେ ମତ ପ୍ରକାଶ ପାଇଛି। ସେହିପରି କଳିଯୁଗର ସମାପ୍ତି ବିଷୟରେ ଆଲୋଚନା କରାଯାଇଥିଲା। ବିଶ୍ୱ ସନାତନ ଧର୍ମ ପାଇଁ ଏକ ସ୍ଥାୟୀ କମିଟି ଗଠନ ସମ୍ବନ୍ଧରେ ବିସ୍ତୃତ ବିଚାର ଏବଂ ସଂକଳ୍ପ ନିଆଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରିଥିଲା। ସମ୍ମିଳନୀରେ ୩ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମହାମଣ୍ଡଳେଶ୍ୱର ଅଜୟ ଦାସ ରାମରାଜ ମହାରାଜ, ୧୦୮ ମହାମଣ୍ଡଳେଶ୍ୱର ସ୍ୱାମୀ ବିଶ୍ୱେଶ୍ୱରନନ୍ଦ ଜୀ ମହାରାଜ, ୧୦୦୮ ମହାମଣ୍ଡଳେଶ୍ୱର ସୀତାରାମ ଦାସ ମହନ୍ତ, ୧୦୦୮ ମହାମଣ୍ଡଳେଶ୍ୱର ରାଜେଶ୍ୱରନନ୍ଦ ମହାରାଜ, ଶ୍ରୀ ଶ୍ରୀ ମହାମଣ୍ଡେଶ୍ୱର ସ୍ୱାମୀ ରାମଗିରି ମହାରାଜ, ଚକ୍ରବର୍ତ୍ତୀ ଡ. ଶିବଯୋଗୀ ଶିବଚାର୍ଯ୍ୟ ମହାରାଜ, ବ୍ରାହ୍ମଣାନନ୍ଦ ମହାରାଜ, ମହନ୍ତ ପରମାନନ୍ଦ ଗିରି ଜୀ, ଶ୍ୟାମବିହାରୀ ଚତୁର୍ବେଦୀ, ସ୍ୱାମୀ ଶିବାନନ୍ଦ ଗିରି, ସ୍ୱାମୀ ରାମମୂର୍ତ୍ତି ମହାରାଜ, ଭକ୍ତିରାଧେକୃଷ୍ଣ ପାରିମର, ଯଶୋଦା ଗିରିଜା ମା' ଏବଂ ସମ୍ପର୍ଣ୍ଣା ଦେବୀ ମା' ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ପଣ୍ଡିତ କାଶୀନାଥ ମିଶ୍ର ସମସ୍ତ ସାଧୁସନ୍ଥଙ୍କୁ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।




# ଜନସାଧାରଣଙ୍କ କୋର୍ଟରେ ବଲ୍

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ସୁପ୍ରିମକୋର୍ଟ ୧୩ ସେପ୍ଟେମ୍ବରରେ ଦିଲ୍ଲୀ ଅବକାରୀ ନୀତି ନେଇ ମନି ଲଣ୍ଡରିଂ ଅଭିଯୋଗ ସଂକ୍ରାନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ମାମଲାରେ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ଜେଲରୁ ମୁକ୍ତ ହେବା ପରେ ୧୫ ସେପ୍ଟେମ୍ବରରେ ସେ କହିଛନ୍ତି, ଆସନ୍ତା ଦୁଇଦିନ ପରେ ପଦବୀରୁ ଇସ୍ତଫା ଦେବେ। ଏଥିସହିତ ଦିଲ୍ଲୀରେ ଶୀଘ୍ର ନିର୍ବାଚନ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ଫେବୃୟାରୀ ୨୦୨୫ରେ ହେବାକୁ ଥିବାବେଳେ ୨୦୨୪ ନଭେମ୍ବରରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସହ ମତଦାନ କରିବା ସକାଶେ କେଜରିୱାଲ ଦାବି କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଉପରୋଲ୍ଲିଖିତ ମାମଲାରେ ପ୍ରଥମେ ୨୧ ମାର୍ଚ୍ଚ ୨୦୨୪ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କେଜରିୱାଲଙ୍କୁ ଗିରଫ କରିଥିବା ବେଳେ ୨୬ ଜୁନରେ ସିବିଆଇ ମଧ୍ୟ ଗିରଫ କରିଥିଲା। ଦର୍ଶାଯାଇପାରେ, ଇଡି ଏବଂ ସିବିଆଇ ମାମଲା ମିଶିଲେ ସେ ୧୨୫ ଦିନ ଜେଲରେ ରହିଥିଲେ। ୨୦୨୪ ନିର୍ବାଚନ ବେଳେ ୨୧ ଦିନ ପ୍ରଚାର ପାଇଁ ତାଙ୍କୁ ଛଡ଼ାଯାଇଥିଲା। ପୂର୍ବରୁ ଇଡି ମାମଲାରେ ତାଙ୍କୁ ଜାମିନ ମିଳିଥିବାବେଳେ ସେହି ଘଟଣା କ୍ରମରେ ସିବିଆଇ ମାମଲାରେ ସୁପ୍ରିମକୋର୍ଟ ଏବେ ତାଙ୍କୁ ଜାମିନ ଦେଇଛନ୍ତି। ଜାମିନ ଦେବାବେଳେ ସିବିଆଇର ଭୂମିକାକୁ ସର୍ବୋଚ୍ଚ ଅଦାଲତ ଭର୍ତ୍ସନା କରିଥିଲେ। ସିବିଆଇକୁ ପଞ୍ଜୁରି ଭିତରେ ଶୁଆ ବୋଲି ସୁପ୍ରିମକୋର୍ଟ ବହୁ ଆଗରୁ ଆଖ୍ୟା ଦେଇଥିଲେ। କେଜ୍‌ରିୱାଲଙ୍କ ମାମଲାରେ କହିଛନ୍ତି, ଏବେ ସମୟ ଆସିଛି ତଦନ୍ତ ସଂସ୍ଥା ନିଜ ଭାବମୂର୍ତ୍ତିକୁ ସୁଧାରି ନିଜକୁ ଏକ ମୁକ୍ତ ଶୁଆ ଭାବେ ପ୍ରମାଣିତ କରିବା ଦରକାର। ଅବଶ୍ୟ ସୁପ୍ରିମକୋର୍ଟ ଏହିସବୁ କହୁଥିଲାବେଳେ କେଜ୍‌ରିୱାଲଙ୍କ ପାଇଁ ଅନେକ ସର୍ତ୍ତ ରଖିଛନ୍ତି। ସେ ସେକ୍ରେଟାରିଏଟ୍‌କୁ ଯାଇପାରିବେ ନାହିଁ। କୌଣସି ଫାଇଲ୍‌ରେ ଦସ୍ତଖତ କରିପାରିବେ ନାହିଁ। ସେ ସାକ୍ଷୀମାନଙ୍କୁ ମଧ୍ୟ ଦେଖାକରିପାରିବେ ନାହିଁ। ଏଥିରୁ ସ୍ୱାଭାବିକ ଭାବେ ବୁଝାପଡୁଛି ଯେ, ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିବ। ଏଥିସହିତ ଏହା ମଧ୍ୟ ଆଲୋଚନା ହେଉଛି, କେଜ୍‌ରିୱାଲଙ୍କୁ ସର୍ତ୍ତମୂଳକ ଜାମିନ ଦିଆଯିବା ପୂର୍ବରୁ ସେପ୍ଟେମ୍ବର ୧୧ରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ବାସଭବନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାଇ ଗଣେଶ ପୂଜା କରିଥିଲେ। ଏହି ଘଟଣା ନ୍ୟାୟପାଳିକାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛି।

> କେଜ୍‌ରିୱାଲ୍ କହୁଛନ୍ତି ଯଦି ଜନସାଧାରଣ ଭାବୁଛନ୍ତି ସେ ଦୋଷୀ, ତେବେ ତାଙ୍କୁ କେହି ଭୋଟ ନ ଦିଅନ୍ତୁ। ଲୋକଙ୍କ ଦ୍ୱାରା ନିର୍ଦ୍ଦୋଷ ପ୍ରମାଣିତ ହୋଇ ଭୋଟରେ ଜିତିଲେ ଯାଇ ସେ ମୁଖ୍ୟମନ୍ତ୍ରୀ ଆସନରେ ବସିବେ ବୋଲି କହିବା ପରେ ରାଜନୀତିରେ ନୂଆ ମୋଡ଼ ଆସିବାର ଅନୁମାନ କରାଯାଉଛି। ବର୍ତ୍ତମାନ ଜନସାଧାରଣଙ୍କ କୋର୍ଟରେ ବଲ୍ ଅଟକିଛି। ସେମାନେ କେଉଁ ନିଷ୍ପତ୍ତି ନେବେ ତାହାକୁ ଅପେକ୍ଷା।

କେଜ୍‌ରିୱାଲଙ୍କୁ ସିବିଆଇ ଗିରଫ କରିବା ରାଜନୈତିକ ଚାପ ଯୋଗୁ ଘଟିଥିବା କୁହାଯାଉଛି । ଏପଟେ କେଜ୍‌ରିୱାଲ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହେବା ଦିନୁ ସେଠାକାର ଉପରାଜ୍ୟପାଳ ତାଙ୍କୁ ବିଭିନ୍ନ କ୍ଷେତ୍ରରେ ବିରୋଧ କରି ଆସୁଛନ୍ତି। ତାଙ୍କ ଲୋକପ୍ରିୟତା କମାଇବା ପାଇଁ ବାରମ୍ବାର ପ୍ରଚେଷ୍ଟା ହେଉଥିବାରୁ କେଜ୍‌ରିୱାଲ ଆଗାମୀ ନିର୍ବାଚନରେ ଜନସମର୍ଥନ ହାସଲ ଲକ୍ଷ୍ୟରେ ଇସ୍ତଫା ଦେବାକୁ କହିଛନ୍ତି। ବିରୋଧୀ କହୁଛନ୍ତି ଯେ ଲୋକଙ୍କ ଅନୁକମ୍ପା ହାସଲ କରିବା ଲାଗି ସେ କାଳେ ଏଭଳି କରୁଛନ୍ତି। ଏହା ସତ୍ୟ ହୋଇପାରେ। ତେବେ କେଜ୍‌ରିୱାଲଙ୍କ ଗିରଫର ସମୟ ଦେଖିଲେ ସେଥିରେ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ଫୁଟି ଦିଶୁଛି। କାରଣ ୨୦୨୪ ନିର୍ବାଚନ ପୂର୍ବରୁ ତାଙ୍କୁ ଗିରଫ କରାଯାଇଥିଲା। ଏବେ ସୁପ୍ରିମକୋର୍ଟ ସିବିଆଇକୁ ଗାଳିକରି ଯେତେବେଳେ ତାଙ୍କୁ ଜାମିନ ଦେଇଛନ୍ତି, କେଜ୍‌ରିୱାଲ ମୁଣ୍ଡ ଟେକି ନିଜର ସଚ୍ଚୋଟତାର ପ୍ରମାଣ ଦେବାକୁ ଆଗଭର ହେଉଛନ୍ତି। ସୁପ୍ରିମକୋର୍ଟ ସର୍ତ୍ତମୂଳକ ଜାମିନ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ପାଇଁ ଅନେକ କଟକଣା ରହିଛି। ସେଥିପାଇଁ ଅସହାୟ ମୁଖ୍ୟମନ୍ତ୍ରୀ ଭାବେ ନ ରହି ସେ ଇସ୍ତଫା ଦେବା ଲାଗି ଉଚିତ ମଣିଛନ୍ତି ବୋଲି ଚର୍ଚ୍ଚା ହେଉଛି। ସେ ତାଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇପାରନ୍ତି। କେଜ୍‌ରିୱାଲ୍ ଏହା ମଧ୍ୟ କହୁଛନ୍ତି ଯେ ଯଦି ଜନସାଧାରଣ ଭାବୁଛନ୍ତି ସେ ଦୋଷୀ, ତେବେ ତାଙ୍କୁ କେହି ଭୋଟ ନ ଦିଅନ୍ତୁ। ଲୋକଙ୍କ ଦ୍ୱାରା ନିର୍ଦ୍ଦୋଷ ପ୍ରମାଣିତ ହୋଇ ଭୋଟରେ ଜିତିଲେ ଯାଇ ସେ ମୁଖ୍ୟମନ୍ତ୍ରୀ ଆସନରେ ବସିବେ ବୋଲି କହିବା ପରେ ରାଜନୀତିରେ ନୂଆ ମୋଡ଼ ଆସିବାର ଅନୁମାନ କରାଯାଉଛି। ବର୍ତ୍ତମାନ ଜନସାଧାରଣଙ୍କ କୋର୍ଟରେ ବଲ୍ ଅଟକିଛି। ସେମାନେ କେଉଁ ନିଷ୍ପତ୍ତି ନେବେ ତାହାକୁ ଅପେକ୍ଷା।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 3 | | | 1 |
| | | | | 9 | | 6 | | |
| 1 | 8 | | | | | | 4 | 3 |
| | | | | | | 4 | | |
| | | 5 | 3 | | 2 | | | 8 |
| | | 2 | 8 | | 5 | | 9 | |
| 3 | 1 | 6 | 5 | | | | | |
| | 5 | | | | 7 | | | |
| 9 | 4 | | | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 7 | 5 | 8 | 3 | 1 | 6 | 9 |
| 5 | 1 | 8 | 9 | 4 | 6 | 2 | 7 | 3 |
| 9 | 6 | 3 | 1 | 7 | 2 | 4 | 8 | 5 |
| 8 | 9 | 5 | 3 | 1 | 4 | 7 | 2 | 6 |
| 2 | 7 | 1 | 8 | 6 | 5 | 9 | 3 | 4 |
| 6 | 3 | 4 | 2 | 9 | 7 | 8 | 5 | 1 |
| 7 | 5 | 2 | 4 | 3 | 1 | 6 | 9 | 8 |
| 3 | 4 | 9 | 6 | 2 | 8 | 5 | 1 | 7 |
| 1 | 8 | 6 | 7 | 5 | 9 | 3 | 4 | 2 |

ଗତକାଲିର ଉତ୍ତର



# ବୁଲ୍‌ଡୋଜର ନ୍ୟାୟ ଉପରେ ସୁପ୍ରିମ୍ ବ୍ରେକ୍

ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ କିଛି ବର୍ଷ ଧରି ବୁଲ୍‌ଡୋଜର ଦେଶରେ ଆତଙ୍କର ଏକ ପ୍ରତୀକରେ ପରିଣତ ହୋଇଯାଇଛି। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାନା, ଗୁଜରାଟ ଆଦିରେ ସେଠାକାର ସରକାରଗୁଡ଼ିକ ତଥାକଥିତ ତ୍ୱରିତ ନ୍ୟାୟ ପ୍ରଦାନ ନାଁରେ ବୁଲ୍‌ଡୋଜର ଲଗାଇ କଥିତ ଅଭିଯୁକ୍ତର ଘର ଓ ବସ୍ତି ଭାଙ୍ଗିବା ଏକ ସାଧାରଣ କଥାରେ ପରିଣତ ହୋଇଯାଇଛି। ଏପରିକି ଅଭିଯୁକ୍ତ ବିଚାର ହୋଇ ଦୋଷୀ ସାବ୍ୟସ୍ତ ହେବା ଆଗରୁ କେବଳ ଅଭିଯୋଗର ଆଧାରରେ ତା'ର ଘର ଓ ସମ୍ପତ୍ତିକୁ ବୁଲ୍‌ଡୋଜର ଲଗାଇ ଭାଙ୍ଗିବାର ଘଟଣା ସେସବୁ ରାଜ୍ୟରେ ଲଗାତାର ଦେଖିବାକୁ ମିଳୁଛି। କୋର୍ଟଙ୍କ କୌଣସି ନିର୍ଦ୍ଦେଶ ବିନା ସରକାର ପ୍ରତିଶୋଧ ପରାୟଣ ହୋଇ ଅଭିଯୁକ୍ତମାନଙ୍କ ଘର ଓ ବସ୍ତିକୁ ଏଭଳି ଭାଙ୍ଗି ତଥା ସେମାନଙ୍କୁ ଏନ୍‌କାଉଣ୍ଟର ନାଁରେ ହତ୍ୟା କରି ନିଜକୁ ଶକ୍ତିଶାଳୀ ବୋଲି ପ୍ରମାଣିତ କରିବାକୁ ଚାହିଁଛନ୍ତି। ଜବରଦଖଲ ହଟେଇବା ନାଁରେ ସରକାରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପ୍ରଶାସନ ଓ ପୋଲିସ ବୁଲ୍‌ଡୋଜର ସହାୟତାରେ ବାଛି ବାଛି କିଛି ବ୍ୟକ୍ତିଙ୍କ ଘର, ଦୋକାନ ଏପରିକି ସମ୍ପୂର୍ଣ୍ଣ ବସ୍ତିକୁ ଭାଙ୍ଗି ଏକଦମ୍ ମାଟିରେ ମିଶାଇଦେବା ଦେଖାଯାଇଛି। କେବଳ ଅବୈଧ କବ୍‌ଜା ହିଁ ନୁହଁ, ଅଭିଯୁକ୍ତର ପଟ୍ଟା ଜମି ଉପରେ ନିର୍ମିତ କୋଠାକୁ ବି ଭାଙ୍ଗିବାକୁ ପଛେଇ ନାହାନ୍ତି। ଅନ୍ତର୍ଜାତୀୟ ମାନବିକ ଅଧିକାର ସଂସ୍ଥା, ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ଦ୍ୱାରା ଚଳିତବର୍ଷ ଫେବୃଆରୀରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଏପ୍ରିଲ୍ ୨୦୨୨ରୁ ଜୁନ୍ ୨୦୨୩ ପର୍ଯ୍ୟନ୍ତ ଉପରୋକ୍ତ ରାଜ୍ୟଗୁଡ଼ିକରେ ୧୨୮ଟି ସମ୍ପତ୍ତିକୁ ବୁଲ୍‌ଡୋଜର ଦ୍ୱାରା ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି।

ବୁଲ୍‌ଡୋଜର ଜରିଆରେ ଅଭିଯୁକ୍ତଙ୍କ ଘର ବା ବସ୍ତି ଉଜାଡ଼ି ତଥାକଥିତ ତ୍ୱରିତ ନ୍ୟାୟ ଦେବାରେ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ଉତ୍ତରପ୍ରଦେଶର ଭାଜପା ସରକାର ସବୁଠାରୁ ଆଗରେ ରହିଛନ୍ତି। ତାଙ୍କୁ ଭେଟିବାକୁ ଆସୁଥିବା ଅନେକ ଲୋକ ବୁଲ୍‌ଡୋଜରର ନମୁନାକୁ ଉପହାର ସଦୃଶ ଆଣି ଦେଉଥିବା ଦେଖାଯାଇଛି। କେବଳ ସେ ନୁହନ୍ତି, ତାଙ୍କ ଦଳ ମଧ୍ୟ ବୁଲ୍‌ଡୋଜରକୁ ତା'ର ରାଜନୈତିକ ପ୍ରଚାର ଅଭିଯାନରେ ସାମିଲ କରିବା ସହିତ ବିଭିନ୍ନ ସଭା ସମିତିରେ ବୁଲ୍‌ଡୋଜରର ବଡ଼ ବଡ଼ ମଡେଲ ଠିଆ କରି ପ୍ରଦର୍ଶନ କରିବା ଦେଖିବାକୁ ମିଳିଛି। ଉତ୍ତର ପ୍ରଦେଶ ଦେଖାଦେଖି ଅନ୍ୟ ରାଜ୍ୟର ଭାଜପା ନେତାମାନେ ମଧ୍ୟ ନିଜ ନିଜ ରାଜ୍ୟରେ ଉତ୍ତର ପ୍ରଦେଶର ବୁଲ୍‌ଡୋଜର ମଡେଲକୁ ଲାଗୁ କରିବାକୁ ଦାବି କରିବା ଦେଖାଯାଇଛି।

ଭାଜପା ପକ୍ଷରୁ କଠୋର ଶାସନର ପ୍ରତୀକ ଭାବରେ ବୁଲ୍‌ଡୋଜର ନ୍ୟାୟକୁ ଯେଉଁଭଳି ପ୍ରଚାରିତ କରାଯାଉଛି, ତା'ର ସମାଲୋଚନା କେବଳ ଦେଶରେ ନୁହେଁ, ଦେଶ ବାହାରେ ବି ଦେଖିବାକୁ ମିଳିଛି। କିଛି ଦେଶରେ ଭାଜପାର ସମର୍ଥକମାନେ ଜାତୀୟ ଉତ୍ସବ ପାଳନ ଶୋଭାଯାତ୍ରାରେ ମଧ୍ୟ ବୁଲ୍‌ଡୋଜରକୁ ସାମିଲ କରିବା ଯୋଗୁ ସେଠାକାର ସରକାରଙ୍କ ତରଫରୁ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ମଧ୍ୟ ପାଇବା



ଦେଖିବାକୁ ମିଳିଛି। ବୁଲ୍‌ଡୋଜର ଅତ୍ୟାଚାରର ପ୍ରତୀକ ହୋଇଥିବା ବେଳେ ଏହା ମଧ୍ୟ ସରକାରଙ୍କ କ୍ଷମତାର ପୃଥକତା ନିୟମର ଉଲ୍ଲଂଘନ ବୋଲି ବିବେଚନା କରାଯାଏ। କାରଣ କୌଣସି ବ୍ୟକ୍ତି ଅପରାଧର ବିଚାର କରିବାର କାମଟି କେବଳ ନ୍ୟାୟପାଳିକାର ହୋଇଥିବା ବେଳେ ପ୍ରଶାସନ ତ୍ୱରିତ ନ୍ୟାୟ ପ୍ରଦାନ ନାଁରେ ଯେଉଁ ଘରଭଙ୍ଗା ଅଭିଯାନ କରୁଛି, ତାହା ସମ୍ବିଧାନରେ ରହିଥିବା କ୍ଷମତାର ବଣ୍ଟନର ଉଲ୍ଲଂଘନ କରୁଛି।

ପୁନଶ୍ଚ କୌଣସି ଅପରାଧ ପାଇଁ କାହାର ଘର, ଦୋକାନ କିମ୍ବା କୌଣସି ସମ୍ପତ୍ତି ଭାଙ୍ଗିବା ପାଇଁ ଆଇନରେ କୌଣସି ବ୍ୟବସ୍ଥା ନାହିଁ। ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନର ଅଧିକାଂଶ ମାମଲାରେ ସ୍ପଷ୍ଟ ଜଣାପଡ଼ିଛି ଯେ କେବଳ ସଂଖ୍ୟାଲଘୁ ଅଥବା ସରକାର ବିରୋଧୀ ମତ ରଖୁଥିବା ଲୋକଙ୍କ ଘର ବା ସମ୍ପତ୍ତିକୁ ହିଁ ଟାର୍ଗେଟ୍ କରାଯାଇଛି। ଯଦିଓ ସରକାରଙ୍କ ଅଘୋଷିତ ଲକ୍ଷ୍ୟଟି କଥିତ ଅଭିଯୁକ୍ତ ବା ଅପରାଧୀଙ୍କୁ ଦମନ କରିବାକୁ ଉଦ୍ଦିଷ୍ଟ, କିନ୍ତୁ ସରକାର ବେଆଇନ କବ୍‌ଜା ହଟାଇବା ନାଁରେ ହିଁ ବୁଲ୍‌ଡୋଜର ଅଭିଯାନ ଚଳାଉଛନ୍ତି। ତେବେ ସରକାରୀ ଜମି ଜବରଦଖଲ କୌଣସି ନିର୍ଦ୍ଦିଷ୍ଟ ଜାତି ବା ଧର୍ମର ଲୋକଙ୍କ ମଧ୍ୟରେ ସୀମିତ ରହି ନ ଥିବା ବେଳେ ସରକାରଙ୍କ ବୁଲ୍‌ଡୋଜର ବାଛି ବାଛି କେବଳ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ଘର ଓ ବସ୍ତିକୁ ଭାଙ୍ଗିବା, ଏହା ପଛରେ ରହିଥିବା ସାମ୍ପ୍ରଦାୟିକ ବିଚାରଟିକୁ ସ୍ପଷ୍ଟ ପ୍ରମାଣିତ କରୁଛି। ଗତବର୍ଷ ହରିୟାନାର ନୁହରେ ସାମ୍ପ୍ରଦାୟିକ ଦଙ୍ଗାରେ ଉଭୟ ଧର୍ମର ଲୋକେ ସାମିଲ ହୋଇଥିବା ବେଳେ ସରକାରଙ୍କ ବୁଲ୍‌ଡୋଜର କିନ୍ତୁ ସରକାରୀ ଜମିରେ ବର୍ଷ ବର୍ଷ ଧରି ଘର କରି ରହିଥିବା ସଂଖ୍ୟାଲଘୁ ଲୋକଙ୍କ ବସ୍ତିକୁ ଭାଙ୍ଗି ମାଟିରେ ମିଶାଇଦେଲା। ଅତଏବ ବୁଲ୍‌ଡୋଜର ନ୍ୟାୟ ପ୍ରକ୍ରିୟାଟି ଯେ ଘୃଣା, ହିଂସା ଓ ପ୍ରତିଶୋଧ ପରାୟଣତା ଉପରେ ଆଧାରିତ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ତେଣୁ ଏଥିରୁ କୌଣସି ପ୍ରକାରର ବିଚାରଶୀଳତା ଏବଂ ନିରପେକ୍ଷତା ଆଶା କରିବା ବୃଥା।

ତେବେ ତଥାକଥିତ ବୁଲ୍‌ଡୋଜର ନ୍ୟାୟ ନେଇ ସରକାରଙ୍କ ପ୍ରଚାରଟି ଯାହା ଥାଉନା କାହିଁକି, ବୁଲ୍‌ଡୋଜର ଏବେ ଦେଶର ସଂଖ୍ୟାଲଘୁ, ଦଳିତ, ବସ୍ତି ବାସିନ୍ଦା ଏପରିକି ସରକାରଙ୍କ ସହ ଭିନ୍ନମତ ପ୍ରକାଶ କରୁଥିବା ଲୋକଙ୍କୁ ଆତଙ୍କିତ କରିବାର ଶକ୍ତିଶାଳୀ ହତିଆରରେ ପରିଣତ ହୋଇଯାଇଛି। କିନ୍ତୁ ବିଳମ୍ବରେ ହେଲେ ବି ଦେଶର ସର୍ବୋଚ୍ଚ ଅଦାଲତ ବୁଲ୍‌ଡୋଜର ରାଜନୀତି ଉପରେ ନିଜର ଏକ ସଦ୍ୟତମ ରାୟରେ ବ୍ରେକ୍ ଦେବାକୁ ଚାହିଁଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଏହି ହସ୍ତକ୍ଷେପ ସରକାରମାନଙ୍କ ଉପରୋକ୍ତ ଆଇନ ବହିର୍ଭୂତ ଆଚରଣ ଉପରେ ପ୍ରଶ୍ନଚିହ୍ନ ଲଗାଇବା ସହ ଏହାଦ୍ୱାରା ପୀଡ଼ିତ ଲୋକଙ୍କୁ ଅନେକ ମାତ୍ରାରେ ଆଶ୍ୱସ୍ତ କରିଛି। ଜାମିଆତ୍ ଉଲେମା-ଏ-ହିନ୍ଦ୍ ସଙ୍ଗଠନ ପକ୍ଷରୁ ନିକଟରେ ବୁଲ୍‌ଡୋଜର ବ୍ୟବହାର କରାଯାଇ ସରକାରଙ୍କ ଘର ଭାଙ୍ଗିବା ଉପରେ ପ୍ରତିବନ୍ଧକ ଲଗାଇବାକୁ ଏକ ଆବେଦନ ହୋଇଥିଲା। ଦିଲ୍ଲୀର ଜାହାଙ୍ଗୀରପୁରୀର ଏକ ବୁଲ୍‌ଡୋଜର ଜରିଆରେ ଘରଭଙ୍ଗା ଘଟଣାରେ ଓକିଲ ଫାରୁଖ ରସିଦ୍‌ଙ୍କ ଦ୍ୱାରା ଅଦାଲତରେ ଦାଖଲ ହୋଇଥିବା ପିଟିଶନରେ କୁହାଯାଇଛି ଯେ, ଭାଜପା ସରକାର ଅଳ୍ପସଂଖ୍ୟକ ଏବଂ ସମାଜର ଦୁର୍ବଳ ବର୍ଗର ଲୋକଙ୍କୁ ସେମାନଙ୍କ ଘର ଭାଙ୍ଗି ଦମନ କରୁଛନ୍ତି। ଏହି କାରଣରୁ ପୀଡ଼ିତମାନେ ଆଇନଗତ ପ୍ରତିକାରର ସୁଯୋଗ ପାଆନ୍ତି ନାହିଁ।

ବିଚାରପତି ବି. ଆର୍. ଗଭାଇଙ୍କ ଅଧକ୍ଷତାରେ ଗଠିତ ସୁପ୍ରିମ୍‌କୋର୍ଟ ଖଣ୍ଡପୀଠର ଅନ୍ୟତମ ସଦସ୍ୟ ବିଚାରପତି କେ. ଭି. ବିଶ୍ୱନାଥନ୍ ନିଜ ଟିପ୍ପଣୀରେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଜଣେ ବ୍ୟକ୍ତି କୌଣସି ଏକ ମାମଲାରେ କେବଳ ଅଭିଯୁକ୍ତ ହୋଇଗଲା ବୋଲି ତା'ର ଘରକୁ ଭାଙ୍ଗିବାକୁ ଆଇନ ଅନୁମତି ଦେଉନି। ଏପରିକି ଅଭିଯୁକ୍ତଟି ଦଣ୍ଡ ପାଇଗଲେ ମଧ୍ୟ ତା' ଘରକୁ ଭାଙ୍ଗିବା ଆଇନର ବିରୁଦ୍ଧାଚରଣ ବୋଲି ସେ କହିଛନ୍ତି। ସରକାର କୋର୍ଟର ଅନୁମତି ନ ନେଇ ଅଭିଯୁକ୍ତଙ୍କ ବିରୋଧରେ ଯେଉଁ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ କରୁଛନ୍ତି, ତାହା କଦାପି ଗ୍ରହଣୀୟ ନୁହେଁ ବୋଲି ରାୟରେ କୁହାଯାଇଛି। କାରଣ କୌଣସି ମାମଲାରେ ଅଭିଯୁକ୍ତକୁ ଦଣ୍ଡ ଦେବା ଅଧିକାର କେବଳ କୋର୍ଟର ହିଁ ରହିଛି। ବୁଲ୍‌ଡୋଜର ଲଗାଇ ଜଣେ ବ୍ୟକ୍ତିର ଯେଉଁଭଳି ଘର ଭଙ୍ଗାଯାଉଛି, ତାହା କେବଳ ସେହି ବ୍ୟକ୍ତିର ହିଁ ନୁହେଁ ବରଂ ସେହି ଘରେ ବସବାସ କରୁଥିବା ପରିବାରର ଅନ୍ୟ ସଦସ୍ୟ, ଯେଉଁମାନଙ୍କ ଘଟଣାରେ କୌଣସି ପ୍ରକାର ଭୂମିକା ନ ଥାଏ, ସେମାନଙ୍କ ଅଧିକାର ଉପରେ ଆକ୍ରମଣ ବୋଲି ରାୟରେ କୁହାଯାଇଛି।

ଯଦିଓ ସରକାରୀ ଜମିରେ ଯେକୌଣସି ଜବରଦଖଲ ହଟେଇବାକୁ ସ୍ଥାନୀୟ ପ୍ରଶାସନର ଅଧିକାର ରହିଛି, କିନ୍ତୁ ସେ କ୍ଷେତ୍ରରେ ବିଧିବଦ୍ଧ ପ୍ରକ୍ରିୟାକୁ ଅବଲମ୍ବନ କରିବାକୁ ପ୍ରଶାସନ ବାଧ୍ୟ ବୋଲି ରାୟରେ କୁହାଯାଇଛି। ଏଥିପାଇଁ ପ୍ରଥମେ ବେଆଇନ ନିର୍ମାଣଗୁଡ଼ିକୁ ଚିହ୍ନଟ କରିବା ସହ ଜବରଦଖଲକାରୀଙ୍କୁ ଆବଶ୍ୟକୀୟ ନୋଟିସ୍ ଜାରି କରିବାକୁ ହେବ ଏବଂ ସର୍ବୋପରି କୌଣସି କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଅଭିଯୋଗର ଯଥାଯଥ ଶୁଣାଣି କରି ଅଭିଯୁକ୍ତକୁ ନିଜର ପକ୍ଷ ରଖିବାକୁ ମଧ୍ୟ ସୁଯୋଗ ଦେବାକୁ ହେବ ବୋଲି କହିଛନ୍ତି। କାରଣ ଅନେକ କ୍ଷେତ୍ରରେ ପ୍ରଶାସନ ନିଜର ବେଆଇନ ଘରଭଙ୍ଗାକୁ ଆଇନସମ୍ମତ ବୋଲି ପ୍ରମାଣିତ କରିବାକୁ ବହୁତ ପିଛିଲା ତାରିଖ ଦେଇ ନୋଟିସ୍ ପଠାଇବାର ପ୍ରମାଣ ମିଳିଛି। ଏ କ୍ଷେତ୍ରରେ କୌଣସି ବ୍ୟକ୍ତି ବା ବ୍ୟକ୍ତି ସମୂହଙ୍କୁ ତା'ର ଜାତି ବା ଧର୍ମର ଆଧାରରେ ଟାର୍ଗେଟ୍ କରିବା ବଦଳରେ ସମସ୍ତଙ୍କ ପାଇଁ ସମାନ ମାପକାଠି ଅବଲମ୍ବନ କରିବାକୁ ହେବ। କୋର୍ଟ ତରଫରୁ ଦେଶବ୍ୟାପୀ ଏ ସଂକ୍ରାନ୍ତରେ ଏକାଭଳିଆ ପ୍ରକ୍ରିୟା ପାଇଁ ନିର୍ଦ୍ଦେଶାବଳୀ ଜାରି କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଆଇନକାନୁନ, ପ୍ରଶାସନିକ ପ୍ରକ୍ରିୟା ଓ ମାନବିକତା ରହିତ ସରକାରମାନଙ୍କ ଏହି ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ନ୍ୟାୟ ନାଁରେ ଅନ୍ୟାୟ । ଆଶା, ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପ ପରେ ଏଭଳି ରାଜନୀତି ଉପରେ ବ୍ରେକ୍ ଲାଗିବ।

ମୋ: ୯୪୩୭୧୬୬୩୯୧



# ସ୍ୱାଧୀନତା ସଂଗ୍ରାମରେ ଲୁଣିଆ ଗୁଳିକାଣ୍ଡ

ନରେଶ ଚନ୍ଦ୍ର ରାୟମହାପାତ୍ର

ଭଦ୍ରକ ସବ୍‌ଡିଭିଜନରେ ହୋଇଥିବା ଲୁଣିଆ ଗୁଳିକାଣ୍ଡ ସ୍ୱାଧୀନତା ସଂଗ୍ରାମର ଏକ ଅଭୁଲା ସ୍ମୃତି। ୧୯୪୨ ସେପ୍ଟେମ୍ବର ୧୬ରେ ତତ୍କାଳୀନ ବାଲେଶ୍ୱର ଜିଲାରେ ଘଟିଥିବା ଏହି ଦୁଃଖଦ ଘଟଣା ବ୍ରିଟିଶ ସରକାରଙ୍କ ବିରୋଧରେ ଲୋକଙ୍କୁ ଏକ୍ରତିତ କରିଥିଲା। ଏହି ଘଟଣାକୁ ଏତେବର୍ଷ ବିତିଯାଇଥିଲେ ମଧ୍ୟ ଆଜି ମନେପଡ଼ିଲେ ଛାତି ଥରିଉଠେ। ଏହି ବର୍ଷ ମହାତ୍ମା ଗାନ୍ଧୀ ଭାରତ ଛାଡ ଆନ୍ଦୋଳନ ଡାକି 'କର ଅବା ମର' ଭଳି ଆହ୍ୱାନ ଦେଇଥିଲେ। ଗାନ୍ଧିଜୀଙ୍କ ଏହି ଆହ୍ୱାନକୁ ଚରିତାର୍ଥ କରିବା ପାଇଁ ୧୯୪୨ ସେପ୍ଟେମ୍ବର ୧୬ରେ ଲୁଣିଆ ଗ୍ରାମର ଦୋଳ ମିଳନ ପୀଠରେ ଏକ ବିରାଟ ସଭା ଆୟୋଜନ କରାଯାଇଥିଲା। ଏଥିରେ ବହୁ ସ୍ୱାଧୀନତା ସଂଗ୍ରାମୀ ସମବେତ ହୋଇଥାନ୍ତି । ଏହାର ନେତୃତ୍ୱ ସ୍ଥାନୀୟ ଯୁବକ ମୁରଲୀଧର ପଣ୍ଡା ନେଇଥିବା ବେଳେ ସଭାର ସଭାପତି ରାଜମୁକୁନ୍ଦପୁର ଗ୍ରାମର ବୃଦ୍ଧ ରାଧାଶ୍ୟାମ ରାୟମହାପାତ୍ର ଥାନ୍ତି। ଏହି ଅବସରରେ ବ୍ରିଟିଶ୍‌ମାନଙ୍କ କୁଶାସନ ବିରୋଧରେ ଆନ୍ଦୋଳନ ଜାରି ରଖିବାକୁ ସଭିଏଁ ସଂକଳ୍ପ ନିଅନ୍ତି। ସେଠାରେ ଉପସ୍ଥିତ ଗ୍ରାମରକ୍ଷୀମାନଙ୍କର ସରକାରୀ ପୋଷାକ ସହ ସଭାସ୍ଥଳ ନିକଟରେ ଥିବା କାନ୍ଦିଆହୁଦାକୁ ପ୍ରତୀକାତ୍ମକ ଭାବେ ପୋଡି ଦିଅନ୍ତି। ଏହାପରେ ସ୍ୱାଧୀନତା ସଂଗ୍ରାମ ଅଞ୍ଚଳରେ ବ୍ୟାପକ ରୂପ ନିଏ। ଲୁଣିଆର ଏହି ଜନଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ଭଦ୍ରକର ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦିଅନ୍ତି। ତାଙ୍କ ଆଦେଶମତେ ଧାମନଗର ଥାନା ପୋଲିସ ଅଧିକାରୀ ୧୨ଜଣ ସଶସ୍ତ୍ର ଫୌଜ ସହ ସେପ୍ଟେମ୍ବର ୨୧ତାରିଖ ଦିନ ଲୁଣିଆ ଗ୍ରାମ ଅଭିମୁଖେ ଅଗ୍ରସର ହୁଅନ୍ତି। କର୍ଦ୍ଦମାକ୍ତ ଚଲାପଥ ଓ ନଦୀ- ନାଳର ପ୍ରତିବନ୍ଧକ ଅତିକ୍ରମ କରି ପରଦିନ ପ୍ରଭାତରେ ସେମାନେ ଲୁଣିଆ ସନ୍ନିକଟ କଟସହିଠାରେ ପହଞ୍ଚନ୍ତି। ସେମାନଙ୍କ ଆଗମନର ଖବରପାଇ ଆନ୍ଦୋଳନକାରୀମାନେ ବିଭିନ୍ନ ଗ୍ରାମରୁ ଆସି ସେଠାରେ ସଶସ୍ତ୍ର ବାହିନୀର ପଥ ଅବରୋଧ କରନ୍ତି। ଆନ୍ଦୋଳନକାରୀଙ୍କ ମଧ୍ୟରୁ କେତେଜଣ ସାହସର ସହ ଫୌଜଙ୍କ କାନ୍ଧରୁ ବନ୍ଧୁକ ସବୁ ଛଡ଼ାଇ ନିଅନ୍ତି। ଅନ୍ୟ ଉପାୟ ନ ପାଇ ଫୌଜ ଆନ୍ଦୋଳନକାରୀଙ୍କୁ ଛଳନାପୂର୍ଣ୍ଣ ଭାବେ ବନ୍ଧୁକ ଫେରି ପାଇଲେ ପ୍ରତ୍ୟାବର୍ତ୍ତନ କରିଯିବେ ବୋଲି ପ୍ରତିଶ୍ରୁତି ଦିଅନ୍ତି। ଫୌଜଙ୍କ କଥାରେ ଭଳି ଯାଇ



ଆନ୍ଦୋଳନକାରୀ ବନ୍ଧୁକ ସବୁ ପ୍ରତ୍ୟାର୍ପଣ କରିବା ସହ ବନ୍ଧୁ ଭାବାପନ୍ନ ହୋଇ ଭଲବାଟ ବତାଇ ଦେବାକୁ ସେମାନଙ୍କର ସହଯାତ୍ରୀ ହୁଅନ୍ତି। ଖପରପଦା ଗ୍ରାମ ଉପକଣ୍ଠରେ ଥିବା ଚାନ୍ଦିପଶି ପ୍ରାନ୍ତରରେ ପହଞ୍ଚିବା କ୍ଷଣି ଫୌଜ ସେଠାରେ ଥିବା ଗଛ ଆଢୁଆଳର ଏକ ସୁବିଧାଜଣକ ନିରାପଦ ସ୍ଥାନକୁ ଝପଟି ଯାଇ ବିନା ସଙ୍କେତରେ ଅତର୍କିତ ଭାବେ ଆନ୍ଦୋଳନକାରୀଙ୍କ ଉପରେ ଗୁଳିବର୍ଷଣ କରନ୍ତି। ଫୌଜର ଅପ୍ରତ୍ୟାଶିତ ଗୁଳିଚାଳନାରେ ସର୍ବପ୍ରଥମେ ରାଜମୁକୁନ୍ଦପୁରର ନିଧି ମହାଳିକ ଟଳିପଡ଼ନ୍ତି । ପରେ ପରେ ଆହୁରି ୮ ଜଣ ମଧ୍ୟ ଶହୀଦ ହୋଇଯାନ୍ତି। ସେମାନେ ହେଲେ ରାଜମୁକୁନ୍ଦପୁରର କୃଷ୍ଣ ମହାଳିକ, ରାଜୁଆଳିବିନ୍ଧାର ଶ୍ୟାମ ମହାଳିକ, ପଥରଡିହର ଗୋପୀନାଥ ଜେନା, ଚିନ୍ତାମଣି ଦାସ, ଲୁଣିଆର ଶଙ୍କର ବେହେରା ଓ ଅଗଣି ସାହୁ, ଶୁଗୁଆ ଗ୍ରାମର ଗୌରୀ ଜେନା ଏବଂ କାଶିନ୍ଦିପୁରର ନବକିଶୋର ନାୟକ। ସେମାନଙ୍କ ସହ କଟସାହିର ବଂଶୀଧର ପଣ୍ଡା ଏବଂ ଆଙ୍କପଦାର ଚନ୍ଦ୍ର ମହାଳିକଙ୍କ ସହ ଚଉଦ ଜଣ ସଂଗ୍ରାମୀ ମଧ୍ୟ ଲହୁଲୁହାଣ ହୁଅନ୍ତି। କ୍ଷଣକ ମଧ୍ୟରେ ଆର୍ତ୍ତଚିତ୍କାରରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଉଠେ। ଦେଶ ମାତୃକାର ମୁକ୍ତି ସଂଗ୍ରାମରେ ୮ଜଣ ସଂଗ୍ରାମୀ ଶହୀଦ ହୋଇ ଦେଶ ପ୍ରେମର ଅଦ୍ଭୁତ ନିଦର୍ଶନ ଦିଅନ୍ତି। ପରଦିନ ଭଦ୍ରକ ଡାକ୍ତରଖାନାରେ ଶହୀଦମାନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସେମାନଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ନିଆଯାଇ ଭଦ୍ରକ ଗୋଶାଳା ନିକଟବର୍ତ୍ତୀ ଶ୍ମଶାନରେ ସତ୍କାର କରାଯାଏ।

ଆନ୍ଦୋଳନର ନେତୃତ୍ୱ ନେଇଥିବା ସର୍ଦ୍ଦାର ମୁରଲୀଧର ପଣ୍ଡା ଏବଂ ସଂଗ୍ରାମ ସଭାର ସଭାପତି ହୋଇଥିବା ସତ୍ୟାଗ୍ରହୀ ରାଧାଶ୍ୟାମ ରାୟମହାପାତ୍ରଙ୍କୁ ପୋଲିସ ଧରି ନିର୍ଯାତନା ଦେବା ସହ ଗିରଫ କରି ସେମାନଙ୍କ ବିରୋଧରେ ମାମଲା ରୁଜୁ କରେ। ମାତ୍ର ଛାଡ଼ ପାଇବା ପାଇଁ କ୍ଷମାପ୍ରାର୍ଥୀ ହେବାକୁ ମାଜିଷ୍ଟ୍ରେଟଙ୍କ ସର୍ତ୍ତକୁ ପ୍ରଥମ ମୁଦାଲା ରାଧାଶ୍ୟାମ ବାବୁ ପ୍ରତ୍ୟାଖାନ କରନ୍ତି। ଶେଷରେ ଉଭୟଙ୍କୁ ଛଅମାସ ଲେଖାଏ କାରାଦଣ୍ଡ ସହ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଏ। ଦୁହେଁ ଭଦ୍ରକ ଉପକାରାଗାରରେ ବନ୍ଦୀଜୀବନ ଅତିବାହିତ କରନ୍ତି। ଗୁଳିକାଣ୍ଡ ଘଟିଥିବା ଏହି ସ୍ଥାନର ନାମ ଏବେ ଶହୀଦ ନଗର ହୋଇଥିବାବେଳେ ରକ୍ତ ରଞ୍ଜିତ ଘଟଣାସ୍ଥଳରେ ଶହୀଦମାନଙ୍କ ସ୍ମୃତିରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇଛି। ସେମାନଙ୍କ ଏହି ବଳିଦାନ ମୁକ୍ତି ସଂଗ୍ରାମରେ ଚିରସ୍ମରଣୀୟ ହୋଇରହିଛି। ଗୁଳିକାଣ୍ଡର ଏହି ସ୍ମାରକୀ ଦିବସରେ ଶହୀଦମାନଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

**ରାଜମୁକୁନ୍ଦପୁର, ଅର୍ଣ୍ଣପାଳ, ଭଦ୍ରକ**
**ମୋ: ୭୦୦୮୪୫୩୧୦୩**

## ଏଇ ଭାରତରେ

ମଣିଷ ମରିବା ପରେ ହିଁ ପିଣ୍ଡଦାନ ଶ୍ରାଦ୍ଧ ଆଦି କର୍ମ କରାଯାଏ। କିନ୍ତୁ ବଞ୍ଚିଥିବା ଲୋକଙ୍କର ଶ୍ରାଦ୍ଧ କରିବା କଥା କେବେ ଶୁଣିଛନ୍ତି! କିନ୍ତୁ ଏମିତି ଏକ ଶ୍ରାଦ୍ଧ କରି ଏବେ ଚର୍ଚ୍ଚାକୁ ଆସିଛନ୍ତି ବିହାରର ବିଶ୍ୱନାଥ ରାୟ। ବଞ୍ଚି ଥାଉ ଥାଉ ନିଜ ପତ୍ନୀ ତଥା ନିଜର ଶ୍ରାଦ୍ଧ କରିଛନ୍ତି ସେ। ତାଙ୍କର ଏଭଳି କରିବା ପଛର କାରଣ ଶୁଣିଲେ ଯେକେହି ବି ଭାବପ୍ରବଣ ହୋଇଯିବ। ବିହାର ମୁଜାଫରପୁର ଜିଲାର ବିଶନପୁରକଲ୍ୟାଣ ଗାଁର ବିଶ୍ୱନାଥଙ୍କ ବୟସ ଏବେ ୮୫ ବର୍ଷ ଓ ତାଙ୍କ ପତ୍ନୀଙ୍କ ବୟସ ୮୦ ବର୍ଷ। ତାଙ୍କର ଦୁଇଟି ସନ୍ତାନ ହୋଇଥିଲେ କିନ୍ତୁ ପିଲାବେଳେ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ତେଣୁ ସେମାନଙ୍କର ଶ୍ରାଦ୍ଧପିଣ୍ଡ ଦେବାକୁ କେହି ନାହାନ୍ତି। ତେବେ ପିଣ୍ଡଦାନ ନହେଲେ ସେମାନେ ମୋକ୍ଷ ହୋଇପାରିବେ ନାହିଁ। ଏହି ବିଶ୍ୱାସକୁ ନେଇ ବିଶ୍ୱନାଥ ଆଗୁଆ ଶ୍ରାଦ୍ଧ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଜୀବନସାରା ସଞ୍ଚୟ କରି ରଖିଥିବା ଅର୍ଥରେ ସେ ଗୟାରେ ଶ୍ରାଦ୍ଧ କରିବା ସହ ଗାଁ ଲୋକଙ୍କୁ ଭୋଜନ ଦେଇଛନ୍ତି। ଏହା ସହ ଅନ୍ୟାନ୍ୟ ସମସ୍ତ କାମ ମଧ୍ୟ କରିଛନ୍ତି। ଏବେ ବୟସାଧିକ ଯୋଗୁ ଏହି ଦମ୍ପତିଙ୍କୁ ନିଜ କାମ ନିଜେ କରିପାରୁନାହାନ୍ତି। ବହୁ କଷ୍ଟରେ ଭତ୍ତା ଟଙ୍କାରେ ଚଳୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ସେପ୍ଟେମ୍ବର ୧୯୭୫

- ସୁବର୍ଣ୍ଣରେଖା ଓ ଖାରକେଇ ନଦୀର ସଙ୍ଗମସ୍ଥଳରେ ଏକ ବୋଟ୍ ଦୁର୍ଘଟଣାରେ ୨୦ ଜଣ ମହିଳାଙ୍କ ସମେତ ୩୫ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ସମାଜର ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀ ଓ ଶିଳ୍ପ ଶ୍ରମିକଙ୍କ ପାଇଁ ସମନ୍ୱିତ ସରକାରୀ ଆର୍ଥିକ ସାହାଯ୍ୟପ୍ରାପ୍ତ ଗୃହ ନିର୍ମାଣ ପରିକଳ୍ପନାରେ ୧ ଲକ୍ଷ ୮୨ ହଜାର ଗୃହ ନିର୍ମାଣ।

## ପାଠକ ଶ୍ରେଷ୍ଠ ବିଚାରକ

### ଭୁଲ୍‌ର ପୁନରାବୃତ୍ତି ନ ହେଉ

ମହାଶୟ,

ସାତକୋଶିଆ ଅଭୟାରଣ୍ୟରେ ପୁଣିଥରେ ବ୍ୟାଘ୍ର ପ୍ରକଳ୍ପ ଆରମ୍ଭ କରିବା ପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ଅନୁମୋଦନ ଦେଇଛନ୍ତି। ୨୦୧୮ରେ ଦେଶର ସର୍ବପ୍ରଥମ ପ୍ରାଦେଶିକ ବ୍ୟାଘ୍ର ସ୍ଥାନାନ୍ତରୀକରଣ ପ୍ରକଳ୍ପ ସାତକୋଶିଆରେ ଆରମ୍ଭ ହୋଇଥିଲା। ମଧ୍ୟପ୍ରଦେଶର କାହ୍ନା ଜାତୀୟ ବ୍ୟାଘ୍ର ପ୍ରକଳ୍ପର ଏକ ଯୁବ ମହାବଳ ବାଘ (ମହାବୀର) ଏବଂ ବାନ୍ଧବଗଡ଼ ଅଭୟାରଣ୍ୟର ବାଘୁଣୀ (ସୁନ୍ଦରୀ)କୁ ଆଣି ରକ୍ଷଣଗୃହରେ ରଖାଯାଇଥିଲା। ୬।୭।୨୦୧୮ରେ ପ୍ରଥମେ ବାଘ ଓ ୧୭।୮।୨୦୧୮ରେ ବାଘୁଣୀକୁ ଜଙ୍ଗଲକୁ ଛଡ଼ାଯାଇଥିଲା। ସୁନ୍ଦରୀ ଆକ୍ରମଣରେ ହାତୀବାରି ଗାଁର କେତେ ଜଣଙ୍କ ମୃତ୍ୟୁ ପରେ ଉତ୍ତ୍ୟକ୍ତ ଲୋକେ ପୋଡ଼ାଜଳା କରିଥିଲେ। ପୁନଶ୍ଚ ୨୧।୧୦।୨୦୧୮ରେ ପମ୍ପାସର ରେଞ୍ଜ୍ ଟାଇଁସି ଗ୍ରାମର ତ୍ରିନାଥ ସାହୁଙ୍କୁ ସୁନ୍ଦରୀ ମାରିଦେବା ଯୋଗୁ ଗ୍ରାମବାସୀ ପମ୍ପାସର ରେଞ୍ଜର ବନ କର୍ମଚାରୀଙ୍କୁ ମାଡ଼ମାରି ଟାଇଁସି ଗ୍ରାମର କୋଠଘରେ ବନ୍ଦକରି ଅଟକ ରଖିଥିଲେ। ତା'ପରେ ଉତ୍ତ୍ୟକ୍ତ ଲୋକେ ଢେଲା ମାଡ଼ କରିବା ସହ ପୋଲିସ ବିଭାଗର ୨ଟି ଭ୍ୟାନ୍‌କୁ ଜାଳିଦେଇଥିଲେ। ଏପରି ଘଟଣା ଓଡ଼ିଶା ଜଙ୍ଗଲ ବିଭାଗ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ସରକାର ଅଭୟାରଣ୍ୟର ଚତୁଃପାର୍ଶ୍ୱ ଗ୍ରାମଗୁଡ଼ିକର ଜନପ୍ରତିନିଧି ଏବଂ ସାତକୋଶିଆ କ୍ଷତିଗ୍ରସ୍ତ ସୁରକ୍ଷା ସମିତିର ସଭ୍ୟମାନଙ୍କ ସହ ବିଚାରବିମର୍ଶ କରି ଅଗ୍ରସର ହେବା ଶ୍ରେୟସ୍କର।

**-ସନ୍ତୋଷ କୁମାର ପଟ୍ଟନାୟକ, ଶଙ୍ଖପୁର, ବନ୍ତଲା, ଅନୁଗୋଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବସନ୍ତର ସୁଧା ମୁଁ ଗୋ ପିଉଥିଲି ମରମେ,
ତୁମେ ଆସି ଉଭା ହେଲ ମରିଗଲି ସରମେ।
ନ ପାରିଲି କହି ତ ପରାଣ କଥାଟି
ଯାତନା ସେ ଦେଲା ଅତି ମୂକ ମୋର ବ୍ୟଥାଟି।
ଧୀରେ ତୁମେ ଚାହିଁଗଲ ଚମକାଇ ଅବନୀ,
କହ କିମ୍ବା ଏଥି ଆସି ଉଭା ହେଲ ସଜନୀ!
-(ଛନ୍ଦ ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସୁଭଦ୍ରା ଓଠରେ ହସ

**ମୌସୁମୀ ଦାସ୍**

ଜାନକୀର ବାହାଘର ତା' ବାପା ଅଠର ବର୍ଷ ନ ପୂରୁଣୁ କରି ଦେଇଥିଲା। ଚିକିଟି ଭଳି ଗାଁରେ ଏବେ ବି କୋଉଠି କୋଉଠି ନିମ୍ନମଧ୍ୟବିତ୍ତ ପରିବାରରେ ଝିଅମାନଙ୍କୁ ଅଳ୍ପ ବୟସରେ ବାହା ଦେଇଦେବାର ଚଳଣି ରହିଛି। ଜାନକୀ ତଳକୁ ଆହୁରି ତିନିଟା ଝିଅ। ବାପା ତା'ର ବିଲମୂଲିଆ। ବଡ଼ ପରିବାରଟିକୁ କଷ୍ଟେମଷ୍ଟେ ଚଳାଏ। ଜାନକୀର ବର ମଧୁ ବରହମ୍ପୁରରେ ମିସ୍ତ୍ରି କାମ କରୁଥିଲା। ରୂପ ଗଢ଼ଣ ସରସା ଦେଖି ମଧୁ ମନଖୁସିରେ ବିନା ଜାନିଯୌତୁକରେ ବାହାଘର ପାଇଁ ରାଜି ହେଇଯାଇଥିଲା। ବାହାଘର ପୂର୍ବରୁ ଜାନକୀ ଅଷ୍ଟମ ଶ୍ରେଣୀ ଯାଏ ପାଠ ପଢ଼ିଥିଲା। ଆଉ ଆଗକୁ ପଢ଼େଇବା ପାଇଁ ତା' ବାପାର ସାମର୍ଥ୍ୟ କାହିଁ ଥିଲା ଯେ!

ମଧୁର ପରିବାରରେ କେବଳ ତା'ର ଜଣେ ବିଧବା ବଡ଼ ଭଉଣୀ ରମାନାନୀ ରହୁଥିଲା। ବଡ଼ ନଣନ୍ଦ ହେଲେ କ'ଣ ହେଲା, ଜାନକୀର ବଡ଼ଭଉଣୀ ଭଳି ସେ ତାକୁ ଆଦରି ନେଲା। ଜାନକୀ ବି ଶାଶୁଘରକୁ ଖୁବ୍‌ଶୀଘ୍ର ଆଦରି ନେଇ ବାପଘର ଦୁଃଖକଷ୍ଟ ଭୁଲି ଯିବାକୁ ଲାଗିଲା। ମଧୁ ଭଲ ରୋଜଗାର କରୁଥିଲା। ଛୋଟ ପରିବାରଟି ଚଳିବାରେ କିଛି ଅସୁବିଧା ହେଉ ନ ଥିଲା। ବେଳେବେଳେ ମଧୁ ଅଧିକା ଖର୍ଚ୍ଚକରି ପକେଇ ଜାନକୀ ପାଇଁ ଛୋଟମୋଟ ଉପହାର ନେଇଆସେ। ମନେ ମନେ ଖୁସୀ ହେଲେ ବି ପିଲାଦିନୁ ଦାରିଦ୍ର୍ୟ ଦେଖି ଆସିଥିବା ଜାନକୀ କୁହେ, "ହଇ ହେ, ଆଗକୁ ନଜର ପକେଇ ଖର୍ଚ୍ଚବାର୍ଚ୍ଚ କରିବା ନା ଆଉ, ନ ହେଲେ ହଠାତ୍ ଲୋଡ଼ା ପଡ଼ିଲା ବୋଇଲେ, କା'କୁ ହାତ ପତେଇବା ଯେ?" ମଧୁ ବି ତା' କଥାରେ ସହମତ ହେଇ କୁହେ, "ହଁ ହଁ, ତୁ ଠିକ୍ କଥା କହୁଚୁ। ହଉ ଏଥର ଆଗକୁ ପଇସା ଆଟେଇବା। ମୁଁ ତ ତୋତେ ନ ହେଲେ ନାନୀ କି ସବୁଦିନର ମଜୁରି ଆଣି ଧରେଇ ଦେଉଛି। ତମେମାନେ ଯେମିତି ଚଳେଇବ, ସେମିତି ଚାଲିବ।" ତା' ସରଳ ନିଷ୍କପଟ କଥାରେ ଜାନକୀର ହୃଦୟ ପୂରିଯାଏ।

ପ୍ରତିଦିନର ଖର୍ଚ୍ଚ ବାଦ୍ ଯାଇ କିଛି ସଞ୍ଚୟ ବି କରିପାରୁଥିଲା ଜାନକୀ। ମଧୁ ଏକଥା ଦେଖି ଭାରି ଖୁସି ହେଉଥିଲା। ରମାନାନୀ ବି କହୁଥିଲା, 'ବୁଝିଲୁରେ ମଧୁ, ଆମ ଜାନକୀ ବଡ଼ ପାରିବାର। ଖାସା ବୋହୂ ପିଲାଟିଏ ଆଣିଛୁ ଏକା।' ଜାନକୀ ନିଜର ପ୍ରଶଂସା ଶୁଣି ଲାଜେଇ ଯାଉଥିଲା।

ଦିନେ ମଧୁ ତାକୁ କହିଲା, "ଜାଣିଲୁ ନା ଲୋ, ଆମ ପଧାନମନ୍ତରି ଆମ ଭଳି ଗରିବଗୁରୁବାଙ୍କ ଲାଗି ଗୋଟେ ଭଲ ଯୋଜନା ଆଣିଛନ୍ତି। ତା'ର ନାଁ ହେଲା ଜନଧନ ଯୋଜନା। ଏଇଥିରେ ବେଙ୍କରେ ରମାନାନୀ ଆଉ ତୋ' ନାଁରେ ଖାତା ଖୋଲିବାକୁ କିଛି ହେଲେ ପଇସା ଜମା କରିବାକୁ ପଡ଼ିଅନି।" ଜାନକୀ ଖୁସି ହେଇଗଲା। ପରଦିନ ଆଧାର କାର୍ଡ ଆଉ ରେଶନ କାର୍ଡ, ଫଟୋ ଆଉ ଅନ୍ୟ ସବୁ କାଗଜପତ୍ର ଧରି ମଧୁ ଦୁହିଁଙ୍କୁ ସାଙ୍ଗରେ ନେଇ ଜନଧନ ଯୋଜନାରେ ବେଙ୍କରେ ଖାତା ଖୋଲି ଦେଇ ଆସିଲା। ଦୁଇଟିଯାକ ଖାତାରେ ସେ ନିଜେ ନେଇ ମଝିରେ ମଝିରେ ତିନିଶହ ପାଞ୍ଚଶହ ଜମା କରି ଦେଉଥିଲା। ତିନି ବର୍ଷରେ ଦୁଇଟି ଛୁଆ ତା' କୋଳ ଭର୍ତ୍ତି କରି ଆସିଗଲେ। ପିଲାମାନଙ୍କ କେତେ କ'ଣ ଖର୍ଚ୍ଚ ବଢ଼ି ଯାଉଥିଲା। ରେଶନ କାର୍ଡରେ ଚାଉଳ ମିଳି ଯାଉଥିଲେ ବି ବଜାରରେ ତେଲ ଲୁଣ ପରିବାପତ୍ର ଦରଦାମ୍ ତ ଦିନକୁ ଦିନ ବଢ଼ି ଚାଲୁଥିଲା! ତଥାପି ପରିବାରଟି କଷ୍ଟେମଷ୍ଟେ ଚଳେଇ ନେଉଥିଲା ମଧୁ।

ରମାନାନୀ ଆଉ ଜାନକୀଙ୍କ ପାଦତଳୁ ସେଦିନ ମାଟି ଖସିଗଲା, ଯେଉଁଦିନ ମଧୁ ଭାରାରେ ଚଢ଼ି କାମ କଲାବେଳେ ଭାରସାମ୍ୟ ହରେଇ ପାଞ୍ଚମହଲା ଉଚ୍ଚତାରୁ ପଡ଼ିଗଲା। ଜୀବନ ସିନା ରହିଗଲା, ହେଲେ ମଧୁର ଗୋଟିଏ ପାଖ ଅଙ୍ଗ ସବୁଦିନ ପାଇଁ ଅଚଳ ହେଇଗଲା। କ'ଣ କେମିତି ଘର ଚଳିବ? ଏଣେ ଛୋଟ ପିଲା ଦିଇଟା ସାଙ୍ଗକୁ ମଧୁର ଚିକିତ୍ସା ଭାବି ଭାବି ଥଳକୂଳ ପାଉ ନ ଥା'ନ୍ତି ନଣନ୍ଦ, ଭାଉଜ।

ତାଙ୍କ ପଡ଼ୋଶୀ ନାନୀ ଜଣେ ତାକୁ ଭଲ ଉପାୟଟିଏ ବତେଇଲେ। 'ତମେ ଇମିଟେସନ ଗହଣାର ବେପାର କରିବ କି?' ନାନୀ ଆଉ ତାଙ୍କର ଦୁଇ ଝିଅ ବି ଇମିଟେସନ କାନଫୁଲ, ହାର, ଚୁଡ଼ି ଆଦି କଲିକତାରୁ ଆଣି ଏଠି ବଜାରରେ ମେଳା ମଉଚ୍ଛବରେ, କଲେଜ ବାହାରେ ଉଠା ଦୋକାନ କରି ଭଲ ଦୁଇ ପଇସା ଲାଭ କରୁଥିଲେ।

'ହେଲେ ମୂଳଧନ...'

'ହଜାରେ ଟଙ୍କାରୁ ବି ତମେ ଏ ବେପାର ଆରମ୍ଭ କରିପାରିବ।'

ଜାନକୀର ମନକୁ ପାଇଲା। ରମାନାନୀକୁ ଆସି ସବୁକଥା କହିଲାଠୁ, ସେ ବି ଭରସା ଦେଲା, 'ହଉ, ତୁ ଯଦି ଭାବୁଛୁ କରିପାରିବୁ, ତା'ହେଲେ କରେ। ହେଲେ ବେପାର ପାଇଁ ଆମ ପାଖରେ ଧନ କାହିଁ ଅଛି ଯେ?'

"ନାନୀ, ପଡ଼ିଶା ନାନୀ ତ କହିଲେ, ଟଙ୍କା ହଜାରେ ହେଲେ ବି ଆରମ୍ଭ କରିପାରିବ। ମୁଁ ଭାବୁଛି, ମୋର ବେଙ୍କ୍ ଖାତାରେ କେତେ ଟଙ୍କା ଥିବ ବୋଲି। ସେତିକି ଆଣିଲେ ଆରମ୍ଭ କରିପାରିବି ଯେ, ପିଲାମାନେ ଆଉ ୟା'ଙ୍କ କଥା କେମିତି ବୁଝିପାରିବି?" 'ଆଲୋ, ତୁ ଏସବୁ ଚିନ୍ତା କରେନା। ମୁଁ ତ ଅଛି! ତୁ ଆଗ କାମ ଆରମ୍ଭ କରେ।'

ଜାନକୀ ମୂଳଧନ ହଜାରେ ଟଙ୍କାରେ କିଛି ମାଳି, କାନଫୁଲ, କ୍ଲିପ, ଚୁଡ଼ି କିଣିକି ଛୋଟ ପସରାଟେ ନେଇ ଉମେନ୍ସ କଲେଜ ଆଗରେ ବସିଲା। ଦଶଟଙ୍କା, କୋଡ଼ିଏ ଟଙ୍କାର ଫେସନ ଜିନିଷ ଦେଖି ଝିଅମାନେ ଆଗ୍ରହରେ କିଣିନେଲେ। ପ୍ରଥମ ଦିନ ଜାନକୀର ମୂଳଧନ ବାଦ୍ ଆହୁରି ତିନିଶହ ଟଙ୍କା ଲାଭ ହେଲା। ଏମିତି ପ୍ରତିଦିନ କିଛି କିଛି ନୂଆ ଜିନିଷ କିଣି ସୁଲଭ ଦରରେ ବିକି ଦୁଇ ପଇସା ଅଧିକ ଲାଭ କରିପାରିଲା। କେବେ କୋଉ ଶ୍ରମିକ ବସ୍ତି ତ କେବେ କୋଉ ମେଳା ଯାତ୍ରା ବି ପଡ଼ୋଶୀଙ୍କ ସହିତ ଯାଏ। ମଧୁର ଔଷଧପତ୍ର ସାଙ୍ଗକୁ ଘରଖର୍ଚ୍ଚ ବି ରହିଛି। କଷ୍ଟେମଷ୍ଟେ ଚଳେଇବାକୁ ପଡ଼େ। ଏମିତିଏମିତିବିତିଗଲା ଆଉରିଦି' ବର୍ଷ।

ସେଦିନ ପଡ଼ିଶା ଘର ଝିଅ ଲିତା ତାକୁ ଆସି ଖୁବ୍ ଖୁସିରେ କହିଲା, "ଭାଉଜ, ଏଥର ତମର ଦୁଃଖ ଯିବ। ନୂଆ ସରକାର ଆମ ତୁମ ଭଳି ସ୍ତ୍ରୀଲୋକମାନଙ୍କ ପାଇଁ ଗୋଟେ ଭଲ ଯୋଜନା ଆଣିଛନ୍ତି। ତା' ନାଁ ହେଉଛି ସୁଭଦ୍ରା ଯୋଜନା। ଆମ ଜଗନ୍ନାଥ ମାହାପ୍ରଭୁଙ୍କ ଭଉଣୀ ସୁଭଦ୍ରାଙ୍କ ନାଁ ଅନୁସାରେ ଏଇ ଯୋଜନା ସବୁ ସ୍ତ୍ରୀଲୋକଙ୍କୁ ନିଜ ଗୋଡ଼ରେ ଠିଆ ହେବାକୁ ସାହାଯ୍ୟ କରିବ।"

ଜାନକୀ ଖୁସି ହେଇଗଲା। "ସତେ କି! ହେଲେ କେମିତି କ'ଣ ହେଇପାରିବ?" ଲିତା ତା'ର ୟୁଟ୍ୟୁବ୍ ଖୋଲି ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଭାଷଣ ଶୁଣେଇ ଦେଲା। ପାଞ୍ଚ ହଜାର ଟଙ୍କା ବେଙ୍କ୍ ଖାତାକୁ ଆସିଲେ, ମହିଳାମାନେ ନିଜେ ସ୍ୱାବଲମ୍ବୀ ହେବାକୁ ସମ୍ବଳ ପାଇବେ। ସିଲେଇ ଠୁଁ ନେଇ ଖଲିପତ୍ର ଦନା ତିଆରି, ପରିବା ଚାଷ ଠୁଁ ନେଇ ଛତୁଚାଷ, ଯେ କୌଣସି କାମରେ ସେଇ ଅର୍ଥ ବିନିଯୋଗ କରି ରୋଜଗାରକ୍ଷମ ହେବା ସହିତ ପରିବାରକୁ ସହାୟତା ଯୋଗେଇ ପାରିବେ। ଏସବୁ ଶୁଣି ଜାନକୀ ଓ ରମାନାନୀ ଆଶ୍ଚର୍ଯ୍ୟ ହେଉଥିଲେ। 'ହେଲେ ଆମେ କିମିତି ଏଇ ଟଙ୍କା ପାଇବା?' ରମାନାନୀ ଜାଣିବାକୁ ପଚାରିଲା।

ସେଉଠୁ ଲିତା ବୁଝେଇ ଦେଲା, "ତମ ଦିହିଙ୍କ ନାଁରେ ବେଙ୍କ୍ ଖାତା ତ ଅଛି। ଖାଲି ଜନସେବା କେନ୍ଦ୍ରରୁ ଫର୍ମ ଆଣି ପୂରଣ କରି ଜମା କରିଦେବା କଥା। ତମର ଆଧାର କାର୍ଡ ଆଉ ଫୋନ ନମ୍ବର ବେଙ୍କ୍ ଖାତାରେ ଯୋଡ଼ା ହେଇଥିବ ଖାତା ଖୋଲାବେଳେ।" 'ହଁ, ହେଇଛି ତ।' "ତା' ହେଲେ ଆଉ କିଛି ଅସୁବିଧା ନାହିଁ। କାଲି ଯାଇ ଏଇ ସାହି ମୁଣ୍ଡରେ ଯୋଉ ଜନସେବା କେନ୍ଦ୍ର ଅଛି, ସେଇଠୁ ଫର୍ମ ନେଇ ଆସ ଦୁଇଜଣଙ୍କର। ଏକାଥରେ ଦି'ଜଣଙ୍କର ପାଞ୍ଚ ପାଞ୍ଚ, ଦଶହଜାର ହେଲେ ତମେ ଦି'ଜଣ ମିଶି ଗୋଟେ ମନୋହରି ଦୋକାନ କରିପାରିବ। ବେଙ୍କ୍‌ରେ ଟଙ୍କା ଥିଲେ ହିଁ ସ୍ତ୍ରୀଲୋକଟିଏ ନିଜେ ସ୍ୱାବଲମ୍ବୀ ହେବାକୁ କିଛି ନୂଆ କାମ କରିପାରିବ ଆଉ ପରିବାରକୁ ସ୍ୱଚ୍ଛଳ କରିପାରିବ।"

ରମାନାନୀ ଶୁଣି ଖୁସିରେ କହିଲେ, 'ଭଲ କଥା ନା। ଯା'ହେଉ ସରକାର ଏତେ ଦିନକେ ଆମ ଦୁଃଖ ବୁଝିଲେ।'

ଜାନକୀ ଖୋଲା ଆଖିରେ ସ୍ୱପ୍ନ ଦେଖିବାକୁ ଲାଗିଲା। "ଆହାଃ ନାନୀ, ଏତିକି ତମ ଭାଇ ଶୁଣି କେତେ ଖୁସି ହେଇଯିବେ ନା। ସେ ସୁଭଦ୍ରା ମାଆ ଇଚ୍ଛା କଲେ ଆମ ଦୁଃଖ ଦୂର ହେଇଯିବ।"

ଜାନକୀ ସେଦିନ ରାତିରେ ସ୍ୱପ୍ନ ଦେଖିଲା, ସେ ଛୋଟିଆ କେବିନଟିଏ କରିଛି। ସେଇଠି ସବୁ ଇମିଟେସନ ଚୁଡ଼ି ଗହଣା ରଖିଛି। ତା'ର ଦୋକାନରେ ଝିଅମାନଙ୍କ ଗହଳି ଲାଗି ରହିଛି। ସେ ଆହୁରି ଆହୁରି ବେପାର ବଢ଼ାଉଛି। ନିଜେ ପିଲାଦିନେ ଶିଖିଥିବା କେତେ ପ୍ରକାର ମାଳିବୁଣା, ଚୁଡ଼ି ଡିଜାଇନ କରିବା ବିଦ୍ୟାକୁ ଉପଯୋଗ କରି ନିଜ ହାତ ତିଆରି ଜିନିଷ ରଖିଛି।

ସେସବୁର ଚାହିଦା ବଢ଼ୁଛି। ଜାନକୀ ଉଠାକେବିନ ଛାଡ଼ି ଦୋକାନ ଘରଟିଏ ଭଡ଼ା ନେଉଛି। ତାକୁ ଓ ନାନୀକୁ ପ୍ରତି ଛ' ମାସରେ କିସ୍ତିଓ୍ୱାରି ପାଞ୍ଚହଜାର ଲେଖାଏ ଦୁହିଁଙ୍କ ବେଙ୍କ୍ ଆକାଉଣ୍ଟକୁ ଆସୁଛି ଆଉ ସେ ସେହି ଅର୍ଥ ବିନିଯୋଗ କରି ତା'ର ବ୍ୟବସାୟ ବଢ଼ାଇଛି। ସ୍ୱାବଲମ୍ବୀ ହେବା ସହିତ ଘର ପରିବାରର ସବୁ ଦାୟିତ୍ୱ ତୁଲେଇ ପାରୁଛି। ଜାନକୀ ଆହୁରି ସ୍ୱପ୍ନ ଦେଖିଲା, ସେ ନିଜେ ବିଭିନ୍ନ ଇମିଟେସନ ଗହଣା ଡିଜାଇନ କରିବା ସହିତ ଆଉରି ଅନ୍ୟ ଝିଅମାନଙ୍କୁ ବି ଶିଖାଉଛି ଏବଂ ତା' ଉଦ୍ୟମରେ ଗଢ଼ି ଉଠିଛି ଗୋଟେ ଷ୍ଟାର୍ଟ ଅପ୍। ତାକୁ ଆଉ ରମାନାନୀଙ୍କୁ 'ସୁଭଦ୍ରା ଅପା' ଆଖ୍ୟା ମିଳୁଛି। ତାଙ୍କ କାହାଣୀକୁ "ମୋ ସୁଭଦ୍ରା ସ୍ତୁରୀ' କରାହେଉଛି। ତା'ର ଉଦ୍ୟମରେ ସଫଳତା ଦେଖି ଖୋଦ୍ ମୁଖ୍ୟମନ୍ତ୍ରୀ ମଞ୍ଚକୁ ଡାକି ତାକୁ ଆଉ ରମାନାନୀଙ୍କୁ ସମ୍ମାନ ଦେଉଛନ୍ତି।" ଜାନକୀ ଓ ରମାନାନୀ ଦୁହେଁ ଏମିତି ମଧୁର ସ୍ୱପ୍ନ ଦେଖିବାକୁ ଲାଗିଲେ।

ଜନସେବା କେନ୍ଦ୍ରରେ ସୁରୁଖୁରୁରେ ଦୁହିଁଙ୍କ ପାଇଁ ଫର୍ମ ଆଣି ପୂରଣ କରି ଜମା କରିଦେଇ ଆସିଲା ଜାନକୀ। କିଛି ଦିନରେ ତା' ପାଖକୁ ଫୋନଗଲା, ଦି'ଜଣଙ୍କ ବେଙ୍କ୍ ଖାତାରେ ପାଞ୍ଚ ହଜାର ଲେଖାଏ ଜମା ହେଇଯାଇଛି। ବିଛଣାରେ ଏକପାଖିଆ ଶୋଇଥିଲା ମଧୁ। ଜାନକୀ ଯାଇ ତା' କାନ ପାଖରେ ଧୀରେ କହିଲା, "ହେଇଟି ଶୁଣୁଛ ନା। ଏଥର ଆମର ଦୁଃଖ ଯିବ। ଏଇ ଦଶହଜାର ଟଙ୍କାରେ ନାନୀ ଆଉ ମୁଁ ମିଶି ଲେଡିଜ କର୍ନର କରିବୁ। ମୁଁ ନିଜେ ଏମିତି ସୁନ୍ଦର ହାତତିଆରି ଇମିଟେସନ ମାଳି, ଗହଣା ଗଢ଼ିବି ଯେ ଆମ ଜିନିଷର ଡିମାଣ୍ଡ ବଢ଼ିବାରେ ଲାଗିବ। ଦେଖିବ, ଆମର ଆଉ କିଛି ବି ଅସୁବିଧା ରହିବନି। ପଇସା ଅଭାବରୁ ସିନା ତମର ଭଲରେ ଚିକିତ୍ସା ହେଇପାରୁନି ଏବେ। ଭଲରେ ବ୍ୟବସାୟ ବଢ଼ିଯିବ ତ ତମର ଭଲରେ ଚିକିତ୍ସା କରିବାକୁ ଆଉ ଅସୁବିଧା ହେବନି। ଦେଖିବ, ତମେ ଦିନେ ନିଶ୍ଚୟ ପୂରା ଭଲ ହେଇଯିବ।"

ମଧୁର ଶୁଖୁଲା ମୁହଁରେ ହସଟିକେ ଚହଟିଗଲା, ଆଉ ତା' ସାଙ୍ଗକୁ ଗୋଟିଏ ଆଖିର କଡ଼ରୁ ଝରି ଆସିଲା ଲୁହଧାରେ। କାନ୍ଥରେ ଝୁଲୁଥିବା ତିନିଠାକୁରଙ୍କ ବିଗ୍ରହ ଆଡ଼କୁ ଚାହିଁଲା ଜାନକୀ। ମାଆ ସୁଭଦ୍ରାଙ୍କ ଓଠରେ ଲାଖି ରହିଥିଲା ଆଶ୍ୱାସନାର ଧାରେ ହସ।

**– ସତ୍ୟନଗର, ଭୁବନେଶ୍ୱର**

# ରୋଗ ବାଣ୍ଟୁଛି କାଗଜ କପ୍ ଚା'

## କଟକଣା ପରେ ବି ନିର୍ଦ୍ଦେଶ ମାନୁନାହାନ୍ତି ଦୋକାନୀ




**ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)**

କାମ ବ୍ୟସ୍ତତା ଭିତରେ ଟିକିଏ ରିଲାକ୍ସ ପାଇଁ ହେଉ ଅବା ଅଭ୍ୟାସଗତ ଭାବେ ଯୁବବର୍ଗଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଚା' କଫି ଆଦି ପିଇବାକୁ ଭଲପାଆନ୍ତି। ତେଣୁ ସହରଠୁ ଆରମ୍ଭ କରି ଗାଁ ରାସ୍ତାପାର୍ଶ୍ୱ, କଲୋନୀ, ବସ୍ତିରେ ଚା'ଦୋକାନ ଖୋଲିଛି। ପୂର୍ବରୁ କାଚ ଗ୍ଲାସ୍, ଚିନାମାଟି କିମ୍ବା ମାଟି କପ୍‌ରେ ଚା' ଦେଉଥିଲେ ଦୋକାନୀ। ହେଲେ ଏବେ ଏହାର ସ୍ଥାନ ନେଇଛି କାଗଜ କପ୍। ଏହା ଦୋକାନୀଙ୍କ ପାଇଁ ସୁବିଧାଜନକ ହେଉଥିଲେ ମଧ୍ୟ ଗ୍ରାହକଙ୍କ ପାଇଁ ବିପଦ ସାଜୁଛି। ଏହି ୟୁଜ୍ ଆଣ୍ଡ ଥ୍ରୋ ବା ଏକକ ବ୍ୟବହାରଯୋଗ୍ୟ କପ୍ ଅଜାଣତରେ ଗ୍ରାହକଙ୍କୁ ରୋଗ ବାଣ୍ଟୁଛି।

କାଗଜ କପ୍‌ରେ ଚା' ପିଇବା ଦ୍ୱାରା ଶରୀରର କ୍ଷତି ହେଉଥିବା ନେଇ ଆଇଆଇଟି ଖଡ଼ଗପୁରର ଏକ ଗବେଷଣା ରିପୋର୍ଟରୁ ଜଣାପଡ଼ିଛି। କାଗଜ କପ୍‌ରେ ଗରମ ଚା' ପିଇବା ଦ୍ୱାରା କ୍ୟାନ୍ସର ଭଳି ରୋଗ ହେବାର ଯଥେଷ୍ଟ ଆଶଙ୍କା ରହିଛି। ସେହିପରି ଡାଇରିଆ, ପାଚନଶକ୍ତି କ୍ଷୟ, କିଡ୍‌ନୀ ନଷ୍ଟ ହେବାର ମଧ୍ୟ ସମ୍ଭାବନା ଅଧିକ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କାଗଜ କପ୍ ଡିସ୍ପୋଜ ହେଉଥିଲେ ମଧ୍ୟ ଏଥିପାଇଁ ସମୟ ଲାଗିଥାଏ। ଅପରପକ୍ଷେ ଚା' ପିଇସାରି ଲୋକମାନେ ଏଣେତେଣେ କପ୍ ଫୋପାଡୁଥିବାରୁ ଏହାଦ୍ୱାରା ଆଖପାଖ ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସେପ୍ଟେମ୍ବର ୧୧ରୁ ଚା' ଦୋକାନୀଙ୍କ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। କୌଣସି ଦୋକାନୀ ଏକକ ବ୍ୟବହାର ବା କାଗଜ କପ୍‌ରେ ଚା' ନ ଦେଇ ପୁନଃ ଉପଯୋଗ ହୋଇପାରୁଥିବା ମାଟି କପ୍, କାଚଗ୍ଲାସ୍ ଆଦିରେ ଚା' କିମ୍ବା କଫି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସତ୍ତ୍ୱେ ରାଜଧାନୀର ଚା' ବ୍ୟବସାୟୀମାନେ ନିର୍ଦ୍ଦେଶକୁ ମାନୁନାହାନ୍ତି। ଲୋକମାନେ ମଧ୍ୟ ଅଚିନ୍ତାରେ କାଗଜ କପ୍‌ରେ ଚା' ଓ କଫି ପିଉଥିବା ଦେଖାଯାଉଛି। ଶରୀର ପାଇଁ ଏହା ଯେ କେତେ ଭୟଙ୍କର ବିପଦ ଆଣୁଛି, ତାହା ହୁଏତ ଲୋକେ ଜାଣିନାହାନ୍ତି ବା ସଚେତନ ନୁହନ୍ତି। ଏପରି ସ୍ଥିତିରେ ଆଇଆଇଟି ଗବେଷଣା ଓ ବିଏମ୍‌ସିର ନିର୍ଦ୍ଦେଶନାମା ବେଶ୍ ଗୁରୁତ୍ୱ ବହନ କରୁଛି।

### କ'ଣ କୁହନ୍ତି ଏମାନେ...

**କାଗଜ କପ୍‌ରେ ମିଶୁଛି କେମିକାଲ**



କାଗଜ କପ୍‌କୁ ଓ୍ୱାଟରପ୍ରୁଫ୍ କରିବା ପାଇଁ ସେଥିରେ କେମିକାଲ ମିଶୁଛି। ଗରମ ଚା' କିମ୍ବା କଫି ସଂସ୍ପର୍ଶରେ ଆସିବା ମାତ୍ରେ ତାହା ତରଳି ଚା'ରେ ମିଶି ପେଟକୁ ଯାଇ ରୋଗ ସୃଷ୍ଟି କରୁଛି। କାଗଜ କପ୍‌ରେ ଚା' ପିଇବା ଦ୍ୱାରା କ୍ୟାନସର୍‌ଠାରୁ ଆରମ୍ଭ କରି ପେଟ ସମସ୍ୟା ଏବଂ ଅନ୍ୟାନ୍ୟ ରୋଗ ସୃଷ୍ଟି ହେବାର ଆଶଙ୍କା ରହୁଛି। ସେହିପରି ଅନେକ ଲୋକ କ୍ଷୀର ଜରି କିମ୍ବା ଅନ୍ୟାନ୍ୟ ଜରିରେ ଚା' ପାର୍ସଲ ନେଉଛନ୍ତି। ଏହାଦ୍ୱାରା ମଧ୍ୟ ରୋଗ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଯଦି ଲୋକମାନେ ସଚେତନ ନ ହେବେ, ତେବେ ଭବିଷ୍ୟତରେ ସେମାନେ ନିହାତି ରୋଗରେ ପଡିବେ।

-ଡା. ଧନଞ୍ଜୟ ଦାସ, ସୁପରିଣ୍ଟେଣ୍ଡେଣ୍ଟ, କ୍ୟାପିଟାଲ ହସ୍ପିଟାଲ

**ଜାଣିଛି, ତଥାପି ପିଇଦେଉଛି**



ଦିନରେ ଦୁଇକପ୍ ଚା' ନହେଲେ ମୋର ଚଳେନି। ଦୋକାନ ଚା' ପିଇବାକୁ ଭଲ ଲାଗୁଥିବାରୁ ବାହାରେ ହିଁ ଚା' ପିଏ। ଦୋକାନୀ ପୂର୍ବରୁ କାଚ୍ ଗ୍ଲାସରେ ଚା' ଦେଉଥିଲେ, ହେଲେ ଏବେ ଶସ୍ତା ସୁନ୍ଦର ପାଇଁ କାଗଜ କପ୍‌ରେ ଧରାଇ ଦେଉଛନ୍ତି। ଏଥିରେ ପିଇଲେ ରୋଗ ହେବାର ଆଶଙ୍କା ଅଛି ବୋଲି ଆଗରୁ ଜାଣିଛି, ମାତ୍ର ଦୋକାନୀ ଯେଉଁଥିରେ ଦେଉଛନ୍ତି ପିଇ ଦେଉଛି।

- ହନୁମନ୍ତ ମେହେର, କର୍ମଜୀବୀ

**ନିୟମ ସବୁଠି କଡ଼ାକଡ଼ି ଲାଗୁ ହେବା ଦରକାର**



କାଚଗ୍ଲାସ୍ କିମ୍ବା ମାଟି କପ୍ ସବୁ ଦୋକାନୀ ରଖୁନାହାନ୍ତି। ଆଉ ଯିଏ ରଖୁଛନ୍ତି, ଚା' କପ୍‌କୁ ୭ଟଙ୍କା ବଦଳରେ ୧୦ଟଙ୍କା ନେଉଛନ୍ତି। ତେଣୁ କାଗଜ କପ୍‌ରେ ପି' ସାରିବା ପରେ ତାକୁ ଫୋପାଡ଼ି ଦେବା ସବୁଠାରୁ ସହଜ କଥା। ଆଗକୁ କେବଳ ପୁନଃ ବ୍ୟବହାରଯୋଗ୍ୟ ପାତ୍ରରେ ଚା' ପିଇବା ତେବେ ଏହି ନିୟମ କେବଳ ରାସ୍ତାକଡ଼ ଦୋକାନୀଙ୍କ ପାଇଁ ଲାଗୁ ନ କରି ବଡବଡ କଫିଶପ୍, ଏୟାରପୋର୍ଟ, ରେଲ୍‌ୱେ ଷ୍ଟେଶନ୍ ଆଦିରେ ଥିବା ଦୋକାନ ଉପରେ ମଧ୍ୟ ଲାଗୁ କରିବା ଦରକାର।

- ସମରଜିତ୍ ସାହୁ, କର୍ମଜୀବୀ

**ଦୋକାନୀ କହୁଛନ୍ତି, ଇଚ୍ଛା ହେଲେ ପିଅ ନ ହେଲେ ନାଇଁ**



ସବୁ ଦୋକାନୀ କାଚଗ୍ଲାସ କିମ୍ବା ମାଟି କପ୍ ରଖୁନାହାନ୍ତି। କାଗଜ କପ୍‌ରେ କାହିଁକି ଚା' କଫି ଦେଉଛ ବୋଲି ପଚାରିଲେ ଓଲଟା କହୁଛନ୍ତି 'ଇଚ୍ଛା ହେଲେ ପିଅ ନ ହେଲେ ନାଇଁ'। ଆମେ ତ ଆଉ ପକେଟ୍‌ରେ ଗ୍ଲାସ୍ ଧରି ବୁଲି ପାରିବୁନି, ତେଣୁ ଯାହା ମିଳୁଛି ସେଥିରେ ଚଳେଇ ନେଉଛୁ। ତେବେ ଏନେଇ ବିଏମ୍‌ସି ପକ୍ଷରୁ ଜୋର୍‌ଦାର ଅଭିଯାନ ହେବା ଦରକାର। ସମସ୍ତ କାଗଜ କପ୍‌କୁ ସିଲ୍ କରି ଯେଉଁ ଦୋକାନୀମାନେ ଏହାକୁ ରଖୁଛନ୍ତି ସେମାନଙ୍କୁ ଜରିମାନା ଆଦାୟ କରାଯିବା ଦରକାର।

-ଅଙ୍କିତ୍ ସ୍ୱାଇଁ, କର୍ମଜୀବୀ

**କଟକଣା ଲାଗିଲେ ଚା' କଫି ଦର ବଢ଼ିଯିବ**

ଆଗରୁ କାଚ ଗ୍ଲାସ୍‌ରେ ଚା' ଦେଉଥିଲି। ହେଲେ ଭିଡ଼ ସମୟରେ ଅଇଁଠା ଗ୍ଲାସ୍‌କୁ ଧୋଇକି ଗ୍ରାହକଙ୍କୁ ଚା' କିମ୍ବା କଫି ଦେବା ସମ୍ଭବ ନୁହେଁ। ପୁଣି ଏଥିପାଇଁ ପାଣି ବ୍ୟବସ୍ଥା ମଧ୍ୟ କରିବାକୁ ପଡୁଥିଲା। ମାଟି କପ୍ ଆଣିଲେ ଚା'ର ଦାମ୍ ବଢ଼ାଇବାକୁ ପଡ଼ିବ। ପୁଣି ଏକା ସମୟରେ ଅଧିକ କପ୍ ଆଣିବା ବେଳକୁ ସେଥିରୁ କିଛି ଭାଙ୍ଗି ଯାଉଥିବାରୁ ଆମର କ୍ଷତି ହେଉଛି। ତେଣୁ ଆମ ପାଇଁ ୟୁଜ୍ ଆଣ୍ଡ୍ ଥ୍ରୋ କପ୍ ସବୁଠାରୁ ଭଲ। କଟକଣା ଲାଗିଲେ ଚା' କଫି ଦାମ୍ ବଢ଼ିଯିବ।

-ସରୋଜ ମହାକୁଡ଼, ବ୍ୟବସାୟୀ

# ପ୍ରଜାକୋର୍ଟରେ ଶିକ୍ଷକଙ୍କୁ ହତ୍ୟା

**ମାଲକାନଗିରି, ୧୫।୯ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ସୁକ୍‌ମା ଜିଲା କାଣ୍ଡା ଜାଗରଗୁଣ୍ଡା ଜଙ୍ଗଲରେ ପୋଲିସ ସୂଚନାଦାତା ସନ୍ଦେହରେ ଜଣେ ଶିକ୍ଷକଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ଜାଗରଗୁଣ୍ଡା ଗ୍ରାମର ଶିକ୍ଷକ ଦୁଧି ଅର୍ଜୁନଙ୍କୁ ମାଓବାଦୀମାନେ ଶନିବାର ରାତିରେ ଅପହରଣ କରି ନେଇଥିଲେ। ପରେ ତାଙ୍କୁ ପ୍ରଜାକୋର୍ଟରେ ସୂଚନାଦାତା ବୋଲି ଆରୋପ ଲଗାଇ ନିର୍ଘୃମ୍ ମାଡ ମାରିବା ସହ ରବିବାର ଗଳାକାଟି ହତ୍ୟା କରିଛନ୍ତି। ପରେ ଶିକ୍ଷକଙ୍କ ମୃତଦେହକୁ ରାସ୍ତା ଉପରେ ପକାଇଦେଇ ପୋଲିସ ସୂଚନାଦାତା ହୋଇଥିବାରୁ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା ବୋଲି ଏକ ପୋଷ୍ଟରରେ ଉଲ୍ଲେଖ କରି ମୃତଦେହ ଉପରେ ଛାଡି ଯାଇଛନ୍ତି। ସୁକ୍‌ମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ କୋମ୍ବିଂକୁ ଜୋରଦାର କରିଥିବା ସୂଚନା ଦେଇଛି।

# ୫ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୧୫।୯ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ଜଣେ ମହିଳାଙ୍କ ସମେତ ୫ ମାଓବାଦୀ ରବିବାର ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ମହିଳା ମାଓବାଦୀ ସୋଡି ପିଡେ, ମାଡବି ଭୀମା, ସୋଡି ହୁଙ୍ଗା, ମାଡକମ ଭୀମା ଓ କବାସୀ ବିଲ୍ଲୁ। ଏମାନେ ଛତିଶଗଡର ବିଭିନ୍ନ ସଂସ୍ଥାରେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟକରି ଆସୁଥିଲେ। ବର୍ତ୍ତମାନ ଛତିଶଗଡରେ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପୋଲିସ ଦ୍ୱାରା ବିଭିନ୍ନ ସ୍ଥାନରେ ଆକ୍ରମଣ ଏବଂ କ୍ୟାମ୍ପ ପ୍ରତିଷ୍ଠା ଯୋଗୁ ବହୁ ମାଓବାଦୀ ପ୍ରାଣ ହରାଇଛନ୍ତି। ଆଗାମୀ ଦିନରେ ଏମାନଙ୍କ ଜୀବନ ବିପଦରେ ଥିବା ଆଶଙ୍କା କରି ଆତ୍ମସମର୍ପଣ କରିଛନ୍ତି। ସେହିପରି ଆଦିବାସୀଙ୍କୁ ପୋଲିସ ସୂଚନାଦାତା ସହ ସଂଗଠନର କେତେକ ସଦସ୍ୟଙ୍କୁ ମଧ୍ୟ ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀ ହତ୍ୟା କରୁଛନ୍ତି। ତେଣୁ ଏଥିରେ ଅତିଷ୍ଠ ହୋଇ ଏହି ୫ ଜଣ ଆତ୍ମସମର୍ପଣ କରିଥିବା କହିଛନ୍ତି। ଏମାନଙ୍କୁ ଛତିଶଗଡ ସରକାରଙ୍କ ନୀତି ଅନୁଯାୟୀ ଥଇଥାନ କରିବା ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଛତିଶଗଡ ପୋଲିସ ସୂଚନା ଦେଇଛି।

# ଚେପ୍ଟିଆମ୍ବାରେ ଝାଡ଼ାବାନ୍ତିରେ ଆଉ ଜଣଙ୍କ ମୃତ୍ୟୁ

## କିଡ୍‌ନୀ ରୋଗୀ ଭାବେ ଚିକିତ୍ସା ଚାଲିଥିଲା: ଡାକ୍ତର

**ଝରିଗାଁ, ୧୫।୯ (କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡଟେମରା ପଞ୍ଚାୟତ ଅନ୍ତର୍ଗତ ଚେପ୍ଟିଆମ୍ବା ଗ୍ରାମରେ ଝାଡ଼ାବାନ୍ତିରେ ଆଉ ଜଣଙ୍କ ମୃତ୍ୟୁ ଘଟିଛି। ଫଳରେ ଗ୍ରାମରେ ଡାଇରିଆରେ ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି ପାଇଛି। ଝରିଗାଁ ମେଡ଼ିକାଲରେ ଚିକିତ୍ସିତ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ଡାଲ ଜାନିଙ୍କ ମୃତ୍ୟୁ ଘଟିଛି।

ଗତ ୬ ତାରିଖରେ ଡାଲ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପ୍ରଥମେ ଡ଼ାବୁଗାଁ ମେଡିକାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କୋରାପୁଟ ମେଡ଼ିକାଲକୁ ସ୍ଥାନାନ୍ତର ହୋଇଥିଲେ। ସେଠାରେ ଡାଲଙ୍କ ସ୍ୱାସ୍ଥ୍ୟରେ କୌଣସି ସୁଧାର ନ ଆସିବାରୁ ମେଡିକାଲ କର୍ତ୍ତୃପକ୍ଷ ରୋଗୀଙ୍କୁ ଅନ୍ୟତ୍ର ନେବା ପାଇଁ କହିଥିଲେ। ପରିବାରର ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ ସେମାନେ କାହାକୁ କିଛି ନ କହି ଗତ ଶୁକ୍ରବାର ଅପରାହ୍ନରେ ଡାଲଙ୍କୁ ଧରି ଚେପଟିଆମ୍ବା ଗ୍ରାମକୁ ଫେରି ଆସିଥିଲେ। ଗ୍ରାମରେ କାର୍ଯ୍ୟରତ ଡାକ୍ତର ସମ୍ପୃକ୍ତ ରୋଗୀଙ୍କ ପରିବାରକୁ ବହୁତ ବୁଝାଶୁଝା କରିବାପରେ ଝରିଗାଁ ମେଡ଼ିକାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବା ସମୟରେ ଶନିବାର ବିଳମ୍ବିତ ରାତିରେ ଡାଲଙ୍କ ମୃତ୍ୟୁ ଘଟିଛି। ଏ ନେଇ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଅରବିନ୍ଦ ପଣ୍ଡାଙ୍କୁ ପଚାରିବାରୁ ଡାଲଙ୍କୁ କିଡ୍‌ନୀ ରୋଗୀ ଭାବେ ଚିକିତ୍ସା ଚାଲିଥିଲା। ଗ୍ରାମରେ ରହିଥିବା ନଳକୂପର ପାଣି ସଂଗ୍ରହ କରିଥିଲେ ମଧ୍ୟ ଗ୍ରାମରେ ବର୍ତ୍ତମାନ ସୁଦ୍ଧା ଝାଡ଼ାବାନ୍ତି ବ୍ୟାପିବାର କାରଣ ଅସ୍ପଷ୍ଟ ରହିଛି। ଚେପ୍ଟିଆମ୍ବା ଗ୍ରାମରେ ଝାଡ଼ାବାନ୍ତି ଆତଙ୍କ ବଢିବା ଦିନଠାରୁ ଗ୍ରାମରେ ରହିଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଛି। ଉକ୍ତ ଦିନଠାରୁ ଗ୍ରାମରେ ପିଲାଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଗ୍ରାମବାସୀ କହିବା ଅନୁସାରେ ଗତ ଶୁକ୍ରବାର ଚେପ୍ଟିଆମ୍ବା ସ୍କୁଲରେ ପଢୁଥିବା ପିଲାମାନେ ଗ୍ରାମ ନିକଟସ୍ଥ କରମଚାନ୍ଦ ଗ୍ରାମସ୍ଥିତ ବିଦ୍ୟାଳୟକୁ ପାଠ ପଢିବା ପାଇଁ ଯାଇଥିଲେ। ତୁମ ଗାଁରେ ଝାଡ଼ାବାନ୍ତି ଚାଲିଛି, ଏଣୁ ଏହି ସ୍କୁଲକୁ ଆସିଲେ ଆମ ଗାଁରେ ମଧ୍ୟ ବ୍ୟାପିବ ବୋଲି କରମଚାନ୍ଦ ଗ୍ରାମର ଲୋକେ ପିଲାଙ୍କୁ ବାରଣ କରି ସେଠାରୁ ତଡି ଦେଇଥିବା ଜଣାପଡ଼ିଛି।


**ZILLA PARISHAD, DHENKANAL**

**SHORT ADVERTISEMENT**

**Invitation of application for recruitment to the post of Gram Rozgar Sevak (GRS) under MGNREGS in the District of Dhenkanal**

**No.3739/Date : 13.09.2024**

Applications are invited from the eligible candidates to fill up 169 nos. of post of Gram Rozgar Sevaks (GRS) to be engaged in different Gram Panchayats in Dhenkanal District on contractual basis under MGNREGA. The newly engaged GRS will get a consolidated monthly remuneration of 7,000, after successfully worked for more than 1 year and less than 6 years will get 8,500/- per month and will get 8,880/- per month after successfully worked for more than 6 years. The last date for submission of application is 17.10.2024. The Detailed advertisement having no. of vacancies, remuneration, age, eligibility criteria and other terms and conditions is available in the District Official Website https://dhenkanal.odisha.gov.in.

**Sd./- COLLECTOR-CUM-DPC, MGNREGA, DHENKANAL**

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
**Tender Call Notice**

E-mail : rbcirclekhurda@gmail.com

Bid Identification No. CCE-Khordha (R&B) Circle-06/2024-25 Memo No.-1758 Dt. 12.09.2024

No.B-263 : The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Bridge works as detailed in the table below :

| | | | |
|---|---|---|---|
| 1 | Nature of Work | : | Bridge Work |
| 2 | No. of Work | : | 1 No. |
| 3 | Tender Cost | : | Rs. 10000.00 (On-Line) |
| 4 | Class of Contractor | : | Special, A Class |
| 5 | Available of Bid document in the Website | : | From 10.00 AM of Dt. 17.09.2024 up to 05.00 PM of Dt. 03.10.2024 up to 5.00 PM |
| 6 | Date of opening of Bid | : | Dt. 04.10.2024 at 11.30 AM |
| 7 | The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website. | | |

OIPR-34127/11/0009/2425

**Sd./- Chief Construction Engineer**
**Khordha (R&B) Circle, Khordha**

**GOVERNMENT OF ODISHA** No.A-288
**DEPARTMENT OF WATER RESOURCES**
**Office of the Additional Chief Engineer**
**Upper Indravati Dam Circle,**
At/Po : Khatiguda, Dist : Nabarangpur, ODISHA - 764085
email id : cceuihep@gmail.com

**e - Procurement Notice**
**Bid Identification No. ACEUIDC-01/2024-25**

| | | | |
|---|---|---|---|
| 1 | Name of work | : | Deployment of security personnel at different vital points of Podagada Dam Division, Upper Indravati Dam Circle, Khatiguda for twelve calendar months/365 days |
| 2 | Approx. Estimated cost | : | Rs. 1,81,68,496/- (Excluding GST) |
| 3 | Eligibility of the bidders | : | Registered & licensed Security Service Agencies |
| 4 | Period of completion | : | 12 (Twelve) calendar months/365 days |
| 5 | Date & time of availability of bid document in the portal | : | 18.09.2024 (10:00 A.M.) to 03.10.2024 (05:30 P.M.) |
| 6 | Last date/time for receipt of bid in the portal | : | 03.10.2024(05:30 P.M.) |
| 7 | Date of opening of technical bid on-line | : | 04.10.2024 (11:30 A.M.) |
| 8 | Name & address of the O.I.T. | : | Office of the Additional Chief Engineer, Upper Indravati Dam Circle, At/Po : Khatiguda, Dist : Nabarangpur, ODISHA-764085 |

Further details can be seen from the e-procurement portal http://tendersodisha.gov.in. Addendum/Corrigendum/Cancellation if any required will be published in Govt. website only.

**Sd./- Additional Chief Engineer**
**Upper Indravati Dam Circle**
**Khatiguda**

OIPR-32514/11/0002/2425

**GOVERNMENT OF ODISHA** No.A-289
**DEPARTMENT OF WATER RESOURCES**
**Office of the Additional Chief Engineer**
**Upper Indravati Dam Circle,**
At/Po : Khatiguda, Dist : Nabarangpur, ODISHA - 764085
email id : cceuihep@gmail.com

**e - Procurement Notice**
**Bid Identification No. ACEUIDC-02/2024-25**

| | | | |
|---|---|---|---|
| 1 | Name of work | : | Deployment of security personnel at different vital points of Mechanical Division under Upper Indravati Dam Circle, Khatiguda for twelve calendar months/ 365 days |
| 2 | Approx. Estimated cost | : | Rs. 1,00,39,800/- (Excluding GST) |
| 3 | Eligibility of the bidders | : | Registered & licensed Security Service Agencies |
| 4 | Period of completion | : | 12 (Twelve) calendar months/365 days |
| 5 | Date & time of availability of bid document in the portal | : | 18.09.2024 (10:00 A.M.) to 03.10.2024 (05:30 P.M.) |
| 6 | Last date/ time for receipt of bid in the portal | : | 03.10.2024(05:30 P.M.) |
| 7 | Date of opening of technical bid on-line | : | 04.10.2024 (11:30 A.M.) |
| 8 | Name & address of the O.I.T. | : | Office of the Additional Chief Engineer, Upper Indravati Dam Circle, At/Po : Khatiguda, Dist : Nabarangpur, ODISHA-764085 |

Further details can be seen from the e-procurement portal http://tendersodisha.gov.in. Addendum/Corrigendum/Cancellation if any required will be published in Govt. website only.

**Sd./- Additional Chief Engineer**
**Upper Indravati Dam Circle**
**Khatiguda**

OIPR-32514/11/0003/2425

## ସଂକ୍ଷେପରେ

### ରାଉତସାହିରେ ଖୁଦୁରୁକୁଣୀ ଓଷା

ମାହାଙ୍ଗା,୧୫।୯(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଚାହାପଡ଼ା ପଞ୍ଚାୟତସ୍ଥିତ ଖୁଦୁରୁକୁଣୀ ପୂଜା କମିଟି ପକ୍ଷରୁ ୧୫ ବର୍ଷ ଧରି ଚାଲିଆସୁଥିବା ଖୁଦୁରୁକୁଣୀ ଓଷା ଚଳିତ ବର୍ଷ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଳିକାମାନଙ୍କ ଦ୍ୱାରା ଖୁଦୁରୁକୁଣୀ ପୁସ୍ତକ ପାଠ କରାଯାଇଥିବାବେଳେ ଯଥାରୀତି ଅନୁଯାୟୀ ପୂଜା କାର୍ଯ୍ୟ ସମ୍ପାଦନ କରାଯାଇଛି । ପୂଜା କମିଟିର ମୁଖ୍ୟ ଗୀତାଞ୍ଜଳି ରାଉତଙ୍କ ତତ୍ତ୍ୱାବଧାନରେ କୌଶଲ୍ୟା ରାଉତ, ଇତିଶ୍ରୀ ରାଉତ, ଅର୍ପିତା ରାଉତ, ମାମୁନି ସ୍ୱାଇଁ, ଆଲିପ୍ସ ରାଉତ, ଆକାଂକ୍ଷା ରାଉତ, ପ୍ରୀତିମୟୀ ରାଉତ, ସ୍ମୃତିପ୍ରଜ୍ଞା ରାଉତ, ମୀରାଶ୍ରିତା ରାଉତ, ସୁବାସିନୀ ସାହୁ, ଭାଗ୍ୟଲକ୍ଷ୍ମୀ ରାଉତ, ଅଭିଲିପ୍ସା ରାଉତ, ତୃପ୍ତି ପ୍ରଜ୍ଞା ରାଉତ, ସୋନାଲି ସାହୁ ପ୍ରମୁଖ ପୂଜାରେ ସାମିଲ ହୋଇଥିଲେ।

# ଅନାହାରରେ ବିତୁଛି ମା', ଝିଅଙ୍କ ଜୀବନ

- ଆରତିଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ
- ବିସ୍କୁଟ, ପାଣିରେ ଦିନ କାଟୁଛନ୍ତି
- ସହାୟତା ପାଇଁ ଥାନା, ଡାକ୍ତରଖାନାକୁ ଚିଠି ଲେଖୁଛନ୍ତି ବିଡିଓ

ନିଶ୍ଚିନ୍ତକୋଇଲି,୧୫।୯(ଅଶୋକ କୁମାର ମହାପାତ୍ର)

ସ୍ୱାମୀ ଆରପାରିକୁ ଗଲାପରେ ୨ ନାବାଳିକାଙ୍କ ମୁହଁରେ ଦାନା ଦେବା ପାଇଁ ଜୀବନଯୁଦ୍ଧରେ ଜଣେ ମହିଳା ସଂଗ୍ରାମ କରିଆସୁଥିଲେ। ହଠାତ୍ ସେ ରୋଗଗ୍ରସ୍ତ ହୋଇ ବିଛଣା ଧରିବା ପରେ ଏବେ ନାବାଳିକା ଦ୍ୱୟ ଓଳିଏ ଖାଇ ଓଳିଏ ଉପାସ ରହୁଥିବାବେଳେ ସମ୍ପୃକ୍ତା ମହିଳା କେବଳ ବିସ୍କୁଟ ପାଣିରେ ଜୀବନ ବିତାଉଛନ୍ତି। ଅପରପକ୍ଷେ ସମ୍ପୃକ୍ତ ମହିଳାଙ୍କ ଚିକିତ୍ସାରେ ବାଧକ ସାଜିଛି ଅର୍ଥ। ଏନେଇ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି।

ଏହି ଗ୍ରାମରେ ଦୀର୍ଘବର୍ଷ ହେବ ଜଗତ୍‌ସିଂହପୁର ଜିଲାର ଅଶୋକ କୁମାର ନାୟକ, ସ୍ତ୍ରୀ ଆରତି ନାୟକ ଓ ୨ ନାବାଳିକା କନ୍ୟା ବସବାସ କରିଆସୁଥିଲେ। ଅଶୋକ ସ୍ଥାନୀୟ ଅଞ୍ଚଳରେ ବ୍ୟବସାୟ କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ୩-୪ ବର୍ଷ ତଳେ ଅଶୋକଙ୍କ ମୃତ୍ୟୁ ହୋଇଥିଲା। କୌଣସି ଜମିବାଡ଼ି ନ ଥିବା କାରଣରୁ ତାଙ୍କ ପରିବାର ସମସ୍ୟାଘେରରେ ରହିଆସୁଥିଲା। ନିକଟରେ ତାଙ୍କ ନାବାଳିକା କନ୍ୟା ଅନ୍ତଃସତ୍ତ୍ୱା ହେବା ଯୋଗୁ ପ୍ରଶାସନ ତରଫରୁ ତାଙ୍କୁ ବସୁନ୍ଧରାରେ ଥଇଥାନ କରାଯାଇଥିଲା। ଏବେ ସମ୍ପୃକ୍ତା ନାବାଳିକା ଜଣକ ଏକ ପୁତ୍ର ସନ୍ତାନର ଜନନୀ ହୋଇଥିବା ଗ୍ରାମବାସୀ କହିଛନ୍ତି। ଅପରପକ୍ଷେ ଅଶୋକଙ୍କ ବିଧବା ସ୍ତ୍ରୀ ଆରତି(୪୨) ଓ ତାଙ୍କର ସାନଝିଅ ଶୁଭଲକ୍ଷ୍ମୀ(୭) ସ୍ଥାନୀୟ ଗ୍ରାମର ନିରଞ୍ଜନ ଦାଶଙ୍କ ଘରେ ଭଡ଼ାସୂତ୍ରରେ ରହିଆସୁଥିଲେ। ତେବେ ମା' ଝିଅ ଆର୍ଥିକ ଅନଟନ ହେତୁ ପେଟକୁ ଗଣ୍ଡେ ଦାନା ଓ ଦେହକୁ ଖଣ୍ଡେ କନା ଠିକ୍ ଭାବେ ପାଇପାରୁ ନ ଥିଲେ। ବ୍ଲକ ପ୍ରଶାସନ ତରଫରୁ ତାଙ୍କୁ ବିଧବା ଭତ୍ତା ଓ ୩ ଜଣଙ୍କ ନିମନ୍ତେ ମାଗଣା ଚାଉଳ ଯୋଗାଇ ଦିଆଯାଇ ଆସୁଥିଲା। ଏପରିସ୍ଥଳେ ବଡ଼ଝିଅ ମା'ଠାରୁ ବିଛେଦ ହୋଇଯିବା ପରେ ଆରତି ମାନସିକସ୍ତରରେ ଭାଙ୍ଗି ପଡିଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କ ସାହାଯ୍ୟ ସହଯୋଗରେ ସେ କୌଣସିମତେ ସାନଝିଅକୁ ବଞ୍ଚାଇ ରଖିଥିଲେ। ଆକସ୍ମିକ ଭାବେ ଗତ କିଛିଦିନ ହେବ ଆରତି ଏକ ଜଟିଳ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ଅଭାବରୁ ଗୋଟିଏ ଘରେ ପଡିରହିଛନ୍ତି। ଏପରିକି ତାଙ୍କ ପରିବାର ନିମନ୍ତେ ଖାଦ୍ୟ ପାନୀୟ ମଧ୍ୟ ଏକପ୍ରକାର ବନ୍ଦ ହୋଇଯାଇଛି। ଆରତି ଏବେ ଉଠି ବସି ପାରୁନାହାନ୍ତି। ଘର ମଧ୍ୟରେ ମଳମୂତ୍ର ତ୍ୟାଗ କରୁଛନ୍ତି। ଏପରିସ୍ଥଳେ ତାଙ୍କର କେହି ସାହା ଭରସା ନାହାନ୍ତି। ମା'ଙ୍କ ଏପରି ଅବସ୍ଥା ଦେଖି ଛୋଟଝିଅ ଶୁଭଲକ୍ଷ୍ମୀ ମାନସିକସ୍ତରରେ ଭାଙ୍ଗି ପଡିଛନ୍ତି। ଅନାହାରକ୍ଲିଷ୍ଟ ମା' ଏବେ ମୃତ୍ୟୁ ସହ ସଙ୍ଘର୍ଷ କରୁଥିବାର ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ତହସିଲଦାର, ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ପ୍ରଶାସନ ତରଫରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଏହି ଗ୍ରାମରେ ଅଭାବନୀୟ ତଥା ଅନାହାରଜନିତ ମୃତ୍ୟୁ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ବିଡିଓ ବିରଞ୍ଚି ନାରାୟଣ ବେହେରା କୁହନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ମିଳିବା ପରେ ତୁରିତ ପଦକ୍ଷେପ ନେବା ପାଇଁ ମେଡିକାଲ ଅଫିସର ଓ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ଦ୍ୱାରା ସମ୍ପୃକ୍ତ ମହିଳାଙ୍କୁ ଭତ୍ତା ଓ ଚାଉଳ ପ୍ରଦାନ କରାଯାଉଛି। ସମନ୍ୱିତ ଶିଶୁ ବିକାଶ ସହାୟତାରେ ବଡ଼ ନାବାଳିକା ଝିଅ ପାଇଁ ଆଇନଗତ ଭାବେ ପଦକ୍ଷେପ ନିଆଯାଇଛି।

### 'କଥା ଦେଇଛି ମୁଁ କାନ୍ଦିବିନାହିଁ' ନାଟକ ମଞ୍ଚସ୍ଥ

ତିଗିରିଆ, ୧୫।୯(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତର ଜଗନ୍ନାଥପୁର ଠାରେ ଖୁଦୁରୁକୁଣୀ ଉପଲକ୍ଷେ ମା'ମଙ୍ଗଳା ଡ୍ରାମାଟିକ କ୍ଲବ ତରଫରୁ ସାମାଜିକ ନାଟକ 'କଥା ଦେଇଛି ମୁଁ କାନ୍ଦିବିନାହିଁ' ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ସମ୍ମାନିତ ଅତିଥିଭାବେ ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ମହେବୁବ ଅହେମ୍ମଦ ଖାଁ, ଯୁବ ନେତା ସାହଦତ ଖାଁ, ସରାଫତ ଖାଁ, ଜୈନୁଲ ଖାଁ, ସଂସାରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସୁଶୀଲ ସ୍ୱାଇଁ, ଟୁନା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଗଣେଶଙ୍କ ଆଜ୍ଞାଲଡ୍ଡୁ ୧୨ ହଜାର ୫୦୦ ଟଙ୍କାରେ ନିଲାମ

ତିଗିରିଆ, ୧୫।୯(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ହରିବଲ୍ଲଭ ସାହିର ଗଣପତି କ୍ଲବ ତରଫରୁ ଆୟୋଜିତ ଗଣେଶ ପୂଜା ଅବସରରେ ତିଆରି କରାଯାଇଥିବା ଗଣେଶଙ୍କ ଆଜ୍ଞା ଲଡ୍ଡୁ ୧୨ ହଜାର ୫୦୦ ଟଙ୍କାରେ ନିଲାମ କରାଯାଇଛି। ଏହି ଲଡ୍ଡୁ ନିଲାମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତିଗିରିଆ ଥାନା ଆଇଆଇସି ବିକ୍ରମ କେଶରୀ ଜେନା ଯୋଗଦେଇ ଥିଲେ। ୨୫ କେଜି ଓଜନ ଏହି ଲଡ୍ଡୁକୁ କାଳିଆ ପାଣିଗ୍ରାହୀ ସର୍ବାଧିକ ୧୨ ହଜାର ୫୦୦ ଟଙ୍କା ବିନିମୟରେ ନିଲାମ ନେଇଥିଲେ। ସମ୍ମାନିତ ଅତିଥିଭାବେ ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ଯୁବନେତା ମହେନ୍ଦ୍ର କୁଣ୍ଡୁ, ନୂଆପାଟଣା ନଂ.୧ ବୁଣାକାର ସମିତିର ସଭାପତି କେଶବ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଗଣପତି କ୍ଲବର ସଭାପତି ସୁରେଶ ପାଣିଗ୍ରାହୀଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ।




ଗଣେଶଙ୍କ ଆଜ୍ଞା ଲଡୁ ନିଲାମ କରାଯାଉଛି।

## ଶୋଭାଯାତ୍ରାରେ ଡେଙ୍ଗୁ, ମ୍ୟାଲେରିଆ ସଚେତନତା




ଚୌଦ୍ୱାର,୧୫।୯(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଆର୍‌ସିସି ବିବେକାନନ୍ଦ, ରୋଟାରୀ କ୍ଲବ ଅଫ୍ କଟକ ଅଭିନବ ଓ ଚୌଦ୍ୱାର ପୌରପାଳିକାର ମିଳିତ ଆନୁକୂଲ୍ୟରେ ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଆର୍‌ସିସି ବିବେକାନନ୍ଦର ସଭାପତି ମାନସ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଅଫ୍ କଟକ ଅଭିନବର ସଭାପତି ବିଶ୍ୱନାଥ ପଣ୍ଡା, ପୌରପାଳିକା ପରିମଳ ବିଶେଷଜ୍ଞ ବିଚିତ୍ରା ନନ୍ଦ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଚୌଦ୍ୱାର ଗ୍ରାମ ପରିକ୍ରମା କରି ଲୋକଙ୍କୁ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ସମ୍ପର୍କରେ ସଚେତନ କରିବା ସହ ମଶାରି ବଣ୍ଟନ କରିଥିଲେ। ପ୍ରଭାସ ଚୌଧୁରୀ, ଦୀପ୍ତିମୟୀ ବେହେରା, ଭାରତୀ ନାୟକ, ସ୍ୱପ୍ନାରାଣୀ ସାହୁ, ଦୀପକ ସେଠୀ, ଶୁଭଶ୍ରୀ ଦାସ, ଶୁଚିସ୍ମିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜେଶ କୁମାର ଓଝା ଧନ୍ୟବାଦ ଦେଇଥିଲେ।

## ସୁଭଦ୍ରା ଯୋଜନାରେ ସ୍ୱାବଲମ୍ବୀ ହେବେ ମହିଳା

ମାହାଙ୍ଗା/ ତିଗିରିଆ,୧୫।୯(ଯଯାତି ସିଂହ/ଜାଫର ଖାଁ)

ମାହାଙ୍ଗା ବ୍ଲକରେ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ମାହାଙ୍ଗା ଅଙ୍ଗନୱାଡି କେନ୍ଦ୍ରରେ ବହୁ ମହିଳା ଏକଜୁଟ ହୋଇ ସୁଭଦ୍ରା ପଦଯାତ୍ରା ଆରମ୍ଭ କରିଛନ୍ତି। ଏହି ଅବସରରେ ମହିଳାମାନେ ସୁଭଦ୍ରା ଯୋଜନାର ସ୍ଲୋଗାନ୍ ଦେଇ ଶେଷରେ ମାହାଙ୍ଗା ମିଶନ ଶକ୍ତି କାର୍ଯ୍ୟାଳୟରେ ପହଞ୍ଚିବା ପରେ ମାହେଶ୍ୱର ମନ୍ଦିର ପରିସରରେଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଅଙ୍ଗନୱାଡି କର୍ମୀ ତୃପ୍ତି ରଞ୍ଜିତା ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ସରପଞ୍ଚ ବେବିନା ଜେନା ଯୋଗଦେଇ ସୁଭଦ୍ରା ଯୋଜନାରେ କିପରି ମହିଳାମାନେ ଉପକୃତ ହେବା ସହ ସ୍ୱାବଲମ୍ବୀ ହୋଇପାରିବେ ସେ ଉପରେ ଆଲୋକପାତ କରିଥିଲେ । ଏଥିରେ ସାମାଜିକ କର୍ମୀ ବିଜୟ କୁମାର ଜେନା, ପ୍ରତିମା ମହାନ୍ତି, କଲ୍ୟାଣୀ ସାହୁ, ପ୍ରତିମା ପୃଷ୍ଟି , ସୁଚିତ୍ରା ମହାନ୍ତି, ଗୌତମ ପ୍ରସାଦ ଲାଲ, ସିନୁ ବାରିକ, ପ୍ରମିଳା ସୂତାର, ଜ୍ୟୋତ୍ସ୍ନାମୟୀ ମଳିକ, ରେଣୁପ୍ରଭା ଜେନା, ଅନ୍ନପୂର୍ଣ୍ଣା ସିଂହ, ଦୀପ୍ତିମୟୀ ସେନାପତି, ସୀତା ସାହୁ, ମଞ୍ଜୁଲତା ଦାସ, ଉର୍ମିଳା ସିଂହ, ପ୍ରଭାସିନୀ ମହାପାତ୍ର, କମଳା ବେହେରା ଓ ସଂଯୁକ୍ତା ଦଳେଇ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

ସେହିପରି ସୁଭଦ୍ରା ଯୋଜନାର ସଚେତନତା ପାଇଁ ତିଗିରିଆର ବିଭିନ୍ନ ମହିଳା ଗୋଷ୍ଠୀ ତରଫରୁ ରବିବାର ବ୍ଲକର ବିଭିନ୍ନ ସ୍ଥାନରେ ମାନବ ଶୃଙ୍ଖଳ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟଠାରେ ତିଗିରିଆ ବ୍ଲକ ସିଡିପିଓ ଟି. ଜୟଲକ୍ଷ୍ମୀ ଓ ଭାରପ୍ରାପ୍ତ ବି. ଯାଜ୍ଞସେନୀ ଗୋଚ୍ଛାୟତଙ୍କ ନେତୃତ୍ୱରେ ବହୁ ମହିଳା ପଦଯାତ୍ରାରେ ବାହାରି ପାଞ୍ଚଗାଁ ବଜାର ପରିକ୍ରମା କରି ଫେରିଥିଲେ। ଏହି ପଦଯାତ୍ରାରେ ମିଶନ ଶକ୍ତି ବିପିଏମ୍ ପ୍ରଦୀପ କୁମାର ସିଂ, ବିପିସି ତପନ କୁମାର ମହାନ୍ତି, ବିଏଲ୍‌ସି ଧର୍ମରାଜ ଜେନା, ବିଶ୍ୱଜିତ ସାହୁଙ୍କ ସହ ବ୍ଲକର ସମସ୍ତ ଅଧିକାରୀ ସାମିଲ ଥିଲେ। ସେହିପରି ଜେମାଦେଇପୁର ପଞ୍ଚାୟତ ମିଶନ ଶକ୍ତି କାର୍ଯ୍ୟାଳୟରେ ଦକ୍ଷ ନଥିପତ୍ର ଲେଖିକା ସସ୍ମିତା ପଣ୍ଡାଙ୍କ ନେତୃତ୍ୱରେ ଆଞ୍ଚଳିକ ମଞ୍ଚର ମହିଳା ଓ ପଙ୍କାଳ ଆଞ୍ଚଳିକ ମଞ୍ଚର ଗୋଷ୍ଠୀ ସହାୟିକା ଜାହାନାରା ବେଗମ୍ ମହିଳାଙ୍କୁ ନେଇ ସୁଭଦ୍ରା ଯୋଜନାର ସଚେତନତା ପାଇଁ ପଦଯାତ୍ରା କରିଥିଲେ।




ତିଗିରିଆରେ ଅନୁଷ୍ଠିତ ସୁଭଦ୍ରା ସଚେତନତା ପଦଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

## 'ସମାଜ ପାଇଁ ନାରୀ ସ୍ୱାସ୍ଥ୍ୟ' ସଚେତନତା ଶିବିର

ସାଲେପୁର,୧୫।୯(ଅରବିନ୍ଦ ଭୂୟାଁ)

ସାଲେପୁରସ୍ଥିତ ଶାସ୍ତ୍ରୀଜୀ କଲ୍ଚୁରାଲ୍ ଆସୋସିଏଶନ୍ ବୋଇଲ ଠାରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜ୍ଞାନପ୍ରଭା ମିଶନ୍ ଭୁବନେଶ୍ୱର ଆନୁକୂଲ୍ୟରେ 'ସମାଜ ପାଇଁ ନାରୀ ସ୍ୱାସ୍ଥ୍ୟ' ନାମରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଡା. ସୁଲଗ୍ନା ମହାନ୍ତି ଏବଂ ଡା. ସୌମ୍ୟରଞ୍ଜନ ମିଶ୍ର ଯଥାକ୍ରମେ ସ୍ତ୍ରୀରୋଗ ଏବଂ କର୍କଟ ରୋଗର ଡାକ୍ତରୀ ଚିକିତ୍ସା ଉପରେ ପରାମର୍ଶ ଦେଇଥିଲେ। ମିଶନ୍‌ର ସମ୍ପାଦିକା ସ୍ୱାମୀ ଶାରଦା ନନ୍ଦ ଗିରି ଏବଂ ସଦସ୍ୟା ମୀନା ମହାନ୍ତି ମହିଳାମାନଙ୍କୁ ସମ୍ବୋଧିତ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ଅରବିନ୍ଦ ରାଉତରାୟ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶାସ୍ତ୍ରୀଜୀ କଲ୍ଚୁରାଲ ଆସୋସିଏଶନ୍‌ର ସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ବିଜୟ ପରିଡ଼ା, ଅକ୍ଷୟ ସ୍ୱାଇଁ, ସରପଞ୍ଚ ମନମୋହନ ସ୍ୱାଇଁ, ସାମାଜିକ କର୍ମୀ କମଳାକାନ୍ତ ନାୟକ, ବୈଷ୍ଣବ ଚରଣ ସ୍ୱାଇଁ, ଧ୍ରୁବ ମହାପାତ୍ର, ଲୋଲୁପ ସ୍ୱାଇଁ, ସୁକାନ୍ତ ମଲ୍ଲିକ ତଥା ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ଶପଥ ଗ୍ରହଣ ସମାରୋହ




ଶ୍ୟାମବାବା ମନ୍ଦିର ପରିସରରେ ଅନୁଷ୍ଠିତ ସମାରୋହରେ ଅଧ୍ୟକ୍ଷ ପବନ କୁମାର ଜାଜୋଡ଼ିଆଙ୍କ ସହ ଅନ୍ୟମାନେ।

କଟକ,୧୫।୯ (କାର୍ତ୍ତିକ ସାହୁ)

ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ କଟକ ଶାଖାର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ଆଲାମଚାନ୍ଦ ବଜାରସ୍ଥିତ ଶ୍ୟାମବାବା ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତାମାନେ କାର୍ଯ୍ୟଭାର ସମ୍ଭାଳିବେ ବୋଲି ଶପଥ ଗ୍ରହଣ ଉତ୍ସବରେ ଅଧ୍ୟକ୍ଷତା କରି ପଦମ ଭାଉସିଙ୍କା କହିଛନ୍ତି। କଟକ ଶାଖା ଅଧ୍ୟକ୍ଷ ଭାବେ ପବନ କୁମାର ଜାଜୋଡ଼ିଆ, ପ୍ରାନ୍ତୀୟ ଅଧ୍ୟକ୍ଷ ଦୀନେଶ ଅଗ୍ରୱାଲ, ପ୍ରାନ୍ତୀୟ ଉପାଧ୍ୟକ୍ଷ ପୁରୁଷୋତ୍ତମ ଅଗ୍ରୱାଲ ଶପଥ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ଅନୁଷ୍ଠାନର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜିତେନ୍ଦ୍ର ଗୁପ୍ତା, ପୂର୍ବତନ ଅଧ୍ୟକ୍ଷ ସୁରେଶ କମାଣିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## 'ବିଶ୍ୱରେ ଶାନ୍ତି ଫେରିଆସୁ'

### ବସୁଧୈବ କୁଟୁମ୍ବକମ୍ ମିଶନର ୧୦୧ତମ ଅଧିବେଶନ

କଟକ,୧୫।୯ (କାର୍ତ୍ତିକ ସାହୁ)



ବସୁଧୈବ କୁଟୁମ୍ବକମ୍ ମିଶନର ୧୦୧ତମ ଅଧିବେଶନ ମଧୁପାଟଣାସ୍ଥିତ ଦି ଲିଙ୍କ୍ ଆଇ ହସ୍ପିଟାଲ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମିଶନର ପ୍ରତିଷ୍ଠାତା ସଭାପତି ଭାଗୀରଥି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଡା. ଉତ୍ତମ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ବାଂଲାଦେଶର ଧାର୍ମିକ ଦଙ୍ଗା ଓ ଇସ୍ରାଏଲ-ପାଲେଷ୍ଟାଇନ ମଧ୍ୟରେ ଚାଲିଥିବା ହିଂସାତ୍ମକ ଯୁଦ୍ଧ ପ୍ରସଙ୍ଗରେ ବକ୍ତାମାନେ ଆଲୋଚନା କରିଥିଲେ। ବାଂଲାଦେଶର ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ଚାଲିଥିବା ବର୍ବର ହିଂସାକାଣ୍ଡ ଓ ଇସ୍ରାଏଲ-ପାଲେଷ୍ଟାଇନ ହିଂସାତ୍ମକ ଯୁଦ୍ଧକୁ ନିନ୍ଦା କରାଯାଇଛି। ସର୍ବଧର୍ମ ସମନ୍ୱୟ ଆଧାରରେ ବିଶ୍ୱ ପ୍ରେମ ଓ ବିଶ୍ୱ ଭ୍ରାତୃତ୍ୱ ଭାବର ମାନବୀୟ ମୂଲ୍ୟବୋଧକୁ ପ୍ରୋତ୍ସାହନ ଦିଆଯାଇ ବିଶ୍ୱରେ ଶାନ୍ତି ଫେରି ଆସୁ ବୋଲି ମତ ପ୍ରକାଶ ପାଇଛି। ବିଭିନ୍ନ ଦେଶରେ କବି ଓ ଲେଖକ ଭାବେ ସମ୍ମାନିତ ହୋଇଥିବା ବ୍ରଜକିଶୋର ଦାଶ ବସୁଧୈବ କୁଟୁମ୍ବକମ୍ ମିଶନର ବିଶ୍ୱପ୍ରେମ ଓ ବିଶ୍ୱ ଭ୍ରାତୃତ୍ୱ ଭାବ, ଶ୍ରେଷ୍ଠ ମାନବୀୟ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା ପାଇଁ ଆହ୍ୱାନ ଦେଇଥିଲେ। ଡ. ବିଦ୍ୟୁତ୍ ପ୍ରଭା ମିଶ୍ର ଧାର୍ମିକ ସଂକୀର୍ଣ୍ଣତାଠାରୁ ଦୂରେଇ ରହି ଆଧ୍ୟାତ୍ମିକ ଭାବଧାରାର ମାନବୀୟ ମୂଲ୍ୟବୋଧରେ ପ୍ରତିଷ୍ଠା ହେବା ପାଇଁ ସମଗ୍ର ବିଶ୍ୱବାସୀଙ୍କୁ ନିବେଦନ କରିଥିଲେ। ଡା. ସେକ୍ ଫଜଲ ଅଲ୍ଲୀ ବିବରଣୀ ପାଠ କରି ମିଶନର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ଉପସଭାପତି ଡା. ଅକ୍ଷୟ କୁମାର ମିଶ୍ର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, କବୟିତ୍ରୀ କୁନଲତା ତ୍ରିପାଠୀ ମନ୍ତ୍ର ପାଠ କରିଥିଲେ। ପ୍ରଫେସର ସୁବାସ ଚନ୍ଦ୍ର ଦ୍ୱିବେଦୀ, ଡ. ସେକ୍ କଲିମୁଲ୍ଲା, ଡ. ଅର୍ଜୁନ କୁମାର ବିଶ୍ୱାଳ, ମହେନ୍ଦ୍ର କୁମାର କାୟସ୍ଥ, ଡା. ସୁଲିପ୍ତ କୁମାର ମହାନ୍ତି, ଆଲୋକ ରଞ୍ଜନ ସାହୁ, ଅଶୋକ କୁମାର ବିଶ୍ୱାଳ, ବାବୁଲିଧର ନାୟକ, ନିର୍ମଳା ସାହୁ, ମାନସ ରଞ୍ଜନ ମାଝି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।




ସୁଭଦ୍ରା ଯୋଜନା ସମ୍ପର୍କରେ ହିତାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କଟକ ଜିଲା ପ୍ରଶାସନ ପକ୍ଷରୁ ରବିବାର ସୁଭଦ୍ରା ସ୍ୱାଗତ ପଦଯାତ୍ରାରେ ସାମିଲ ହୋଇଥିବା ମହିଳା।



କଟକ ସାରଳା ଭବନରେ ୩୫ତମ ଅଲ୍ ଓଡ଼ିଶା କନଫରେନ୍ସ ଅଫ୍ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏଶନର ଦୁଇଦିନିଆ ସମ୍ମିଳନୀର ରବିବାର ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

## ୧୭ରେ ଭୁବନେଶ୍ୱରର ସମସ୍ତ ସ୍କୁଲ, କଲେଜ ଛୁଟି

ଭୁବନେଶ୍ୱର,୧୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶରରେ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ କରିବେ। ରାଜଧାନୀରେ ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ଭୁବନେଶର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜକୁ ସମ୍ପୂର୍ଣ୍ଣ ଛୁଟି ଘୋଷଣା କରାଯାଇଛି। ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସରକାରୀ, ବେସରକାରୀ, ଡିମ୍‌ଡ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଶନିବାର ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଭୁବନେଶ୍ୱରର ସମସ୍ତ ସ୍କୁଲ ଓ କଲେଜକୁ ସମ୍ପୂର୍ଣ୍ଣ ଛୁଟି ଘୋଷଣା କରାଯାଇଥିଲା। ଏଥିସହ ସମସ୍ତ ସରକାରୀ କାର୍ଯ୍ୟାଳୟ, ରାଜସ୍ୱ ଓ ମାଜିଷ୍ଟ୍ରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ପ୍ରଥମାର୍ଦ୍ଧ ଅର୍ଥାତ୍ ଅପରାହ୍ଣ ୨ଟା ଯାଏ ବନ୍ଦ ରହିବ ବୋଲି ସରକାରଙ୍କ ପକ୍ଷରୁ ଛୁଟି ଘୋଷଣା କରାଯାଇଥିଲା।

# ପୂଜା ମଣ୍ଡପରେ ୧୦୮ ମହାଆଳତି

## ଜମୁଛି ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା

ଜଟଣୀ,୧୫।୯(ରବୀନ୍ଦ୍ରନାଥ ମହାକୁଡ଼)


ଗଣେଶଙ୍କ ପାଖରେ ମହାଆଳତି କରାଯାଉଛି।

ପ୍ରସିଦ୍ଧ ଜଟଣୀ ଗଣେଶ ପୂଜାର ରବିବାର ନବମ ଦିବସରେ ବିଭିନ୍ନ ପୂଜା ମଣ୍ଡପରେ ୧୦୮ ମହାଆଳତି ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପୂଜା ମଣ୍ଡପ ଗୁଡ଼ିକରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଘଣ୍ଟ ଘଣ୍ଟା, ଆଳଟ ଚାମର, ହୁଳହୁଳି ଶଙ୍ଖନାଦରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ବିଶେଷ କରି ସିଧେଶ୍ୱର ପୂଜା କମିଟି, ମଧୁସୁଦନ ନଗର, ଫ୍ରେଣ୍ଡସ କ୍ଲବ, ରେତଙ୍ଗ କଲୋନୀ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ୧୦୮ ମହାଆଳତି ଆକର୍ଷଣୀୟ ଥିଲା। ଏଥି ସହିତ ସ୍ଥାନୀୟ ଥାନା ଛକଠାରେ ଜଟଣୀ ୟୁଥ୍ ଫେଡ଼େରେଶନ ପକ୍ଷରୁ ଅଷ୍ଟମ ଯୁବ ସମ୍ମାନ ଉତ୍ସବ ଆୟୋଜନ କରାଯଇଛି। ଉତ୍ସବରେ ଅତିଥିଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିଛି ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ପୋଷ୍ଟ ଅଫିସ ଛକ ବ୍ୟବସାୟୀ ସଂଘ ପୂଜା କମିଟି ଏବଂ ମେଡିକାଲ ଛକ ଓ ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ରଙ୍ଗାରଙ୍ଗ ସଂସ୍କୃତି ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ରାଜ୍ୟ ଏବଂ ଜିଲାସ୍ତରର ବହୁ ନେତା ଏବଂ ବିଶିଷ୍ଟ ବ୍ୟକ୍ତି ଅତିଥି ରୂପେ ଯୋଗ ଦେଇଛନ୍ତି। ମିନାବଜାର, ଯାତ୍ରା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା। ସମସ୍ତ ପୂଜା ମଣ୍ଡପରେ ସନ୍ଧ୍ୟା ଆଳତି ଦେଖିବାକୁ ଦର୍ଶକଙ୍କ ପ୍ରବଳ ଗହଳି ଦେଖାଦେଇଥିଲା। ନାଚ ଗୀତରେ ବିଭିନ୍ନ ମଣ୍ଡପ ଅଞ୍ଚଳ ରାତି ପର୍ଯ୍ୟନ୍ତ କମ୍ପିଥିଲା।

## ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ରବିବାର ଅବସରରେ ଶ୍ରୀମନ୍ଦିରରେ ବାମନ ଜନ୍ମନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ଶେଷ ପରେ ମହାସ୍ନାନ ଏବଂ ସର୍ବାଙ୍ଗ ନୀତି ଅନୁଷ୍ଠିତ ହୋଇଥିଲା। ପୂର୍ବଦିନ ଅଧିବାସ ହୋଇଥିବା ପବିତ୍ରା ଚାଙ୍ଗୁଡ଼ିକୁ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଓ ତିନିଜଣ ପାଳିଆ ପୁଷ୍ପାଳକ ବିଧି ଅନୁସାରେ ପଟୁଆରରେ ଆଣି ଜୟବିଜୟ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ତିନି ଘେରା ବୁଲି ରତ୍ନସିଂହାସନକୁ ବିଜେ କରାଇଥିଲେ। ପବିତ୍ର ଓ ଛଅ ମୂର୍ତ୍ତି ଅଳଙ୍କାର ଶ୍ରୀବିଗ୍ରହଙ୍କୁ ଲାଗିକରାଯାଇଥିଲା।

ପରେ କର୍ପୂର ଲାଗି କରାଯାଇ ବେଶ ଅନୁଷ୍ଠିତ ହୋଇଥିଲା। ଅନ୍ୟ ନୀତି ପରେ ମଧ୍ୟାହ୍ନ ଧୂପ ଉଠିଥିଲା। ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଭିତର ଚନ୍ଦନ ଅର୍ଗଳିରେ ପାଣି ପଡ଼ି ପୋଛା ମରାଯିବା ପରେ ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ମଣ୍ଡଳ ଅଙ୍କନ କରିଥିଲେ। ତିନିବାଡ଼ରେ ବନ୍ଦାପନା ପରେ ପୂଜାପଣ୍ଡା କଳସ ବରୁଣ ପୂଜା ସମ୍ପନ୍ନ ହୋଇଥିଲା। ପତିମହାପାତ୍ର ଓ ମୁଦିରସ୍ତ ଥାଇ ଆଚାର୍ଯ୍ୟ ବରଣ ହୋଇ ଦକ୍ଷିଣ ଘରେ ଭୋଗ ଶେଷ ପରେ ମହାଜନ ସେବକମାନେ କୃଷ୍ଣଙ୍କୁ ହାତରେ ଧରି ଭିତର ସିଂହାସନକୁ ବିଜେ କରିଥିଲେ। ମୁଦିରସ୍ତ ଶ୍ରୀଅଙ୍ଗରେ ଧଣ୍ଡି ପ୍ରସାଦ ଲାଗି କଲା ପରେ ମହାଜନ ସେବକ କୃଷ୍ଣଙ୍କୁ ସର୍ବତ୍ର ଭଦ୍ରମଣ୍ଡଳ ଉପରେ ବିଜେ କରାଇଥିଲେ। ବଣିଆ ନିର୍ମାଣ କରିଥିବା ଏକ କ୍ଷୁଦ୍ରାକୃତି ସୁବର୍ଣ୍ଣ ବାମନ ପ୍ରତିମା ବିଜେ କରାଯାଇଥିଲା। ପ୍ରତିମାଙ୍କୁ ପଞ୍ଚାମୃତରେ ମହାସ୍ନାନ କରି ଶୀତଳ ଭୋଗ କରାଯାଇ ଗର୍ଭ ଉଦକ ନିମନ୍ତେ ପଞ୍ଚ ଉପଚାରରେ ପୂଜା କରାଯାଇଥିଲା। ପରେ ଖଣ୍ଡୁଆ ଘୋଡ଼ାଇ ଜନ୍ମବିଧି ନୀତି ସମ୍ପନ୍ନ ହୋଇଥିଲା। ପୂଜାପଣ୍ଡା କୋରା, କ୍ଷୀର ଓ ଲହୁଣୀ ମଣୋହି ଏବଂ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ।

ମହାଜନେ ଠାକୁରଙ୍କୁ ବିଜେ କରାଇ ଜୟବିଜୟ ଦ୍ୱାର ତଳେ ଠିଆ ହୋଇଥିଲେ। ଏଠାରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ଗୋଟିଏ ବାମନ ମୂର୍ତ୍ତି ପଟି ଦିଆଯାଇଥିଲା। ବଟଦ୍ୱାର ଦେଇ ସୋମନାଥ ମଣ୍ଡପ ବା ମାଜଣା ମଣ୍ଡପରେ ଖଟ ଉପରେ ବିଜେ କରାଯାଇଥିଲା। ଭଣ୍ଡାରଘରୁ ଦୁର୍ଗା ପ୍ରତିମାଙ୍କୁ ପତି ମହାପାତ୍ର ବିଜେ କରାଇ ଆଣି ଓ ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ, ଉକ୍ତ ମଣ୍ଡପ ଖଟ ଉପରେ ଦୁର୍ଗା ପ୍ରତିମା ବିଜେ କରିଥିଲେ । ଏଠାରେ ପୂଜାପଣ୍ଡା ବସୁଧାରା କରିବା ପରେ ଯଜ୍ଞ ପବିତ୍ରା ଦେଇଥିଲେ। ପାଣି ପଡ଼ି ଶୀତଳ ଭୋଗ ପନ୍ତି ହୋଇଥିଲା। କ୍ଷୀର ମଣୋହି କରି ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ପୂଜା କରିଥିଲେ। ପରେ ବନ୍ଦାପନା ଓ ପ୍ରସାଦ ଲାଗି ହୋଇ କୃଷ୍ଣ (ବାମନ) ଦକ୍ଷିଣ ଘରକୁ ଓ ଦୁର୍ଗା ଭଣ୍ଡାର ଘରକୁ ବିଜେ କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢିଥିଲା।

## ବିଦ୍ୟାଳୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



ବୋଲଗଡ଼,୧୫।୯(ଦେବବ୍ରତ ହୋତା)

ବୋଲଗଡ ବ୍ଲକ କଲାଙ୍ଗ ପଞ୍ଚାୟତସ୍ଥ ନାଉପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର 'ମା' ପାଇଁ ଗଛଟିଏ' ଶୀର୍ଷକ ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅରୁଣ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟର କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜୀବ ମଙ୍ଗରାଜ, ମୁଖ୍ୟବକ୍ତା ଭାବେ ବୋଲଗଡ଼ ବ୍ଲକ ସହ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ, ଖୋର୍ଦ୍ଧା ଜିଲା ପ୍ରାଥମିକ ସ୍କୁଲ ସଂଘ ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ବିଦ୍ୟାଳୟ ପରିଚାଳନା କମିଟି ଚେୟାରପର୍ସନ ବିଭୂତି ଭୂଷଣ ପାଇକରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାରାରୋପଣର ଉପକାରିତା ବୁଝାଇବା ସହିତ ଛାତ୍ରୀଛାତ୍ରଙ୍କ ସହିତ ବିଦ୍ୟାଳୟ ପରିସରରେ ଅତିଥିମାନେ ବୃକ୍ଷ ଚାରାରୋପଣ କରିଥିଲେ। ପିଲାମାନେ ବାଡ଼ି ବଗିଚାରେ ପ୍ରତିବର୍ଷ ଗୋଟିଏ ଗଛ ଲଗାଇ ତା'ର ରକ୍ଷଣାବେକ୍ଷଣ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିକ୍ଷକ ଭଗବାନ ବଳିୟାରସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀ ଶୁଭଶ୍ରୀ ଦାସ ଧନ୍ୟବାଦ ଦେଇଥିଲେ।

## ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶୁଭ ୧୩୭ତମ ଆବିର୍ଭାବ ମହୋତ୍ସବ

ବୋଲଗଡ଼,୧୫।୯(ଦେବବ୍ରତ ହୋତା)

ଘୋରଡିଆଠାରେ ଥିବା ବୋଲଗଡ଼ ସତ୍‌ସଙ୍ଗ କେନ୍ଦ୍ର ପରିସରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶୁଭ ୧୩୭ତମ ଆବିର୍ଭାବ ମହାମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୩ ଶହରୁ ଊର୍ଦ୍ଧ୍ୱ ଗୁରୁଭାଇ ଓ ମାଆମାନେ ଯୋଗଦେଇଥିଲେ। ମନ୍ଦିର ମୁଖ୍ୟ ପରିଚାଳକ ବୈକୁଣ୍ଠ ବାରିକ ପ୍ରାରମ୍ଭିକ ଅଭିଭାଷଣରେ ଠାକୁରଙ୍କ ଭାବଧାରା ଆଲୋଚନା କରି 'ଇଷ୍ଟ ଲାଗି କର୍ମ କଲେ, ଅନିଷ୍ଟର ଅବସର ରହେନା' ବୋଲି କହିଥିଲେ। ଓଡ଼ଗାଁରୁ ଆସିଥିବା ସହ ପ୍ରତିରତିକ ପ୍ରଦୀପ କୁମାର ବେହେରା ସତ୍‌ସଙ୍ଗ ପରିଚାଳନା କରିଥିଲେ। ଏଥିରେ ଠାକୁରଙ୍କ ପବିତ୍ର ପାଞ୍ଜାଧାରୀ କର୍ମୀ କୈଳାସ ଚନ୍ଦ୍ର ବରାଳ, ଗୋବିନ୍ଦ ସାହୁ, ରତ୍ନାକର ମହାପାତ୍ର, ବସନ୍ତ ସାହୁ, ନବ କିଶୋର ସାମଲ ଓ କମଳଲୋଚନ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସତ୍‌ସଙ୍ଗ କେନ୍ଦ୍ରର ସ୍ୱସ୍ତି ବାହିନୀ ସୁକାନ୍ତ ଜେନା, ତପନ ବେବର୍ତ୍ତା ପଟ୍ଟନାୟକ ପ୍ରମୁଖ ଯୁବକଙ୍କ ଦ୍ୱାରା ଠାକୁରଙ୍କ ଆସ୍ଥାନ ସାଜସଜ୍ଜା ବେଶ ସୁନ୍ଦର ଓ ମନୋଜ୍ଞ ହୋଇଥିଲା।

ଶେଷରେ ଜୟରାଧେ କୀର୍ତ୍ତନ କରାଯାଇ ସତ୍‌ସଙ୍ଗ ସମାପନ କରାଯାଇଥିଲା। ସେହିପରି ଶନିବାର ପବିତ୍ର ଭାଦ୍ରବ ପରିକ୍ରମାର ୨୯ତମ ଦିବସରେ ୟୁଥ୍ ସତ୍‌ସଙ୍ଗ ସଦସ୍ୟଙ୍କ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ଜିଲା ତଥା ଭୁବେନେଶ୍ୱର ଅଞ୍ଚଳର ବହୁ ଯୁବ ଗୁରୁ ଭାଇମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ବୋଲଗଡ଼ ସତ୍‌ସଙ୍ଗ କେନ୍ଦ୍ରର ଦୀକ୍ଷାପତ୍ରର ଆବହକ ଦେବାଶିଷ ମହାପାତ୍ର ଓ ଅନ୍ୟ ଭାଇମାନେ ଦୀକ୍ଷାପତ୍ର କାଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତି ହୋଇଥିଲା।



## ସରପଞ୍ଚଙ୍କ ୩ ଦଫା ଦାବି ପୂରଣ ପାଇଁ ବିଧାୟକଙ୍କୁ ନିବେଦନ

ବୋଲଗଡ,୧୫।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସରପଞ୍ଚ ସଂଘର ଏକ ବୈଠକ ପିଚୁକୁଳି କଲ୍ୟାଣମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାନେତ୍ରୀ ବାଙ୍କୋଇ ସରପଞ୍ଚ ରଶ୍ମିତା ରାଉତରାୟଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସରପଞ୍ଚ ସଂଘ କୋଷାଧ୍ୟକ୍ଷ କେଦାରେଶ୍ୱର ପୃଷ୍ଟି ଉପସ୍ଥିତ ଥିଲେ। ଏହି ଅବସରରେ ସଂଘ ସମ୍ପାଦକ ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ୍ ସରପଞ୍ଚଙ୍କ ପକ୍ଷରୁ ୩ଟି ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ। ସରପଞ୍ଚଙ୍କୁ ପେନସନ ବ୍ୟବସ୍ଥା, ଅନାସ୍ଥା ପ୍ରସ୍ତାବ ହଟାଇବା ଓ ସରପଞ୍ଚଙ୍କୁ ସ୍ୱତନ୍ତ୍ର ପାଣ୍ଠି ଯୋଗାଇଦେବା ଆଦି ଦାବିଗୁଡ଼ିକୁ ବୋଲଗଡ଼ ବ୍ଲକର ୧୮ଜଣ ସରପଞ୍ଚଙ୍କ ସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇ ବିଧାୟକଙ୍କୁ ବିଧାନସଭାରେ ଏହାକୁ ଉତ୍ଥାପନ କରି ପୂରଣ ପାଇଁ ନିବେଦନ କରାଯାଇଥିଲା। କୋଷାଧ୍ୟକ୍ଷ ବିଜୟ କୁମାର ସେଠି ଧନ୍ୟବାଦ ଦେଇଥିଲେ।

## ମଞ୍ଚରେ ନିଲମ୍ବିତ ନେତା, ବୈଠକରେ ମଙ୍ଗ ଧରିଛନ୍ତି ଏମ୍‌ପି ଅପରାଜିତା


ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ଅନ୍ୟମାନେ।

ବାଲକାଟୀ,୧୫।୯(ମନୋଜ ମଣ୍ଡଳ)

ସଭା ସଞ୍ଚାଳନ ସହ ମଞ୍ଚାସୀନ ଅଛନ୍ତି ଦଳରୁ ନିଲମ୍ବିତ ମାଳ ମାଳ ନେତା, ଆଉ ବୈଠକରେ ମଙ୍ଗ ଧରିଛନ୍ତି ଭାଜପାର ଭୁବନେଶ୍ୱର ଏମ୍‌ପି ଅପରାଜିତା, ଯାହାକୁ ନେଇ ଏବେ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ହେଉଛି। ରବିବାର ବାଲକାଟୀ କଲେଜ ପଡ଼ିଆରେ ଭାଜପା ପକ୍ଷରୁ ଆୟୋଜିତ ବନ୍ଧୁମିଳନ ଓ ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମରେ ଏହା ଦେଖିବାକୁ ମିଳିଥିଲା। ତାହା ଏବେ ଦଳୀୟ ଅନୁଶାସନ ପାଳନକୁ ପଦାରେ ପକାଇଦେଇଛି।

ଅଗଷ୍ଟ ୨୫ରେ ଜୟଦେବ ନିର୍ବାଚନମଣ୍ଡଳୀର ବାଲକାଟୀ ଶ୍ରୀକନ୍‌ଭେନ୍‌ଶନଠାରେ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ପାଇଁ ଏକ ବୈଠକର ଆୟୋଜନ କରାଯାଇଥିଲା। ଏମ୍‌ପି ଅପରାଜିତାଙ୍କୁ ଡକାଯାଇ ନ ଥିବା ଅଭିଯୋଗକରି ତାଙ୍କ ସମର୍ଥକ ପ୍ରଭାରୀ ବିଜୟ ପାଲ ସିଂ ତୋମାରଙ୍କ ଉପସ୍ଥିତିରେ ଆୟୋଜକଙ୍କ ସହ ହାତାହାତି ହୋଇଥିଲା, ଯାହାକୁ ନେଇ ଜୟଦେବରେ ଭାଜପା ୨ ଫାଳ ବୋଲି ପଦାରେ ପଡ଼ିଥିଲା। ଏହି ଘଟଣାକୁ ନେଇ ଦଳ ପକ୍ଷରୁ ସଭାରେ ବିଶୃଙ୍ଖଳା ଘଟାଇଥିବା ଖୋର୍ଦ୍ଧା ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଶିବ ମଲିକ, ଖୋର୍ଦ୍ଧା ଜିଲା କୃଷକ ମୋର୍ଚ୍ଚା ସଭାପତି ତାପସ ଜେନା, ପୂର୍ବତନ ଖୋର୍ଦ୍ଧା ଜିଲା ଭାଜପା ସଭାପତି ନିକୁଞ୍ଜ ପଟ୍ଟନାୟକ, କାର୍ଯ୍ୟକର୍ତ୍ତା ଧନେଶ୍ୱର ବାରିକ୍‌ଙ୍କୁ ଦଳ ପକ୍ଷରୁ ଅଗଷ୍ଟ ୩୧ରେ ନିଲମ୍ବିତ କରାଯାଇଥିଲା। ପରେ ପରେ ସେପ୍ଟେମ୍ବର ୧ରେ ଖୋର୍ଦ୍ଧାଠାରେ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମର ବିରାଟ ଆୟୋଜନ କରାଯାଇଥିଲା। ଟାଉନ୍‌ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏଥିସହ ସଭାରେ ମଞ୍ଚାସୀନ ଥିଲେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ। ସଭା ସଂଯୋଜନା କରିଥିଲେ ନିଲମ୍ବିତ ନିକୁଞ୍ଜ ପଟ୍ଟନାୟକ ଓ ମଞ୍ଚାସୀନ ଥିଲେ ଶିବ ମଲିକ ଓ ତାପସ ଜେନା, ଯାହାକୁ ନେଇ ସଭାସ୍ଥଳରେ ଭାଜପା କର୍ମୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ଦଳରେ ଅନୁଶାସନକୁ ଏମ୍‌ପି ହେୟ ମନେକରୁଥିବା ଚର୍ଚ୍ଚାର ବିଷୟ ପାଲଟିଥିଲା। ସେହି ଘଟଣା ମନରୁ ନ ଯାଉଣୁ ପୁନଶ୍ଚ ରବିବାର ଏହାର ପୁନରାବୃତ୍ତି ବାଲକାଟୀଠାରେ ଆୟୋଜିତ ବନ୍ଧୁମିଳନ ଓ ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମରେ ଦେଖାଯାଇଛି। ଦଳରୁ ନିଲମ୍ବିତ ଶିବ ମଲିକ ସଭାକାର୍ଯ୍ୟ ସଂଯୋଜନା କରୁଥିବାବେଳେ ଏମ୍‌ପି ଅପରାଜିତା ସଭାରେ ମୁଖ୍ୟ ଆକର୍ଷଣ ସାଜିଥିଲେ। ମଞ୍ଚାସୀନ ଥିଲେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ନିଲମ୍ବିତ ନିକୁଞ୍ଜ ପଟ୍ଟନାୟକ ଓ ତାପସ ଜେନା, ଯାହାଙ୍କୁ ନେଇ ସଭାସ୍ଥଳରେ ବେଶ୍ ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ଏଥିସହ ଗତ ସାଧାରଣ ନିର୍ବାଚନରେ ବିଜେଡିରେ ଥାଇ ଭାଜପା ପାଇଁ କଣ୍ଟା ସାଜିଥିବା ବାବି ଚୌଧୁରୀ ମଞ୍ଚରେ ଏମ୍‌ପିଙ୍କ ପାଖରେ ବସିବା ଓ ରବିବାର ବୈଠକ ଆୟୋଜନର ମୁଖ୍ୟ ସାଜିବା ପୁରୁଣା ଭାଜପା କାର୍ଯ୍ୟକର୍ତ୍ତାଙ୍କ ହଜମ ହୋଇପାରିନି। ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ଡ. ଅରବିନ୍ଦ ଢାଲିଙ୍ଗଠାରୁ ଆରମ୍ଭକରି ମାଳମାଳ ପୁରୁଖା ନେତାଙ୍କ ଅନୁପସ୍ଥିତି ଜୟଦେବରେ ଥିବା ଦଳୀୟ କନ୍ଦଳକୁ ପଦାରେ ପକାଇ ଦେଇଛି।

ବୈଠକରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ସଭ୍ୟ ସଂଗ୍ରହ କରାଯିବ ବୋଲି ଦଳ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯିବ ବୋଲି ଜିଲା ଯୁବ ସଭାପତି ପ୍ରଦୀପ ବଡ଼ଜେନା ନିଜ ବକ୍ତବ୍ୟ ରଖିଥିଲେ। ବୈଠକରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା ଭଞ୍ଜଦେଓ, ଅଶୋକ ପଟ୍ଟନାୟକ, ଶଶୀ ଭୂଷଣ ପାତ୍ର, ବିଜୟ ମହାରଣା ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଏହି ବୈଠକରେ ଅନୁପସ୍ଥିତ ଥିବା ଭାଜପା ବିଧାୟକ ପ୍ରାର୍ଥୀ ଡ. ଅରବିନ୍ଦ ଢାଲିଙ୍ଗୁ ପଚାରିବାରେ, ତାଙ୍କର ବ୍ୟକ୍ତିଗତ କାର୍ଯ୍ୟ ଯୋଗୁ ବୈଠକରେ ଅନୁପସ୍ଥିତ ଥିବା କହିଥିଲେ। ଏଥିସହ ଦଳରୁ ନିଲମ୍ବିତ ହୋଇଥିବା ନେତାଙ୍କୁ ମଞ୍ଚରେ ବସାଇ ଦଳୀୟ ଅନୁଶାସନକୁ ଅବମାନନା କରିବା ଦଳପାଇଁ ଶୁଭଙ୍କର ନୁହେଁ ବୋଲି କହିଥିଲେ।

## ବାଇକ୍‌କୁ ଧକ୍କା ଦେଲା ଜିପ୍, ୩ ଗୁରୁତର

ବଲଙ୍ଗା,୧୫।୯(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ହରିପୁର ବଜାରରେ ବାଇକକୁ ଜିପ୍ ଧକ୍କା ଦେବା ଫଳରେ ୩ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତରମାନଙ୍କର ପରିଚୟ ମିଳି ନ ଥିବାବେଳେ ସେମାନଙ୍କୁ ଉଦ୍ଧାର କରାଯାଇ ପିପିଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଖବରପାଇ ବଲଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

## ଶିକ୍ଷାନୁଷ୍ଠାନର ରୌପ୍ୟ ଜୟନ୍ତୀ, ବିଦାୟ ଉତ୍ସବ

ଜଟଣୀ,୧୫।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅଧୀନ ରାମଚନ୍ଦ୍ରପୁର ବଜାରସ୍ଥ ତ୍ରିବେଦୀ କମର୍ଶ ଶିକ୍ଷାନୁଷ୍ଠାନ ପକ୍ଷରୁ ତା'ର ୨୫ତମ ବାର୍ଷିକୋତ୍ସବ ବା ରୌପ୍ୟ ଜୟନ୍ତୀ ଏବଂ ବିଦାୟ ଉତ୍ସବ ରବିବାର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ରେଲ୍‌ୱେ ବିଜେବି ଇନ୍‌ଷ୍ଟିଚ୍ୟୁଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ଅଧ୍ୟକ୍ଷ ରାଜ ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ରୋଟାରୀ କ୍ଲବ ଜଟଣୀ ଏବଂ ରୋଟାରୀ କ୍ଲବ ତୋଷାଳୀ ଭୁବନେଶ୍ୱରର ସଞ୍ଜୀବ ଅଗ୍ରୱାଲ, ରାଜେଶ ଶର୍ମା, ମୁକେଶ କୁମାର, ଅମିତ ଶର୍ମା ଏବଂ ବରୁଣ ପାଢ଼ୀ ପ୍ରମୁଖଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ରୂପେ ଯୋଗ ଦେଇଥିଲେ।

ଦୀର୍ଘ ୨୫ବର୍ଷ ଧରି ଅବିରତ ସମାଜର ଅବହେଳିତ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରି ସମଗ୍ର ଅଞ୍ଚଳରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଏକ ଜାଗୃତି ସୃଷ୍ଟି କରି ଚାଲିଛନ୍ତି। ଶିକ୍ଷାଦାନକୁ ବ୍ରତ କରିଥିବାରୁ ଆମନ୍ତ୍ରିତ ଅତିଥି ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ଆମନ୍ତ୍ରିତ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଏବଂ ଉପହାର ଦେଇ ସମ୍ମାନିତ କରିଥିଲେ।

# ଶିକ୍ଷକ ହିଁ ଶ୍ରେଷ୍ଠ ରାଷ୍ଟ୍ର ନିର୍ମାତା

ବାଲୁଗାଁ,୧୫।୯(ସଂଗ୍ରାମ ପାଇକରାୟ)


ରାଷ୍ଟ୍ର ନିର୍ମାତା ପୁରସ୍କାର ପ୍ରଦାନ ସମାରୋହରେ ପୁରସ୍କୃତ ବ୍ୟକ୍ତିବିଶେଷମାନେ।

## ରୋଟାରୀ କ୍ଲବର ଅଧିଷ୍ଠାନ ଦିବସ

ଚିଲିକା-ବାଲୁଗାଁ ରୋଟାରୀ କ୍ଲବର ନବମ ଅଧିଷ୍ଠାନ ଦିବସ ତଥା ରାଷ୍ଟ୍ର ନିର୍ମାତା ପୁରସ୍କାର ପ୍ରଦାନ ସମାରୋହ ବାଲୁଗାଁ ଦିଗନ୍ତିକା ହୋଟେଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରରେ ଶିକ୍ଷକମାନେ ହିଁ ଶ୍ରେଷ୍ଠ ରାଷ୍ଟ୍ର ନିର୍ମାତା ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥି ଭାବେ ପୂର୍ବତନ ରୋଟାରୀ ଜିଲା ଗଭର୍ଣ୍ଣର ଶିବବ୍ରତ ଦାଶ, ମୁଖ୍ୟବକ୍ତା ଭାବେ ରୋଟାରୀ ଜିଲାର ଆଗାମୀ ଗଭର୍ଣ୍ଣର ମନୋଜ ତ୍ରିପାଠୀ ଯୋଗଦେଇଥିଲେ। ପ୍ରାରମ୍ଭରେ ପୂର୍ବତନ ସଭାପତି ରୋଟାରୀଆନ ଡ. କୈଳାସ ଚନ୍ଦ୍ର ମହାରଣା ଅତିଥିଙ୍କ ସ୍ୱାଗତ କରିବା ପରେ ମା' ଭଗବତୀ କଳା ନିକେତନର ଶିଶୁ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବତନ କ୍ଲବ ସଭାପତି ଅକ୍ଷୟ ମହାପାତ୍ର ଓ ସମ୍ପାଦକ ତ୍ରିଲୋଚନ ବାରିକ୍ ଗତ ରୋଟାରୀ ବର୍ଷର ଉଲ୍ଲେଖନୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପିତ କରିଥିଲେ। ପୂର୍ବତନ ସଭାପତି ଓ ସମ୍ପାଦକ ଚଳିତବର୍ଷର ନୂତନ ରୋଟାରୀ ସଭାପତି ଡ. ମାନସ ମୋହନ ବଳିୟାରସିଂ ଓ ସମ୍ପାଦକ ଗଜେନ୍ଦ୍ର ସେଠିଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନୂତନ ପଦବୀରେ ଆନୁଷ୍ଠାନିକ ଭାବେ ଅଧିଷ୍ଠିତ କରାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ନୂତନ ରୋଟାରାକ୍ଟ ସଭାପତି ଭାବେ ନିବେଦିତା ଜେନା ଓ ସମ୍ପାଦକ ଭାବେ ରିତାଞ୍ଜଳୀ ଜାଲିଙ୍କୁ ମୁଖ୍ୟ ଅତିଥି ଦାୟିତ୍ୱ ପ୍ରଦାନ କରିଥିଲେ।

ମୁଖ୍ୟ ଅତିଥି ଦାଶ ଓ ମୁଖ୍ୟବକ୍ତା ତ୍ରିପାଠୀ ରୋଟାରୀ କ୍ଲବର ଆଭିମୁଖ୍ୟ, ଉଦ୍ଦେଶ୍ୟ ଉଲ୍ଲେଖ କରିବା ସହ ଚଳିତବର୍ଷ ରାଷ୍ଟ୍ର ନିର୍ମାତା ପୁରସ୍କାର ପାଇଁ ଯୋଗ୍ୟତା ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରି କହିଥିଲେ, ଶିକ୍ଷକମାନେ ହେଉଛନ୍ତି ରାଷ୍ଟ୍ରର ଯଥାର୍ଥ ନିର୍ମାତା। ଅତିଥିମାନେ ଚିଲିକା ଓ ବାଣପୁର ବ୍ଲକର ଆଦର୍ଶ ଶିକ୍ଷକ ଭାବେ ଆଲୋକ ପାଟ୍ଟଶାଣୀ, ନିରୋଦ ପ୍ରସାଦ ସାମନ୍ତରାୟ, ସୁରେଶ ଚନ୍ଦ୍ର ସ୍ୱାଇଁ, ଜୟକୃଷ୍ଣ ଜେନା, ଜିତେନ୍ଦ୍ର ମାନସିଂ ଓ ଅମରପ୍ରସାଦ ତରାଇଙ୍କୁ ଚଳିତବର୍ଷର ରାଷ୍ଟ୍ର ନିର୍ମାତା ପୁରସ୍କାର ଓ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସମାରୋହକୁ ପୂର୍ବତନ କ୍ଲବ ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, ସତ୍ୟେନ୍ଦ୍ର ସ୍ୱାଇଁ, ନମିତା ଝା, ନିରଜ ଝା, ଯଦୁମଣି ତରାଇ, ସବିତା ପାତ୍ର, ଭାଗୀରଥି ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଡକ୍ଟର କୈଳାସ ଚନ୍ଦ୍ର ମହାରଣା ମଞ୍ଚ ସଂଯୋଜନା କରିଥିଲେ। ରୋଟାରୀଆନ ଯଦୁମଣି ତରାଇ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଅକ୍ଟୋବର ୧ରେ ମଞ୍ଚସ୍ଥ ହେବ 'ସ୍ୱର୍ଗ ୦ KM'

ଭୁବନେଶ୍ୱର,୧୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ବୋଉ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ଅକ୍ଟୋବର ୧ରେ ବରିଷ୍ଠ ନାଗରିକ ଦିବସ ପାଳନ ହେବ। ଏହି ଅବସରରେ ବୋଉ ବୃନ୍ଦାବନ ନାଟ୍ୟ ସଂସଦ ପକ୍ଷରୁ ନାଟକ 'ସ୍ୱର୍ଗ ୦ KM' ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହେବ। ନାଟ୍ୟକାର ଦିଲୀପ ବଳବନ୍ତରାୟଙ୍କ ରଚନା, ଶିଶୁ ଚମ୍ପତିଙ୍କ ନାଟ୍ୟ ନିର୍ଦ୍ଦେଶନାରେ ଏହି ନାଟକ ପରିବେଷିତ ହେବ। ରବିବାର ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଫାଉଣ୍ଡେଶନର ଅଧ୍ୟକ୍ଷା ସସ୍ମିତା ଦାଶ ଏ ନେଇ ସୂଚନା ଦେଇଥିଲେ।

### ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି, ୪୦ ମେଢ଼ ସାମିଲ

ବାରଙ୍ଗ,୧୫।୯(ଲିଙ୍ଗରାଜ ରାଉତ)

ରବିବାର ବାରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନରେ ହୋଇଥିବା ଗଣେଶ ପୂଜାର ପ୍ରଥମ ପର୍ଯ୍ୟାୟ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଗୋଡ଼ି ସାହି ଫାଣ୍ଡି ଅଧୀନରେ ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଥିବା ୨୨ଟି ମେଢ଼ ଓ ବାରଙ୍ଗ ଥାନା ଅଞ୍ଚଳରେ ୧୮ଟି ମେଢ଼ ଭସାଣିରେ ସାମିଲ ହୋଇଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ଅସ୍ଥାୟୀ ପୁଷ୍କରିଣୀରେ ସମସ୍ତ ମେଢ ବିସର୍ଜନ କରାଯାଇଥିଲା। କମିଶନରେଟ ପୋଲିସର ଡିଜେ ମୁକ୍ତ ରୋଶଣି, ନିଶାମୁକ୍ତ ଭସାଣି ଅଭିଯାନକୁ ସମସ୍ତ ପୂଜା କମିଟିର କର୍ମକର୍ତ୍ତା ମାନିଶାନ୍ତିପୂର୍ଣ୍ଣ ଭାବେ ବାବାଙ୍କୁ ମେଲାଣି ଦେଇଥିଲେ। ପୋଲିସର କଡ଼ା ସୁରକ୍ଷା ମଧ୍ୟରେ ବିଭିନ୍ନ ପୂଜା କମିଟି ପକ୍ଷରୁ ପାରମ୍ପରିକ ବାଦ୍ୟ, ବାଜା, ଘଣ୍ଟ ଏବଂ ସଙ୍କୀର୍ତ୍ତନକୁ ଭସାଣିରେ ସାମିଲ କରାଯାଇଥିବା ଦେଖିବାକୁ ମିଳିଥିଲା। ତେବେ ପୋଲିସ ପକ୍ଷରୁ ଆଉ ୨ଟି ପର୍ଯ୍ୟାୟରେ ଭସାଣି ପାଇଁ ଅନୁମତି ଦିଆଯାଇଥିବା ଜଣାପଡ଼ିଛି।

### ବିପଦରେ ଗୋସମ୍ପଦ

ତ୍ରିଶୂଳିଆ,୧୫।୯(ତୁଷାର ବେହେରା)

ଗୋସମ୍ପଦ ଏବେ ବିପଦରେ। କାହାରି ଘରେ ଆଉ ଗୋମାତାଙ୍କୁ ଦେଖିବାକୁ ମିଳୁନି। ଯିଏ ବି ଗାଈ ରଖିଛନ୍ତି, ସେମାନେ ଘରେ ବା ଗୁହାଳରେ ନ ବାନ୍ଧି ରାସ୍ତା, ବଜାରଘାଟକୁ ଛାଡ଼ି ଦେଉଛନ୍ତି। ଫଳରେ ଗୋ ମାତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ସେମାନେ ରାସ୍ତାରେ ବୁଲୁଥିବାବେଳେ କିମ୍ବା ଶୋଇଥିବାବେଳେ ଭାରିଯାନ ଧକ୍କାରେ ଜୀବନ ଯାଉଛି। ଆଉ କେତେବେଳେ ଗୋ ମାଫିଆମାନେ ଗାଈଙ୍କୁ ଉଠାଇ କଂସେଇଖାନା ନେଇ ଯାଉଛନ୍ତି। ସେପଟେ ଗୋରୁଙ୍କ ଲାଗି ଆଉ ଗୋଚର ଭୂମି ନାହିଁ। ଗୋଚର ଜମିକୁ ମାଫିଆମାନେ ଜବରଦଖଲ କରିସାରିଲେଣି। ସେଠାରେ ବଡ଼ବଡ଼ କୋଠା ନିର୍ମାଣ ହେଲାଣି। ଗାଁ ଦାଣ୍ଡରେ ବି ଆଉ ଗାଈ ବାଛୁରୀଙ୍କ ହମ୍ବାରଡ଼ି କି ସେ ଗାଈଆଳ ଟୋକାର ଡାକ ଆଉ ଶୁଭୁନାହିଁ। ଚାଷରେ ଆଉ ବଳଦ ବ୍ୟବହାର ହେଉ ନ ଥିବାରୁ ଏବେ ସହର ବଜାର ସବୁଠାରେ ଷଣ୍ଢଙ୍କ ରାଜୁତି ବଢ଼ି ଯାଇଛି। ଏପରିକି ଛକ ବଜାରରେ ଷଣ୍ଢ ଲଢ଼େଇ ଧନ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ପରିବେଶ ସନ୍ତୁଳନ ପାଇଁ ସରକାର ବିଭିନ୍ନ ପ୍ରାଣୀଙ୍କ ସୁରକ୍ଷା ଓ ସେମାନଙ୍କ ବଂଶ ବୃଦ୍ଧି କଥା ଚିନ୍ତା କରୁଛନ୍ତି। ଏପରିକି ସେମାନଙ୍କ ନାମରେ ଦିବସ ପାଳନ କରୁଛନ୍ତି। କିନ୍ତୁ ଗୋ ବଂଶ ସୁରକ୍ଷା ଉପରେ ସରକାର ଧ୍ୟାନ ନ ଦେବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ତେଣୁ ଗୋ ବଂଶ ସୁରକ୍ଷା ଓ ସେମାନଙ୍କ ପାଇଁ ଚାରଣ ଭୂଇଁ ସଂରକ୍ଷିତ ପାଇଁ ସାଧାରଣରେ ଦାବି ହୋଇଛି।

### ରାସ୍ତା ପାର୍ଶ୍ୱରୁ ମହିଳାଙ୍କ ମୃତଦେହ ଜବତ

କୋଣାର୍କ,୧୫।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅନ୍ତର୍ଗତ ବନାଖଣ୍ଡି ଛକ ନିକଟ ରାସ୍ତାପାର୍ଶ୍ୱରୁ ରବିବାର ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ବଡ଼ଗୁଣ୍ଡି ଗ୍ରାମର ଝରଣା ମଲ୍ଲ(୩୫)। ଶାଶୁଘର ଲୋକେ ଝରଣାଙ୍କୁ ମାରି ଫୋପାଡ଼ି ଦେଇଥିବା ଝିଅର ବାପା ଥାନାରେ ଅଭିଯୋଗ କରିଛନ୍ତି। କୋଣାର୍କ-ଭୁବନେଶ୍ୱର ମୁଖ୍ୟ ରାସ୍ତା ବନାଖଣ୍ଡି ଛକ ନିକଟ ପେଟ୍ରୋଲ ପମ୍ପ ପାଖରେ ରାସ୍ତା ପାର୍ଶ୍ୱରେ ମହିଳାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକମାନେ ଦେଖିଥିଲେ। କୋଣାର୍କ ପୋଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲା। ମହିଳାଙ୍କ ମୁହଁରେ ରକ୍ତ ଦାଗ ଓ ଧଳା ଗାମୁଛା ଘୋଡ଼ାଯାଇଥିବା ଦେଖିବାକୁ ମିଳିଥିଲା। ପରେ ପରିବାର ଲୋକ ମୃତଦେହକୁ ଚିହ୍ନଟ କରିଥିଲେ। ପୋଲିସ ୧୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ନୂଆଁଖାଇ ସମଗ୍ର ଓଡ଼ିଶାର ଗଣପର୍ବ

ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)



ରାଜମହଲସ୍ଥିତ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ରବିବାର ନୂଆଁଖାଇ ଉତ୍ସବ ଅବସରରେ ଉପସ୍ଥିତ ଅତିଥି।

ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ରବିବାର ନୂଆଁଖାଇ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ କହିଲେ, ଆଦିବାସୀମାନଙ୍କୁ ଉତ୍କଳ ସମ୍ମିଳନୀ ସହିତ ସାମିଲ କଲେ ଓଡିଶାର ସୀମା ସୁରକ୍ଷିତ ହୋଇ ରହିବ। ସମ୍ମାନିତ ଅତିଥି ନରେନ୍ଦ୍ର ମିଶ୍ର କହିଲେ, ନୂଆଁଖାଇ କେବଳ ପଶ୍ଚିମ ଓଡ଼ିଶାର ନୁହେଁ, ସାରା ଓଡିଶାର ଗଣପର୍ବ। ପାଇକ ମହାସଂଘ ରାଜ୍ୟ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ କହିଲେ, ଓଡିଆମାନେ ନିଜର ବୀରତ୍ୱ ପ୍ରଦର୍ଶିତ କରି ପାରିଲେ ଅଣଓଡ଼ିଆମାନେ ଏଠାରେ ରାଜତ୍ୱ କରିବା ପାଇଁ ସୁଯୋଗ ପାଇବେ ନାହିଁ। ମୁଖ୍ୟବକ୍ତା ଭାବେ ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧ୍ୟକ୍ଷ ମିହିର ମେହେର ନୂଆଁଖାଇ ବିଷୟରେ ଆଲୋଚନା କରିଥିବାବେଳେ କର୍ପୋରେଟର ଅମରେଶ ଜେନା ଉତ୍କଳ ସମ୍ମିଳନୀର ପ୍ରଶଂସା କରିଥିଲେ। ସମ୍ମିଳନୀର ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରି ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ଓ କମ୍ ଉପସ୍ଥାନ ପାଇଁ ଓଡିଆ ସ୍କୁଲ ବନ୍ଦ ନ କରିବା ପାଇଁ ଆଦି ଦୁଇଟି ପ୍ରସ୍ତାବ ରଖିଥିଲେ। ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ସଭା ପରିଚାଳନା କରିଥିବାବେଳେ ଉପସଭାପତି ସୁରେନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ବିଚିତ୍ରାନନ୍ଦ ସାହୁ, ଖୋର୍ଦ୍ଧା ଶାଖା ସଭାପତି ଶକ୍ତି ମିଶ୍ର, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ସମ୍ପାଦକ ଶିବ ମହାନ୍ତି, ମଞ୍ଚେଶ୍ୱର ଶାଖା ଉପସଭାପତି ଶୀତଳ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବୈଷୟିକ କ୍ଷେତ୍ରରେ ବିଶ୍ୱେଶ୍ୱରାୟଙ୍କ ଅବଦାନ ଅବିସ୍ମରଣୀୟ




ଇନ୍ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସଠାରେ ଇଞ୍ଜିନିୟର୍ସ ଦିବସ ପାଳନ ଅବସରରେ ମଞ୍ଚାସୀନ ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟ ଅତିଥି।

ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)

**୫୭ତମ ଇଞ୍ଜିନିୟର୍ସ ଦିବସ ପାଳିତ**

ଇନ୍ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସଠାରେ ୫୭ତମ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଲେ, ବୈଷୟିକ କ୍ଷେତ୍ରରେ ଭାରତରତ୍ନ ଏମ୍. ବିଶ୍ୱେଶ୍ୱରାୟଙ୍କ ଅବଦାନ ଅବିସ୍ମରଣୀୟ। ଆଜିର ଯୁବ ଇଞ୍ଜିନିୟରମାନେ ତାଙ୍କ କାର୍ଯ୍ୟଶୈଳୀ, ଉଚ୍ଚାଭିଳାଷ ଓ ଭବିଷ୍ୟତ ଉପଲବ୍ଧତାରେ ଅନୁପ୍ରାଣିତ ହେବା ଆବଶ୍ୟକ। ଏହି ଅବସରରେ ଇନ୍ଷ୍ଟିଚ୍ୟୁଶନ୍ ଅଫ୍ ଇଞ୍ଜିନିୟର୍ସର ବିଭିନ୍ନ ଯାନ୍ତ୍ରିକ ବିଭାଗରେ ପାରଦର୍ଶିତା ଲାଭ କରିଥିବା ବୟୋଜ୍ୟେଷ୍ଠ ଇଞ୍ଜିନିୟରମାନଙ୍କୁ ସେମାନଙ୍କ କାର୍ଯ୍ୟ ଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠାନର ଓଡିଶା ଶାଖା ଅଧ୍ୟକ୍ଷ ପ୍ରଫେସର ଡ. ସୁଧାଂଶୁ ଶେଖର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ଧନୁଶଧାରୀ ମିଶ୍ର ଯୋଗଦେଇ ମତ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ଇଂ. ସଂଗ୍ରାମ କେଶରୀ ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ଇଞ୍ଜିନିୟର, ଶିକ୍ଷାବିତ୍, ଗବେଷକ, ଶିଳ୍ପୋଦ୍ୟୋଗୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସମ୍ପାଦକ ଇଂ. ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଶୈଳବାଳା ସାହିତ୍ୟ ସଂସଦର ବାର୍ଷିକ ସମାରୋହ

ଭୁବନେଶ୍ୱର,୧୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଶୈଳବାଳା ସାହିତ୍ୟ ସଂସଦର ୮ମ ବାର୍ଷିକ ସାରସ୍ୱତ ସମାରୋହ ରବିବାର ୟୁନିଟ-୯ସ୍ଥିତ ରୋଟାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ସଭାପତି ଇଂ. ଗୌରଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଶୈଳବାଳା ସାହିତ୍ୟ ସ୍ମୃତି ସମ୍ମାନ ୨୦୨୪ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ଡ. ପ୍ରସନ୍ନ କୁମାର ପାଢ଼ଶାଣୀ ଯୋଗଦେଇ ଅନୁଷ୍ଠାନକୁ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ସଂଘମିତ୍ରା ମିଶ୍ର ଓ ସମ୍ମାନିତ ବକ୍ତା ଭାବେ ପ୍ରତିଭା ମହାରଥୀ ଉପସ୍ଥିତ ଥିଲେ। ସମ୍ପାଦକ ଦେବାଶିଷ ମହାପାତ୍ର ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ। ସଂସଦର ଉପସଭାପତି ତଥା ଭାଷାବିଜ୍ଞାନୀ ଡ.ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହିତ ସଭା ପରିଚାଳନା କରିଥିଲେ। ଅନୁଷ୍ଠାନର ମୁଖପତ୍ର ଶୈଳଜା ଉନ୍ମୋଚିତ ହୋଇଥିଲା। ଏଥି ସହିତ ସଭାପତି ଇଂ. ଗୌରଚନ୍ଦ୍ର ମହାପାତ୍ରଙ୍କ ଆତ୍ମଜୀବନୀ ପୁସ୍ତକ 'ଜୀବନର ଅନ୍ତରାଳେ', ସ୍ମିତା ରଥଙ୍କ ପୁସ୍ତକ 'ମୋ ବୋଉର ସିନ୍ଦୂର ଫରୁଆ' ଏବଂ ମାନଗୋବିନ୍ଦ ଭଞ୍ଜଙ୍କ ଗଳ୍ପ ପୁସ୍ତକ 'ଉତ୍ତରଦାୟୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଡ. ଅଭୟ କୁମାର ନାୟକ, ଡ. ପୀତବାସ ରାଉତରାୟ, ରେଣୁକା ମିଶ୍ର, ପ୍ରାଧ୍ୟାପକ ଅଜୟ କୁମାର ମହାନ୍ତିଙ୍କ ସମେତ ୧୩ ଜଣ ସାହିତ୍ୟ ସାଧକଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ପରିଚାଳନା ସମ୍ପାଦକ କବି ଗୋଲକ ବିହାରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା ଓ କାର୍ଯ୍ୟକାରୀ ସମ୍ପାଦକ ପୂର୍ଣ୍ଣାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ କବିତାପାଠ ସମ୍ମାନରେ ପଠିତ କବିତାଗୁଡ଼ିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ୩ଜଣ କବିଙ୍କୁ ଆର୍ଥିକ ରାଶି ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଶା ଆଶଙ୍କାରେ ଗଙ୍ଗୁଆ ବ୍ରିଜ୍-କପିଳେଶ୍ୱର ମନ୍ଦିର ରାସ୍ତା ନିର୍ମାଣ

ପୁରୁଣା ଭୁବନେଶ୍ୱର, ୧୫।୯ (ସୁବାସ ଚନ୍ଦ୍ର ପ୍ରଧାନ)

ବହୁ ପ୍ରତୀକ୍ଷିତ ଗଙ୍ଗୁଆ ବ୍ରିଜ୍ଠାରୁ କପିଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପ୍ରସ୍ତାବିତ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଆଶା ଆଶଙ୍କାରେ ରହିଯାଇଛି, ଯାହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୬୦ନଂ. ୱାର୍ଡ ଅଧୀନ ପ୍ରଭୁଶ୍ରୀ କପିଳେଶ୍ୱର ପୀଠକୁ ରାଜ୍ୟ ବାହାର ପର୍ଯ୍ୟଟକଙ୍କ ଆଗମନ ପାଇଁ ଏହି ରାସ୍ତା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୧୧ ଡିସେମ୍ବର ୨୮ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଇତିମଧ୍ୟରେ ୧୩ ବର୍ଷ ବିତି ଯାଇଥିଲେ ହେଁ ଏହି ରାସ୍ତା ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇପାରିନାହିଁ। ସେହିଭଳି ରାସ୍ତା ପାଇଁ ଗଙ୍ଗୁଆ ନଦୀରେ ସେତୁ ନିର୍ମାଣ ସ୍ଥାନ ଚିହ୍ନଟ, ମୃତ୍ତିକା ପରୀକ୍ଷଣ କାମ ଶେଷ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଟେଣ୍ଡର ନ ହେବା ସମସ୍ତଙ୍କୁ ଚକିତ କରିଛି। ଏହି ପ୍ରକଳ୍ପ ପାଇଁ ୫୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ବର୍ଷ ବର୍ଷ ଧରି ଜମି ଅଧିଗ୍ରହଣରେ ମନ୍ଥରତା ଏବଂ ରାସ୍ତା କାର୍ଯ୍ୟ ନିର୍ମାଣରେ ବିଳମ୍ବ ନେଇ ସ୍ଥାନୀୟ କର୍ପୋରେଟର ଜୁଲାଇ ୫ରେ ଏକାମ୍ର ବିଧାୟକଙ୍କୁ ଏକ ଦାବି ପତ୍ର ଦେଇଥିଲେ ମଧ୍ୟ ତ୍ୱରିତ ପଦକ୍ଷେପ ନ ନିଆଯାଇଥିବାରୁ କର୍ପୋରେଟର ଚନ୍ଦ୍ରଶେଖର ମଲିଆ ଗତ ଅଗଷ୍ଟ ୧୬ରେ ମୁଖ୍ୟମନ୍ତ୍ରୀ ଏବଂ ପୂର୍ତ୍ତମନ୍ତ୍ରୀଙ୍କୁ ଚିଠି କରିଥିବା କହିଛନ୍ତି। ଏନେଇ ସ୍ଥାନୀୟ ବିଧାୟକ ବାବୁ ସିଂଙ୍କୁ ପଚାରିବାରେ, ଏନେଇ କୌଣସି ଅଭିଯୋଗ ସେ ପାଇନାହାନ୍ତି। ଅନ୍ୟପଟେ ଏତେ ବର୍ଷ ପୂର୍ବ ଜନପ୍ରତିନିଧି ନିଜେ ଅଭିଯୋଗକାରୀ କର୍ପୋରେଟର ସରକାରରେ ଥାଇ ଜମି ଅଧିଗ୍ରହଣ ନ କରି, ଟେଣ୍ଡର ନ ହୋଇ କିଭଳି ଭିତ୍ତିପ୍ରସ୍ତର ସ୍ଥାପନ କଲେ ଏହା ଏକ ହାସ୍ୟାସ୍ପଦ କଥା। ତେବେ ଲୋକଙ୍କ ସ୍ୱାର୍ଥ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ।

# ମଣିପାଲ୍ ହସ୍ପିଟାଲରେ ବୋନ୍ କ୍ୟାନ୍ସର ଚିକିତ୍ସା

ଭୁବନେଶ୍ୱର,୧୫।୯




**ପରାମର୍ଶ ଦେବେ ଅର୍ଥୋପେଡିକ୍ ଅଙ୍କୋଲଜିଷ୍ଟ ଡା. ଶ୍ରୀମନ୍ତ ବି.ଏସ୍.**

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ୍ ହସ୍ପିଟାଲରେ ବୋନ୍ କ୍ୟାନ୍ସର (ଅସ୍ଥିଶଲ୍ୟ କର୍କଟ) ରୋଗର ଚିକିତ୍ସା ଆସନ୍ତା ୧୯ ତାରିଖରୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହେବ। ଦେଶର ବରିଷ୍ଠ ଅର୍ଥୋପେଡିକ୍ ଅଙ୍କୋଲଜିଷ୍ଟ ଡା. ଶ୍ରୀମନ୍ତ ବି.ଏସ୍. ଉକ୍ତ ଦିନ ସକାଳ ୧୧ ଘଣ୍ଟିକାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅସ୍ଥିଶଲ୍ୟ କର୍କଟ ରୋଗୀଙ୍କୁ ଆବଶ୍ୟକ ପରାମର୍ଶ ଦେବେ। ଏପରିକି ଡା. ଶ୍ରୀମନ୍ତ ବର୍ତ୍ତମାନ ବେଙ୍ଗାଲୁରୁ ପୁରୁଣା ଏୟାରପୋର୍ଟ ରୋଡସ୍ଥିତ ମଣିପାଲ ହସ୍ପିଟାଲଠାରେ କାର୍ଯ୍ୟରତ ଅଛନ୍ତି।

ଉଲ୍ଲେଖଯୋଗ୍ୟ, ଚଳିତ ମାସଠାରୁ ସେ ପ୍ରତି ମାସରେ ଥରେ ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱର ଆସିବେ ବୋଲି ହସ୍ପିଟାଲ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ବୋନ୍ କ୍ୟାନସର ଚିକିତ୍ସା ପାଇଁ ଓଡ଼ିଶାର ରୋଗୀଙ୍କୁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ଏ ସମ୍ପର୍କରେ ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର କହିଛନ୍ତି, ଆମେ ବର୍ତ୍ତମାନ କ୍ୟାନସରର ସଫଳ ଚିକିତ୍ସା ପାଇଁ ଅଧିକ ଯତ୍ନବାନ ହୋଇଛୁ। ଏପରିକି ଡା. ଶ୍ରୀମନ୍ତ ବି.ଏସ୍.ଙ୍କ ଭଳି ଅଭିଜ୍ଞ ଅର୍ଥୋପେଡିକ୍ ଅଙ୍କୋଲଜିଷ୍ଟ ପ୍ରତି ମାସରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଆସିବା ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଥିଲାବେଳେ ରାଜ୍ୟର ଅନେକ ରୋଗୀ ଏହାର ସୁଫଳ ନେଇ ପାରିବେ। ଆଗାମୀ ଦିନରେ ମଧ୍ୟ ଅନ୍ୟାନ୍ୟ ବିଭାଗର ଅଭିଜ୍ଞ ଡାକ୍ତରମାନେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଆସିବାର ଯୋଜନା ରହିଛି।

ଅପରପକ୍ଷରେ ବିଭିନ୍ନ ପ୍ରକାର ବୋନ୍ କ୍ୟାନସରର ଲକ୍ଷଣ ଯଥା ଦୀର୍ଘଦିନ ଧରି ହାଡ଼ରେ ଯନ୍ତ୍ରଣା ହେବା, ଗଣ୍ଠିଫୁଲିବା, ହାଡ ବଢ଼ିବା କିମ୍ବା ସମାନ୍ୟ ଆଘାତରେ ହାଡ଼ ଭାଙ୍ଗିଯିବା ଭଳି ଲକ୍ଷଣ ଦେଖାଦେଇଥାଏ। ତେବେ ଆଉ ଡେରି ନ କରି ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱରଠାରେ ଡା. ଶ୍ରୀମନ୍ତ ବି.ଏସ୍.ଙ୍କ ସହିତ ପରାମର୍ଶ କରିପାରିବେ। ସେହିପରି ପ୍ରାରମ୍ଭିକ ଷ୍ଟେଜ୍‌ରେ ବୋନ୍ ଟ୍ୟୁମର ପାଇଁ ମଣିମାଲ୍ ଇନ୍‌ଭେସିପ ପଦ୍ଧତିରେ ସର୍ଜରି, ହାଡ଼ କିମ୍ବା ଟିସୁରେ କ୍ୟାନସର ହୋଇଥିଲେ ଅଙ୍ଗକୁ ରକ୍ଷା କରି ତାର ସର୍ଜରି, ପିଲାଙ୍କ ଅଙ୍ଗକୁ ରକ୍ଷା ସର୍ଜରୀ, ଟିମ୍ୟୁର ମେଗାପ୍ରୋଥେସିସ୍ ପୁନର୍ଗଠନ ଏବଂ ଆଭ୍ୟନ୍ତରୀଣ ହେମିପେଲଭେକ୍ଟୋମି ଓ ସାକ୍ରେକ୍ଟୋମି ଇତ୍ୟାଦି ଚିକିତ୍ସା କରିବାରେ ଡା. ଶ୍ରୀମନ୍ତ ବି.ଏସ୍.ଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ଏପରିକି ଜଣେ ଅର୍ଥୋପେଡିକ୍ ଅଙ୍କୋଲଜିଷ୍ଟ ଭାବେ ଡା. ଶ୍ରୀମନ୍ତ ବି.ଏସ୍. ସାରା ଭାରତରେ ବେଶ୍ ସୁପରିଚିତ ଥିଲାବେଳେ ଦେଶ ବିଦେଶର ଅନେକ ପ୍ରତିଷ୍ଠିତ ମେଡିକାଲ ଯଥା ଶ୍ରୀ ଦେବରାଜ ମେଡିକାଲ କଲେଜ, ଏମ୍ ଏସ୍ ରାମିହା ମେଡିକାଲ କଲେଜ, ସାଉଥ୍ କୋରିଆର ସେଉଲ ନ୍ୟାଶଲାନ୍ ୟୁନିର୍ଭର୍ସିଟି, ଇଟାଲୀର ରିଜେଇ ଅର୍ଥୋପେଡିକ୍ ଇନ୍ଷ୍ଟିଚ୍ୟୁଟ୍ ଏବଂ ମୁମ୍ବାଇ ଟାଟା ମେମୋରିଆଲ କ୍ୟାନସର ହସ୍ପିଟାଲରେ କାର୍ଯ୍ୟ କରିବାର ଅଭିଜ୍ଞତା ତାଙ୍କ ପାଖରେ ରହିଛି।

# ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

## ଭିଏସ୍ଏସ୍ ନଗର ଦୁର୍ଗାପୂଜା ସମିତି



ଭୁବନେଶ୍ୱର, ୧୫।୯(ବନ୍ଦନା ସେଠୀ)

ସୁନିଆଁ ତିଥିରେ ରବିବାର ଭିଏସ୍ଏସ୍ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମାଟି ଅନୁକୂଳ ହୋଇଯାଇଛି। ସମିତି କର୍ମକର୍ତ୍ତା ଦୁର୍ଗାପୂଜା ମଣ୍ଡପରୁ ପଦଯାତ୍ରାରେ ବାହାରି କୁଆଖାଇ ନଦୀକୂଳରେ ପହଞ୍ଚିବା ପରେ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇ ମାଟି ଉଠାଯାଇଥିଲା। ଏହି ପରମ୍ପରା ଗତ ୪୬ ବର୍ଷ ହେଲା ଚାଲି ଆସୁଥିବା ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଦୁର୍ଗାପୂଜା ସମିତିର ଉପଦେଷ୍ଟା ଶିବ ପ୍ରସାଦ ମିଶ୍ର, ଆର୍ତ୍ତତ୍ରାଣ ଦଳାଇ, ଉପ-ସଭାପତି ନିମାଇଁ ଦାସ, ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦ, କୋଷାଧ୍ୟକ୍ଷ ଭ୍ରମରବର ସାହୁ, ଯୁଗ୍ମ-ସମ୍ପାଦକ ଧରଣୀଧର ରାଉତ, କାର୍ଯ୍ୟନିର୍ବାହୀ ସମିତିସଦସ୍ୟ ଦିଲୀପ ଦାଶଶର୍ମା, ଶୀତଳ ଚନ୍ଦ୍ର ମହାନ୍ତି, ଦାମୋଦର ଶତପଥୀ ପ୍ରମୁଖ ଶଙ୍ଖ, ଘଣ୍ଟ ଘଣ୍ଟା ସହିତ ବାଜା ବଜାଇ ଶୋଭାଯାତ୍ରା କରି ମାଟି ଅନୁକୂଳ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ଦାରୁଠେଙ୍ଗର କଳିଙ୍ଗ ଦୁର୍ଗାପୂଜା କମିଟି




ବାରଙ୍ଗ,୧୫।୯(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗର କଳିଙ୍ଗ ଦୁର୍ଗାପୂଜା କମିଟି ଚଳିତବର୍ଷ ଦ୍ୱିତୀୟ ଥର ପାଇଁ ଦୁର୍ଗାପୂଜା ପାଳନ କରିବାକୁ ଯାଉଛି। ଏହି ଉପଲକ୍ଷେ ରବିବାର ମାଟି ଅନୁକୂଳ କରାଯାଇଛି। ନିକଟତମ ବୁଢୁନଈ କୂଳେ ପୂଜକ ମନୋଜ କୁମାର ଆଚାର୍ଯ୍ୟ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ସନ୍ତୋଷ ହରିଚନ୍ଦନ ଓ ଅନୁଷ୍ଠାନ କର୍ମକର୍ତ୍ତାମାନେ ମାଟି ସଂଗ୍ରହ କରିଥିଲେ। ବାଜା, ବାଣର ଏକ ବିରାଟ ରୋଶଣିରେ ମାଟିକୁ ପୂଜା ସ୍ଥଳକୁ ଅଣାଯାଇଥିଲା। ଚଳିତବର୍ଷ ଦୁର୍ଗାପୂଜାରେ ୭୫ ଫୁଟ ଉଚ୍ଚର ରାଜମହଲ ତୋରଣ, ୫୭ ଫୁଟର ରାବଣ, ଅଷ୍ଟମୀଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ମିନା ବଜାର, ଦୋଳି, ବିଭିନ୍ନ ପ୍ରକାରର ଖାଦ୍ୟ ଷ୍ଟଲ ପଡ଼ିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ପଳାଶୁଣୀ ଦୁର୍ଗାପୂଜା ସମିତି



ବାଲିଅନ୍ତା,୧୫।୯(ନୀଳମାଧବ ସାହୁ)

ଶାରଦୀୟ ଦୁର୍ଗାପୂଜା ପାଇଁ ଭୁବନେଶ୍ୱରର ପଳାଶୁଣୀ ଦୁର୍ଗାପୂଜା ସମିତି ପକ୍ଷରୁ ରବିବାର କୁଆଖାଇ ନଦୀରୁ ମାଟି ଅନୁକୂଳ କରାଯାଇଛି। ସମିତି ପକ୍ଷରୁ ଚଳିତବର୍ଷ ୪୦ତମ ଦୁର୍ଗାପୂଜା ଆୟୋଜନ କରାଯାଉଛି। ମାଟି ଅନୁକୂଳ ପାଇଁ କୁଆଖାଇ ନଦୀ କୂଳରେ ବୈଦିକ ରୀତିନୀତି ଅନୁଯାୟୀ ହୋମଯଜ୍ଞ ଓ ପୂଜାର୍ଚ୍ଚନା କରାଯାଇଥିଲା। ମା' ଖଣ୍ଡେଶ୍ୱରୀଙ୍କ ପୀଠରୁ ଆଜ୍ଞାମାଳ ଆଣି ଘଣ୍ଟଘଣ୍ଟା, ପାରମ୍ପରିକ ବାଦ୍ୟ, ବାଣ ଆଦି ଶୋଭାଯାତ୍ରାରେ ସମିତିର କର୍ମକର୍ତ୍ତା ଓ ସମସ୍ତ ସଦସ୍ୟ ନଦୀ କୂଳରେ ଏକତ୍ରିତ ହୋଇଥିଲେ। ଦୀର୍ଘ ୨ ଘଣ୍ଟା ଧରି ଯଥାବିଧି ପୂଜାର୍ଚ୍ଚନା ପରେ ଶୁଭ ମାଟିକୁ ଅନୁକୂଳ କରାଯାଇଥିଲା। ପରେ ସମିତି କର୍ମକର୍ତ୍ତା ପୂଜା ମାଟିକୁ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ନେଇଥିଲେ। କାର୍ଯ୍ୟକ୍ରମରେ ସମିତି ସଭାପତି ପ୍ରଭାତ ପରିଡ଼ା, ସମ୍ପାଦକ ଅଶୋକ ସାହୁ, ରମେଶ ସାହୁ, ଭଗବାନ ପ୍ରଧାନ, ସ୍ମରଣ ଲେଙ୍କା, ସିଲୁ ଲେଙ୍କା, ମୃତ୍ୟୁଞ୍ଜୟ ସାହୁ, ରାଜା ଲେଙ୍କା, ରାକା ଜେନା, କାଳିଆ ଲେଙ୍କା, ଅକ୍ଷୟ ସାହୁ ଓ ବେଣୁଧର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ପାଣ୍ଡରା ଦୁର୍ଗାପୂଜା ସମିତି



ବାଲିଅନ୍ତା,୧୫।୯(ନୀଳମାଧବ ସାହୁ)

ଭୁବନେଶ୍ୱର ମହାନଗର ନିଗମର ୧୮ନଂ. ୱାର୍ଡର ପାଣ୍ଡରା ଦୁର୍ଗାପୂଜା ସମିତି ପକ୍ଷରୁ ଚଳିତବର୍ଷ ୧୬ତମ ଶାରଦୀୟ ଦୁର୍ଗାପୂଜା ପାଇଁ ରବିବାର କୁଆଖାଇ ନଦୀରୁ ମାଟି ଅନୁକୂଳ କରାଯାଇଛି। ଘଣ୍ଟ ଘଣ୍ଟା, ମୃଦଙ୍ଗ, ବାଣ ଆଦି ଶୋଭାଯାତ୍ରା କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ପାଣ୍ଡରା ହାଇଟେକ ଇଞ୍ଜିନିୟରିଂ କଲେଜ ସମ୍ମୁଖ କୁଆଖାଇ ନଦୀରେ ପହଞ୍ଚିଥିଲେ। ନଦୀକୂଳରୁ ସଂଗୃହିତ ମାଟିକୁ ବିଧି ପୂର୍ବକ ହୋମଯଜ୍ଞ ଓ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଅନୁକୂଳ ମାଟିକୁ ଶୋଭାଯାତ୍ରାରେ ସଂକୀର୍ତ୍ତନ କରାଯାଇ ପୂଜା ମଣ୍ଡପକୁ ନିଆଯାଇଥିଲା। ଏହି ଉତ୍ସବରେ ସମିତି ସଭାପତି ପ୍ରଫୁଲ୍ଲ ପ୍ରଧାନ, ବିନୋଦ ସାହୁ, ସତ୍ୟନାରାୟଣ ମହାରଣା, ବିଷ୍ଣୁ ଚରଣ ଦାସ, ନୃସିଂହ ବେହେରା ଓ ମୁନା ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ପୂଜାରେ କର୍ତ୍ତା ରୂପେ ଲିଙ୍ଗରାଜ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ।



ଶ୍ରୀକ୍ଷେତ୍ରରେ ବିଶ୍ୱ ସାଧୁସନ୍ଥ ମହାସମ୍ମିଳନୀ: ରବିବାର ସାଧୁସନ୍ଥମାନେ ସମ୍ମିଳନୀ ସ୍ଥଳକୁ ଯାଉଛନ୍ତି ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।



ଉପସ୍ଥିତ ମହିଳା ସାଧୁସନ୍ଥ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ବାଇକ୍‌କୁ ଧକ୍କା ଦେଲା ଜିପ୍, ୩ ଗୁରୁତର

ବଲଙ୍ଗା,୧୫।୯(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ହରିପୁର ବଜାରରେ ବାଇକକୁ ଜିପ୍ ଧକ୍କା ଦେବା ଫଳରେ ୩ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତରମାନଙ୍କର ପରିଚୟ ମିଳି ନ ଥିବାବେଳେ ସେମାନଙ୍କୁ ଉଦ୍ଧାର କରାଯାଇ ପିପିଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଖବରପାଇ ବଲଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ ରବିବାର ଅପରାହ୍ନରେ ହରିପୁର ବଜାରରେ ୨ଜଣ ଯୁବକ ବାଇକରେ ବସି କଥାବାର୍ତ୍ତା ହେଉଥିବାବେଳେ ନିମାପଡ଼ା ପଟୁ ଦ୍ରୁତଗତିରେ ଆସୁଥିବା ଜିପ୍ ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକରେ ବସିଥିବା ଯୁବକ ୨ଜଣ ରାସ୍ତା ପାଖକୁ ଛିଟିକି ପଡ଼ିଥିବା ବେଳେ ଜିପଟି ରାସ୍ତାପାର୍ଶ୍ୱରେ ଥିବା ସିମେଣ୍ଟ ପିଣ୍ଡିକୁ ଧକ୍କା ଦେଇ ଗଛ ମୂଳରେ ପିଟି ହୋଇଯାଇଥିଲା। ଫଳରେ ଜିପ୍ ଚାଳକ ଗୁରୁତର ହୋଇଛନ୍ତି।

### ସିଂହଦ୍ୱାର ପର୍ଯ୍ୟନ୍ତ ଗାଡ଼ି ଛଡ଼ାଯିବାକୁ ଦାବି

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ମାର୍କେଟ ଛକରେ ତିନିଚକିଆ ଓ ଚାରିଚକିଆ ଯାନବାହନ ନ ଅଟକାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ପର୍ଯ୍ୟନ୍ତ ଛଡ଼ାଯାଉ ବୋଲି ନିବେଦନ କରି ସାମାଜିକ କର୍ମୀ ଦିଲୀପ ବରାଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ଦାବିପତ୍ରରେ ଦର୍ଶାଇଛନ୍ତି, ୨୦୨୨ ମସିହାଠାରୁ ବଡ଼ଦାଣ୍ଡକୁ ଜାତୀୟ ରାଜପଥ ମାନ୍ୟତା ମିଳିଛି। ଏନ୍‌ଏଚ୍ ଭୁବନେଶ୍ୱର ପକ୍ଷରୁ ମାର୍କେଟଛକଠାରେ ତିନିଚକିଆ ଓ ଚାରିଚକିଆ ଗାଡ଼ି ରୋକିବା ନିମନ୍ତେ କୌଣସି ଲିଖିତ ଚିଠି କରାଯାଇନାହିଁ। ଅପରପକ୍ଷରେ ଜନସାଧାରଣ ଭଲ ଭାବେ ଯାତାୟାତ ନିମନ୍ତେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରୁ ଉଠାଦୋକାନୀଙ୍କୁ ହଟାଯାଇଛି। ତେବେ ମାର୍କେଟଛକଠାରେ ଯାତ୍ରୀମାନେ ଆସୁଥିବା ତିନିଚକିଆ ଓ ଚାରିଚକିଆ ଯାନକୁ ଅଟକାଯାଇ ଅଯଥାରେ ହଇରାଣ କରାଯାଉଛି। ଘଟଣାକୁ ଅନୁଧ୍ୟାନ କରି ସମସ୍ତ ତିନିଚକିଆ ଓ ଚାରିଚକିଆ ଯାନକୁ ସିଂହଦ୍ୱାର ସମ୍ମୁଖ ପର୍ଯ୍ୟନ୍ତ ଯିବା ନିମନ୍ତେ ଅନୁମତି ଦିଆଯିବା ଉଚିତ।

# ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ରବିବାର ଅବସରରେ ଶ୍ରୀମନ୍ଦିରରେ ବାମନ ଜନ୍ମନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ଶେଷ ପରେ ମହାସ୍ନାନ ଏବଂ ସର୍ବାଙ୍ଗ ନୀତି ଅନୁଷ୍ଠିତ ହୋଇଥିଲା। ପୂର୍ବଦିନ ଅଧିବାସ ହୋଇଥିବା ପବିତ୍ରା ଚାଙ୍ଗୁଡ଼ିକୁ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଓ ତିନିଜଣ ପାଳିଆ ପୁଷ୍ପାଳକ ବିଧି ଅନୁସାରେ ପଟୁଆରରେ ଆଣି ଜୟବିଜୟ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ତିନି ଘେରା ବୁଲି ରତ୍ନସିଂହାସନକୁ ବିଜେ କରାଇଥିଲେ। ପବିତ୍ର ଓ ଛଅ ମୂର୍ତ୍ତି ଅଳଙ୍କାର ଶ୍ରୀବିଗ୍ରହଙ୍କୁ ଲାଗିକରାଯାଇଥିଲା। ପରେ କର୍ପୂର ଲାଗି କରାଯାଇ ବେଶ ଅନୁଷ୍ଠିତ ହୋଇଥିଲା। ଅନ୍ୟ ନୀତି ପରେ ମଧ୍ୟାହ୍ନ ଧୂପ ଉଠିଥିଲା। ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଭିତର ଚନ୍ଦନ ଅର୍ଗଳିରେ ପାଣି ପଡ଼ି ପୋଛା ମରାଯିବା ପରେ ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ମଣ୍ଡଳ ଅଙ୍କନ କରିଥିଲେ। ତିନିବାଡ଼ରେ ବନ୍ଦାପନା ପରେ ପୂଜାପଣ୍ଡା କଳସ ବରୁଣ ପୂଜା ସମ୍ପନ୍ନ ହୋଇଥିଲା। ପତିମହାପାତ୍ର ଓ ମୁଦିରସ୍ତ ଥାଇ ଆଚାର୍ଯ୍ୟ ବରଣ ହୋଇ ଦକ୍ଷିଣ ଘରେ ଭୋଗ ଶେଷ ପରେ ମହାଜନ ସେବକମାନେ କୃଷ୍ଣଙ୍କୁ ହାତରେ ଧରି ଭିତର ସିଂହାସନକୁ ବିଜେ କରିଥିଲେ। ମୁଦିରସ୍ତ ଶ୍ରୀଅଙ୍ଗରେ ଧଣ୍ଡି ପ୍ରସାଦ ଲାଗି କଲା ପରେ ମହାଜନ ସେବକ କୃଷ୍ଣଙ୍କୁ ସର୍ବତ୍ର ଭଦ୍ରମଣ୍ଡଳ ଉପରେ ବିଜେ କରାଇଥିଲେ। ବଣିଆ ନିର୍ମାଣ କରିଥିବା ଏକ କ୍ଷୁଦ୍ରାକୃତି ସୁବର୍ଣ୍ଣ ବାମନ ପ୍ରତିମା ବିଜେ କରାଯାଇଥିଲା। ପ୍ରତିମାଙ୍କୁ ପଞ୍ଚାମୃତରେ ମହାସ୍ନାନ କରି ଶୀତଳ ଭୋଗ କରାଯାଇ ଗର୍ଭ ଉଦକ ନିମନ୍ତେ ପଞ୍ଚ ଉପଚାରରେ ପୂଜା କରାଯାଇଥିଲା। ପରେ ଖଣ୍ଟୁଆ ଘୋଡ଼ାଇ ଜନ୍ମବିଧି ନୀତି ସମ୍ପନ୍ନ ହୋଇଥିଲା। ପୂଜାପଣ୍ଡା କୋରା, କ୍ଷୀର ଓ ଲହୁଣୀ ମଣୋହି ଏବଂ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ମହାଜନେ ଠାକୁରଙ୍କୁ ବିଜେ କରାଇ ଜୟବିଜୟ ଦ୍ୱାର ତଳେ ଠିଆ ହୋଇଥିଲେ। ଏଠାରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ଗୋଟିଏ ବାମନ ମୂର୍ତ୍ତି ପଟି ଦିଆଯାଇଥିଲା। ବଟଦ୍ୱାର ଦେଇ ସୋମନାଥ ମଣ୍ଡପ ବା ମାଜଣା ମଣ୍ଡପରେ ଖଟ ଉପରେ ବିଜେ କରାଯାଇଥିଲା। ଭଣ୍ଡାରଘରୁ ଦୁର୍ଗା ପ୍ରତିମାଙ୍କୁ ପତି ମହାପାତ୍ର ବିଜେ କରାଇ ଆଣି ଓ ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ, ଉକ୍ତ ମଣ୍ଡପ ଖଟ ଉପରେ ଦୁର୍ଗା ପ୍ରତିମା ବିଜେ କରିଥିଲେ । ଏଠାରେ ପୂଜାପଣ୍ଡା ବସୁଧାରା କରିବା ପରେ ଯଜ୍ଞ ପବିତ୍ରା ଦେଇଥିଲେ। ପାଣି ପଡ଼ି ଶୀତଳ ଭୋଗ ପନ୍ତି ହୋଇଥିଲା। କ୍ଷୀର ମଣୋହି କରି ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ପୂଜା କରିଥିଲେ। ପରେ ବନ୍ଦାପନା ଓ ପ୍ରସାଦ ଲାଗି ହୋଇ କୃଷ୍ଣ (ବାମନ) ଦକ୍ଷିଣ ଘରକୁ ଓ ଦୁର୍ଗା ଭଣ୍ଡାର ଘରକୁ ବିଜେ କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢିଥିଲା।

## ଆଧ୍ୟାତ୍ମିକ କ୍ଷେତ୍ରରେ ବିଶ୍ୱଗୁରୁ ହେବ ଭାରତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

### ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ

ଗୋପ,୧୫।୯(ଭାରତୀ ଭୂଷଣ ଉପାଧ୍ୟାୟ)

କୁସୁପୁର ରାମେଶ୍ୱର ମନ୍ଦିର ପରିସରରେ ରବିବାର ବିଶ୍ୱଭ୍ରାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିବେକାନନ୍ଦ କେନ୍ଦ୍ରର ମୁଖ୍ୟ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ଯୋଗଦେଇ କହିଛନ୍ତି, ଆଧ୍ୟାତ୍ମିକ କ୍ଷେତ୍ରରେ ଭାରତ ବିଶ୍ୱଗୁରୁ ହେବ ବୋଲି ସୂଚନା ଦେଇଥିଲେ। ଗୋପ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ତଥା ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ସନ୍ତୋଷ କୁମାର ମହାନ୍ତି, ଡ. ବାସୁଦେବ ଛାଟୋଇ, କ୍ଷୀରୋଦ ଚନ୍ଦ୍ର ରାୟ ମହାପାତ୍ର ଯୋଗଦେଇ ବିବେକାନନ୍ଦ କେବଳ ଭାରତ ନୁହେଁ ସାରା ବିଶ୍ୱରେ ସନାତନ ଧର୍ମର ପ୍ରଚାର ପ୍ରସାର ସହିତ ଆଧ୍ୟାତ୍ମିକ ଚେତନାର ପ୍ରଚାର ପ୍ରସାର କରୁଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏପରି ଏକ ପରିବର୍ତ୍ତନଶୀଳ ଦୁନିଆରେ ହିନ୍ଦୁ ଧର୍ମରେ କେବଳ ଆଧ୍ୟାତ୍ମିକତା, ଭାତୃଭାବ ରହିବା ସହ ସଂସ୍କୃତି, ପରମ୍ପରା ଯୋଡ଼ି ହୋଇ ରହିଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷାବିତ ରବୀନ୍ଦ୍ରନାଥ ପ୍ରଧାନ, କୈଳାସ ଚନ୍ଦ୍ର ପଣ୍ଡା, ଶାଶ୍ୱତ ରଞ୍ଜନ ପ୍ରଧାନ, ବେଣୁଧର ପାଇକରାୟ, ଆଶିଷ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଏକତା ହିଁ ସଂଘକୁ ମଜଭୁତ କରିବାରେ ସହାୟକ ହୋଇଥାଏ




ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଶିକ୍ଷକ ସମନ୍ୱୟ ସମିତିର କର୍ମକର୍ତ୍ତା ।

### ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ଗୋପ,୧୫।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଶୋଳପୁରସ୍ଥିତ ମା' ଅଡ଼ଙ୍ଗେଇ ପୀଠରେ ରବିବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଶିକ୍ଷା ପ୍ରଶାସନିକ ଅଧିକାରୀ ଡ. ପୀତବାସ ତ୍ରିପାଠୀ ଯୋଗଦେଇ କହିଛନ୍ତି, ଶିକ୍ଷା ବ୍ୟବସ୍ଥା ସୁଧୁରିବା ସହିତ ଏକତା ହିଁ ସଂଘକୁ ଅଧିକ ମାତ୍ରାରେ କ୍ରିୟାଶୀଳ କରିଥାଏ। ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସମ୍ପାଦକ ସରୋଜ କୁମାର ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ସମିତିର ସଭାପତି ପବିତ୍ର ମୋହନ ନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ମଣ୍ଡଳ ଶିକ୍ଷା ଅଧିକାରୀ ରମେଶ ଦାଶ, ସମ୍ମାନିତ ଅତିଥି ଭାବେ ପୁରୁଷୋତ୍ତମ ପ୍ରଧାନ, ଜିତେନ୍ଦ୍ର ନାୟକ, ସୁରେଖା ଦେଇ, ସୂର୍ଯ୍ୟନାରାୟଣ ସେଠୀ, ଶିବଦତ୍ତ ନାୟକ, ମିହିର ରଞ୍ଜନ ମାନସିଂହ, ସାବିତ୍ରୀ ସାହୁ, ବିଭୁଦତ୍ତ ନାୟକ, ପ୍ରହଲ୍ଲାଦ ମାନସିଂହ, ଅଭିରାମ କେଇ, ସୁରେନ୍ଦ୍ର ନାୟକ, ସତ୍ୟନାରାୟଣ ସାହୁ, ଯୁବରାଜ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶିକ୍ଷା ସହ ସଂଘର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ପୁରୀ ଜିଲା ପ୍ରାଥମିକ ଶିକ୍ଷକ ସଂଘର ନବନିର୍ବାଚିତ ସମ୍ପାଦକ ଶିବଦତ୍ତ ନାୟକଙ୍କ ସହ ବ୍ଲକ ଅଞ୍ଚଳର ୬ ଜଣ ନୂତନ ପେନ୍‌ସନଭୁକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶିକ୍ଷକ ରବୀନ୍ଦ୍ରନାଥ ବାହିନୀପତି, ଜଟାଧାରୀ ବେହେରା, ଦୁଃଶାସନ ଦଳାଇ, ତାପସ ନାୟକ, ପ୍ରକାଶ ବେହେରା, ଜଳନ୍ଧର ବେହେରା, ଶିକ୍ଷୟିତ୍ରୀ ସୁଚରିତା ପାତ୍ର ଓ କବିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପାଲାକାରଙ୍କ ବିୟୋଗରେ ସ୍ମୃତିଚାରଣ ସଭା

ବଲଙ୍ଗା,୧୫।୯(କେଦାରେଶ୍ୱର ନନ୍ଦ)

ପାଲାକାର ବାଇଧର ସାହୁ (ବାଇନ)ଙ୍କ ଏକାଦଶାହ ଅବସରରେ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ ପକ୍ଷରୁ ରବିବାର ଅପରାହ୍ନରେ ସ୍ମୃତିଚାରଣ ସଭା ବଲଙ୍ଗା ସ୍ଥିତ ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପାଲାଗାୟକ ମଣ୍ଡଳର ଉପଦେଷ୍ଟା ସତ୍ୟବାଦୀ ମହାପାତ୍ର, ସମ୍ପାଦକ ଦେବୀପ୍ରସାଦ ମହାପାତ୍ର, ସହସମ୍ପାଦକ ରମେଶ ଚନ୍ଦ୍ର ପଲେଇ, ବିଜୟ ଚନ୍ଦ୍ର ସାମନ୍ତରାୟ, ସଦାଶିବ ବରାଳ, ତପନ ନନ୍ଦ, ସରୋଜ ଚନ୍ଦ୍ର ଦାସ, ବୈକୁଣ୍ଠ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ଅକ୍ଷୟ ମହାପାତ୍ର, ଗୋଟିପୁଅ ସମ୍ପାଦକ ଗୁରୁ କୈଳାସ ଚନ୍ଦ୍ର ବିଶ୍ୱାଳ, ବାବୁଲି ଭୂୟାଁ, କୃଷ୍ଣଚନ୍ଦ୍ର ନାୟକ, ପାଲା ସମିତି ସମ୍ପାଦକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଗାୟନ ପ୍ରତିଭା ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ଜିଲାର ପାଲାଗାୟକ ପରିଷଦର ପୂର୍ବତନ ସମ୍ପାଦକ ପ୍ରମୋଦ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରାରମ୍ଭରେ ଅମର ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ହିନ୍ଦୀ ଦିବସ ପାଳିତ



ଅସ୍ତରଙ୍ଗ,୧୫।୯(ମମତା ଜେନା)

ସରକାରୀ ଉଚ୍ଚ ବିଦ୍ୟାଳୟ କାକଟପୁର ପରିସରରେ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ହିନ୍ଦୀ ଦିବସ ରବିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିରୂପେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ରାମଚନ୍ଦ୍ର ଦୀକ୍ଷିତ ଯୋଗଦେଇଥିଲେ। ସମାରୋହରେ ବିଶିଷ୍ଟ ସମାଜସେବୀ ତଥା ହିନ୍ଦୀ ଶିକ୍ଷକ ସୂର୍ଯ୍ୟନାରାୟଣ ସେଠୀ ହିନ୍ଦୀ ଭାଷାର ଇତିହାସ ତଥା ଭାରତୀୟ ସାହିତ୍ୟ ସଂସ୍କୃତିରେ ଏହାର ଉପଯୋଗ ବିଷୟରେ ପ୍ରକାଶ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରତାପ କୁମାର ରାଉତ ହିନ୍ଦୀ ଭାଷାର ଅତୀତ, ବର୍ତ୍ତମାନ, ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ।

ଶିକ୍ଷକ ପୀତବାସ ଦୀକ୍ଷିତ, ସରୋଜିନୀ ହାସଂଦା, ଦିଲୀପ କୁମାର କାଣ୍ଡି, ଶକୁନ୍ତଳା କାଣ୍ଡି ଦିବସର ଗୁରୁତ୍ୱ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରି ଏକ ହିନ୍ଦୀ ମାହୋଲ ସୃଷ୍ଟି କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀ ଆର୍ଯ୍ୟା ଆହୁତି ନାୟକ, ଜିଜ୍ଞାସା ଜାଗୃତି ପାଢ଼ୀ, ଯଶ୍ମିନ ପଣ୍ଡା, ଶ୍ୱାତିରେଖା ରଣା, ଶେଫାଳୀ ଦାଶ ରାଷ୍ଟ୍ରଗୀତ ଗାନ କରିଥିଲେ। ଛାତ୍ର ଆଶ୍ରିତ କୁମାର ମିଶ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସନତ କୁମାର ପ୍ରଧାନ, ସଂଘମିତ୍ରା ନାୟକ, ସେକ ସମୁରଉଦ୍ଦିନ, ନିରୋଜିନୀ ସାହୁ, କାବେରୀ ସେଠୀ, ପ୍ରଗତି ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭକ୍ତିସୁଧା ମଲ୍ଲିକ ଅଭିନବ ଶୈଳୀରେ ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲା ପ୍ରଶାସନ ପକ୍ଷରୁ ପ୍ରିମିୟମ ଲିଗ୍ କ୍ରିକେଟ୍

### କୃଷ୍ଣପ୍ରସାଦକୁ ହରାଇ ଚାମ୍ପିୟନ ହେଲା ସତ୍ୟବାଦୀ ଟିମ୍




ଅତିଥିଙ୍କ ସହ ଖେଳାଳିମାନେ ।

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରିମିୟର ଲିଗ୍ କ୍ରିକେଟ୍-୨୦୨୪ ରବିବାର ପେଣ୍ଟକଣ୍ଟାସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଲିଗ୍‌ର ଦ୍ୱିତୀୟ ସିଜିନ୍‌ରେ ଉପଜିଲାପାଳ ଓ ବିଭିନ୍ନ ତହସିଲର ତହସିଲଦାରମାନଙ୍କୁ ନେଇ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ଲିଗ୍‌ର ଫାଇନାଲ ମ୍ୟାଚ୍ ସତ୍ୟବାଦୀ ଏବଂ କୃଷ୍ଣପ୍ରସାଦ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ଗୋପୀନାଥ କୁଅଁର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସତ୍ୟବାଦୀ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୩ ଉଇକେଟ ହରାଇ ୧୩୬ ରନ କରିଥିବା ବେଳେ ଜବାବରେ କୃଷ୍ଣପ୍ରସାଦ ଦଳ ୧୫ ଓଭର ଖେଳି ୮ ଉଇକେଟ୍ ହରାଇ ୧୩୧ ରନ କରିଥିଲା। ଫଳରେ ସତ୍ୟବାଦୀ ଟିମ୍ ୫ରନ୍‌ରେ ଜିତିଥିଲା। ଅତିରିକ୍ତ ଜିଲାପାଳ କୈଳାଶ ଚନ୍ଦ୍ର ନାୟକ ବିଜୟୀ ସତ୍ୟବାଦୀ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ସତ୍ୟବାଦୀ ଟିମ୍ ଅଧିନାୟକ ରାଜେଶ ପ୍ରିୟଦର୍ଶୀ ଓ ମେଣ୍ଟର ଆଲୋକ ଦେହୁରୀ ଚାମ୍ପିୟନ ଟ୍ରଫି ଏବଂ କୃଷ୍ଣପ୍ରସାଦ ଟିମ୍ ଅଧିନାୟକ ଶଶାଙ୍କ ମହାରଣା ରନର୍ସ ଅପ୍ ଟ୍ରଫି ଗ୍ରହଣ କରିଥିଲେ।

# ସୁଭଦ୍ରା ଯୋଜନା ସଚେତନତା ପଦଯାତ୍ରା

କଣାସ/ଚାରିଛକ/ନିମାପଡ଼ା/ପିପିଲି/ଅସ୍ତରଙ୍ଗ/ ସାକ୍ଷୀଗୋପାଳ,୧୫।୯(ବିଭୂତି ଭୂଷଣ ତ୍ରିପାଠୀ/ଶିଶିର ସ୍ୱାଇଁ/ ବିଚିତ୍ରାନନ୍ଦ ସାହୁ/ଦୁର୍ଗା ମାଧବ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ରାଜ୍ୟ ସରକାର ୨୧ରୁ ୬୦ବର୍ଷ ମଧ୍ୟରେ ସମସ୍ତ ମହିଳାଙ୍କୁ ୫ବର୍ଷ ମଧ୍ୟରେ ୫୦ହଜାର ଟଙ୍କା ଦେବାପାଇଁ ଘୋଷଣା କରିବା ପରେ ମହିଳାମାନେ ମୋ ସେବା କେନ୍ଦ୍ର, ଜନ ସେବା କେନ୍ଦ୍ରରେ ନିଜ ନିଜ ଫର୍ମ ଅନ୍‌ଲାଇନରେ ଆବେଦନ କରିବା ପାଇଁ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି। କେତେକ ମହିଳା ବଡ଼ାସ ପଞ୍ଚାୟତର ବାଲିପାଟଣା ଗ୍ରାମରେ ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନ କରିବା ପାଇଁ ଏକ ଶୋଭାଯାତ୍ରା ଗ୍ରାମ ମଧ୍ୟରେ କରୁଥିବା ଜଣାପଡ଼ିଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ବିଭିନ୍ନ ପଞ୍ଚାୟତରେ ସୁଭଦ୍ରା ଯୋଜନାର ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଚାରିଛକ ଅଞ୍ଚଳରେ ଥିବା ବାହାରଣା, ତୁଳସୀପୁର, ଭୋଦର, କଳାପାଞ୍ଚଣ, ଛଣିଜଙ୍ଗ, ତମ୍ପାଳ ପଞ୍ଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଚେତନତା ପଦଯାତ୍ରାରେ ବିଭିନ୍ନ ସ୍ଥାନରେ ପଞ୍ଚାୟତରେ ଥିବା ପ୍ରତ୍ୟେକ ଗ୍ରାମରେ ବ୍ୟାନର୍, ପୋଷ୍ଟର୍, ଫ୍ଲାଗ, ପତାକା ଧରି ଗ୍ରାମରେ ସ୍ୱତନ୍ତ୍ର ରାଲିରେ ଯାଇ ସଚେତନ କରିବା ସହ ମହିଳାମାନଙ୍କୁ ବୁଝାଇଥିଲେ।

ନିମାପଡ଼ାଠାରେ ରବିବାର ଏକ ବ୍ଲକସ୍ତରୀୟ ସୁଭଦ୍ରା ସ୍ୱାଗତ ଓ ପଦଯାତ୍ରା ସହର ପରିକ୍ରମା କରିଥିଲା। ସମାରୋହରେ ଅତିଥି ଭାବେ ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ବରିଷ୍ଠ ଭାଜପା ନେତା ମିନଲତା ମହାନ୍ତି, ଯଦିନ୍ଦ୍ରନାଥ ସ୍ୱାଇଁ, ଓଡ଼ିଶା ଜୀବିକା ମିଶନ ବିଭାଗର ବ୍ଲକ ପ୍ରୋଜେକ୍ଟ ପ୍ରକଳ୍ପ ମ୍ୟାନେଜର (ବିପିଏମ୍) ମଧୁଛନ୍ଦା ପ୍ରଧାନ, ମିଶନ ଶକ୍ତିର ବ୍ଲକ ପ୍ରୋଜେକ୍ଟ ପ୍ରକଳ୍ପ ସଂଯୋଜକ (ବିପିସି) ଦେବଦତ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ରବିବାର ସାରା ରାଜ୍ୟରେ ସୁଭଦ୍ରା ସଚେତନତା ପଦଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ପିପିଲିରେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ପିପିଲି ଏନ୍‌ଏସି ଚାନ୍ଦୁଆ ବଜାରଠାରୁ ହାଟଛକ ପର୍ଯ୍ୟନ୍ତ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସାମିଲ ହୋଇ ମହିଳାମାନଙ୍କ ଉତ୍ସାହ ବଢ଼ାଇଥିଲେ। ପିପିଲି ବିଡିଓ, ଏବିଡିଓ, ସିଡିପିଓଙ୍କ ସମେତ ସିଆରପି, ଏମ୍‌ବିକେ, ବ୍ୟାଙ୍କ ମିତ୍ର ଆଦି କର୍ମଚାରୀମାନେ ଯୋଗଦେଇ ଦସ୍ତଖତ ଅଭିଯାନରେ ସାମିଲ ହୋଇଥିଲେ।

ସୁଭଦ୍ରା ସ୍ୱାଗତ ପଦଯାତ୍ରାର ସଫଳ ରୂପାୟନ ନିମନ୍ତେ ରବିବାର ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ ସହ ଅସ୍ତରଙ୍ଗ ବ୍ଲକ ପରିସରରୁ ସୁଭଦ୍ରା ସ୍ୱାଗତ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଅସ୍ତରଙ୍ଗ ବ୍ଲକ ପରିସରରୁ ବଜାର ପରିକ୍ରମା ଆରମ୍ଭ ହୋଇ ଅନୁରୂପ ଭାବେ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଞ୍ଚାୟତରେ ପଦଯାତ୍ରା ଆୟୋଜନ ହୋଇଥିଲା।

ଏହି ପଦଯାତ୍ରାରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯୋଗେନ୍ଦ୍ର ମହାକୁଡ଼, ମିଶନଶକ୍ତି ସଂଯୋଜିକା ନିବେଦିତା ଦୀକ୍ଷିତ, ମିଶନଶକ୍ତି ବିପିଏମ୍ ପାର୍ଥସାରଥି ମହାନ୍ତି, ଅଙ୍ଗନୱାଡି ସୁପରଭାଇଜର୍ ନିବେଦିତା ସେନାପତି, ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି, ଗୁଣମଣି ଜେନା, ମିଶନଶକ୍ତି ବିପିଏ ରାଜସ୍ମିତା ସେଠୀ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସ୍ୱୟଂସହାୟକ ଗୋଷ୍ଠୀର ମହିଳା ସଦସ୍ୟା, ବିଭିନ୍ନ ମହାସଂଘର ନେତୃମଣ୍ଡଳୀ, ଜନପ୍ରତିନିଧି ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୁଭଦ୍ରା ଯୋଜନାରେ ଶତପ୍ରତିଶତ ଯୋଗ୍ୟ ହିତାଧିକାରୀଙ୍କୁ ସଫଳତା ପହଞ୍ଚାଇବା ଉଦ୍ଦେଶ୍ୟରେ ରବିବାର ସାକ୍ଷୀଗୋପାଳରେ ସୁଭଦ୍ରା ସଚେତନତା ରଥ ପରିକ୍ରମା ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଏହି ପଦଯାତ୍ରାକୁ ବିଡିଓ ଲିପ୍ସା ରାୟ ଉଦ୍‌ଘାଟନ କରିଥିଲେ। ସତ୍ୟବାଦୀ ସିଡିପିଓ ରାଜଲକ୍ଷ୍ମୀ ଦାସ ଓ ଏଲ୍‌ଏମ୍ ଶାଶ୍ୱତୀ ଦାସ, ବିପିଏସିଏ ସୁପ୍ରିୟା ସୁବୁଦ୍ଧି, ମିଶନ ଶକ୍ତି ମହିଳା, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଏମ୍‌ବିକେ, ସିଆର୍‌ପି ଏବଂ ପଞ୍ଚାୟତ ପ୍ରତିନିଧିମାନେ ଯୋଗ ଦେଇଥିଲେ।







ସାକ୍ଷୀଗୋପାଳ ଓ ନିମାପଡାରେ ବାହାରିଥିବା ସୁଭଦ୍ରା ସ୍ୱାଗତ ପଦଯାତ୍ରା ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୨ ଖବରଦାତା ଗୁରୁତର

ବାରଙ୍ଗ/ତ୍ରିଶୁଳିଆ,୧୫।୯(ଲିଙ୍ଗରାଜ ରାଉତ/ତୁଷାର ବେହେରା) ଗୋଡ଼ିସାହି ଫାଣ୍ଡି ନିକଟ ପଦ୍ମନାଭନଗର ପୁରୀ ମୁଖ୍ୟ କେନାଲବନ୍ଧରେ ଜଣେ ଯୁବକଙ୍କ ଗାଡ଼ି ଧକ୍କାରେ ୨ ଜଣ ଖବରଦାତା ଆହତ ହୋଇଛନ୍ତି। ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ପଟିଆ ଅଞ୍ଚଳର ଦେବୀ ପ୍ରସାଦ ରଥ(୨୬) ବାଙ୍କୀ ଅଞ୍ଚଳରୁ ବାଇକ୍(ଓଡ଼ି ୦୨ ସିଜେ ୩୯୩୦) ଯୋଗେ ଭୁବନେଶ୍ୱରକୁ ଫେରୁଥିଲେ। ଏହି ସମୟରେ ଆଠଗଡ଼ ଅଞ୍ଚଳର ଖବରଦାତା ମହେଶ୍ୱର ବେହେରା(୩୨) ଓ ତାଙ୍କ ସହଯୋଗୀ ଆଉ ଏକ ବାଇକ୍ (ଓଡ଼ି ୦୫ ଏପି ୪୮୦୬) ଯୋଗେ ଭୁବନେଶ୍ୱରରୁ ଆଠଗଡ଼ ଫେରୁଥିଲେ। ଏହି ସମୟରେ ପଦ୍ମନାଭ ନଗର ଗାଁ ପାଖରେ ଦୁହିଁଙ୍କ ଗାଡ଼ି ମୁହାଁମୁହିଁ ହୋଇଥିଲା। ଘଟଣାସ୍ଥଳରେ ୩ ଜଣ ଗାଡ଼ିରୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପୋଲିସ ସହ ୧୦୮କୁ ଖବର ଦେଇଥିଲେ। ଖବର ପାଇ ଉଭୟ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇବା ସହ ୨ ବାଇକ୍‌କୁ ପୋଲିସ ଜବତ କରିଛି।

### ପୂର୍ବ ବିବାଦରୁ ସଂଘବଦ୍ଧ ଆକ୍ରମଣ, ପରିବାରର ୪ ଆହତ

ଭୁବନେଶ୍ୱର,୧୫।୯(ସୂର୍ଯ୍ୟକାନ୍ତ ବେହେରା): ପୂର୍ବ ବିବାଦକୁ କେନ୍ଦ୍ର କରି ଗୋଟିଏ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଇଞ୍ଜଣା ଗ୍ରାମରେ ଏହି ଘଟଣା ଘଟିଥିବାବେଳେ ଆକ୍ରମଣରେ ଗୋଟିଏ ପରିବାରର ୩ ମହିଳାଙ୍କ ସମେତ ୪ ସଦସ୍ୟ ଆହତ ହୋଇଛନ୍ତି। ସୂଚନାନୁସାରେ, ଆହତ ପରିବାର ଓ ଆକ୍ରମଣକାରୀ ପରିବାର ହେଉଛନ୍ତି ଦୁଇ ପଡୋଶୀ। ଜମି ବାଡି ବିବାଦକୁ ନେଇ ସେମାନଙ୍କ ମଧ୍ୟରେ କଳହ ଲାଗିରହିଥିଲା। ରବିବାର ସକାଳ ୮ଟାରେ କୌଣସି କାରଣକୁ ନେଇ ଉଭୟ ପରିବାରଙ୍କ ମଧ୍ୟରେ ପୁଣି ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗୋଟିଏ ପରିବାରର ସଦସ୍ୟ ସଂଘବଦ୍ଧ ଭାବେ ଜଣେ ମହିଳା, ତାଙ୍କ ସ୍ୱାମୀ, ଝିଅ ଓ ଭଉଣୀଙ୍କୁ କାଠ ଓ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ମହିଳାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ସ୍ୱାମୀ, ଝିଅ ଓ ଭଉଣୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଗୁରୁତର ଥିବା ମହିଳାଙ୍କୁ ସେଠାରୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ଗୁହାଳରୁ ୧୧ ମେଣ୍ଢା ଚୋରି

ବାଲିଅନ୍ତା,୧୫।୯(ନୀଳମାଧବ ସାହୁ) ବାଲିଅନ୍ତା ଥାନା ଅଧୀନ ପାଟପୁର ଗ୍ରାମର କରୁଣାକର ବେହେରାଙ୍କ ଗୁହାଳ ଘରୁ ଶନିବାର ବିଳମ୍ବିତ ରାତିରେ ୧୧ଟି ମେଣ୍ଢା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ବର୍ଷା ଓ ଅନ୍ଧାର ରାତିର ସୁଯୋଗ ନେଇ ଗୁହାଳରେ ପଡ଼ିଥିବା ୩ଟି ତାଲାକୁ କାଟି ମେଣ୍ଢା ଚୋରି କରି ଏକ ଗାଡ଼ିରେ ଭର୍ତ୍ତି କରି ନେଇଯାଇଥିବା ଜଣାପଡ଼ିଛି। ରବିବାର ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଛି।

# ବୈଷୟିକ କ୍ଷେତ୍ରରେ ବିଭୂତି ବିଶ୍ୱାଳଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'

**ଓଡ଼ିଶା ଟେକ୍ନିକାଲ କନ୍‌କ୍ଲେଭ୍**

ଭୁବନେଶ୍ୱର,୧୫।୯ (ଶର୍ମିଷ୍ଠା ପାଣିଗ୍ରାହୀ)




ଏଭରଗ୍ରୀନ ଫୋରମ ପକ୍ଷରୁ ରବିବାର ସୂଚନା ଭବନଠାରେ ଓଡ଼ିଶା ଟେକ୍ନିକାଲ କନ୍‌କ୍ଲେଭ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଫୋରମ ସଭାପତି ଡ. ପ୍ରକାଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡ. ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଏନ୍‌ଆଇଟିଟିଆର୍ କୋଲକାତାର ନିର୍ଦ୍ଦେଶକ ଡ. ଦେବୀପ୍ରସାଦ ମିଶ୍ର, ଆଇଆଇଟି ଦିଲ୍ଲୀର ପ୍ରଫେସର ତପନ କୁମାର ଗାନ୍ଧୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓୟୁଟିଆର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳଙ୍କୁ ବୈଷୟିକ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଡ. ସତ୍ୟବ୍ରତ ମହାନ୍ତି, ଡ. ଦେବୀପ୍ରସାଦ ମିଶ୍ର, ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଇଂ. ଚନ୍ଦନ ପାଣିଗ୍ରାହୀ, ଡ. ରବିନାରାୟଣ ଶତପଥୀ, ଡ. ସୁନୀତା ଚକ୍ରବର୍ତ୍ତୀଙ୍କୁ 'ଓଡ଼ିଶା ଟେକ୍ନୋକ୍ରାଫ୍ଟ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ୬ଜଣ ଶିକ୍ଷାବିତ୍‌ଙ୍କୁ ଶ୍ରେଷ୍ଠ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ୧୨ଜଣ ଛାତ୍ରୀଛାତ୍ରଙ୍କୁ ବିଶ୍ୱସ୍ତରୀୟ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଥିଲା। ଡ. ମିଲି ପାଣିଗ୍ରାହୀ, ଡ.ସୁନୀତା ବାରିକ, ଇଂ. ଉତ୍କଳ ଦାସ, ଶିବ ସନ୍ତୋଷ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ଟେକ୍ନିକାଲ କନକ୍ଲେଭରେ ପ୍ରଦର୍ଶିତ ନୂଆ ଡିଜାଇନ କାର।


ଖୁଦୁରୁକୁଣୀ ମହୋତ୍ସବ ଅବସରରେ ସୁନ୍ଦରେଶ୍ୱର ପୋଖରୀରେ ବୋଇତଯାତ୍ରା।

# ସୁନ୍ଦରେଶ୍ୱର ପୋଖରୀ ଘାଟରେ ବୋଇତ ଯାତ୍ରା

ପୁରୁଣା ଭୁବନେଶ୍ୱର,୧୫।୯(ସୁବାସଚନ୍ଦ୍ର ପ୍ରଧାନ)

**୨୧ତମ ଖୁଦୁରୁକୁଣୀ ମହୋତ୍ସବ**

ଖୁଦୁରୁକୁଣୀ ମହୋତ୍ସବ ଚଳିତବର୍ଷ ୨୧ ବର୍ଷରେ ପ୍ରଦାର୍ପଣ କରିପାରିଛି। ସୁନ୍ଦରପଦା ଓ କପିଳ ପ୍ରସାଦ ୬୭ନଂ ୱାର୍ଡରେ ୩୦-୩୫ଟି ମଙ୍ଗଳା ବା ଭାଲୁକୁଣୀ ମୂର୍ତ୍ତି ପୂଜା ପାଉଛନ୍ତି। ଭାଇମାନଙ୍କ ମଙ୍ଗଳ କାମନା ପାଇଁ ଭଉଣୀମାନେ ଭାଦ୍ରବ ମାସର ରବିବାର ଉପବାସ ରହି ସକାଳୁ ବାଲୁକା ଦେଇ ବାଟ ଘାଟରେ ପୂଜା ଅର୍ଚ୍ଚନା କରିଥିଲେ। ରାତିରେ ଖୁଦୁରୁକୁଣୀ ମାଆଙ୍କୁ ପୂଜାର୍ଚ୍ଚନା କରି ଦୁହୁଡ଼ି ଜାଳିଛନ୍ତି। ଖୁଦୁରୁକୁଣୀ ମହୋତ୍ସବର ସ୍ଥାୟୀ ସଭାପତି, ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ପ୍ରଥମେ ସନ୍ଧ୍ୟା ୭ଟା ସମୟରେ ସମ୍ବଲପୁରୀ ନୃତ୍ୟ ପରିବେଷିତ ହେବା ପରେ ପରେ ଏକାମ୍ର ବିଧାୟକ ବାବୁ ସିଂ, କର୍ପୋରେଟର ମଧୁସ୍ମିତା ପ୍ରଧାନ, ପୂର୍ବତନ କର୍ପୋରେଟର ଦେବୀ ପ୍ରସାଦ ନନ୍ଦ ଯୋଗଦେଇଥିଲେ। ଅଜିତ୍ ନନ୍ଦଙ୍କ ଦ୍ୱାରା ଲିଖିତ ଓ ପରିଚାଳିତ ତଅପୋଇ ନାଟକ ଛୋଟ ଛୋଟ ପିଲାମାନେ ପରିବେଷଣ କରିଥିଲେ। ସୁନ୍ଦରେଶ୍ୱର ପୋଖରୀ ଘାଟରେ ଅତିଥିଙ୍କ ଦ୍ୱାରା ବୋଇତ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏଥିରେ ୭ ସାଧବ ପୁଅ ଓ ୭ ସାଧବାଣୀଙ୍କ ଦ୍ୱାରା ବନ୍ଦାପନା କରାଯାଇ ନୌକାରେ ୭ ଘେରା ପରିକ୍ରମା କରାଯାଇଥିଲା। ଓଡ୍ରାଫ୍ଟ ଷ୍ଟାଫମାନେ ସୁରକ୍ଷା ଯୋଗାଇଥିଲେ। ଆତସବାଜି, ଶଙ୍ଖ, ଘଣ୍ଟ, ହରିବୋଲ, ହୁଳହୁଳିରେ ଘାଟ ଉଚ୍ଛୁଳି ପଡୁଥିଲା। ପରେ ତଅପୋଇ ନାଟକରେ ଭାଗ ନେଇଥିବା କଳାକାରମାନେ ଗ୍ରାମ ପରିକ୍ରମା କରିଥିଲେ। ମନୋଜ ମହାରଣା, ଶୁଭେନ୍ଦୁ ନନ୍ଦ, ସନ୍ତୋଷ ପ୍ରଧାନ, ନିର୍ଲିପ୍ତ ନନ୍ଦ, ପ୍ରିୟବ୍ରତ ସ୍ୱାଇଁ, ଶେଷଦେବ ଦାସ, ଭଜ ଜେନା ତଥା ଗ୍ରାମବାସୀ ବୃନ୍ଦ ଏଥିରେ ସହଯୋଗ କରିଥିଲେ।

### ତଣ୍ଟି ଚିପି ଲୋନ ଟଙ୍କା ଛଡ଼ାଇ ନେଇ ୨ ଗିରଫ

ଭୁବନେଶ୍ୱର,୧୫।୯(ସୂର୍ଯ୍ୟକାନ୍ତ ବେହେରା)- ରାଜଧାନୀ ରାସ୍ତାରେ ଜଣେ ବ୍ୟକ୍ତିଙ୍କ ତଣ୍ଟି ଚିପିବା ସହ ହତ୍ୟା ଉଦ୍ୟମ କରି ତାଙ୍କ ଲୋନ୍ ଟଙ୍କା ଛଡାଇ ନେବା ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସୁକାନ୍ତ ରାଉତ ଓ ବ୍ରହ୍ମା ରାଉତ। ଉଭୟଙ୍କଠାରୁ ଗୋଟିଏ ବାଇକ, ୯୫ ହଜାର ୮୦୦ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏମ୍ ବିଶ୍ୱଜିତଙ୍କ ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୂଚନାନୁସାରେ, ବିଶ୍ୱଜିତ ଶନିବାର ୯୫ ହଜାର ୮୦୦ ଟଙ୍କା ଧରି ଘରକୁ ଫେରୁଥିବା ସମୟରେ ସୁନ୍ଦରପଦା କାଳିଆଗୁଣି ମନ୍ଦିର ନିକଟରେ ନିଶାସକ୍ତ ଅବସ୍ଥାରେ ଥିବା ଅଭିଯୁକ୍ତଦ୍ୱୟ ତାଙ୍କୁ ଅଟକାଇଥିଲେ। ଏହାପରେ ଡରାଇ ଧମକାଇ ବିଶ୍ୱଜିତଙ୍କଠାରୁ ଅର୍ଥରାଶିକୁ ଛଡାଇ ନେଇଥିଲେ। ବିଶ୍ୱଜିତ ଏହାର ବିରୋଧ କରିବାରୁ ଅଭିଯୁକ୍ତଦ୍ୱୟ ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଟଣାଓଟରା ସମୟରେ ଜଣେ ଅଭିଯୁକ୍ତଙ୍କର ମୋବାଇଲ ଫୋନ ଘଟଣା ସ୍ଥଳରେ ପଡିଯାଇଥିଲା। ଉକ୍ତ ଫୋନ୍‌ରୁ ବିଶ୍ୱଜିତ୍ ପିସିଆରକୁ ଡକାଇଥିଲେ। ପିସିଆର ପୋଲିସ ଆସୁଥିବାର ଦେଖି ଦୁଇ ଅଭିଯୁକ୍ତ ଘଟଣା ସ୍ଥଳରୁ ଖସି ପଳାଇଥିଲେ।

# ନିଖିଳ ଉତ୍କଳ ଲାଇବ୍ରେରି, ଲାବରେଟୋରି ଆଟେଣ୍ଡାଣ୍ଟ ସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)

**ପ୍ରମୋଦ ନାୟକ ସଭାପତି, ହରେକୃଷ୍ଣ ବେଜ୍ ସାଧାରଣ ସମ୍ପାଦକ ନିର୍ବାଚିତ**

ନିଖିଳ ଉତ୍କଳ ଲାଇବ୍ରେରି ଓ ଲାବରେଟୋରି ଆଟେଣ୍ଡାଣ୍ଟ ସଂଘର ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ରବିବାର ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବୀନ୍ଦ୍ର ନାଥ ଦାଶ ସଭାପତିତ୍ୱ କରି ସଂଘର ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ଗୃହ, କୃଷି, ସଂସ୍କୃତି, ଆଇନ, ଖଣି ଆଦି ବିଭାଗ ଅଧୀନରେ ବିଭିନ୍ନ ଜିଲାରେ ଶତାଧିକ ଲାବରେଟୋରି ଆଟେଣ୍ଡାଣ୍ଟ ଓ ଲାଇବ୍ରେରି ଆଟେଣ୍ଡାଣ୍ଟ କାର୍ଯ୍ୟ କରୁଛନ୍ତି। ତେବେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିଲେ ମଧ୍ୟ ସେମାନେ ମୌଳିକ ଅଧିକାରରୁ ବଞ୍ଚିତ ରହିଛନ୍ତି। ଏଥିସହ ଆଟେଣ୍ଡାଣ୍ଟ ପରିବର୍ତ୍ତେ ଲାଇବ୍ରେରି ଓ ଲାବରେଟୋରି ରେଫରେନ୍ସ ଆସିଷ୍ଟାଣ୍ଟ ପଦବୀ କରିବା, ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ସ୍ଥିରୀକୃତ ଦରମା ଲାଗୁ କରିବା ପାଇଁ ବ୍ୟବସ୍ଥା କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରମୋଦ କୁମାର ନାୟକ, ସାଧାରଣ ସମ୍ପାଦକ ଭାବେ ହରେକୃଷ୍ଣ ବେଜ୍, ସହସମ୍ପାଦକ ଭାବେ ବୀଭସ୍ତ ସାହୁ, ଉପସଭାପତି ଅଭୟ କୁମାର ବାରିକ ଏବଂ କୋଷାଧ୍ୟକ୍ଷ ଭାବେ ସୁରେନ୍ଦ୍ର କୁମାର ଜେନା ନିର୍ବାଚିତ ହୋଇଥିଲେ। ବୈଠକରେ ଅତିଥି ଭାବେ ଓଡ଼ିଶା ରାଜ୍ୟ କର୍ମଚାରୀ ସମନ୍ୱୟ ସମିତିର ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ୍ କୁମାର ନାୟକ, ବରିଷ୍ଠ କର୍ମଚାରୀ ନେତା ସୁଧାଂଶୁ ଶେଖର ପତି ପ୍ରମୁଖ ଯୋଗଦେଇଥିଲେ।



ନିଖିଳ ଉତ୍କଳ ଲାଇବ୍ରେରି, ଲାବରେଟୋରି ଆଟେଣ୍ଡାଣ୍ଟ ସଂଘର କାର୍ଯ୍ୟକାରିଣୀ ବୈଠକ।

# ବଳାତ୍କାର ମାମଲାର ସାକ୍ଷୀଙ୍କୁ ସଂଘବଦ୍ଧ ଆକ୍ରମଣ, ୨ ଗିରଫ

ଭୁବନେଶ୍ୱର,୧୫।୯(ସୂର୍ଯ୍ୟକାନ୍ତ ବେହେରା)

ଏକ ବଳାତ୍କାର ମାମଲାରେ ମୁଖ୍ୟ ସାକ୍ଷୀ ଥିବା ବ୍ୟକ୍ତିଙ୍କୁ ଲୁହା ରଡ଼ରେ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଇନ୍‌ଫୋସିଟି ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିବାବେଳେ ଅଭିଯୋଗ ପରେ ପୋଲିସ ଆକ୍ରମଣକାରୀ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ସାଇ ବନଫୁଲ ବସ୍ତିରେ ରହୁଥିବା ପୁରୀର ନାରାୟଣ ନାୟକ ଓ ବାବୁଆ ନାୟକ। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଲୁହା ରଡ ଜବତ କରାଯାଇଛି। ସୂଚନାଯୋଗ୍ୟ, ଅଭିଯୋଗକାରୀ ନାରାୟଣ ପାତ୍ର ସାଇବନଫୁଲ ବସ୍ତିରେ ରହୁଥିବା ବେଳେ ଦୁଇ ଅଭିଯୁକ୍ତ ହେଉଛନ୍ତି ତାଙ୍କର ପଡୋଶୀ। ଦୁଇ ଅଭିଯୁକ୍ତଙ୍କ ଭାଇ ଏକ ବଳାତ୍କାର ମାମଲାରେ କୋର୍ଟ ଚାଲାଣ ହୋଇଥିବାବେଳେ ଅଭିଯୋଗକାରୀ ନାରାୟଣ ମୁଖ୍ୟ ସାକ୍ଷୀ ରହିଛନ୍ତି। ତେଣୁ ସାକ୍ଷ୍ୟ ନ ଦେବାକୁ ଅଭିଯୁକ୍ତଦ୍ୱୟ ନାରାୟଣଙ୍କୁ ବହୁ ସମୟରେ ଡରାଇଥାନ୍ତି। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ଲାଗି ରହୁଥିଲା। ଶନିବାର ପୂର୍ବାହ୍ନରେ ନାରାୟଣ ନିଜ ଘର ବାହାରେ କିଛି କାମ କରୁଥିବା ସମୟରେ ଦୁଇ ଅଭିଯୁକ୍ତ ଓ ଅନ୍ୟ ୫ ଜଣ ସହଯୋଗୀଙ୍କ ସହ ନିଶାସକ୍ତ ଅବସ୍ଥାରେ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ।

# ୧୭ରେ ଭୁବନେଶ୍ୱରର ସମସ୍ତ ସ୍କୁଲ, କଲେଜ ଛୁଟି

## ସରକାରୀ କାର୍ଯ୍ୟାଳୟ ଅପରାହ୍ନ ୨ଟା ଯାଏ ବନ୍ଦ

ଭୁବନେଶ୍ୱର,୧୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶରରେ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ କରିବେ। ଏହି ପରିପ୍ରେକ୍ଷୀରେ ଭୁବନେଶର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜକୁ ସମ୍ପୂର୍ଣ୍ଣ ଛୁଟି ଘୋଷଣା କରାଯାଇଛି। ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସରକାରୀ, ବେସରକାରୀ, ଡିମ୍‌ଡ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଶନିବାର ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଭୁବନେଶ୍ୱରର ସମସ୍ତ ସ୍କୁଲ ଓ କଲେଜକୁ ସମ୍ପୂର୍ଣ୍ଣ ଛୁଟି ଘୋଷଣା କରାଯାଇଥିଲା। ଏଥିସହ ସମସ୍ତ ସରକାରୀ କାର୍ଯ୍ୟାଳୟ, ରାଜସ୍ୱ ଓ ମାଜିଷ୍ଟ୍ରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ପ୍ରଥମାର୍ଦ୍ଧ ଅର୍ଥାତ୍ ଅପରାହ୍ନ ୨ଟା ଯାଏ ବନ୍ଦ ରହିବ ବୋଲି ସରକାରଙ୍କ ପକ୍ଷରୁ ଛୁଟି ଘୋଷଣା କରାଯାଇଥିଲା। ସୁଭଦ୍ରା ଯୋଜନା ଶୁଭାରମ୍ଭ ଦିନ ରାଜଧାନୀରେ ବିପୁଳ ଜନସମାଗମ ହେବ। ତେଣୁ ସମସ୍ତ ସ୍କୁଲକୁ ସମ୍ପୂର୍ଣ୍ଣ ଛୁଟି ଏବଂ ସରକାରୀ କାର୍ଯ୍ୟାଳୟକୁ ପ୍ରଥମାର୍ଦ୍ଧ ଛୁଟି ରଖିବାକୁ ନିଷ୍ପତ୍ତି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ଲକସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରାର ଶୁଭାରମ୍ଭ

ବାରଙ୍ଗ,୧୫।୯(ଲିଙ୍ଗରାଜ ରାଉତ)

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା ସମ୍ପର୍କରେ ବ୍ଲକର ହିତାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରବିବାର ବାରଙ୍ଗ ବ୍ଲକ ପକ୍ଷରୁ ସୁଭଦ୍ରା ସ୍ୱାଗତ ପଦଯାତ୍ରାର ଶୁଭାରମ୍ଭ କରାଯାଇଛି। ଏହି ପଦଯାତ୍ରା କଟକ-ଭୁବନେଶ୍ୱର ମୁଖ୍ୟରାସ୍ତାର ସୀତାରାମ ବଜାର ଗୋଲେଇ ଛକଠାରୁ ଯାଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ପଦଯାତ୍ରାରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ବିଭିନ୍ନ ମହାସଂଘର ନେତୃ ମଣ୍ଡଳୀ ଯୋଗଦେଇଥିଲେ। ଅଂଶଗ୍ରହଣକାରୀ ସୁଭଦ୍ରା ଯୋଜନା ସମ୍ପର୍କିତ ବ୍ୟାନର ପ୍ରଦର୍ଶନ କରାଇ ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ। ଏହାପରେ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଏକ ଆଲୋଚନାଚକ୍ର ଏବଂ ଦସ୍ତଖତ ଅଭିଯାନ ଆୟୋଜିତ ହୋଇଥିଲା। ସୁଭଦ୍ରା ଯୋଜନାରେ ପଞ୍ଜୀକରଣ ପାଇଁ ଥିବା ଯୋଗ୍ୟତା, ଡିବିଟି ମାଧ୍ୟମରେ ମିଳିବାକୁ ଥିବା ଅର୍ଥରାଶିର ଲାଭ ଏବଂ ଏହାର ସୁବିଧା ବିଷୟରେ ଆଲୋଚନା କରାଯାଇଥିଲା।



# ମଞ୍ଚରେ ନିଲମ୍ବିତ ନେତା, ବୈଠକରେ ମଙ୍ଗ ଧରିଛନ୍ତି ଏମ୍‌ପି ଅପରାଜିତା

ବାଲକାଟୀ,୧୫।୯(ମନୋଜ ମଣ୍ଡଳ)


ବାଲକାଟୀ କଲେଜ ପଡ଼ିଆରେ ଭାଜପା ପକ୍ଷରୁ ଆୟୋଜିତ ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ।

ସଭା ସଞ୍ଚାଳନ ସହ ମଞ୍ଚାସୀନ ଅଛନ୍ତି ଦଳରୁ ନିଲମ୍ବିତ ମାଳ ମାଳ ନେତା, ଆଉ ବୈଠକରେ ମଙ୍ଗ ଧରିଛନ୍ତି ଭାଜପାର ଭୁବନେଶ୍ୱର ଏମ୍‌ପି ଅପରାଜିତା, ଯାହାକୁ ନେଇ ଏବେ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ହେଉଛି। ରବିବାର ବାଲକାଟୀ କଲେଜ ପଡ଼ିଆରେ ଭାଜପା ପକ୍ଷରୁ ଆୟୋଜିତ ବନ୍ଧୁମିଳନ ଓ ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମରେ ଏହା ଦେଖିବାକୁ ମିଳିଥିଲା। ତାହା ଏବେ ଦଳୀୟ ଅନୁଶାସନ ପାଳନକୁ ପଦାରେ ପକାଇଦେଇଛି।

ଅଗଷ୍ଟ ୨୫ରେ ଜୟଦେବ ନିର୍ବାଚନମଣ୍ଡଳୀର ବାଲକାଟୀ ଶ୍ରୀକନ୍‌ଭେନ୍‌ଶନଠାରେ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ପାଇଁ ଏକ ବୈଠକର ଆୟୋଜନ କରାଯାଇଥିଲା। ଏମ୍‌ପି ଅପରାଜିତାଙ୍କୁ ଡକାଯାଇ ନ ଥିବା ଅଭିଯୋଗକରି ତାଙ୍କ ସମର୍ଥକ ପ୍ରଭାରୀ ବିଜୟ ପାଲ ସିଂ ତୋମାରଙ୍କ ଉପସ୍ଥିତିରେ ଆୟୋଜକଙ୍କ ସହ ହାତାହାତି ହୋଇଥିଲା, ଯାହାକୁ ନେଇ ଜୟଦେବରେ ଭାଜପା ୨ ଫାଳ ବୋଲି ପଦାରେ ପଡ଼ିଥିଲା। ଏହି ଘଟଣାକୁ ନେଇ ଦଳ ପକ୍ଷରୁ ସଭାରେ ବିଶୃଙ୍ଖଳା ଘଟାଇଥିବା ଖୋର୍ଦ୍ଧା ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଶିବ ମଲିକ, ଖୋର୍ଦ୍ଧା ଜିଲା କୃଷକ ମୋର୍ଚ୍ଚା ସଭାପତି ତାପସ ଜେନା, ପୂର୍ବତନ ଖୋର୍ଦ୍ଧା ଜିଲା ଭାଜପା ସଭାପତି ନିକୁଞ୍ଜ ପଟ୍ଟନାୟକ, କାର୍ଯ୍ୟକର୍ତ୍ତା ଧନେଶ୍ୱର ବାରିକ୍‌ଙ୍କୁ ଦଳ ପକ୍ଷରୁ ଅଗଷ୍ଟ ୩୧ରେ ନିଲମ୍ବିତ କରାଯାଇଥିଲା। ପରେ ପରେ ସେପ୍ଟେମ୍ବର ୧ରେ ଖୋର୍ଦ୍ଧାଠାରେ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମର ବିରାଟ ଆୟୋଜନ କରାଯାଇଥିଲା। ଟାଉନ୍‌ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏଥିସହ ସଭାରେ ମଞ୍ଚାସୀନ ଥିଲେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ। ସଭା ସଂଯୋଜନା କରିଥିଲେ ନିଲମ୍ବିତ ନିକୁଞ୍ଜ ପଟ୍ଟନାୟକ ଓ ମଞ୍ଚାସୀନ ଥିଲେ ଶିବ ମଲିକ ଓ ତାପସ ଜେନା, ଯାହାକୁ ନେଇ ସଭାସ୍ଥଳରେ ଭାଜପା କର୍ମୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ଦଳରେ ଅନୁଶାସନକୁ ଏମ୍‌ପି ହେୟ ମନେକରୁଥିବା ଚର୍ଚ୍ଚାର ବିଷୟ ପାଲଟିଥିଲା। ସେହି ଘଟଣା ମନରୁ ନ ଯାଉଣୁ ପୁନଶ୍ଚ ରବିବାର ଏହାର ପୁନରାବୃତ୍ତି ବାଲକାଟୀଠାରେ ଆୟୋଜିତ ବନ୍ଧୁମିଳନ ଓ ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମରେ ଦେଖାଯାଇଛି। ଦଳରୁ ନିଲମ୍ବିତ ଶିବ ମଲିକ ସଭାକାର୍ଯ୍ୟ ସଂଯୋଜନା କରୁଥିବାବେଳେ ଏମ୍‌ପି ଅପରାଜିତା ସଭାରେ ମୁଖ୍ୟ ଆକର୍ଷଣ ସାଜିଥିଲେ। ମଞ୍ଚାସୀନ ଥିଲେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ନିଲମ୍ବିତ ନିକୁଞ୍ଜ ପଟ୍ଟନାୟକ ଓ ତାପସ ଜେନା, ଯାହାଙ୍କୁ ନେଇ ସଭାସ୍ଥଳରେ ବେଶ୍ ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ଏଥିସହ ଗତ ସାଧାରଣ ନିର୍ବାଚନରେ ବିଜେଡିରେ ଥାଇ ଭାଜପା ପାଇଁ କଣ୍ଟା ସାଜିଥିବା ବାବି ଚୌଧୁରୀ ମଞ୍ଚରେ ଏମ୍‌ପିଙ୍କ ପାଖରେ ବସିବା ଓ ରବିବାର ବୈଠକ ଆୟୋଜନର ମୁଖ୍ୟ ସାଜିବା ପୁରୁଣା ଭାଜପା କାର୍ଯ୍ୟକର୍ତ୍ତାଙ୍କ ହଜମ ହୋଇପାରିନି। ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ଡ. ଅରବିନ୍ଦ ଢାଲିଙ୍କଠାରୁ ଆରମ୍ଭକରି ମାଳମାଳ ପୁରୁଖା ନେତାଙ୍କ ଅନୁପସ୍ଥିତି ଜୟଦେବରେ ଥିବା ଦଳୀୟ କନ୍ଦଳକୁ ପଦାରେ ପକାଇ ଦେଇଛି।

ବୈଠକରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ସଭ୍ୟ ସଂଗ୍ରହ କରାଯିବ ବୋଲି ଦଳ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯିବ ବୋଲି ଜିଲା ଯୁବ ସଭାପତି ପ୍ରଦୀପ ବଡ଼ଜେନା ନିଜ ବକ୍ତବ୍ୟ ରଖିଥିଲେ। ବୈଠକରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା ଭଞ୍ଜଦେଓ, ଅଶୋକ ପଟ୍ଟନାୟକ, ଶଶୀ ଭୂଷଣ ପାତ୍ର, ବିଜୟ ମହାରଣା ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଏହି ବୈଠକରେ ଅନୁପସ୍ଥିତ ଥିବା ଭାଜପା ବିଧାୟକ ପ୍ରାର୍ଥୀ ଡ. ଅରବିନ୍ଦ ଢାଲିଙ୍କୁ ପଚାରିବାରେ, ତାଙ୍କର ବ୍ୟକ୍ତିଗତ କାର୍ଯ୍ୟ ଯୋଗୁ ବୈଠକରେ ଅନୁପସ୍ଥିତ ଥିବା କହିଥିଲେ। ଏଥିସହ ଦଳରୁ ନିଲମ୍ବିତ ହୋଇଥିବା ନେତାଙ୍କୁ ମଞ୍ଚରେ ବସାଇ ଦଳୀୟ ଅନୁଶାସନକୁ ଅବମାନନା କରିବା ଦଳ ପାଇଁ ଶୁଭଙ୍କର ନୁହେଁ ବୋଲି କହିଥିଲେ।

# ମହିଳାଙ୍କ ପ୍ରଗତିର ମାଧ୍ୟମ ସାଜିବ ସୁଭଦ୍ରା ଯୋଜନା

ଖୋର୍ଦ୍ଧା,୧୫।୯(ପ୍ରଭାତ ପାଣିଗ୍ରାହୀ)



ସୁଭଦ୍ରା ସପ୍ତାହ ପାଳନ ଅବସରରେ ରବିବାର ବୋଲଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତରେ ଘରେ ଘରେ ସୁଭଦ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ।

ଖୋର୍ଦ୍ଧା ଜିଲାରେ ସୁଭଦ୍ରା ଯୋଜନା ପାଇଁ ପଞ୍ଜୀକରଣ ଜାରି ରହିଛି। ଏବେ ସୁଦ୍ଧା ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଆବେଦନକାରୀ ପଞ୍ଜୀକରଣ କରିଥିବାବେଳେ ଜନସେବା କେନ୍ଦ୍ରଗୁଡ଼ିକରେ ଭିଡ଼ ଲାଗିଛି। ରବିବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଟାଉନହଲ ପର୍ଯ୍ୟନ୍ତ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଆୟୋଜିତ ହୋଇଯାଇଛି। ବିଧାୟକ ପ୍ରଶାନ୍ତ ଜଗଦେବ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଜିଲାପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଦଳାଇ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ବିଡିଓ କ୍ଷୀରାବ୍ଧି ତନୟା ସାହୁଙ୍କ ସମେତ ପୌରାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ସାମିଲ ଥିଲେ। ପରେ ଟାଉନ ହଲରେ ସଭା ହୋଇଥିଲା। ଏଥିରେ ବିଧାୟକ ଜଗଦେବ, ଅତିରିକ୍ତ ଜିଲାପାଳ ବେଉରା, ଉପଜିଲାପାଳ ସେଠୀ, ପୌରାଧ୍ୟକ୍ଷା ମହାନ୍ତି, ଜିଲାପରିଷଦ ଉପାଧ୍ୟକ୍ଷ ମହାରଣା, ଏମ୍‌ପି ପ୍ରତିନିଧି ଦିଲୀପ ହୋତା, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଜିଲାପରିଷଦ ଦଳାଇ, ବିଡିଓ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଧାୟକ ଜଗଦେବ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୭ ତାରିଖରେ ଭୁବନେଶ୍ୱରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ମହିଳାଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତୀକରଣ କରିବା ଦିଗରେ ଏହି ଯୋଜନା ସହାୟକ ହେବ। ସେହିପରି ଅତିରିକ୍ତ ଜିଲାପାଳ ବେଉରା କହିଥିଲେ, ସୁଭଦ୍ରା ଯୋଜନା ପାଇଁ ପଞ୍ଜୀକରଣ ଜାରି ରହିଛି। ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ସ୍ୱାଗତ ପଦଯାତ୍ରା ସହ ଆଲୋଚନା ସଭା ଆୟୋଜନ ହୋଇଥିଲା। ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଆୟୋଜନ କରାଯାଇଛି। ଏହି ଅବସରରେ ଏକାଧିକ ମହିଳା ନିଜ ମତ ରଖିଥିଲେ।

**ବୋଲଗଡ଼,(ଦେବବ୍ରତ ହୋତା):** ମାଆ ଓ ଭଉଣୀଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦିଷ୍ଟ ସୁଭଦ୍ରା ଯୋଜନାର ସଫଳତା ନିମନ୍ତେ ସୁଭଦ୍ରା ସପ୍ତାହ ପାଳନ ଅବସରରେ ରବିବାର ବୋଲଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତରେ ଘରେ ଘରେ ସୁଭଦ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିନେଇ ଯୋଜନା ସମ୍ପର୍କୀତ ପ୍ରଚାରପତ୍ର ଧରି ମହିଳାଙ୍କ ଏକ ପଦଯାତ୍ରା ଫାସୀଓଦା, କଳାଙ୍ଗ ଓ ଦଳେଇସାହି ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ଯୋଜନା ସମ୍ପର୍କରେ ସଚେତନ କରିଥିଲା। ପରେ ଫାସୀଓଦା ପଞ୍ଚାୟତ କର୍ଯ୍ୟାଳୟଠାରେ ଏକ ସଭା କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ଭାବେ ଭାଜପା ରାଜ୍ୟ ପରିଷଦ ସଦସ୍ୟ ଅଧିବକ୍ତା ଲୋତକ ବିନ୍ଦୁ ପଟ୍ଟନାୟକ ଯୋଗଦେଇ ନିଜ ବକ୍ତବ୍ୟରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଆହୁତ ଏହି ସୁଭଦ୍ରା ଯୋଜନା ଆଗାମୀ ଦିନରେ ମହିଳା ପ୍ରଗତିର ମାଧ୍ୟମ ସାଜିବ ବୋଲି କହିଥିଲେ। ଏହି ଅବସରରେ ବୋଲଗଡ଼ ମଣ୍ଡଳ ଭାଜପା ସଭାପତି ସଞ୍ଜୟ ବେହେରା, ସମ୍ପାଦକ ଅଜିତ ପଟ୍ଟନାୟକ, ରାଜ୍ୟ ଶିକ୍ଷକ ସେଲ ସଦସ୍ୟ ସଞ୍ଜୟ ମହାପାତ୍ର, ଜିଲା ସମ୍ପାଦକ ଇଂ. କର୍ପୁର ସାହୁ, ମଣ୍ଡଳ ଉପସଭାପତି ବିନୋଦ ମହାରଣା, ଅଭିମନ୍ୟୁ ପଟ୍ଟନାୟକ, ଲକ୍ଷ୍ମୀଧର ବଳୀୟରସିଂ ଓ ଜଗବନ୍ଧୁ ମୁଦୁଲି ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ରହି ସୁଭଦ୍ରା ଯୋଜନା ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ।

**ଟାଙ୍ଗୀ-ଖୋର୍ଦ୍ଧା, (ରଘୁନାଥ ସାହୁ):** ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ସୁଭଦ୍ରା ଯୋଜନା ଆସନ୍ତା ୧୭ ତାରିଖରେ କାର୍ଯ୍ୟକାରୀ ହେବ। ଏହି ଯୋଜନା ସମ୍ପର୍କରେ ସମସ୍ତଙ୍କୁ ସଚେତନତା କରିବାକୁ ଗାଁ ଗାଁରେ ସୁଭଦ୍ରା ରଥ ପରିକ୍ରମା କରୁଛି। ପ୍ରତି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ କରାଯାଉଛି। ରବିବାର ଟାଙ୍ଗୀ ପଞ୍ଚାୟତ ସମିତି ଆନୁକୂଲ୍ୟରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଟାଙ୍ଗୀ ଗ୍ରାମ ପଞ୍ଚାୟତଠାରୁ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ବିଡିଓ ରେସ୍‌ମା ଟେଟେ ସବୁଜ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ସରପଞ୍ଚ କିଶୋର ବେହେରା, ଏମ୍‌ପିଙ୍କ ପ୍ରତିନିଧି ଚିନ୍ମୟ ପୃଷ୍ଟି, ସିଡିପିଓ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ, ୱାର୍ଡ଼ ସଭ୍ୟାସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଏମ୍‌ବିକେ, ସିଆର୍‌ପି ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରାବେଳେ ମହିଳାମାନେ ସୁଭଦ୍ରା ଯୋଜନାକୁ ସ୍ୱାଗତ କରିବା ସହ ଘରେ ଘରେ ସୁଭଦ୍ରା ନାରା ଦେଉଥିବା ଦେଖାଯାଇଥିଲା।

# ବାଲୁଗାଁରେ ବନ୍ଦେ ଭାରତ ଟ୍ରେନ୍‌କୁ ସ୍ୱାଗତ



ବାଲୁଗାଁ,୧୫।୯(ସଂଗ୍ରାମ ପାଇକରାୟ)

ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶ ତଥା ପର୍ଯ୍ୟଟନ ଓ ବାଣିଜ୍ୟିକ ଅଭିବୃଦ୍ଧି ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରବିବାର ବ୍ରହ୍ମପୁରଠାରୁ ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଲୋକାର୍ପଣ ହୋଇଥିବାବେଳେ ବାଲୁଗାଁରେ ଏହାକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବାହ୍ନ ୧୦ଟା ସମୟରେ ବାଲୁଗାଁ ଷ୍ଟେଶନ ୪ନଂ. ପ୍ଲାଟଫର୍ମଠାରେ ରେଳ ବିଭାଗ ପକ୍ଷରୁ ଏକ ସ୍ୱାଗତ ସଭାର ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଲୋକ ସଭା ଏମ୍‌ପି ସମ୍ବିତ ପାତ୍ର, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ବାଲୁଗାଁ ନଗରପାଳିକା ସୁକାନ୍ତି ପାଇକରାୟ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂ ଓ ରେଳବାଇ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାୟ ୧୧ଟା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ୬ଟି ବନ୍ଦେ ଭାରତ ଟ୍ରେନ୍‌କୁ ଭିଡିଓ କନଫରେନ୍‌ସିଂ ମାଧ୍ୟମରେ ଏକକାଳୀନ ଲୋକାର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ରହ୍ମପୁର ଷ୍ଟେଶନରେ ଉପସ୍ଥିତ ରହି ପତାକା ଦେଖାଇ ବ୍ରହ୍ମପୁର-ଟାଟା ନଗର ଟ୍ରେନ୍‌କୁ ଶୁଭାରମ୍ଭ କରିବା ସହ ଉକ୍ତ ଟ୍ରେନ୍‌ରେ ଯାତ୍ରା କରିଥିଲେ। ବାଲୁଗାଁ ଷ୍ଟେଶନରେ ଟ୍ରେନ୍‌ଟି ପହଞ୍ଚିବା ପରେ ଉପସ୍ଥିତ ନେତୃମଣ୍ଡଳୀ ଓ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଏହା ପରେ ଆଇନ ମନ୍ତ୍ରୀ ଓ ଏମ୍‌ପି ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଟ୍ରେନ୍‌ଟି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲା। ଟ୍ରେନ୍‌ଟି ସପ୍ତାହରେ ମଙ୍ଗଳବାର ବ୍ୟତୀତ ଅନ୍ୟ ୬ଦିନ ଚାଲିବ। ବ୍ରହ୍ମପୁରରୁ ଭୋର ୫ଟା ୧୫ ମିନିଟ୍‌ରେ ବାହାରି ବାଲୁଗାଁରେ ୫ଟା ୪୩ ରେ ପହଞ୍ଚିବ ଏବଂ ୫ଟା ୪୫ରେ ଛାଡିବ। ସେହିପରି ଟାଟାନଗରରୁ ବାହାରି ବାଲୁଗାଁରେ ରାତ୍ର ୧୦ଟା ୪୩ ମିନିଟ୍‌ରେ ପହଞ୍ଚିବ ବୋଲି ରେଳ ବିଭାଗୀୟ ସମୟ ସାରଣୀରୁ ଜଣାପଡ଼ିଛି।

# ଖୋର୍ଦ୍ଧା ଜିଲା ଯାଦବ ସମିତିର ବାର୍ଷିକ ସମ୍ମିଳନୀ

ଖୋର୍ଦ୍ଧା,୧୫।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଅନ୍ତର୍ଗତ ଗୁରୁଜଙ୍ଗସ୍ଥିତ ବାବା ଧବଳେଶ୍ୱର ଦେବଙ୍କ ପୀଠ ପରିସରରେ ରବିବାର ଜିଲା ଯାଦବ ସମିତିର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ରତ୍ନାକର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସମିତିର ଉନ୍ନତୀକରଣ ସହିତ ମଜଭୁତ ଲକ୍ଷ୍ୟ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ସେହିପରି ଆଗକୁ ଓଡ଼ିଶା ରାଜ୍ୟ ସଭାପତି ନିର୍ବାଚନ ଆସୁଛି। ସେଥିପାଇଁ ଖୋର୍ଦ୍ଧା ଜିଲା ଯାଦବ ସମିତି ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଛି। ନିର୍ବାଚନ ଲାଗି ଜିଲାରୁ ୧୦ ଜଣ ସଭ୍ୟଙ୍କୁ ଚୟନ କରାଯାଇଛି। ବାଣପୁର ଯାଦବ ସମିତିକୁ କିପରି ସଶକ୍ତ ଓ ବିକଶିତ କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯିବା ସହ ଉପଦେଷ୍ଟା ଗୋଲକ ବିହାରୀ ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ଯାଦବ ଭାଇଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ପ୍ରଗତି ସହିତ ସାମାଜିକ ଚଳଣି ଉପରେ କିପରି ଉନ୍ନତି ହୋଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଉପସଭାପତି ଅନ୍ତର୍ଯ୍ୟାମୀ ବେହେରା, ସମ୍ପାଦକ ଗଗନ ବିହାରୀ ବେହେରା, ରଞ୍ଜିତା ମହାଭୋଇ, ବସନ୍ତ କୁମାର ସାମନ୍ତରାୟ, ଶ୍ରୀଧର କୁମାର ଦାସ, ଫକୀର ବେହେରା, ଅର୍ଜ୍ଜୁନ ବେହେରା, ସୁଦର୍ଶନ ଦାସ, ପଞ୍ଚାନନ ବେହେରା, ବ୍ରଜବନ୍ଧୁ ବେହେରା, ଲକ୍ଷ୍ମଣ ବେହେରା, ରଜନୀ ବେହେରା, ଚୈତନ୍ୟ ବେହେରା, ମହେଶ୍ୱର ବେହେରା, ଇନ୍ଦ୍ରମଣି ବେହେରା, ନିରଞ୍ଜନ ବେହେରା, ଜୟକୃଷ୍ଣ ବେହେରା, ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।




ବାର୍ଷିକ ସମ୍ମିଳନୀରେ ଯାଦବ ସମିତିର ସଦସ୍ୟ।

# ରଙ୍ଗବତୀ ନୃତ୍ୟ, ରସରକେଳିରେ ଝୁମିଲେ ଦର୍ଶକ



ଗଣେଶ ମହୋତ୍ସବ ୯ମ ସନ୍ଧ୍ୟାରେ କଳାକାରମାନେ ରଙ୍ଗବତୀ ନୃତ୍ୟ ପରିବେଷଣ କରୁଛନ୍ତି।

ଜଟଣୀ,୧୫।୯(ରବୀନ୍ଦ୍ରନାଥ ମହାକୁଡ଼)

## ଜଟଣୀ ଗଣେଶ ମହୋତ୍ସବର ୯ମ ସନ୍ଧ୍ୟା

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଏବଂ ମହୋତ୍ସବର ୯ମ ଦିବସରେ ବିଭିନ୍ନ ପୂଜା ମଣ୍ଡପ ଓ ମିନାବଜାରରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଛି। ରବିବାର ଛୁଟି ଦିନ ଓ ପାଗ ଶୁଖିଲା ରହିଥିବାରୁ ପୂଜା ପେଣ୍ଡାଲ ଏବଂ ବିଭିନ୍ନ ମିନାବଜାର ଓ ମହୋତ୍ସବ ପଡ଼ିଆରେ ନାହିଁ ନ ଥିବା ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ଜଟଣୀ କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଆୟୋଜିତ ଜଟଣୀ ଗଣେଶ ମହୋତ୍ସବର ରବିବାର ବେଶ ଜନସମାଗମ ହୋଇଥିଲା। ୯ମ ସନ୍ଧ୍ୟାରେ ଆୟୋଜକ ସଂଗଠନ ସଭାପତି ରବିନାରାୟଣ ଦାଶଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ, ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହୋତ୍ସବ ସଭା ମଞ୍ଚରେ ମୁଖ୍ୟଅତିଥି ରୂପେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ରୂପେ ଜୟ ଓଡ଼ିଶା ସଭାପତି ରୁଦ୍ରନାରାୟଣ ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନା ଯୋଗଦେଇଥିଲେ। ପୁରୀ ଡାନ୍ସ ଏକାଡେମୀ କଳାକାରଙ୍କ ପକ୍ଷରୁ ଓଡ଼ିଶୀ ଏବଂ ମାହାରୀ ନୃତ୍ୟ ପରିବେଷଣ କରାଯଇଥିଲା। ସେହିପରି ରାଧାକୃଷ୍ଣ ଯାଦବ ସଂଘ, ଢେଙ୍କାନାଳ ପକ୍ଷରୁ ଲଉଡ଼ି ନୃତ୍ୟ ଏବଂ ବୁଲଝୁପ କଳା ସାଂସ୍କୃତିକ ଅନୁଷ୍ଠାନ, କୁଚିଣ୍ଡା ସମ୍ବଲପୁରର କଳାକାରଙ୍କ ପକ୍ଷରୁ ରସରକେଳି, ଡାଲଖାଇ ଏବଂ ଏବଂ ରଙ୍ଗବତୀ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ଝୁମେଇଥିଲା। ହଜାର ହଜାର ଦର୍ଶକ ମହୋତ୍ସବ ପଡ଼ିଆରେ ନୃତ୍ୟ ସଙ୍ଗୀତର ଆନନ୍ଦ ଉପଭୋଗ କରିଥିଲେ। ପ୍ରାରମ୍ଭରେ ଆୟୋଜକ ସଂଗଠନର ଆବାହକ ସୀତାକାନ୍ତ ନାୟକ ଏବଂ ପ୍ରତାପ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସମୀର ଜେନା ଉତ୍ସବର ଆଭିମୁଖ୍ୟ ପ୍ରଦାନ କରିଥିଲେ। ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଶମ୍ଭୁଦତ୍ତ ସ୍ୱାଇଁ ଏବଂ କବିରାଜ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲା ପ୍ରଶାସନ ପକ୍ଷରୁ ପ୍ରିମିୟମ ଲିଗ୍ କ୍ରିକେଟ୍

## କୃଷ୍ଣପ୍ରସାଦକୁ ହରାଇ ଚାମ୍ପିୟନ ହେଲା ସତ୍ୟବାଦୀ ଟିମ୍

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରିମିୟର ଲିଗ୍ କ୍ରିକେଟ୍-୨୦୨୪ ରବିବାର ପେଣ୍ଠକଣ୍ଟାସ୍ଥିତ ଶ୍ରୀଜଗନ୍ନାଥ କିକ୍ରେଟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଲିଗ୍‌ର ଦ୍ୱିତୀୟ ସିଜିନ୍‌ରେ ଉପଜିଲାପାଳ ଓ ବିଭିନ୍ନ ତହସିଲର ତହସିଲଦାରମାନଙ୍କୁ ନେଇ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ଲିଗ୍‌ର ଫାଇନାଲ ମ୍ୟାଚ୍ ସତ୍ୟବାଦୀ ଏବଂ କୃଷ୍ଣପ୍ରସାଦ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ଗୋପୀନାଥ କୁଅଁର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସତ୍ୟବାଦୀ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୩ ଉଇକେଟ ହରାଇ ୧୩୬ ରନ କରିଥିବା ବେଳେ ଜବାବରେ କୃଷ୍ଣପ୍ରସାଦ ଦଳ ୧୫ ଓଭର ଖେଳି ୮ ଉଇକେଟ୍ ହରାଇ ୧୩୧ ରନ କରିଥିଲା। ଫଳରେ ସତ୍ୟବାଦୀ ଟିମ୍ ୫ରନ୍‌ରେ ଜିତିଥିଲା। ଅତିରିକ୍ତ ଜିଲାପାଳ କୈଳାଶ ଚନ୍ଦ୍ର ନାୟକ ବିଜୟୀ ସତ୍ୟବାଦୀ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ସତ୍ୟବାଦୀ ଟିମ୍ ଅଧିନାୟକ ରାଜେଶ ପ୍ରିୟଦର୍ଶୀ ଓ ମେଣ୍ଟର ଆଲୋକ ଦେହୁରୀ ଚାମ୍ପିୟନ ଟ୍ରଫି ଏବଂ କୃଷ୍ଣପ୍ରସାଦ ଟିମ୍ ଅଧିନାୟକ ଶଶାଙ୍କ ମହାରଣା ରନର୍ସ ଅପ୍ ଟ୍ରଫି ଗ୍ରହଣ କରିଥିଲେ।



# ସମସ୍ତ ପଞ୍ଚାୟତରେ ହେବ ଜୀବନବିନ୍ଦୁ ରକ୍ତଦାନ କାର୍ଯ୍ୟକ୍ରମ

ବୋଲଗଡ଼/କଳାପଥର/ଖୋର୍ଦ୍ଧା/ ବେଗୁନିଆ, ୧୫।୯ (ଦେବବ୍ରତ ହୋତା/ଗଙ୍ଗାଧର ସାହୁ/ ପ୍ରଭାତ ପାଣିଗ୍ରାହୀ/ସନ୍ଧ୍ୟାରାଣୀ ମିଶ୍ର)

## ଶିବିରରୁ ୫୧ ୟୁନିଟ୍ ରକ୍ତ ସଂଗ୍ରହ

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଓଡ଼ିଶା ମୋ ପରିବାର 'ଜୀବନ ବିନ୍ଦୁ' ଆନୁକୁଲ୍ୟରେ ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ପଞ୍ଚାୟତ ଶାମୁକାପାଟଣାସ୍ଥିତ ନବଜ୍ୟୋତୀ ଯୁବକ ସଂଘ ସଭାଗୃହଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ବିଜେଡିର ଭୁବନେଶ୍ୱର ଜୋନ୍ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରକୁ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷ ରମେଶଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ ତ୍ରିପାଠୀ, ସମିତିସଭ୍ୟ ରଞ୍ଜନ କୁମାର ପଣ୍ଡା,ରାଜ୍ୟ ଯୁବବିଜେଡ଼ି ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖଡ଼ଙ୍ଗା, ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସତ୍ୟପ୍ରକାଶ ସାହୁ, ଶିଶିର ମହାପାତ୍ର, ମିହିର ମହାପାତ୍ର ପ୍ରମୁଖଙ୍କ ସମେତ ଅନେକ ସମିତି ସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିଲେ। ସଂଘର ସଦସ୍ୟ, କର୍ମକର୍ତ୍ତା ଓ ସ୍ଥାନୀୟ ଯୁବକଙ୍କ ସହଯୋଗରେ ଖୋର୍ଦ୍ଧା ବ୍ଲଡ଼ବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗୃହୀତ ହୋଇଥିଲା। ବିଧାୟକ ସାହୁ କହିଛନ୍ତି, ଏହି ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ସମସ୍ତ ୪୦ଟି ପଞ୍ଚାୟତରେ ଆୟୋଜନ କରାଯାଇ ରକ୍ତାଭାବ ଦୂର କରାଯିବା ସହ ଏକ ସୁସ୍ଥ, ସ୍ୱଚ୍ଛ ଓ ସବୁଜ ବୋଲଗଡ଼, ବେଗୁନିଆ ଗଠନ ପାଇଁ ପ୍ରୟାସ ଜାରି ରହିବ। ଏହି ଶିବିର ଆୟୋଜକ, ପରିଚାଳକ ଓ ସମସ୍ତ ରକ୍ତଦାତାଙ୍କୁ ବିଧାୟକ ସାହୁ ଧନ୍ୟବାଦ ଜଣାଇଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ବିଦ୍ୱତ୍ ପରିଷଦ ପକ୍ଷରୁ ସାମଗ୍ରିକ ବିକାଶ ସମ୍ପର୍କିତ ଆଲୋଚନାଚକ୍ର

ବେଗୁନିଆ,୧୫।୯
(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଖୋର୍ଦ୍ଧା ବିଭାଗ ବିଦ୍ୱତ ପରିଷଦ ପକ୍ଷରୁ ଜାତୀୟ ଶିକ୍ଷାନୀତିରେ ଶିଶୁର ୩୬୦ ଧାରାରେ ସାମଗ୍ରିକ ବିକାଶ ସମ୍ପର୍କିତ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାରେ ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ମୋଟ ୩୫ ଜଣ ବିଦ୍ୱାନ ବ୍ୟକ୍ତି ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ଅଧ୍ୟକ୍ଷତା ଓ ସ୍ଥାନୀୟ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିଜୟ ରଥ ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କୃପାସିନ୍ଧୁ କରଣ ଓ ଖୋର୍ଦ୍ଧା ବିଭାଗ ନିରୀକ୍ଷକ ପ୍ରସନ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଗୁଣାତ୍ମକ ଓ ସୃଜନଶୀଳ ଶିକ୍ଷା ଗ୍ରହଣ କରିବା ଦ୍ୱାରା ଶିଶୁର ସାମଗ୍ରିକ ଭାବେ ବିକାଶ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

# 'ପତ୍ରିକା ପଠନ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ପ୍ରକାଶ ପାଉ'



ଉତ୍ସବରେ ଉପସ୍ଥିତ ସମ୍ବର୍ଦ୍ଧିତ ପ୍ରତିଭାମାନେ।

ଖୋର୍ଦ୍ଧା,୧୫।୯(ପ୍ରଭାତ ପାଣିଗ୍ରାହୀ)

- 'ଆମରି ସତ୍ୟ'ର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ
- ୨୨ ପ୍ରତିଭା ସମ୍ବର୍ଦ୍ଧିତ, ୨ ପୁସ୍ତକ ଉନ୍ମୋଚିତ

ସାପ୍ତାହିକ ପତ୍ରିକା 'ଆମରି ସତ୍ୟ'ର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ମୈତ୍ରୀଭବନରେ ଆୟୋଜିତ ହୋଇଯାଇଛି। ଏଥିରେ 'ଆମରି ସତ୍ୟ'ର ସମ୍ପାଦକ ଡ. ପ୍ରସନ୍ନ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଷାବିତ୍ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟର ବିକାଶ ଆମ ହାତରେ ରହିଛି ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପୂର୍ବତନ ପ୍ରାଧାପିକା ସଂଘମିତ୍ରା ମିଶ୍ର ଯୋଗଦେଇ କହିଲେ, ସତ୍ୟ ସହ ମିଥ୍ୟା ନ ରହିଲେ ସାହିତ୍ୟ ସମ୍ଭବ ହେବନି। ଓଡ଼ିଆ ଭାଷାର ଅଗ୍ରଗତି ପାଇଁ ଯୁବପିଢ଼ିଙ୍କ ମନରେ ବିଭିନ୍ନ ପତ୍ରପତ୍ରିକା ପଢିବା ପାଇଁ ଆଗ୍ରହ ପ୍ରକାଶ ସୃଷ୍ଟି ହେବା ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ବିଷ୍ଣୁଚରଣ ସାହୁ ବେଦ, ଉପନିଷଦ, ଗୀତାରେ ଯେଉଁ ସତ୍ୟର ପରିଭାଷା ରହିଛି, ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ 'ଆମରି ସତ୍ୟ' ପତ୍ରିକା କିପରି ଉତ୍‌ଥାନ ପତନ ଦେଇ ଗତି କରୁଛି, ସେ ସମ୍ପର୍କରେ ଆଲୋକପାତ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସତ୍ୟବାଦୀ ବଳିୟାସିଂ ଅତିଥି ପରିଚୟ, ରମେଶ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀଙ୍କୁ 'ଆମରି ସତ୍ୟ ସାରସ୍ୱତ ସମ୍ମାନ', ବିଭୁପ୍ରସାଦ ହରିଚନ୍ଦନଙ୍କୁ 'ଆମରି ସତ୍ୟ ସମ୍ମାନ' ଏବଂ ନାଟ୍ୟ ନିର୍ଦ୍ଦେଶକ ଜିତେନ୍ଦ୍ର ପଟ୍ଟନାୟକଙ୍କୁ 'ଆମରି ସତ୍ୟ ଡା. ଧନେଶ୍ୱର ସାହୁ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଜଟଣୀସ୍ଥିତ ଆମରି ସତ୍ୟ ବିକାଶ ପରିଷଦର ୧୯ ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ରମାକାନ୍ତ ମିଶ୍ରଙ୍କ 'କୁଳପ୍ରଦୀପ ରଘୁ', 'ପୁସ୍ତକ ଓ ଶରତ ଚନ୍ଦ୍ର ମହାପାତ୍ରଙ୍କ 'ବ୍ୟକ୍ତିବିଶେଷ: କିଛି ଅଜଣା କଥା' ପୁସ୍ତକ ଉନ୍ମୋଚନ ହୋଇଥିଲା। ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂଙ୍କ ସଭାପତିତ୍ୱରେ ନିଶିକାନ୍ତ କହଲସିଂ, ଗୋବିନ୍ଦ ମହାରଣା, ଅଧ୍ୟାପିକା ସୌଦାମିନୀ ବେହେରା ଏବଂ ସମରଜିତ ପଟ୍ଟନାୟକଙ୍କ ସଂଯୋଜନାରେ କବିତା ଆସର ହୋଇଥିଲା। ବହୁ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବେଆଇନ ବାଲିଚାଲାଣ ଯୋଗୁ ରାସ୍ତା ପାଲଟିଛି ମରଣଯନ୍ତା

ଯୋଗେଶ୍ୱରପୁର,୧୫।୯(ରଶ୍ମିରଞ୍ଜନ ସାହୁ)

ନୟାହାଟଠାରୁ ଶିଖରଘାଟ ଦୀର୍ଘ ୧୦କିଲୋମିଟର ରାସ୍ତା ମରାମତି ଅଭାବରୁ ଶୋଚନୀୟ ଅବସ୍ଥାରେ ପଡ଼ିଥିବାବେଳେ ନୟାହାଟ ବଜାରଠାରୁ ଧୂମାଳ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ଖାଲରେ ପରିଣତ ହୋଇଛି। ବର୍ଷା ହେଲେ ସେଠାରେ ୨ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଥିବାବେଳେ ବାଇକ, ଅଟୋର ଚକା ବୁଡ଼ି ଯାଉଥିବାରୁ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାର ବାହାଡ଼ାପାଟଣା, ନୂଆବେଡେଣ୍ଡା ଠାରେ ବଡ଼ ବଡ଼ ଗର୍ତ୍ତମାନ ସୃଷ୍ଟି ହୋଇଛି। ପ୍ରତିଦିନ ଉକ୍ତ ରାସ୍ତାରେ ବେଆଇନ ବାଲିଚାଲାଣ ହେଉଥିବାରୁ ରାସ୍ତା ନଷ୍ଟ ହେଉଛି ବୋଲି କୃଷ୍ଣଚନ୍ଦ୍ର ବାରିକ ଅଭିଯୋଗ କରିଛନ୍ତି। ଜାଲ୍ ରସିଦ୍‌ରେ ବାଲିଚାଲାଣ ହେବାଦ୍ୱାରା ରାଜସ୍ୱହାନି ହେଉଛି ବୋଲି ସାଧାରଣରେ ଦାବି ହେଉଛି। ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ସୁବାସ ବେହେରା କହିଛନ୍ତି, ତୁରନ୍ତ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

### ଦୁର୍ଘଟଣାରେ ଶିକ୍ଷକ ଆହତ

ଯୋଗେଶ୍ୱରପୁର,୧୫।୯(ରଶ୍ମିରଞ୍ଜନ ସାହୁ)

ଦୁର୍ଘଟଣାରେ ଜଣେ ଶିକ୍ଷକ ରବିବାର ଆହତ ହୋଇଥିବା ଜଣାପଡ଼ିଛି। ଆହତ ଜଣକ ହେଲେ ରାଧାଦାମୋଦର ବିଦ୍ୟାଳୟ ପୀଠର ଶିକ୍ଷକ ପଦ୍ମଚରଣ ରାଉତ। ଫଳରେ ତାଙ୍କୁ ସ୍ଥାନୀୟ ଲୋକେ ଚାରିଛକ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ତାଙ୍କର ଗୋଡ଼ରେ ଆଘାତ ଲାଗିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଶିକ୍ଷକ ଜଣକ ଘରୁ ସ୍କୁଲ୍‌କୁ ଆସୁଥିବା ବେଳେ ଦୁର୍ଘଟଣା ଘଟିଛି।

### ଘର ତାଲା ଭାଙ୍ଗି ଟଙ୍କା, ସୁନା ଗହଣା ଚୋରି

ନିମାପଡ଼ା,୧୫।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍ଏସି ଅଧୀନ ଜୟଶ୍ରୀ ଛକ ନିକଟସ୍ଥ ଶ୍ରୀକୃଷ୍ଣନଗର କୃଷ୍ଣଚନ୍ଦ୍ର ସାହୁଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଗୃହ କର୍ତ୍ତା ବହୁ ଦିନ ହେଲା ଘରେ ରହୁ ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ମୁଖ୍ୟ ଫାଟକ ଲୁହାଗ୍ରିଲ ଗେଟ୍ ଭାଙ୍ଗି, ଘରେ ପଶି ୩ କୋଠରିର ତାଲା ଭାଙ୍ଗି ଗଡରେଜ୍ ଭାଙ୍ଗି ନଗଦ ୪୦ ହଜାର ଟଙ୍କା ଓ ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର ୩ ଭରି ସୁନାଗହଣା ଚୋରି କରି ନେଇଛନ୍ତି। ଏପରିକି ସେମାନେ ଘର ଦୁଆର ମୁହଁରେ ଲାଗିଥିବା ସିସିଟିଭିକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ଖବର ପାଇ ଗୃହକର୍ତ୍ତା କୃଷ୍ଣଚନ୍ଦ୍ରଙ୍କ ଶଳା ରଶ୍ମିରଞ୍ଜନ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି ବାମଦେବ ସ୍ୱାଇଁ, ଏସ୍ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପୁରୀରୁ ସାଇଣ୍ଟିଫିକ୍ ଅଫିସର ଆଦିତ୍ୟ ରଞ୍ଜନ ନାୟକ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରୁଛନ୍ତି। ଏନେଇ ପୋଲିସ ୨୭୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଜରାଜୀର୍ଣ୍ଣ

## ଦୁର୍ଦ୍ଦଶାରେ ୮୨ କର୍ମଚାରୀ

ନିମାପଡ଼ା,୧୫।୯(ବିଚିତ୍ରାନନ୍ଦ ସାହୁ)



ନିମାପଡ଼ାସ୍ଥିତ ପୁରୀ ଜିଲା ଦୁଗ୍ଧ ଶୀତଳୀକରଣ କେନ୍ଦ୍ର (ପୁମୁଲ) ଏବେ ଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ୧୯୯୨ ମସିହାରେ ଦୁଗ୍ଧଚାଷୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ତେବେ ପରିଚାଳନାଗତ ତ୍ରୁଟି କାରଣରୁ ଗତ ୨ ବର୍ଷ ହେବ ଏହି କେନ୍ଦ୍ରର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଏହି କେନ୍ଦ୍ରରେ ଆଉ କ୍ଷୀର ଶୀତଳୀକରଣ କି ଷ୍ଟୋରେଜ କରାଯାଉନାହିଁ, କେବଳ ଆକ୍ଟିଭିଟିଜ୍ ମାଧ୍ୟମରେ ଲାବରେଟୋରିରେ ଦୁଗ୍ଧର ସାମ୍ପୁଲ ପରୀକ୍ଷା କରାଯାଉଛି। ଦୁଗ୍ଧ ଶୀତଳୀକରଣ ପାଇଁ ଅନ୍ୟତ୍ର ପଠାଯାଉଛି। ଏହି କେନ୍ଦ୍ରର ଅଫିସ ବିଲ୍ଡିଂ, ପାଣିଟାଙ୍କି, ଯନ୍ତ୍ରାଂଶ ଗୃହ ଆଦି ଭାଙ୍ଗିରୁଜି ଯାଇଛି। ଲକ୍ଷାଧିକ ଟଙ୍କା ମୂଲ୍ୟର କମ୍ପ୍ରେସର, ଚିଲର, ଆଇବିଟି ସମେତ ବହୁ ମୂଲ୍ୟବାନ ଯନ୍ତ୍ରାଂଶ ଖତ ଖାଉଛି। ଏହି ଭଗ୍ନ, ଜରାଜୀର୍ଣ୍ଣ ଅଫିସ ଗୃହ ଓ ପ୍ଲାଣ୍ଟରେ ପୁମୁଲର କର୍ମଚାରୀମାନେ ବିପଦସଂକୁଳ ଭାବେ କାର୍ଯ୍ୟ କରୁଛନ୍ତି। କେନ୍ଦ୍ରରେ ୬୭ଜଣ ନିୟମିତ ଓ ୧୫ ଜଣ କଣ୍ଟ୍ରାକ୍ଟୁଆଲ (ଚୁକ୍ତି ଭିତ୍ତିରେ) ଭାବେ ମୋଟ ୮୨ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ପ୍ଲାଣ୍ଟର ଦୟନୀୟ ଅବସ୍ଥା ଯୋଗୁ କର୍ମଚାରୀମାନେ ନିୟମିତ ଦରମା ନ ପାଇ ହଇରାଣ ହେଉଥିବା ପୁମୁଲର ପ୍ଲାଣ୍ଟ ଇନଚାର୍ଜ ଦୀପକ ବେହେରା, ୟୁନିଟ୍ ଇନଚାର୍ଜ ବିଜୟ ଦାସ, ଜୁନିୟର ଡାଏରିମ୍ୟାନ ବ୍ରହ୍ମାନନ୍ଦ ପରିଡ଼ା, ଜୁନିୟର ପ୍ଲାଣ୍ଟ ଅପରେଟର ବାଇନ ବେହେରା, ଜୁନିୟର ଆଟେଣ୍ଡାଣ୍ଟ ଶିଶିର ପ୍ରଧାନ, ଜୁନିୟର ଆସିଷ୍ଟାଣ୍ଟ ଲତାଞ୍ଜଳି ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି। ପ୍ଲାଣ୍ଟର ବହୁ କର୍ମଚାରୀ ୪-୫ ମାସ ଧରି ଦରମା ପାଇ ନ ଥିବା ଜଣାପଡ଼ିଛି। ଏ ନେଇ କର୍ମଚାରୀମାନେ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେହିପରି କେନ୍ଦ୍ରର ଶୋଚନୀୟ ଅବସ୍ଥା ଯୋଗୁ ସ୍ଥାନୀୟ ଅଞ୍ଚଳର ଶହ ଶହ ଦୁଗ୍ଧଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି କେନ୍ଦ୍ରର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନେବାକୁ କର୍ମଚାରୀମାନେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ସେହିପରି କାର୍ଯ୍ୟରତ କର୍ମଚାରୀଙ୍କୁ ନିୟମିତ ଦରମା ଦେବା, ବକେୟା ଦରମା ଦିଆଯିବା ଓ ଏହି କେନ୍ଦ୍ରର ପୁନରୁଦ୍ଧାର କରାଯିବାକୁ ନିମାପଡ଼ା ବ୍ଲକ ଜନ ସଂଘର୍ଷ କମିଟି ସଭାପତି ମାଧବ ମଲ୍ଲିକ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ପୁମୁଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ପ୍ରଶାସନ ପକ୍ଷରୁ ଦୋକାନ ଉଚ୍ଛେଦ ପ୍ରତିବାଦରେ ରବିବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶରଧାବାଲି ବ୍ୟବସାୟୀ ସଂଘ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । (ଫଟୋ- ଯଜ୍ଞେଶ୍ୱର)

# ଭାରତ କୋ ଜାନୋ, ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ଦେଶର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶଭକ୍ତି ଜାଗରଣ ସହ ନୈତିକ ମୂଲ୍ୟବୋଧର ବିକାଶ କରିବା ଲକ୍ଷ୍ୟରେ ଭାରତ ବିକାଶ ପରିଷଦ, ଶ୍ରୀଜଗନ୍ନାଥ ଧାମ ଶାଖା ଦ୍ୱାରା ବିଦ୍ୟାଳୟସ୍ତରୀୟ ଭାରତ କୋ ଜାନୋ ଜଣାଅଜଣା ପ୍ରତିଯୋଗିତା ଓ ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପୁରୀର ୩୨ଟି ବିଦ୍ୟାଳୟରୁ ୩୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ରାଷ୍ଟ୍ର ଭକ୍ତିର ଏହି ଅନନ୍ୟ କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଶ୍ରୀମନ୍ଦିର ରତ୍ନଭଣ୍ଡାର ତଦାରଖ ସମିତିର ସଦସ୍ୟ ଡ. ହରିହର ହୋତା ଉଦ୍‌ଘାଟନ କରିଥିଲେ। ଭାରତ କୋ ଜାନୋ ଜଣାଅଜଣା କନିଷ୍ଠ ବର୍ଗରେ ଭାଗନେଇ ଥିବା ୨୭ଟି ବିଦ୍ୟାଳୟ ମଧ୍ୟରୁ ପୋଲିସ ହାଇସ୍କୁଲ ପ୍ରଥମ, ଭଗବତୀ ବିଦ୍ୟା ନିକେତନ ଦ୍ୱିତୀୟ ଏବଂ ଡିଏଭି ପବ୍ଲିକ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିଭଳି ବରିଷ୍ଠ ବିଭାଗରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସତ୍ୟଜିତ ପ୍ରଧାନ, ସମ୍ବିତ ବଳିୟାରସିଂ ପ୍ରଥମ, ଡିଏଭି ପବ୍ଲିକ ସ୍କୁଲର ଶିବ ପ୍ରସାଦ ମିଶ୍ର, ଶୁଭମ କୁମାର ଦ୍ୱିତୀୟ ଏବଂ ବ୍ଲେସ୍‌ଡ ସାକ୍ରାମେଣ୍ଟ ସ୍କୁଲର ସଜ୍ଞାଦୀପ୍ତ ମହାନ୍ତି ଓ ସଂଗ୍ରାମଜିତ ପୃଷ୍ଟି ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତାରେ ୧୬ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇ ହିନ୍ଦି, ସଂସ୍କୃତ ଓ ଲୋକ ଗୀତ ସମୂହଗାନ କରିଥିଲେ। ଏହି ପ୍ରତିଯୋଗିତାରେ ସନ୍ତୋଷୀ ଇଂଲିଶ ମିଡିୟମ ସ୍କୁଲର ଶ୍ରେଷ୍ଠ ଦଳ ଭାବେ ପୁରସ୍କୃତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଲୋକସଭା ସଦସ୍ୟ ଡା. ସମ୍ବିତ ପାତ୍ର, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

# ସୁଭଦ୍ରା ସ୍ୱାଗତ ପଦଯାତ୍ରା

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ପୁରୀ ସହରରେ ରବିବାର ପୂର୍ବାହ୍ନରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲାପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତନୁପ୍ରଭା ବେଉରା ପ୍ରମୁଖ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ସୁଭାଷ ବୋଷ ଛକଠାରୁ ବାହାରି ସ୍ଥାନୀୟ ରାଜଭବନ, ସର୍କିଟ ହାଉସ, ସି ବିଚ୍ ଥାନା, କୋର୍ଟ ଛକ ଦେଇ ଟାଉନ ହଲ ନିକଟରେ ପହଞ୍ଚିଥିଲା। ସୁଭଦ୍ରା ଯୋଜନା ସମ୍ପର୍କରେ ହିତାଧିକାରୀଙ୍କୁ ସଚେତନ କରାଇବା ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପରେ ଟାଉନ ହଲରେ ଏକ ସଭା ହୋଇଥିଲା। ଏଥିରେ ଉପରୋକ୍ତ ଅଧିକାରୀମାନେ ଯୋଗଦେଇଥିଲେ। ସୁଭଦ୍ରା ଯୋଜନାରେ ଆବେଦନକାରୀଙ୍କୁ ସହଯୋଗ କରିବା, ଆବେଦନ ପ୍ରକ୍ରିୟା ସମ୍ପର୍କରେ ଜଣାଇବା, ମାର୍ଗଦର୍ଶିକା ଅନୁସାରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଏକ ସ୍ୱାକ୍ଷର ଅଭିଯାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦର ପ୍ରୋଗ୍ରାମ ଅଫିସର ତୃପ୍ତି ବଡଜେନା, ମମତାର ଡିପିସି ପ୍ରଣତି ମହାନ୍ତି, ମିଶନ ଶକ୍ତିର ଡିପିସି ଆରତି ସାହୁ, ସିଡିପିଓ, ସୁପରଭାଇଜର, ମିଶନ ଶକ୍ତିର ମା'ମାନେ ଯୋଗଦେଇଥିଲେ।




ସୁଭଦ୍ରା ସ୍ୱାଗତ ପଦଯାତ୍ରାକୁ ଅତିଥିମାନେ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି ।

# ରାସ୍ତାପାର୍ଶ୍ୱରୁ ମହିଳାଙ୍କ ମୃତଦେହ ଜବତ

କୋଣାର୍କ,୧୫।୯(ଜ୍ୟୋତିରାଜ ମହାନ୍ତି)

## ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

କୋଣାର୍କ ଥାନା ଅନ୍ତର୍ଗତ ବନାଖଣ୍ଡି ଛକ ନିକଟ ରାସ୍ତାପାର୍ଶ୍ୱରୁ ରବିବାର ଜଣେ ମହିଳାଙ୍କ ଶବକୁ ପୋଲିସ ଜବତ କରିଛି। ମୃତ ମହିଳା ଜଣଙ୍କ ହେଲେ ବଡ଼ଗୁଣ୍ଡି ଗ୍ରାମର ଝରଣା ମଲ୍ଲ(୩୫)। ଶାଶୁଘର ଲୋକମାନେ ଝରଣାଙ୍କୁ ମାରି ଫୋପାଡ଼ି ଦେଇଥିବା ଝିଅର ବାପା ଥାନାରେ ଅଭିଯୋଗ କରିଛନ୍ତି।

କୋଣାର୍କ-ଭୁବନେଶ୍ୱର ମୁଖ୍ୟ ରାସ୍ତା ବନାଖଣ୍ଡି ଛକ ନିକଟ ପେଟ୍ରୋଲ ପମ୍ପ ପାଖରେ ରାସ୍ତା ପାର୍ଶ୍ୱରେ ମହିଳାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକମାନେ ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳକୁ ଲୋକଙ୍କ ସୁଅ ଛୁଟିଥିଲା। କୋଣାର୍କ ପୋଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲେ। ମହିଳାଙ୍କ ମୁହଁରେ ରକ୍ତ ଦାଗ ଓ ଧଳା ଗାମୁଛା ଘୋଡ଼ାଯାଇଥିବା ଦେଖିବାକୁ ମିଳିଥିଲା। ପରେ ପରିବାର ଲୋକ ଶବକୁ ଚିହ୍ନଟ କରିଥିଲେ। ଗତ ୨୦୧୮ ମସିହାରେ ଝରଣା ଚାରିଛକ ନିକଟ ସଇଦାବାଦର ଅଭିନାଶ ନାୟକଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ଏ ସମ୍ପର୍କରେ କୋଣାର୍କ ଥାନାରେ ୧୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

## ପ୍ରଧାନ ଶିକ୍ଷକଙ୍କ ସ୍ମୃତି ସଭା

କଣାସ,୧୫।୯(ବିଭୂତି ଭୂଷଣ ତ୍ରିପାଠୀ)

ତିପୁରୀ ଗ୍ରାମରେ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମହାପାତ୍ରଙ୍କ ଏକାଦଶାହ ଅବସରରେ ରବିବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ତାଙ୍କର ବହୁ ଛାତ୍ରୀଛାତ୍ର, ସହଯୋଗୀ, ବନ୍ଧୁମାନେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ରାଜକିଶୋର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିପିଆଇ (ଏମ୍ଏଲ) ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଜିଲା ସମ୍ପାଦକ ଅଶୋକ ପ୍ରଧାନ, ଶିକ୍ଷକ ନେତା ସୁଦାମ ଚରଣ ସାମନ୍ତରାୟ, ମହେନ୍ଦ୍ର ରଣସିଂହ, ବିଭୂତି ଭୂଷଣ ପଟ୍ଟନାୟକ, ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣି ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

# ଜିଲା ବରିଷ୍ଠ ନାଗରିକ ମଞ୍ଚର ୪ର୍ଥ ବାର୍ଷିକ ସାଧାରଣ ସଭା




ସାଧାରଣ ସଭାରେ ମଞ୍ଚାସୀନ ଅତିଥି ।

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚର ୪ର୍ଥ ବାର୍ଷିକ ସାଧାରଣ ସଭା ମଞ୍ଚ ସଭାପତି ଡ. କାର୍ତ୍ତିକ ଦାସଙ୍କ ସଭାପତିତ୍ୱରେ ରବିବାର ସିଦ୍ଧମହାବୀର ସନ୍ନିକଟ ମାରୁତି ନଗର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ ଅଧୀକ୍ଷକ ବିଷ୍ଣୁପ୍ରସାଦ ପତି ମୁଖ୍ୟ ଅତିଥି ଏବଂ ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ଫେଡେରେଶନର ସମ୍ପାଦକ ଯୁଗଳ କିଶୋର ସାହୁ ଓ ପ୍ରଫେସର ଡ. ବାଉରୀବନ୍ଧୁ ସାହୁ ମୁଖ୍ୟ ବକ୍ତା, ପୁରୀ ଗୋ- ସେବା ସଂସ୍ଥାର ଉପସଭାପତି ତଥା ଜଗନ୍ନାଥଙ୍କ ସେବକ ସତ୍ୟନାରାୟଣ ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଞ୍ଚର ସମ୍ପାଦକ ଦେବେନ୍ଦ୍ର ଦାଶ ସମ୍ପାଦକୀୟ ବିବରଣୀ ପାଠ ଏବଂ କୋଷାଧ୍ୟକ୍ଷ ଗୋଲକ ଚନ୍ଦ୍ର ଜେନା ସମସ୍ତ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ଶ୍ରୀମନ୍ଦିରରେ ଦର୍ଶନ ପାଇଁ ବରିଷ୍ଠ ନାଗରିକଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାବେଳେ ପୁରୀ ଜିଲାର ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ସମସ୍ତ ସଦସ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ଅସ୍ତରଙ୍ଗ ଓ କଣାସ ବ୍ଲକ ମୋ ବସ୍ ସେବାରୁ ବଞ୍ଚିତ ହୋଇଥିବାରୁ ତୁରନ୍ତ ଏହି ସେବା ଯୋଗାଇଦେବା ଓ ବରିଷ୍ଠ ନାଗରିକଙ୍କୁ ରେଳ ଭଡ଼ାରେ ରିହାତି ପ୍ରଦାନ କରିବାକୁ ପ୍ରଶାସନକୁ ଅନୁରୋଧ କରାଯାଇଛି। ଏହି ଅବସରରେ ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ସମେତ ମଞ୍ଚର ବରିଷ୍ଠ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାର ସମସ୍ତ ବରିଷ୍ଠ ନାଗରିକ ସଙ୍ଗଠନର ପ୍ରତିନିଧି ଯୋଗଦେଇଥିଲେ। ସନ୍ତୋଷ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଶଙ୍କର ବାରିକ, ଘନଶ୍ୟାମ ସାହୁ, ପ୍ରଶାନ୍ତ ଦାଶ, ଅଶୋକ ପଟ୍ଟନାୟକ, ପତିତପାବନ ସାମନ୍ତରାୟ, ସଞ୍ଜୟ ଦାସ ଏବଂ ମାରୁତି ନଗର ଉନ୍ନୟନ ପରିଷଦର କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ସଭ୍ୟ ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶ୍ରୀମନ୍ଦିର ପରିକ୍ରମା ପରିସର ଆବର୍ଜନାମୁକ୍ତ ପାଇଁ ସଚେତନତା

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ରୋଟାରି କ୍ଲବ ସାଗର, ରୋଟାରି କ୍ଲବ ଅଫ୍ ଶ୍ରୀଜଗନ୍ନାଥ ଧାମ ତଥା ରୋଟାରି କ୍ଲବ ପୁରୀର ମିଳିତ ଆନୁକୂଲ୍ୟରେ ରବିବାର ଶ୍ରୀମନ୍ଦିର ପରିକ୍ରମା ପରିସର ଆବର୍ଜନା ଓ ପଲିଥିନ୍‌ମୁକ୍ତ ରଖିବା ପାଇଁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏଥିରେ ରୋଟାରି ଜିଲା ୩୨୬୨ର ପ୍ରାନ୍ତପାଳ ଯଜ୍ଞାଶୀଷ ମହାପାତ୍ର ଓ ଜିଲା ସ୍ୱଚ୍ଛତା ଅଭିଯାନ ଅଧ୍ୟକ୍ଷ ରବିନାରାୟଣ ସାହୁ ପ୍ରମୁଖ ଯୋଗଦେଇ ମନ୍ଦିର ପରିସର ସ୍ୱଚ୍ଛ ଓ ପରିଷ୍କାର ରଖିବା ପାଇଁ ବାର୍ତ୍ତା ରଖିଥିଲେ। ମନ୍ଦିର ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପ୍ରାନ୍ତପାଳ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ୧୫ ଜଣ ସଫେଇ କର୍ମଚାରୀଙ୍କୁ ପଦ ପ୍ରକ୍ଷାଳନ ପୂର୍ବକ ପୁଷ୍ପ ଚନ୍ଦନ ଓ ଉପାୟନ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ରୋଟାରିଆନମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ରୋଟାରି କ୍ଲବ ଅଫ୍ ଶ୍ରୀଜଗନ୍ନାଥ ଧାମର ସଭାପତି କୈଳାସ ଚନ୍ଦ୍ର ବେହେରା, ସମ୍ପାଦିକା ସୁଷମା ମିଶ୍ର, ଦେବରାଜ ପ୍ରଧାନ, ଦେବୋତ୍ତମ ଷଡ଼ଙ୍ଗୀ, ନିରଞ୍ଜନ ଦାସ, ପୀତାମ୍ବର ମହାପାତ୍ର, ମଧୁସୂଦନ ପୂଜାପଣ୍ଡା, ପ୍ରଦୀପ କୁମାର ନାୟକ, ଅଜିତ୍ କୁମାର ରାୟ, ଜିତେନ୍ଦ୍ର ପାତ୍ର, ସୀମାଞ୍ଚଳ ପାତ୍ର , ନିଗମାନନ୍ଦ ପାତ୍ର, ବିଭୂଦତ୍ତ ମିଶ୍ର, ରବି ନାରାୟଣ ସାହୁ, ରୋଟାରି କ୍ଲବ ସାଗର ସମ୍ପାଦକ ଦାମୋଦର ମହାନ୍ତି, ଯୁଧିଷ୍ଠିର ଲେଙ୍କା, ଅର୍ଜୁନ ସାହୁ, କେଦାରନାଥ ମହାପାତ୍ର, ପ୍ରକାଶ କୁମାର ନାୟକ, ଶ୍ୟାମକାନ୍ତ ପଟ୍ଟନାୟକ, ତୁଷାରକାନ୍ତ ରାଉତ, ରୋଟାରି କ୍ଲବ ପୁରୀର ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ସମ୍ପାଦକ ଶୈଳେଶ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାମକୃଷ୍ଣ ପାତ୍ର, ସନ୍ତୋଷ କୁମାର ପାତ୍ର, ବିମଳ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରୋଟାରି କ୍ଲବ ସାଗର, ରୋଟାରି କ୍ଲବ ଅଫ୍ ଶ୍ରୀଜଗନ୍ନାଥ ଧାମ ତଥା ରୋଟାରି କ୍ଲବ ପୁରୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ ।

# 'ଆଧୁନିକ ଭାରତ ନିର୍ମାଣରେ ବିଶ୍ୱେଶ୍ୱରାୟାଙ୍କ ଅବଦାନ ଅବିସ୍ମରଣୀୟ'

କଟକ,୧୫।୯ (କାର୍ତ୍ତିକ ସାହୁ)

ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ୍ ପକ୍ଷରୁ କଟକ ସାରଳା ଭବନଠାରେ ଇଞ୍ଜିନିୟର୍ସ ଦିବସ ରବିବାର ପାଳିତ ହୋଇଯାଇଛି। ଫୋରମର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିଳ୍ପ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ କହିଛନ୍ତି, ଯନ୍ତ୍ରୀ ଗୌରବ ସାର୍ ବିଶ୍ୱେଶ୍ୱରାୟା ଏକା ଧାରରେ ଜଣେ କୁଶଳୀ ସ୍ଥପତି, ଯୋଜନାବିତ୍, ବିଜ୍ଞ ଓ ପରମହିତୈଷୀ ଥିଲେ। ଆଧୁନିକ ଭାରତ ନିର୍ମାଣରେ ତାଙ୍କ ଅବଦାନ ଅବିସ୍ମରଣୀୟ ବୋଲି ସେ ମତ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି.କେ. ହୋତା କହିଛନ୍ତି, ଦେଶର ସର୍ବାଙ୍ଗୀନ ବିକାଶରେ ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସଭାପତି ଇଂ. ସ୍ୱାଇଁ କହିଛନ୍ତି, ବିଶ୍ୱେଶ୍ୱରାୟାଙ୍କ ଆଦର୍ଶକୁ ଇଞ୍ଜିନିୟରମାନେ ପାଥେୟ କରିବା ବାଞ୍ଛନୀୟ। ଏହି ଅବସରରେ ଇଂ. ଗୋପାଳଚନ୍ଦ୍ର ବେହେରାଙ୍କୁ ବିଶ୍ୱେଶ୍ୱରାୟା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୌମିତ୍ର ଦାସ, ଇଂ. ଅଭିଜିତ ମିତ୍ରଙ୍କୁ ଇଞ୍ଜିନିୟରିଂ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୁଣବତ୍ତା ପୁରସ୍କାର ଦିଆଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ବୈଷୟିକ ପତ୍ରିକା ଭର୍ଟେକ୍ସ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ଇଂ. ବିମଳଚନ୍ଦ୍ର ଦାସ ବିଶ୍ୱେଶ୍ୱରାୟାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଫେସର ପ୍ରଭାତ କୁମାର ପାଢ଼ୀ ସ୍ୱାଗତ ଭାଷଣ, ଇଂ. କ୍ଷୀରୋଦ ଚନ୍ଦ୍ର ମହାପାତ୍ର ବିବରଣୀ ପାଠ, ଇଂ. ସୁମିତ୍ରା ସାହୁ ମାନପତ୍ର ପାଠ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା ଓ ଉପସଭାପତି ଇଂ. ଶିଶିର କୁମାର ସାହୁ ଧନ୍ୟବାଦ ଦେଇଥିଲେ।


ସାରଳା ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମେତ ଅନ୍ୟମାନେ।

### ଇଂ. ଗୋପାଳକୃଷ୍ଣ ବେହେରା ପାଇଲେ ବିଶ୍ୱେଶ୍ୱରାୟା ସମ୍ମାନ

ସେହିପରି କଟକ ସିଟି ଇଞ୍ଜିନିୟର୍ସ କ୍ଲବ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଇଂ. ଗୋପାଳକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇନ୍‌ଷ୍ଟିଚ୍ୟୁସନ୍ସ ଅଫ୍ ଇଞ୍ଜିନିୟର୍ସର ଉପସଭାପତି ଡ. ନୂତନ କୁମାର ଦାଶ, ମୁଖ୍ୟବକ୍ତା ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ଯନ୍ତ୍ରୀମୁଖ୍ୟ ଇଂ. ଭକ୍ତ ରଞ୍ଜନ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ବିଶେଷାଙ୍କ ଇଞ୍ଜିନିୟର୍ସ ଭଏସ୍ ଓ ଡ. ସୁବାସିନୀ ଲେଙ୍କାଙ୍କ ରଚିତ ପୁସ୍ତକ ମୋ ମାଟିର ମହକ ଉନ୍ମୋଚିତ ହୋଇଥିଲା। ସାଧାରଣ ସମ୍ପାଦକ ଇଂ. ପ୍ରମୋଦ କୁମାର ନାୟକ ବିବରଣୀ ପାଠ, ଇଂ. ନିତ୍ୟାନନ୍ଦ ମିଶ୍ର ସ୍ୱାଗତ ଭାଷଣ ଓ ଇଂ. ଯଦୁନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ପଦଯାତ୍ରାରେ ସୁଭଦ୍ରା ସଚେତନତା ବାର୍ତ୍ତା

ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୧୫।୯ (ମାନସ ସାମଲ/ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ନଖରା ପଞ୍ଚାୟତରେ ବ୍ଲକସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ନଖରା ଗ୍ରାମରୁ ପଦଯାତ୍ରା ବାହାରି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଅଙ୍ଗନୱାଡି କର୍ମୀ ଜୟଲକ୍ଷ୍ମୀ ପାଣିଙ୍କ ଉଦ୍ୟମରେ ସ୍ୱୟଂ ସହାୟିକା ଗୋଷ୍ଠୀର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟା ପଦଯାତ୍ରାରେ ସାମିଲ ହୋଇ ସୁଭଦ୍ରା ସଚେତନତା ସ୍ଲୋଗାନ ଦେଇ ହିତାଧିକାରୀଙ୍କୁ ସଚେତନ କରିଥିଲେ। ଏହି ପଦଯାତ୍ରାରେ ସୁମିତ୍ରା ବିଶ୍ୱାଳ, ଗୀତାଞ୍ଜଳି ନନ୍ଦ, ସୁଭଦ୍ରା ଦାସ, ସଞ୍ଜିତା କର, ଗାୟତ୍ରୀ ପାଣି, ଜ୍ୟୋତ୍ସ୍ନାରାଣୀ ପାଣି, ପ୍ରମିଳା ମଲ୍ଲିକ, ଅଞ୍ଜନା ମଲ୍ଲିକ, ମମତା ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

ସେହିପରି ଚୌଦ୍ୱାର ପୌରପାଳିକା ପକ୍ଷରୁ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ ନୂଆସାହିରେ ୱାର୍ଡ ଅଫିସର ଦେବାଶିଷ ପଣ୍ଡାଙ୍କ ନେତୃତ୍ୱରେ ମହିଳାମାନେ ସ୍ଥାନୀୟ ମଙ୍ଗଳା ମନ୍ଦିର ଛକଠାରୁ ପଦଯାତ୍ରାରେ ବାହାରି ୱାର୍ଡ ପରିକ୍ରମା କରିଥିଲେ। ପରେ ମହିଳା ଆରୋଗ୍ୟ ସମିତି ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ମହିଳାଙ୍କୁ ଉକ୍ତ ଯୋଜନା ବିଷୟରେ ସଚେତନ କରାଯିବା ସହ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ପୌର କର୍ମଚାରୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ଅନୁରୂପ ଭାବେ ପୌରପାଳିକାର ସମସ୍ତ ୱାର୍ଡରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ସୂଚନା ଦେଇଛନ୍ତି ।

# ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି ସରିଲା

କଟକ,୧୫।୯ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସହରରେ ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି ଉତ୍ସବ ରବିବାର ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୪୦୦ ମୂର୍ତ୍ତି ବିସର୍ଜନ ପାଇଁ ତାଲିକା ହୋଇଥିବାବେଳେ ସକାଳୁ ଭସାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସିଏମ୍‌ସି ପକ୍ଷରୁ ଖୋଳାଯାଇଥିବା ୧୦ଟି ଅସ୍ଥାୟୀ ପୋଖରୀରେ ମୂର୍ତ୍ତିଗୁଡିକ ବିସର୍ଜନ କରାଯାଇଥିଲା। ଭସାଣିରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସହରରେ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ନିଶାମୁକ୍ତ ଭସାଣି ଓ ଡିଜେମୁକ୍ତ ରୋଶଣିକୁ ପୋଲିସ ଗୁରୁତ୍ୱ ଦେଇଥିବାବେଳେ ଏହାକୁ ସମସ୍ତ କ୍ଲବର ସଦସ୍ୟ ମାନିଥିଲେ। ଫଳରେ ଭସାଣି ଶୋଭାଯାତ୍ରାରେ ଢୋଲ ବାଜା, ଚାଙ୍ଗୁ ବାଜା, ଦୁଲ୍‌ଦୁଲି ବାଜା, ସିଂହ ବାଜା ସହ କେରଳ ଥାମ୍ବୁଲମ୍ ବାଦ୍ୟ ମୁଖ୍ୟ ଆକର୍ଷଣ ସାଜିଥିଲା। ବାଜାର ତାଳରେ ବିଭିନ୍ନ କ୍ଲବର ସଦସ୍ୟମାନେ ନୃତ୍ୟ କରିଥିଲେ। ସୂଚନାଯୋଗ୍ୟ, ସହରରେ ୩ଟି ପର୍ଯ୍ୟାୟରେ ଗଣେଶ ଭସାଣି ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ରବିବାର ପ୍ରଥମ ପର୍ଯ୍ୟାୟ ଭସାଣି ସରିଥିବାବେଳେ ଆସନ୍ତା ୨୨ରେ ଦ୍ୱିତୀୟ ପର୍ଯ୍ୟାୟ ଓ ୨୯ରେ ତୃତୀୟ ପର୍ଯ୍ୟାୟ ଭସାଣି ହେବ।


ଗଣେଶ ମୂର୍ତ୍ତି ଭସାଣି ପାଇଁ ପୁରୀଘାଟ ଦେବୀଗଡ଼ା କାଠଯୋଡ଼ି ନଦୀତଟକୁ ନିଆଯାଉଛି।

# ସ୍ମୃତିରକ୍ଷା ପାଇଁ ସ୍ଥାପନ ହେବ ପ୍ରତିମୂର୍ତ୍ତି

### କୋଚିଲେଇ ପୀଠରେ ସର୍ବଦଳୀୟ ବୈଠକ

କଟକ ସଦର,୧୫।୯ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତସ୍ଥିତ କୋଚିଲେଇ ପୀଠରେ ରବିବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭାଜପା, ବିଜେଡି ଓ କଂଗ୍ରେସ ଦଳର ପ୍ରମୁଖ ନେତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କଟକ ସଦର ନିର୍ବାଚନମଣ୍ଡଳୀର ଉନ୍ନତି ପାଇଁ ଜୀବନବ୍ୟାପୀ ସେବାମୂଳକ କାର୍ଯ୍ୟକରି ପରଲୋକ ଗମନ କରିଥିବା ରାଜନେତା, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ପୂଜ୍ୟପୂଜା କମିଟି କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ନିଆଯାଇଛି। ସ୍ମୃତିରକ୍ଷା ପାଇଁ ଏଭଳି ନେତାଙ୍କର ଉକ୍ତ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ ସହ ସେମାନଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। ଏହି କମିଟି ସଦସ୍ୟ ୨/୩ ମାସ ଅନ୍ତରାଳରେ ବିଭିନ୍ନ ସ୍ଥାନରେ ମିଳିତ ହୋଇ ପୂଜ୍ୟପୂଜା ସମ୍ପର୍କରେ ଆଲୋଚନା କରିବା ନିମନ୍ତେ ଉପସ୍ଥିତ ସଭ୍ୟମାନେ ଦେଇଥିବା ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଫୁଲ୍ଲ ସିଂହ, ବିଳାସ ମଲ୍ଲିକ, କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ, ଉଗ୍ରସେନ ଭୂୟାଁ, କଟକ ସଦର ବିକାଶ ମଞ୍ଚ ସଭାପତି ସୁବୋଧ ବେହେରା, ପୂର୍ବତନ ସରପଞ୍ଚ ତ୍ରିଲୋଚନ ସ୍ୱାଇଁ, ପରମହଂସ ସରପଞ୍ଚ ଅଶୋକ ପାତ୍ର, ଦଇତାରି ବେହେରା, ପ୍ରଦୀପ ସାହୁ, ଉମାକାନ୍ତ ରାଉତରାୟ ଉପସ୍ଥିତ ଥିଲେ।

# 'ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଉପରେ ଦେଶର ପ୍ରଗତି ନିର୍ଭର'



କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

କଟକ,୧୫।୯ (କାର୍ତ୍ତିକ ସାହୁ)

ପୂର୍ଣ୍ଣିମା ଫାଉଣ୍ଡେଶନ ପକ୍ଷରୁ ଯୋବ୍ରାସ୍ଥିତ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ଜାତୀୟ ଯନ୍ତ୍ରୀ ଦିବସ ରବିବାର ପାଳିତ ହୋଇଯାଇଛି। ହାଇକୋର୍ଟର ପୂର୍ବତନ ବିଚାରପତି ଦୁର୍ଗାପ୍ରସନ୍ନ ଚୌଧୁରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି, ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଓ ଦାୟିତ୍ୱନିଷ୍ଠା ଉପରେ ଦେଶର ପ୍ରଗତି ନିର୍ଭର କରିଥାଏ। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ଇଞ୍ଜିନିୟରମାନଙ୍କୁ ସାଧୁ ଓ ପାରଦର୍ଶୀ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ତ୍ତ ବିଭାଗର ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ମନୋରଞ୍ଜନ ମିଶ୍ର, ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ଡ. ପଦନ କୁମାର ଜେନା ଓ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଇଂ. ଅବିନାଶ ରାଉଳ ପ୍ରମୁଖ ଯୋଗଦେଇ ଦେଶର ବିକାଶ କ୍ଷେତ୍ରରେ ଇଞ୍ଜିନିୟରଙ୍କ ଗୁରୁଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ପୂର୍ଣ୍ଣିମା ଫାଉଣ୍ଡେଶନର ସମ୍ପାଦକ ଇଂ. ଆଲୋକ ଭୂୟାଁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ରାଜ୍ୟ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଇଂ. ପୂର୍ଣ୍ଣଚନ୍ଦ୍ର ରଥ, ପୂର୍ତ୍ତ ବିଭାଗର ଅତିରିକ୍ତ ମୁଖ୍ୟମନ୍ତ୍ରୀ ଇଂ. ନାରାୟଣ ପଟେଲ, ବିଦ୍ୟୁତ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ନୀହାର ଚନ୍ଦ୍ର ନାୟକ, ଜାତୀୟ ରାଜପଥ ବିଭାଗର ସହକାରୀ ଯନ୍ତ୍ରୀ ଇଂ. ଶୁଭସ୍ମିତା ପାଣି, ଶ୍ରୀଜଗନ୍ନାଥ ଇନଫ୍ରା ନିର୍ଦ୍ଦେଶକ ଇଂ. ଶ୍ରୀକାନ୍ତ କୁମାର ନାୟକ ଓ ଡାର୍କ ଆଇ ଗ୍ରୁପର ନିର୍ଦ୍ଦେଶକ କବିରାଜ ଜେନାଙ୍କୁ ଯନ୍ତ୍ରୀ ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଥିଲା। ମିନତି ମହାପାତ୍ର ମାନପତ୍ର ପାଠ, ଆଇନଜୀବୀ ଇଂ. ଆକାଶ ଭୂୟାଁ ସ୍ୱାଗତ ଭାଷଣ, ଶୁଭଲକ୍ଷ୍ମୀ ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ଅନୁଷ୍ଠାନର ସଭାପତି ଇଂ. ପ୍ରମୋଦ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଯୁବ ସାମାଜିକ କର୍ମୀ ସୁକାନ୍ତ ମହାନ୍ତି, ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସ୍ତ୍ର, ଇଂ. ଦେବୀ ପ୍ରସାଦ ନନ୍ଦ, ପ୍ରସନ୍ନ କୁମାର ସେନାପତି, ପର୍ଶୁରାମ ସାହୁ, ସୁଧାଂଶୁ ଭୂଷଣ ଜେନା, ଇଂ. ସୁବ୍ରତ ଘଡ଼ାଇ, ଶଶିକାନ୍ତ ନାୟକ, ଜନ୍ମେଜୟ ପାତ୍ର, ଅନିଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ୬ ଇଞ୍ଜିନିୟରଙ୍କୁ ଯନ୍ତ୍ରୀ ସମ୍ମାନ

# କଟକରୁ ଟାଟାନଗର ଅଭିମୁଖେ ଗଡ଼ିଲା ବନ୍ଦେ ଭାରତ ଏକ୍ସପ୍ରେସ୍

କଟକ,୧୫।୯ (ଶିଳ୍ପା ପ୍ରିୟଦର୍ଶିନୀ)

ପୂର୍ବତଟ ରେଳପଥ ପକ୍ଷରୁ କଟକ ରେଳଷ୍ଟେଶନଠାରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଲୋକାର୍ପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରେନ୍‌ଟି ଅପରାହ୍ନ ୨ଟା ୪୦ରେ କଟକ ରେଳଷ୍ଟେଶନରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ କହିଛନ୍ତି, ଏହି ଟ୍ରେନ୍ ଚାଲିବା ଦ୍ୱାରା କଟକବାସୀ ଉପକୃତ ହେବେ। ଅନ୍ୟତମ ଅତିଥି ଭାବେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସ୍ତ୍ର, ପୂର୍ବତଟ ରେଳପଥର ମୁଖ୍ୟଯନ୍ତ୍ରୀ (ନିର୍ମାଣ) ଅଜୟ ସାମଲ, ସିନିୟର ଡିଭିଜନାଲ କାର୍ମିକ ଅଧିକାରୀ ଆର୍.ଏନ୍.ଏ. ପରିଡା ଯୋଗଦେଇଥିଲେ। ଅତିଥିମାନେ ସବୁଜ ପତାକା ଦେଖାଇବା ପରେ ଟ୍ରେନ୍‌ଟି କଟକରୁ ଟାଟାନଗର ଅଭିମୁଖେ ଯାତ୍ରା କରିଥିଲା। ଏହି ଅବସରରେ ରେଳପଥ ପକ୍ଷରୁ ଅନୁଷ୍ଠିତ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଶିବିରରେ ତାଲିମ ନେଲେ ୧୫୦ ନର୍ସ

କଟକ,୧୫।୯ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ପରିସରରେ ଥିବା ଥିଓସୋଫିକାଲ ସୋସାଇଟି ହଲ୍‌ରେ ଅମୃତଧାରା ପାଲିଏଟିଭ କେୟାର ଟ୍ରଷ୍ଟ ଦ୍ୱାରା ଯନ୍ତ୍ରଣା ଉପଶମ ସେବାର ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦ ନର୍ସ ତାଲିମ ନେଇଛନ୍ତି। ଅମୃତଧାରାର ମୁଖ୍ୟ ଡା. ମାମି ପରିଜା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ପାଲିଏଟିଭ କେୟାର କ'ଣ, ଯନ୍ତ୍ରଣା ଉପଶମ ପାଇଁ କ'ଣ କରାଯିବା ଦରକାର ଆଦି ପ୍ରସଙ୍ଗରେ ଅବଗତ କରାଯାଇଥିଲା। ଥିଓସୋଫିକାଲ ସୋସାଇଟି ମୁଖ୍ୟ ଡା. ଚିତ୍ତରଞ୍ଜନ ଶତପଥୀ, ପ୍ରଫେସର ବି.ଏନ୍. ମହାନ୍ତି, ପ୍ରଫେସର ସୁମିତା ମହାନ୍ତି, ଡା. ମହେଶ ଅଗ୍ରୱାଲ, ଡା. ଅଭିଜିତ ଦାସ ତାଲିମ ପ୍ରଦାନ କରିଥିଲେ। ନର୍ସ ଉଷାରାଣୀ ମହାନ୍ତି ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ନର୍ସମାନଙ୍କୁ ପ୍ରାକ୍ଟିକାଲ ଟ୍ରେନିଂ ମଧ୍ୟ ଦିଆଯାଇଥିଲା। ଟ୍ରଷ୍ଟର ସସ୍ମିତା ବେହେରା, ପ୍ରେମଲତା ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପରିମଳ, ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ

କଟକ,୧୫।୯ (କାର୍ତ୍ତିକ ସାହୁ)

**୨୨ରୁ ଷୋଳପୁଅ ମା' ପୂଜା**

ତେଲୁଗୁ ସମ୍ପ୍ରଦାୟର ଷୋଳପୁଅ ମା'ଙ୍କ ପୂଜା ଆସନ୍ତା ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ସହରରେ ପାଳନ କରାଯିବ। ଏଥିପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଟକ ମହାନଗର ନିଗମ(ସିଏମ୍‌ସି)ର ବିଜୁ ଭବନ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ତେଲୁଗୁ ସମ୍ପ୍ରଦାୟ ଅଞ୍ଚଳର ପରିମଳ ବ୍ୟବସ୍ଥା, ଦୁଇଓଳି ରାସ୍ତା ସଫେଇ, ୨୪ ଘଣ୍ଟା ଶୁଦ୍ଧ ପାନୀୟଜଳ ଯୋଗାଣ, ଆଲୋକୀକରଣ, ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଷୋଳପୁଅ ମା' ଯେଉଁ ରାସ୍ତା ଦେଇ ସହର ପରିକ୍ରମା କରିବେ ତାହାକୁ ଯଥାଶୀଘ୍ର ମରାମତି କରିବା ପାଇଁ ଷୋଳପୁଅ ମା' କମିଟି ସଦସ୍ୟମାନେ ମେୟରଙ୍କୁ ଅନୁରୋଧ କରିଥିଲେ। ଷୋଳପୁଅ ମା' ପୂଜାକୁ ଧୁମ୍‌ଧାମ୍‌ରେ ପାଳନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ମେୟର ଗୁରୁତ୍ୱାରୋପ କରିଥିଲେ। ସିଏମ୍‌ସିର ଭାରପ୍ରାପ୍ତ କମିଶନର ଅନାମ ଚରଣ ପାତ୍ର, ଡେପୁଟି ମେୟର ଦମୟନ୍ତୀ ମାଝି, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀ, ଦୀପ୍ତିମୟୀ ମୂଳିଆ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, କର୍ପୋରେଟର କୁରେଶା ନୁର, ଲିଜାରାଣୀ ରାଉତ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ତେଲୁଗୁ ସମ୍ପ୍ରଦାୟର କର୍ମକର୍ତ୍ତା ଏ. ଉମେଶ କୁମାର, ଏନ୍. ନିଖିଳ କୁମାର, ଜି. ଗୌରୀଶଙ୍କର ଆଚାର୍ଯ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।





ଚାଉଳିଆଗଞ୍ଜ ଅଞ୍ଚଳର ବିଭିନ୍ନ ସ୍ଥାନରେ ଖୁଦୁରୁକୁଣୀ ମେଳଣ: ମଠସାହି | କାମେଶ୍ୱର ଲେନ୍ | ତଳସାହି | ମଠପାଟଣା




୧୫।୯।୨୦୨୪

| | |
|---|---|
| ୯,୧୬, ୦୧୨ ଟଙ୍କା | |
| ସୁନା | ୩.୨୫୦ ଗ୍ରାମ୍ |
| ରୁପା | ୧୮୭.୪୦୦ ଗ୍ରାମ୍ |

## ୫ ଲିଜ୍‌ଧାରୀଙ୍କ ନାମରେ ଏତଲା

### ମହାପ୍ରଭୁଙ୍କ ଖଣିରେ ଅଧିକ ଉତ୍ତୋଳନ

ଖୋର୍ଦ୍ଧା,୧୫।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅଞ୍ଚଳରେ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଲଘୁ ଖଣିଜ ସମ୍ପଦ ଭାବେ ପଥର ଖଣି ରହିଛି। ନିକଟରେ ଶ୍ରୀମନ୍ଦିର ପ୍ରଶାସନ ଖୋର୍ଦ୍ଧାରେ ଥିବା ୧୨ଟି ଖଣିର ଲିଜଧାରୀଙ୍କୁ ଅତ୍ୟଧିକ ପଥର ଖନନ, ଉତ୍ତୋଳନ ନେଇ ନୋଟିସ ଜାରି କରିବା ସହ ୨୧ କୋଟି ଟଙ୍କା ଜରିମାନା କରିଥିଲେ। ତେବେ ଲିଜଧାରୀ ଏଥିରେ ଖିଲାପ କରିବାରୁ ଶ୍ରୀମନ୍ଦିର ପ୍ରଶାସନର କମ୍ପିଟେଣ୍ଟ ଅଥରିଟି ତଥା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ୫ଜଣ ଲିଜ୍‌ଧାରୀଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ସୂଚନା ଅନୁସାରେ, ଶଙ୍ଖାରୀ (ଛ), ଧନିଆ (ଇ), ଧନିଆ (ଏଫ୍), ଧନିଆ ଉତ୍ତର ତରଫ(ଡିଏ) ଏବଂ ତାପଙ୍ଗ ଅଞ୍ଚଳରେ ଥିବା ମାଙ୍କଡା ଓ ମୋରମ ଖଣିରେ ଆବଶ୍ୟକତାଠାରୁ ଅଧିକ ଉତ୍ତୋଳନ କରାଯାଇଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି। ତେଣୁ ରୟାଲ୍‌ଟି, ଆନୁଷଙ୍ଗିକ ଦେୟ ଏବଂ ଅଧିକ ଉତ୍ତୋଳନ ପାଇଁ ଜରିମାନାର ମୂଲ୍ୟ ଦାଖଲ କରିବାକୁ ଲିଜଧାରୀଙ୍କୁ ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ତେବେ ଏହାକୁ ସେମାନେ ଅବମାନନା କରିବାରୁ ଉପଜିଲାପାଳ ଥାନାରେ ଏତଲା ଦେଇଛନ୍ତି। ପୃଥକ ଭାବେ ୨୧୨/୨୪, ୨୧୩/୨୪, ୨୧୪/୨୪, ୨୧୫/୨୪ ଓ ୨୧୬/୨୪ରେ ମାମଲା ରୁଜୁ କରାଯାଇଛି।

## ଦୟାନଦୀରେ କୁମ୍ଭୀର ଆତଙ୍କ

କଣାସ,୧୫।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଦେଇ ପ୍ରବାହିତ ହେଉଥିବା ଦୟାନଦୀରେ କୁମ୍ଭୀର ଆତଙ୍କ ଦେଖିବାକୁ ମିଳିଛି। ପ୍ରକାଶ ଯେ, ପାଣ୍ଡିଆକେରା ପଞ୍ଚାୟତ ତାଳପଡ଼ା ଗ୍ରାମର ହୃଷୀକେଶ ସୁନ୍ଦରାୟ ରବିବାର କୁମ୍ଭୀର ଆକ୍ରମଣରୁ ରକ୍ଷା ପାଇଥିବା ଜଣାପଡ଼ିଛି। ଦୟାନଦୀର ତାଳପଡ଼ା ତୁଠରେ ସୁନ୍ଦରାୟ ଗାଧୋଉଥିବା ବେଳେ ଦୟାନଦୀ ମଝିରେ ଏକ କୁମ୍ଭୀର ଓଲଟ ମାରି ତାଙ୍କ ଆଡ଼କୁ ଆସୁଥିବାରୁ ସେ ବଡ଼ପାଟି କରି ଉପରକୁ ଉଠି ଆସିଥିଲେ। ପରେ ସେଠାରେ ଗାଧୋଉଥିବା ଅନ୍ୟମାନେ ମଧ୍ୟ ଉପରକୁ ଉଠିଯାଇଥିଲେ। ୪ ଦିନ ତଳେ ପାଣ୍ଡିଆକେରା ତୁଠରେ କେତେଜଣ ଲୋକ ଗାଧୋଉଥିବା ବେଳେ କୁମ୍ଭୀରଟିକୁ ଦେଖିଥିଲେ। କୁମ୍ଭୀର ଯୋଗୁ ନଦୀକୂଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି।

# ଗଜପତିଙ୍କ ୬୮ ଅଙ୍କ, ୧୪୩୨ ସାଲ ଆରମ୍ଭ



ଶ୍ରୀନଅରରେ ଗଜପତି ମହାରାଜାଙ୍କ ଅଭିଷେକ ଉତ୍ସବ ସମ୍ପନ୍ନ କରାଯାଉଛି।

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ରବିବାର ଅବସରରେ ଶ୍ରୀନଅରରେ ଗଜପତି ମହାରାଜାଙ୍କ ସୁନିଆ ନୀତି ସମ୍ପନ୍ନ ହୋଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ୬୭ଅଙ୍କ ଶେଷ ହୋଇଥିବାବେଳେ ରବିବାର ସୁନିଆଠାରୁ ୬୮ ଅଙ୍କ ଏବଂ ୧୪୩୨ ସାଲ ଆରମ୍ଭ ହୋଇଛି। ଉତ୍କଳୀୟ ସାଂସ୍କୃତିକ ସାମାଜିକ ଜୀବନରେ ଗଜପତିଙ୍କ ନାମରେ ଉତ୍କଳ ନବବର୍ଷ ଆରମ୍ଭ ହୋଇଥାଏ। ଓଡ଼ିଆ ପାଇଁ ଜାତକର ବର୍ଷ, ମାସ, ତାରିଖ, ତିଥି ଓ ନକ୍ଷତ୍ର ଗଜପତିଙ୍କ ନାମରେ ଉଲ୍ଲେଖ ହୋଇଥାଏ। ସୁନିଆଠାରୁ ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା କରାଯାଇଥାଏ। ସୁନିଆ ଅବସରରେ ରବିବାର ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା। ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପକାଯାଇଥିଲା। ସକାଳୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପଞ୍ଚଦେବତା ଓ ରାମାଭିଷେକ ପୂଜା ହୋଇଥିଲା। ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯାଇଥିଲା। ପରେ ଏକ ସୁନା ମୋହରରେ ୬୮ ଅଙ୍କ କଟାଯାଇ ଅଙ୍କ ଓ ସାଲ ଘୋଷଣା କରାଯାଇଥିଲା। ୧୬ଶାସନ ବ୍ରାହ୍ମଣମାନେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଗୋଟିଏ ଲେଖାଏ ନଡ଼ିଆ ଭେଟିଦେଇ ଆଶୀର୍ବାଦ ପ୍ରଦାନ କରିଥିଲେ। ପରେ ଗଜପତିଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ସୁନିଆ ଭେଟି ଦେଇଥିଲେ। ଏହି ପରମ୍ପରା ସମ୍ପର୍କରେ ଗବେଷକଙ୍କ ସୂଚନା ଅନୁଯାୟୀ, ସୁନିଆରେ ଗଜପତି ମହାରାଜାଙ୍କ ନବବର୍ଷର ଆରମ୍ଭ ହୋଇଥାଏ। ଚଳିତ ବର୍ଷ ଗଜପତି ମହାରାଜାଙ୍କ ୬୮ ଅଙ୍କ ପ୍ରଚଳିତ ହେବା ସହ ୧୪୩୨ ସାଲ ପ୍ରବେଶ କଲା। ଅଙ୍କ କଟା ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ସତୀ ଆତ୍ମାହୁତି'ର ଏକ ଦୃଶ୍ୟ।

### ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

## ନାଟକ 'ସତୀ ଆତ୍ମାହୁତି' ମଞ୍ଚସ୍ଥ

ଭୁବନେଶ୍ୱର,୧୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ ଭୁବନେଶ୍ୱରର ଲାବଣ୍ୟ ଥିଏଟର ପକ୍ଷରୁ 'ସତୀ ଆତ୍ମାହୁତି' ନାଟକ ମଞ୍ଚସ୍ଥ ହୋଇଥିଲା। ଅତିଥି ଭାବେ ନାଟ୍ୟକାର ଧୀରେନ୍ଦ୍ର ମଲ୍ଲିକ, ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇଥିଲେ। ସୋମବାର ଉତ୍ସବ ଉଦ୍‌ଯାପିତ ହେବାକୁ ଥିବାବେଳେ ଶେଷ ସନ୍ଧ୍ୟାରେ ୨ଟି ନାଟକ ମଞ୍ଚସ୍ଥ ହେବ ବୋଲି ସୂଚନା ଦିଆଯାଇଛି।

## ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଇଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୯ (ଅନୁରାଧା ମହାରଣା)

ବ୍ରହ୍ମପୁର-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳର ରବିବାର ଶୁଭାରମ୍ଭ ହୋଇଥିବାବେଳେ ବିଭିନ୍ନ ଷ୍ଟେଶନରେ ଏହି ଟ୍ରେନ୍‌କୁ ସ୍ୱାଗତ କରାଯାଇଥିଲା। ଭୁବନେଶ୍ୱର ରେଳ ଷ୍ଟେଶନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସମେତ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଭାଜପା ନେତା ଜଗନ୍ନାଥ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ରହି ଏକ୍ସପ୍ରେସକୁ ସବୁଜ ପତାକା ଦେଖାଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆରମ୍ଭ କରିଥିବା ବ୍ରହ୍ମପୁରରୁ ଟାଟାନଗର ପର୍ଯ୍ୟନ୍ତ ବନ୍ଦେ ଭାରତ ଏକ୍ସପ୍ରେସର ଉଦ୍‌ଘାଟନୀ ସମାରୋହରେ ଅଂଶଗ୍ରହଣ କରି ଅତ୍ୟନ୍ତ ଆନନ୍ଦିତ। ଏହି ଉଲ୍ଲେଖନୀୟ ପଦକ୍ଷେପ ରେଳ ସଂଯୋଗକୁ ବୃଦ୍ଧି କରିବ ଏବଂ ଆମ ଲୋକଙ୍କ ପାଇଁ ନୂତନ ସୁଯୋଗ ଆଣିବ। ଓଡିଶା ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ। ଆମେ ଏପରି ପ୍ରତ୍ୟେକ ମାଇଲଖୁଣ୍ଟ ସହିତ ଦେଶର ଅଗ୍ରଗତି ଦେଖୁଥିବା ବୋଲି ସିଂଦେଓ କହିଛନ୍ତି।



ଭୁବନେଶ୍ୱର ରେଳ ଷ୍ଟେଶନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଭାଜପା ସଭାପତି ମନମୋହନ ସାମଲ ବ୍ରହ୍ମପୁର-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ସ୍ୱାଗତ କରୁଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜୀବନ



@ ଦୀପକ



@ ସୁନୀଲ



@ ହୃଷୀକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ସୁରକ୍ଷା କଡ଼ାକଡ଼ି

### ମୁତୟନ ହେବେ ୮୧ ପ୍ଲାଟୁନ୍ ପୋଲିସ, ୨ କମ୍ପାନୀ ସିଆର୍‌ପିଏଫ୍

- ଜନତା ମଇଦାନ ଦାୟିତ୍ୱରେ ଆଇଜି ପ୍ରବୀଣ, ଟ୍ରାଫିକ ରୁଟ୍ ସମ୍ଭାଳିବେ ଆଇଜି ସଫିନ୍, ପଙ୍କଜ
- ସଭାସ୍ଥଳ କାର୍ଯ୍ୟର ତଦାରଖ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୯(ସତ୍ୟଜିତ୍ ରାଉତ)

ଆସନ୍ତା ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ଜନତା ମଇଦାନରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ମୋଦି ଯୋଗଦେଇ ସୁଭଦ୍ରା ହିତାଧିକାରୀଙ୍କୁ ଡିବିଟି ଜରିଆରେ ପ୍ରଥମ କିସ୍ତି ଟଙ୍କା ପଠାଇବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ଓ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଜଧାନୀରେ ୮୧ ପ୍ଲାଟୁନ୍ ପୋଲିସ ଫୋର୍ସ ଓ ୨ କମ୍ପାନୀ ସିଆର୍‌ପିଏଫ୍ ନିୟୋଜିତ କରାଯିବାର ବ୍ୟବସ୍ଥା କରାଯାଇଛି। ରବିବାର ଭୁବନେଶ୍ୱର ବାଣୀବିହାରସ୍ଥିତ କନ୍‌ଭୋକେଶନ୍ ହଲ୍‌ରେ ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ବସି ସୁରକ୍ଷା ଦିଗକୁ ନେଇ ଆଲୋଚନା ହୋଇଛି। କ୍ରାଇମବ୍ରାଞ୍ଚ ଆଇଜି ସଫିନ୍ ଅହମ୍ମଦ, ଇଓଡବ୍ଲ୍ୟୁ ଆଇଜି ଜୟନାରାୟଣ ପଙ୍କଜ, ଆଇଜି (ପର୍ସୋନେଲ) ପ୍ରବୀଣ କୁମାର, ଏଆଇଜି ବିବେକାନନ୍ଦ ଶର୍ମା, ଏଆଇଜି ଯୁଗଳ କିଶୋର ଏହି ବୈଠକରେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଶାନ୍ତି ଶୃଙ୍ଖଳାର ସହିତ ସମ୍ପାଦନ କରିବା ଦିଗରେ ବିଚାରବିମର୍ଶ କରାଯିବା ସହ କଡ଼ା ସୁରକ୍ଷା ବ୍ୟବସ୍ଥା ନେଇ ସୂଚନା ଦିଆଯାଇଛି।

ମୋଦିଙ୍କ ଗସ୍ତ ପାଇଁ ବ୍ଲୁ-ବୁକ୍ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଏୟାରପୋର୍ଟ ଓ ଭୁବନେଶ୍ୱରକୁ ନୋ ଫ୍ଲାଇଂ ଜୋନ୍ ଭାବେ ଘୋଷଣା କରାଯାଇଛି। ଏୟାରପୋର୍ଟ, ଜନତା ମଇଦାନ, ରାଜଭବନ ସମେତ କାରକେଡ୍ ଯିବାକୁ ଥିବା ସମ୍ପୂର୍ଣ୍ଣ ରାସ୍ତାକୁ ଆତଙ୍କୀ ଓ ସନ୍ଦିଗ୍ଧଙ୍କ ମୁକାବିଲାଜନିତ ଯାଞ୍ଚ କଡାକଡ଼ି କରାଯାଉଛି। ଜନତା ମଇଦାନକୁ ଡଗ୍‌ସ୍କ୍ୱାଡ୍ ଓ ବମ୍‌ସ୍କ୍ୱାଡ୍ ଦ୍ୱାରା ତନ୍ନତନ୍ନ ଯାଞ୍ଚ କରାଯାଉଛି। ପୂରା ଅଞ୍ଚଳ ଏସ୍‌ପିଜି ନିୟନ୍ତ୍ରଣରେ ରହିବ। ଟ୍ରାଫିକ ରୁଟ୍ ଦାୟିତ୍ୱରେ ଆଇଜି ସଫିନ୍ ଓ ଆଇଜି ପଙ୍କଜ ରହିବେ। ସେହିପରି ଜନତା ମଇଦାନ ସୁରକ୍ଷା ଦାୟିତ୍ୱ ଆଇଜି ପ୍ରବୀଣଙ୍କୁ ଦିଆଯାଇଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ନେତୃତ୍ୱରେ ଅନ୍ୟ ୧୦ଜଣ ଡିସିପି ଓ ୨୧ଜଣ ଅତିରିକ୍ତ ଡିସିପିଙ୍କ ସହ ୮୬ ଜଣ ଏସିପି, ୧୨୦ ଜଣ ଇନ୍ସପେକ୍ଟର ଓ ୩୨୯ ଜଣ ଅଫିସର ବିଭିନ୍ନ ସୁରକ୍ଷା ଦାୟିତ୍ୱରେ ଅଛନ୍ତି। କୌଣସି ପ୍ରକାର ଆତଙ୍କୀ ଆକ୍ରମଣକୁ ପ୍ରତିହତ ପାଇଁ ୩ଟି ସ୍ପେଶାଲ ଟାକ୍ଟିକାଲ ୟୁନିଟ୍ ମଧ୍ୟ ନିୟୋଜିତ କରାଯାଇଛି। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ କିପରି ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରାଯିବ ସେନେଇ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଥିବା ପୋଲିସ କମିଶନର ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରୀଡା ଓ ପୋଲିସ ଡିଜି ୱାଇବି ଖୁରାନିଆ ପ୍ରମୁଖ ଜନତା ମଇଦାନସ୍ଥିତ ସଭାସ୍ଥଳ କାର୍ଯ୍ୟର ତଦାରଖ କରିଛନ୍ତି।



ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାକ୍ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ବାମନ, ରାଜବେଶରେ ଦର୍ଶନ ଦେଲେ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ,୧୫।୯ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ଭାଦ୍ରବ ବଡ଼ ଦ୍ୱାଦଶୀତିଥି ରବିବାର ଅପରାହ୍ନରେ ସାକ୍ଷୀଗୋପାଳ ଠାକୁର ବାମନ ଅବତାର ଧାରଣ କରିଥିବା ବେଳେ ସନ୍ଧ୍ୟାରେ ରାଜବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଦୈନନ୍ଦିନ ଦେବନୀତି ସହ ଦ୍ୱିପ୍ରହର ଧୂପରେ ଠାକୁର ଆଣ୍ଠୁ ଉପରକୁ ଧଳା ଧୋତି ପରିଧାନ କରିଥିବା ବେଳେ ଧଳା ଦୋଶଡ଼ା, ପଇତା, ତ୍ରିପଣ୍ଡକ ଚିତା ଲାଗି ହୋଇଥିବା ଦେଖାଯାଇଥିଲା। ଏହି ବେଶ ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା।

ସେହିପରି ସୁନିଆ ଉପଲକ୍ଷେ ସନ୍ଧ୍ୟାରେ ସାକ୍ଷୀଗୋପାଳ ଠାକୁର ରାଜବେଶରେ ଦର୍ଶନ ଦେଇଥିଲେ। ପରମ୍ପରାକ୍ରମେ ଅପରାହ୍ନରେ ମନ୍ଦିର ସିଂହଦ୍ୱାରକୁ ପୂର୍ଣ୍ଣକୁମ୍ଭ କଦଳୀ ଗଛ, ଆମ୍ବ ଡାଳରେ ସଜ୍ଜିତ କରାଯାଇଥିଲା। ସନ୍ଧ୍ୟା ଧୂପ ବେଶରେ ଠାକୁର ପାଟ ପୀତାମ୍ବରୀ କାଛିଲାଗି ହୋଇ ସୁବର୍ଣ୍ଣ କିରୀଟ, ବଂଶୀ, ମକର କୁଣ୍ଡଳ, ଚାପସରି, ନୁଡୁକ, ତାବିଜ, ବେଙ୍ଗପାଟିଆ, ବାଙ୍କି ନୂପୁର ଆଦି ସୁନାରୁପା ଅଳଙ୍କାର, ଫୁଲ ତୁଳସୀ ମାଳ ଲାଗିହୋଇ ରାଜବେଶରେ ଶୋଭା ପାଇଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ସ୍ଥାନୀୟ ଗୋପାଳପୁର ପାଟଣାର ମହାଜନ, ପ୍ରଜା, ସେବାୟତ ଓ ଶ୍ରଦ୍ଧାଳୁମାନେ ମଶାଲ ଜଳାଇ ସର, ଲବଣି, ଖୁରୁଡ଼ି ନଡ଼ିଆ, ଫଳଭାର ଓ ଫୁଲ ତୁଳସୀ ମାଳ ଆଦି ଠାକୁରଙ୍କୁ ଲାଗି ପାଇଁ ଆଣିଥିଲେ। ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର ଜଣ ଜଣ କରି ତାଲିକା ପଢ଼ିବା ପରେ ଭେଟି ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବର୍ଗର ସେବାୟତ ପନିକି, କୋରଣା, କଟୁରି, ପିଢ଼ା ଓ ଦୀପରୁଖା ପ୍ରଦାନ କରିଥିଲେ। ସ୍ଥାନୀୟ ରଙ୍ଗଣିସାହିସ୍ଥିତ ମହାଭୋଇ କୁଳର କୁନି ଗୋପାଳ ବାଳକ ପବିତ୍ରତାର ସହ ଠାକୁରଙ୍କ ଲାଗି ସର, ଲବଣି ଭାର ନେଇ ମନ୍ଦିରକୁ ଆସିଥିବା ଦେଖାଯାଇଥିଲା।



## ପାରା ଅଲିମ୍ପିଆନ୍ ପ୍ରମୋଦ ଭଗତଙ୍କ ଗାଡ଼ି ଜବତ




ଭୁବନେଶ୍ୱର,୧୫।୯
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ସେଫ୍ ସିଟି ଡ୍ରାଇଭ୍ ଅଭିଯାନରେ କମିଶନରେଟ ପୋଲିସ ପକ୍ଷରୁ ବ୍ଲକିଂ କରାଯାଇ ଚେକିଂ ଚାଲିଥିଲାବେଳେ ପାରା ଅଲିମ୍ପିଆନ୍ ପ୍ରମୋଦ ଭଗତଙ୍କ ଗାଡି ଜବତ ହୋଇଛି। ସେ ନିଶାଶକ୍ତ ହୋଇ ଗାଡ଼ି ଚଲାଇବା ଯୋଗୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଟ୍ରାଫିକ ଏସିପି ଜୟନ୍ତ ଡୋରା କହିଛନ୍ତି। କୋର୍ଟରେ ଜରିମାନା ଦେଇ ଗାଡି ରିଲିଜ କରିବାକୁ ପୋଲିସ ପକ୍ଷରୁ ତାଙ୍କୁ କୁହାଯାଇଛି। ଏସିପିଙ୍କ ସୂଚନାନୁସାରେ, ଶନିବାର ରାତି ପ୍ରାୟ ୧ଟା ସମୟରେ ପ୍ରମୋଦ ଡମଣା ପଟୁ ନିଜେ କାର ଚଳାଇ ଆସୁଥିଲେ। ତେବେ ନାଲ୍‌କୋ ଛକରେ ପୋଲିସ ଚେକିଂ କରୁଥିବା ଦେଖି ପଛୁଆ ଗାଡି ଚଳାଇ ଖସି ଯିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ପୋଲିସ ତାଙ୍କୁ କାବୁ କରି ଯାଞ୍ଚ କରିଥିଲା। ମଦ୍ୟପାନ କରି ଗାଡି ଚଲାଉଥିବା ପ୍ରମାଣ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ପୋଲିସର ମଦ୍ୟପାନ ଅଭିଯୋଗକୁ ପ୍ରମୋଦ ଖଣ୍ଡନ କରିଛନ୍ତି। ସେ ଭୁବନେଶ୍ୱରରେ ନୁହେଁ, ବାହାରେ ରହିଛନ୍ତି ଏବଂ ଉକ୍ତ ଗାଡ଼ିକୁ ତାଙ୍କ ଡ୍ରାଇଭର ଚଳାଉଥିଲେ ବୋଲି ପ୍ରମୋଦ କହିଛନ୍ତି।

# ଭୁବନେଶ୍ୱରରେ ସକ୍ରିୟ ଚୋର, ଲୁଟେରା

## ଇଞ୍ଜିନିୟରଙ୍କ ଘରୁ ୧୦ଲକ୍ଷର ସୁନା ଅଳଙ୍କାର, ଟଙ୍କା ଚୋରି

ଭୁବନେଶ୍ୱର,୧୫।୯
(ସୂର୍ଯ୍ୟକାନ୍ତ ବେହେରା)

ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ କମିଶନରେଟ ପୋଲିସ ବ୍ୟସ୍ତ ରହିଛି। ଏପଟେ ରାଜଧାନୀ ଓ ଏହାର ଉପକଣ୍ଠରେ ଚୋର ଓ ଲୁଟେରା ସକ୍ରିୟ ହୋଇଉଠିଛନ୍ତି। ଗୋଟିଏ ପରେ ଗୋଟିଏ ଘର ଓ ଆପାର୍ଟମେଣ୍ଟରେ ପଶି ଲୁଟ୍‌ପାଟ କରୁଛନ୍ତି। ଗୁରୁବାର ରାତିରେ ବାରଙ୍ଗ ଥାନାଞ୍ଚଳରେ ଥିବା ୩ଟି ଆପାର୍ଟମେଣ୍ଟରୁ ଦୁର୍ବୃତ୍ତମାନେ କଳାକନା ବୁଲାଇଥିଲେ। ଏହା ପୂର୍ବରୁ ବୁଧବାର ରାତିରେ ଚନ୍ଦକା ଥାନା ଅନ୍ତର୍ଗତ ଗୋଠପାଟଣାସ୍ଥିତ ଆକ୍ରୋପଲିସ୍ ଆପାର୍ଟମେଣ୍ଟରେ ରହୁଥିବା ଜଣେ ବୈଜ୍ଞାନିକଙ୍କ ଘରୁ ୫୦ ଭରିର ସୁନା ଅଳଙ୍କାର ଚୋରି ହୋଇଥିଲା। ଉକ୍ତ ଆପାର୍ଟମେଣ୍ଟର ଅନ୍ୟଏକ ଫ୍ଲାଟ୍‌ରୁ ପୁଣି ଚୋରି ହୋଇଥିବା ରବିବାର ଜଣାପଡିଛି। ସେଠାରେ ରହୁଥିବା ଜଣେ ସଫ୍ଟୱେର ଇଞ୍ଜିନିୟରଙ୍କ ଘରୁ ଚୋରମାନେ ୧୦ ଲକ୍ଷରୁ ଅଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଆଦି ନେଇଯାଇଛନ୍ତି। ଏପରିକି ଯିବାବେଳେ ଫ୍ରିଜ୍‌ରୁ ଫଳ ଓ କୋଲ୍ଡ ଡ୍ରିଙ୍କ୍ସ

### ଫ୍ରିଜ୍‌ରୁ ଫଳ ଖାଇଲେ, କୋଲ୍ଡ ଡ୍ରିଙ୍କ୍ସ ପିଇଲେ

ପିଇବା ସହ ରୋଷେଇ ଘରୁ ଡ୍ରାଏଫ୍ରୁଟ୍ ଖାଇଥିବା ଜଣାପଡିଛି। ଖବର ପାଇ ଚନ୍ଦକା ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଚଳାଇଥିଲେ ମଧ୍ୟ ଚୋରଙ୍କ ସୁରାକ ପାଇପାରିନି।

ସୂଚନାନୁସାରେ, ଚୋରିର ଶିକାର ହୋଇଥିବା ଇଞ୍ଜିନିୟର ଓ ତାଙ୍କ ସ୍ତ୍ରୀ ନୂଆଁଖାଇ ପାଇଁ ଗଣେଶ ପୂଜା ଦିନ ଘରକୁ ଯାଇଥିଲେ। ଶନିବାର ସେମାନେ ରହୁଥିବା ଫ୍ଲାଟ୍‌କୁ ଫେରିବା ପରେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଘର କବାଟ ଲକ ତଡା ଯିବା ସହ ଘର ଭିତରେ ଜିନିଷ ଫିଙ୍ଗା ଫୋପାଡା ହୋଇ ପଡିଥିଲା। ଗଡରେଜ ଖୋଲା ପଡିଥିବାବେଳେ ତା' ଭିତରେ ଥିବା ସୁନା ଓ ରୁପା ଅଳଙ୍କାର ଓ ନଗଦ ୭ ହଜାର ଟଙ୍କା ଚୋରି ହୋଇଥିବା ଜଣାପଡିଥିଲା। ପରେ ଏ ସମ୍ପର୍କରେ ସେମାନେ ଥାନାରେ ଅଭିଯୋଗ କରିଥିଲେ।

## ମହିଳାଙ୍କ ବେକରୁ ଝାମ୍ପି ନେଲେ ସୁନାଚେନ

ଭୁବନେଶ୍ୱର,୧୫।୯
(ସୂର୍ଯ୍ୟକାନ୍ତ ବେହେରା)

ମହିଳାଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ନେଇ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗ ବିହାର କେ-୪ ଅଞ୍ଚଳରେ ଜଣେ ବୟସ୍କ ମହିଳା ଚାଲି ଚାଲି ଯାଉଥିବା ବେଳେ ଦୁଇଜଣ ଲୁଟେରା କଳା ପଲସରରେ ଆସି ଏହି କାଣ୍ଡ ଘଟାଇଛନ୍ତି। ଲୁଟ ସମୟର ପୂରା ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏନେଇ ଲୁଟର ଶିକାର ହୋଇଥିବା ମହିଳା ଜଣକ ଥାନାରେ ଅଭିଯୋଗ କରି ନ ଥିବା ଜଣାପଡିଛି। ତେବେ ସ୍ୱାମୀଙ୍କ ହାର୍ଟ ଅପରେଶନ ଚେନ୍ନାଇର ଏକ ହସ୍ପିଟାଲରେ ଚାଲିଥିବାରୁ ସେ ସେଠାକୁ ପଳାଇଥିବା ଓ ବ୍ୟସ୍ତତା ଭିତରେ ଅଭିଯୋଗ କରିପାରି ନ ଥିବା ପୋଲିସ ପଚରାଉଚରା ବେଳେ ଜାଣିବାକୁ ପାଇଛି। ତେଣୁ ତମାଣ୍ଡୋ ଥାନା ପୋଲିସ ନିଜଆଡ଼ୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନାନୁସାରେ, ମହିଳା ଜଣଙ୍କ ପ୍ରାତଃଭ୍ରମଣ ସାରି ଘରକୁ


ସୁନାଚେନ୍ ଝାମ୍ପିନେବାର ସିସିଟିଭି ଫୁଟେଜ୍

ଫେରୁଥିବାବେଳେ କଳା ରଙ୍ଗର ପଲସରରେ ୨ ଜଣ ଦୁର୍ବୃତ୍ତ ଛକି ରହିଥିଲେ। ବାଇକ ଚଳାଉଥିବା ଯୁବକ ଗାଡ଼ିକୁ ଷ୍ଟାର୍ଟରେ ରଖିଥିଲା ବେଳେ ଅନ୍ୟ ଜଣେ ଲୁଟ୍ ପାଇଁ ପ୍ରସ୍ତୁତ ରହିଥିଲେ। ମହିଳା ଏକୁଟିଆ ଯାଉଥିବାବେଳେ ଯୁବକ ଜଣକ ତାଙ୍କ ବେକରୁ ଚେନ ଝାମ୍ପି ନେବା ପରେ ଉଭୟ ଫେରାର ହୋଇଯାଇଥିଲେ। ମହିଳା ଜଣକ ପ୍ରତିରୋଧ ପାଇଁ ଚେଷ୍ଟା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ସିସିଟିଭି ଫୁଟେଜରୁ ଜଣାପଡୁଛି।

# ୨ ଯୁବକଙ୍କୁ ହତ୍ୟା

## ରଗଡ଼ି କାଜୁ ଜଙ୍ଗଲରୁ ଠାବହେଲା ମୃତଦେହ

କୋରେଇ,୧୫।୯(ଚନ୍ଦ୍ରକାନ୍ତ ପତି)

ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ଅନ୍ଧାରି ପଞ୍ଚାୟତ ରଗଡ଼ିସ୍ଥିତ ଏକ କାଜୁ ଜଙ୍ଗଲରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ କୋରାବନ୍ଦୀ ଗ୍ରାମର କାଳନ୍ଦୀ ସ୍ୱାଇଁଙ୍କ ପୁଅ ମାନସ ସ୍ୱାଇଁ(୨୬)। ଏନେଇ ତାଙ୍କ ବାପା କୋରେଇ ଥାନାରେ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ଏସ୍‌ପି ଭିନିତ ଅଗ୍ରୱାଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକୁ ତ୍ୱରାନ୍ୱିତ କରିଛନ୍ତି।

ମାନସ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରୁ ବାଇକରେ ଘରୁ ଆସି ଆଉ ଫେରି ନ ଥିଲେ। ତାଙ୍କ ମୋବାଇଲ ମଧ୍ୟ ସୁଇଚ୍ ଅଫ ଥିଲା। ତାଙ୍କ ସମ୍ପର୍କୀୟମାନେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ରବିବାର ସକାଳେ କେତେଜଣ ସ୍ଥାନୀୟ ଲୋକ ମାନସଙ୍କ ବାଇକ୍ କାଜୁ ଜଙ୍ଗଲ ନିକଟରେ ଥିବାଦେଖି ତାଙ୍କ ବାପାଙ୍କୁ ଖବର ଦେଇଥିଲେ। ପରେ ତାଙ୍କ ବାପା ଓ ସମ୍ପର୍କୀୟମାନେ ପହଞ୍ଚି ଏକ କାଜୁ ଗଛମୂଳେ ମାନସଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ମରଶରୀରର ବିଭିନ୍ନ ସ୍ଥାନରେ କ୍ଷତସ୍ଥାନ ରହିଥିବାବେଳେ ବେକରେ


ମାନସ ସ୍ୱାଇଁ

ଏକ ରଶି ଲାଗିଥିଲା। କାନରୁ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାଡ୍ ସହାୟତାରେ ଘଟଣାର ଛାନଭିନ କରିଥିଲା। ମାନସଙ୍କ ବାପା କହିଛନ୍ତି, ତାଙ୍କ ପୁଅକୁ ୬ ଜଣ ମିଶି ହତ୍ୟା କରିଛନ୍ତି। ଯଦି ମାନସ ରଶି ଲଗାଇ ଆତ୍ମହତ୍ୟା କରିଥାନ୍ତେ ତେବେ ତାଙ୍କ ମୃତଶରୀର ଝୁଲନ୍ତା ଅବସ୍ଥାରେ ମିଳିଥାନ୍ତା। କିନ୍ତୁ ତାହା ନ ହୋଇ ମୃତଶରୀର ତଳେ ପଡ଼ି ରହିଥିଲା। ସେହିପରି ମୃତଶରୀର ପଡ଼ିଥିବା ସ୍ଥାନର ଠିକ ଉପରକୁ ଥିବା କାଜୁ ଗଛରେ ସେଭଳି କୌଣସି ଡାଳ ନ ଥିଲା ଯେଉଁଥିରେ ମାନସ ରଶି ଲଗାଇ ପାରିବେ। ଏଭଳି ଅନେକ କଥାକୁ ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ଥାନାରେ ନଂ.୩୫୦।୨୪ରେ ଏକ ମାମଲା ରୁଜୁ ହୋଇଛି।

## ଗହୀରମଥାରେ ଟ୍ରଲର ଜବତ, ୧୧ ମତ୍ସ୍ୟଜୀବୀ କୋର୍ଟ ଚାଲାଣ



ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରୁ ଜବତ ଟ୍ରଲର ସହ ମତ୍ସ୍ୟଜୀବୀ।

ମହାକାଳପଡ଼ା/ ରାଜନଗର,୧୫।୯
(ପ୍ରତାପ ଚନ୍ଦ୍ର ସ୍ୱାଇଁ/ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଟ୍ରଲର ମାଲିକମାନଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ବର୍ଷା ଋତୁରେ ଇଲିଶ ମାଛ ମୂଲ୍ୟ ଅଧିକ ଥିବାରୁ ଟ୍ରଲର ମାଲିକମାନେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବେଆଇନ ଭାବେ ପ୍ରବେଶ କରି ମାଛ ଧରୁଛନ୍ତି। ଶନିବାର ବିଳମ୍ବିତ ରାତିରେ ପଶ୍ଚିମବଙ୍ଗ ଅଞ୍ଚଳର ମା' ଦୁର୍ଗା ନାମକ ମାଛଧରା ଟ୍ରଲର ନିଷିଦ୍ଧାଞ୍ଚଳରେ ପ୍ରବେଶ କରି ମାଛ ଧରୁଥିବାବେଳେ ବନ ବିଭାଗ ଚଢ଼ାଉ କରି ଜବତ କରିଛି। ଟ୍ରଲରରେ ଥିବା ୧୧ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ମତ୍ସ୍ୟଜୀବୀଙ୍କଠାରୁ ୧୨ ମୋବାଇଲ ଫୋନ, ୩ କୁଇଣ୍ଟାଲ ମାଛ, ଭିଏଚଫ୍, ଜିପିଏସ୍, ୧୩ ବଡ଼ ଜାଲ ସମେତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀମାନଙ୍କୁ ସାମୁଦ୍ରିକ ଜୀବଜନ୍ତୁ ସଂରକ୍ଷଣ ଆଇନ ୧୯୭୨ ଅନୁସାରେ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ମତ୍ସ୍ୟଜୀବୀମାନେ ହେଲେ ଚାଳକ ବାବୁରାମ ସାହୁ, ଅନାଦି ବର, ଭରତ ଦାସ, ଶିବୁ ଦାସ, ଅନିଲା ମାଝି, ହେମନ୍ତ ମାଝି, ପ୍ରଶାନ୍ତ କୁମାର ମାଝି, ସୁବଳ ମାଝି, ମଙ୍ଗଳ ଦାସ, ଶ୍ରୀମନ୍ତ ଦାସ, ହୃଷୀକେଶ ଦାସ।

## ପୃଥକ୍ ଦୁର୍ଘଟଣାରେ ୪ ଯୁବକ ମୃତ

ବାରିପଦା,୧୫।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠରେ ଶନିବାର ବିଳମ୍ବିତ ରାତିରେ ପୃଥକ୍ ଦୁର୍ଘଟଣାରେ ୪ ଯୁବକଙ୍କ ମୃତ୍ୟୁ ଘଟିଛି। ପାଲବଣିସ୍ଥିତ ୧୮ନଂ. ଜାତୀୟ ରାଜପଥରେ ବୁଲେଟ୍ ଦୁର୍ଘଟଣାରେ ୨ ଓ ବାରିପଦା-ଲୁଲୁଙ୍ଗ ରାସ୍ତାର ରଙ୍ଗାମାଟିଆସ୍ଥିତ ଖସାଡିହାଠାରେ ଏକ ଗଛରେ ବୋଲେରୋ ପିଟିହୋଇ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ବୁଲେଟ୍ ଦୁର୍ଘଟଣାରେ ମୃତ ଯୁବକ ଦ୍ୱୟ ହେଲେ ବାରିପଦା ସଦର ଥାନା ଅଧୀନ ସିନ୍ଦୂରଗୌରା ଗ୍ରାମର ବିକାଶ ମହାନ୍ତ ଓ ହରିଶ୍ଚନ୍ଦ୍ରପୁର ଗ୍ରାମର ମିଟୁ ମହାନ୍ତ। ସେହିପରି ବୋଲେରୋ ଦୁର୍ଘଟଣାରେ ମୃତ ୨ ଯୁବକ ହେଲେ କୁଲିଅଣା ଥାନା ଅଞ୍ଚଳର ଭୁବନ କୁମାର ସିଂ ଏବଂ ଜୟନ୍ତ କୁମାର ସିଂ। ବୋଲେରୋରେ ଥିବା ଅନ୍ୟ ୧୧ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଏକ ବୁଲେଟ୍‌ରେ ବିକାଶ ଓ ମିଟୁ ଯାଉଥିବା ବେଳେ ପାଲବଣିଠାରେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେହିପରି ଏକ ବୋଲେରୋରେ ଡ୍ରାଇଭରଙ୍କ ସମେତ ୧୩ଜଣ ରଙ୍ଗାମାଟିଆରୁ ତାରାଯୋଡ଼ି ଯାଉଥିବା ବେଳେ ଖସାଡିହାଠାରେ ଭାରସାମ୍ୟ ହରାଇ ଗାଡ଼ିଟି ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲେ।

## ଗଙ୍ଗାଧରପୁର ନିକଟ ରେଳଲାଇନ୍‌ରୁ ମିଳିଲା ମୃତଦେହ

ଟାଙ୍ଗୀ (ଖୋର୍ଦ୍ଧା), ୧୫।୯(ରଘୁନାଥ ସାହୁ)

ପୂର୍ବତଟ ରେଳୱେ ଖୋର୍ଦ୍ଧାରୋଡ୍ ଡିଭିଜନ ଅନ୍ତର୍ଗତ କୁହୁଡ଼ି ଗଙ୍ଗାଧରପୁର ରେଳଷ୍ଟେଶନ ନିକଟସ୍ଥ ରେଳଲାଇନ୍‌ରୁ ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ହାଟବରଡ଼ି ଗ୍ରାମର ଶେଖର ସୁବୁଦ୍ଧିଙ୍କ ପୁଅ ଅନନ୍ତ ସୁବୁଦ୍ଧି (୨୭)। କେତେଜଣ ଖଣିମାଫିଆ ଅନନ୍ତଙ୍କୁ ହତ୍ୟାକରି ରେଳଲାଇନରେ ଫିଙ୍ଗିଦେଇଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ ଆଣି ସେମାନଙ୍କୁ ଗିରଫ ଦାବିରେ ରବିବାର ୧୬ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ।

ସୂଚନା ଅନୁଯାୟୀ, କୁହୁଡ଼ି ଗଙ୍ଗାଧରପୁର ରେଳଷ୍ଟେଶନ ନିକଟସ୍ଥ ରେଳ ଲାଇନରେ ଜଣେ ଯୁବକଙ୍କ ମୃତଦେହ ପଡ଼ିରହିଥିବା ଶନିବାର ଦେଖିବାକୁ ମିଳିଥିଲା। ସେ କଳାରଙ୍ଗର ହାଫ୍ ପ୍ୟାଣ୍ଟ ଓ ଶାର୍ଟ ପିନ୍ଧିଥିଲେ। ଖବର ପାଇ ନିରାକାରପୁର ରେଳୱେ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୬୪/୨୪) ରୁଜୁ କରିଥିଲା। ଏ ନେଇ ତଦନ୍ତ ଜାରି ରହିଥିବା ବେଳେ ରବିବାର ହାଟବରଡ଼ି ଗ୍ରାମବାସୀ ତୁରନ୍ତ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ଦାବିରେ କୁହୁଡ଼ି ଫାଣ୍ଡି ସମ୍ମୁଖ ୧୬ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ରାସ୍ତାରେ ମୃତଦେହ ରଖି ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଅବରୋଧ କରାଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଖବର ପାଇ ଖୋର୍ଦ୍ଧା ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଟାଙ୍ଗୀ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା, ବାଲୁଗାଁ, ନାଚୁଣୀ ଓ ବାଣପୁର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଶନିବାର ଏକ ମୋବାଇଲ ଫୋନ୍ ଚୋରି କରିବା ଅଭିଯୋଗରେ ଅନନ୍ତଙ୍କୁ କେତେଜଣ ଲୋକ ବାଡ଼ିଆପିଟା କରିଥିଲେ। ସେହି ରାତିରେ ତାଙ୍କ ମୃତଦେହ ରେଳଲାଇନରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତେଣୁ ସେମାନେ ତାଙ୍କୁ ପିଟି ପିଟି ମାରିଦେଇଥିବା ଗ୍ରାମବାସୀ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ୨ ଯୁବକ ମୃତ

ରଘୁନାଥପୁର, ୧୫।୯
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ସ୍କୁଲ ପାଚେରିପାଖ ଜଙ୍ଗଲ ରାସ୍ତାରେ ଦୁର୍ଘଟଣା ଘଟି ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ତାରପୁର ପଞ୍ଚାୟତ ଅନ୍ତର୍ଗତ ଗୋକୁଳପୁର ଗ୍ରାମର ଅକ୍ଷୟ କୁମାର ସିଂହଙ୍କ ପୁଅ ଅଭିଜିତ ସିଂହ (୨୫) ଓ ଉକ୍ତ ଗ୍ରାମର କୃଷ୍ଣଚନ୍ଦ୍ର ସାହୁଙ୍କ ପୁଅ ଦିଲୀପ କୁମାର ସାହୁ(୨୩)। ୨ ଜଣ ବାଇକ୍‌ରେ ଯାଉଥିବା ବେଳେ ଅନ୍ୟ ଏକ ଗାଡି ସେମାନଙ୍କୁ ଧକ୍କାଦେଇ ଚାଲିଯାଇଥିବା ଆଶଙ୍କା କରାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପେ ମରେ ବଢ଼େଇ**
**ପର ମାରେ କମାର**
**ଘଇତା ମାରେ କେଉଟୁଣୀ**
**ବଂଶ ମାରେ କୁମ୍ଭାର।**

ବଢ଼େଇ ସବୁ କାମ କରେ, ସ୍ତ୍ରୀ ଓ ପିଲାଙ୍କୁ କାମରେ ଲଗାଏ ନାହିଁ। କମାର ଶାଳରେ ଲୁହା ତାତିଲେ, ଅନ୍ୟମାନେ ସାହାଯ୍ୟ କରନ୍ତି। କେଉଟୁଣୀକୁ ତା'ର ସ୍ୱାମୀ କାମରେ ସାହାଯ୍ୟ କରେ କିନ୍ତୁ କୁମ୍ଭାର ଘରେ ପରିବାରବର୍ଗ ସମସ୍ତେ କୁମ୍ଭାରକୁ ସାହାଯ୍ୟ କରନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆପଣା ସେରକ ଯେ ପରକୁ ଦିଏ,**
**ତା' ମୁଣ୍ଡ ଟା ପୋଡ଼ୁ।**

ନିଜର ଅଧିକାର ପରକୁ ଦେବା ଉଚିତ ନୁହେଁ, କାରଣ ଏପରି କରିବା ଦ୍ୱାରା ବ୍ୟକ୍ତି ନିଜର ନିଜତ୍ୱ ହରାଇ ବସିବାର ଆଶଙ୍କା ରହିଥାଏ। ସେହିପରି ନିଜର ବ୍ୟକ୍ତିଗତ ସମ୍ପଦ ଅନ୍ୟକୁ ଦାନ କରି ନିଜେ କଷ୍ଟ ଭୋଗିବା ବା ଅବହେଳିତ ହେବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

# ବ୍ରହ୍ମପୁରରେ ନକଲି ନଡ଼ିଆ ତେଲ

### କାରଖାନାରେ ଚଢ଼ାଉ, ବିପୁଳ କଞ୍ଚାମାଲ ଜବତ

ବ୍ରହ୍ମପୁର,୧୫।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବଡ଼ବଜାର ପୋଲିସ ରବିବାର ଶାସ୍ତ୍ରୀନଗର ୪ର୍ଥ ଲାଇନରେ ଥିବା ନକଲି ନଡ଼ିଆ ତେଲ କାରଖାନାରେ ଚଢ଼ାଉ କରିଛି। କାରଖାନାଟର ମାଲିକ ରଞ୍ଜନ ପାତ୍ରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଶାଲିମାର କମ୍ପାନୀର ନଡିଆ ତେଲ ବୋତଲ ଭଳି ଦିଶୁଥିବା ତେଲ ବୋତଲ ବଜାରରେ ବିକ୍ରି ହେଉଥିବା କମ୍ପାନୀ କର୍ମଚାରୀମାନେ ଜାଣିବାକୁ ପାଇଥିଲେ। ଏ ନେଇ ସେମାନେ ବଡ଼ବଜାର ପୋଲିସକୁ ଖବର ଦେଇଥିଲେ। ତଦନୁଯାୟୀ ପୋଲିସ ଉପରୋକ୍ତ କାରଖାନାରେ ଚଢ଼ାଉ କରିଥିଲା। ସେଠାରୁ ଅନେକ ଛୋଟ ନଡ଼ିଆ ତେଲ ଓ ରାଶି ତେଲ ବୋତଲ, ଅଧ କେଜିଆ ପାଉଚ, ଶତାଧିକ କାର୍ଟୁନ, ବସ୍ତାରେ ରଖଯାଇଥିବା ଖାଲି ବୋତଲ, ଠିପି, ଲେଭଲ, ଏକାଧିକ ମେଶିନ ଜବତ କରାଯାଇଥିଲା। ଲିକ୍ୱିଡ ପାରାଫିନ ଓ ଅନ୍ୟାନ୍ୟ ପୋଡା ତେଲ ଏବଂ ସୁଗନ୍ଧ ଦ୍ରବ୍ୟ ମିଶାଇ ଏହି ନକଲି ନଡିଆ ତେଲ ଓ ରାଶି ତେଲ ପ୍ରସ୍ତୁତ କରାଯାଉଥିଲା। ସେଠାରୁ ଏସଏ ବ୍ରାଣ୍ଡ, ରଞ୍ଜନ ଟିଲ ଅଏଲ, ଶିବାନୀ କୋକାନଟ ଅଏଲ ନାମରେ ତିଆରି ହୋଇ ରଖାଯାଇଥିବା ନଡିଆ ତେଲ ଓ ରାଶି ତେଲ ବୋତଲ ଓ କାର୍ଟୁନ ଜବତ ହୋଇଥିଲା। ନକଲି ନଡିଆ ତେଲ ପ୍ରସ୍ତୁତି ପରେ ବ୍ରହ୍ମପୁର ସମେତ ଜିଲାର ବିଭିନ୍ନ ଗ୍ରାମାଞ୍ଚଳକୁ ବିକ୍ରି ପାଇଁ ପଠାଯାଉଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ଆଶ୍ରମ ବିଦ୍ୟାଳୟରେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

କୋଲାବିରା,୧୫।୯
(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ସୋଡାମାଲ ଆଶ୍ରମ ବିଦ୍ୟାଳୟ ରେଙ୍ଗାଲପାଲି ହଷ୍ଟେଲରେ ଚତୁର୍ଥ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ରବିବାର ଝାରସୁଗୁଡା ଏଡିଏମ୍ ବ୍ରଜବନ୍ଧୁ ଭୋଇ, ଆଇଟିଡିଏ ପିଏ ସଞ୍ଜୀବ କୁମାର ପଟେଲ, ବିଡିଓ ଅଶ୍ୱିନୀ କୁମାର ପଣ୍ଡା, ସମାସିଂହା ରାଜସ୍ୱ ନିରୀକ୍ଷକ ସୁନୀତା ବେହେରା, କୋଲାବିରା ଥାନା ଅଧିକାରୀ ପ୍ରକାଶ କୁମାର କର୍ଣ୍ଣ ପହଞ୍ଚି ଘଟଣାର ଛାନ୍‌ଭିନ କରିଛନ୍ତି। ଅତ୍ୟଧିକ ଜ୍ୱର ପାଇଁ ମୃତ୍ୟୁ ହୋଇଥାଇପାରେ ବୋଲି କୁହାଯାଉଥିବା ବେଳେ ଶନିବାର ରାତି ୧୨ଟାରେ କୋଲାବିରା ଡାକ୍ତରଖାନାକୁ ଆସିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି।

ସୂଚନା ଅନୁସାରେ, ଏହି ବ୍ଲକର ରଘୁନାଥପାଲି ଗ୍ରାମର ପ୍ରଶାନ୍ତ ବାଗଙ୍କ ୯ ବର୍ଷର ଝିଅ ଲିଜାଙ୍କୁ ଶନିବାର ଜ୍ୱର ହୋଇଥିଲା। ସ୍ୱାସ୍ଥ୍ୟକର୍ମୀ ତାଙ୍କୁ ଔଷଧ ଦେଇଥିଲେ। ରାତି ସାଢେ ୧୧ଟା ବେଳକୁ ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସକୁ ଡକାଯାଇଥିଲା। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଏକ ଅଟୋ ଯୋଗେ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପହଞ୍ଚିବା ବେଳେ ତା'ର ମୃତ୍ୟୁ ହୋଇସାରିଥିଲା।

# ଢାବା କର୍ମଚାରୀଙ୍କୁ ହତ୍ୟା

ପଦ୍ମପୁର,୧୫।୯(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ଗାଇସିଲେଟସ୍ଥିତ ଏକ ଢାବାରେ ଶନିବାର ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ଘଟିଛି। ଢାବାରେ ଶୋଇଥିବା ଜଣେ କର୍ମଚାରୀଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ବଲାଙ୍ଗୀର ଜିଲା ଆଗାଲପୁର ଥାନା ବାବୁପାଲିର ଲବ ବିଶ୍ୱାଳ(୫୫)। ପଦ୍ମପୁର ପୋଲିସ କେସ୍ ନଂ. ୨୯୦ ରୁଜୁ କରିଛି। ରବିବାର ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଢାବାରେ ପହଞ୍ଚି ତଦନ୍ତ କରିଛି। ଆଇଆଇସି ମମତା ନାଏକଙ୍କ ନେତୃତ୍ୱରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା କରୁଛି। ସୂଚନାଯୋଗ୍ୟ, ଶନିବାର ରାତିରେ ସୁମନ୍ତ ସେଠ ଓ ଲବ ଢାବାରେ ଶୋଇଥିଲେ। ରବିବାର ସକାଳେ ମାଲିକ ମଳୟ ସାହୁ ଢାବାରେ ପହଞ୍ଚିଲା ବେଳକୁ ଲବଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଦେଖି ପଦ୍ମପୁର ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରୁ ସୁମନ୍ତ ଫେରାର ହୋଇଯାଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## କାନ୍ଥପଡ଼ି ମହିଳା ମୃତ, ୨ ଗୁରୁତର

ସୋନପୁର,୧୫।୯(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ସହଁରାପାଲିରେ ଘରେ ଶୋଇଥିବା ସମୟରେ ଶନିବାର ବିଳମ୍ବିତ ରାତିରେ ମାଟି କାନ୍ଥ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁରୁବାଲି ଦୀପ(୫୫)। ସୁରୁବାଲିଙ୍କ ବୋହୂ ବବି ଦୀପ(୨୪) ଓ ୧୧ ମାସର ନାତୁଣୀଙ୍କ ମୁଣ୍ଡରେ ଗଭୀର ଆଘାତ ଯୋଗୁ ସେମାନେ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ସହଁରାପାଲିର କେନାଲ ନିକଟରେ ଲାଲଚନ ଦୀପ(୬୫)ଛପର ଘର କରି ପରିବାର ସହ ରହୁଥିଲେ। ରାତିରେ ଖାଇସାରିବା ପରେ ଲାଲଚନ, ତାଙ୍କ ସ୍ତ୍ରୀ ସୁରୁବାଲି, ପୁଅ ବିପିନ(୨୭), ବିପିନଙ୍କ ସ୍ତ୍ରୀ ବବି ଓ ଶିଶୁ କନ୍ୟା ଏକାଠି ଶୋଇଥିଲେ। ଏହା ପରେ ଘରର ମାଟିକାନ୍ଥ ସେମାନଙ୍କ ଉପରେ ପଡିଯାଇଥିଲା। ଏଥିରେ ସୁରୁବାଲି, ବବି ଓ ଶିଶୁକନ୍ୟା ଚାପି ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ୩ ଜଣଙ୍କୁ ଉଦ୍ଧାର କରି ବଲାଙ୍ଗୀର ଡାକ୍ତରଖାନା ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ସୁରୁବାଲିଙ୍କୁ ମୃତ ଘୋଷଣା କରିଥିଲେ। ରେଙ୍ଗାଲି ସରପଞ୍ଚ ପ୍ରଦୀପ ବାଗ ଶବ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ମୃତାଙ୍କ ପରିବାର ଲୋକଙ୍କୁ ୩ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଲାଲଚନ ବାର୍ଦ୍ଧକ୍ୟ ଭତ୍ତାକୁ ଆଶ୍ରା କରି କଷ୍ଟରେ ପରିବାର ଚଳାନ୍ତି। ପୁଅ ବିପିନ ଦିନମଜୁରିଆ କାମ କରନ୍ତି। ଏଭଳି ସ୍ଥିତିରେ ଏହି ପରିବାର ଭଲଘର ନିର୍ମାଣ କରିବାକୁ ଅକ୍ଷମ। ପ୍ରଶାସନ ଏହି ପରିବାରକୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଲୁଣାନଦୀ ପୋଲରୁ ଡେଇଁ ଯୁବକ ନିଖୋଜ

ଡେରାବିଶ, ୧୫।୯(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଡେରାବିଶ ବ୍ଲକ ଲୁଣାନଦୀର ବସୁପୁର ପୋଲ ଉପରୁ ରବିବାର ଅପରାହ୍ନରେ ଜଣେ ଯୁବକ ଡେଇଁ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ମାର୍ଶାଘାଇ ବ୍ଲକ ଆୟତିପୁର ପଞ୍ଚାୟତ ଅମୃତମଣିପାଟଣାର ଚିନ୍ମୟ ନାୟକ (୪୦)। କେଉଁ କାରଣରୁ ଚିନ୍ମୟ ନଦୀକୁ ଡେଇଁଲେ ତାହା ଅସ୍ପଷ୍ଟ ରହିଛି। ପାରିବାରିକ କଳହରୁ ଏହା ଘଟିଥାଇପାରେ ବୋଲି ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆଲୋଚନା ହେଉଛି। ପୋଲ ଉପରେ ଚିନ୍ମୟ ତାଙ୍କ ସାଇକେଲ ଓ ଚପଲ ଥୋଇ ନଦୀକୁ ଡେଇଁ ପଡ଼ିଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନଦୀରେ ଖୋଜା ଖୋଜି ଆରମ୍ଭ କରିଛନ୍ତି। ଘଟଣାସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଚିନ୍ମୟଙ୍କ କୌଣସି ପତ୍ତା ମିଳିନାହିଁ। ଚିନ୍ମୟ କେନ୍ଦ୍ରାପଡ଼ାସ୍ଥିତ ଏକ ଘରୋଇ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବା ବେଳେ ବର୍ଷେ ତଳେ ସେ ବିବାହ କରିଥିଲେ। ତେବେ ଲୁଣାନଦୀର ବସୁପୁର ପୋଲ ଉପରୁ ଅଗଷ୍ଟ ମାସରେ ଆଉ ଜଣେ ଯୁବକ ଡେଇଁ ଆତ୍ମହତ୍ୟା କରିଥିବାବେଳେ ଏହି ନଦୀର ଦାନପୁର ସେତୁ ଉପରୁ ଜଣେ ଯୁବତୀ ଡେଇଁ ଆତ୍ମହତ୍ୟା କରିଥିଲେ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# 'ବାଂଲାଦେଶୀ, ରୋହିଙ୍ଗ୍ୟାଙ୍କ ଅନୁପ୍ରବେଶ ଝାଡ଼ଖଣ୍ଡ ପାଇଁ ବିପଦ'

## ଝାଡ଼ଖଣ୍ଡରେ ମୋଦି ଜେଏମ୍ଏମ୍ ଉପରେ ବର୍ଷିଲେ

ଜାମସେଦପୁର,୧୫।୯(ପି.ଟି.)

ଝାଡ଼ଖଣ୍ଡର ଶାସକ ଜେଏମ୍ଏମ୍ ନେତୃତ୍ୱାଧୀନ ମେଣ୍ଟ ଭୋଟ ବ୍ୟାଙ୍କ ରାଜନୀତି ପାଇଁ ବାଂଲାଦେଶୀ ଏବଂ ରୋହିଙ୍ଗ୍ୟାମାନଙ୍କୁ ଅନୁପ୍ରବେଶ ଲାଗି ପ୍ରୋତ୍ସାହିତ କରୁଛି। ସେମାନେ ରାଜ୍ୟ ପାଇଁ ବଡ଼ ବିପଦ ଭାବେ ଉଭା ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥାନୀୟ ଗୋପାଳ ମଇଦାନରେ ଭାଜପାର ପରିବର୍ତ୍ତନ ମହାରାଲିକୁ ସମ୍ବୋଧିତ କରି କହିଛନ୍ତି। ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କ ଉପସ୍ଥିତି ସାନ୍ତାଳ ପ୍ରଗଣା ଏବଂ କୋଲ୍‌ହନ ଅଞ୍ଚଳର ଜନସଂଖ୍ୟାରେ ଦ୍ରୁତ ପରିବର୍ତ୍ତନ ଆଣିଛି। ସେଠାରେ ଆଦିବାସୀ ଜନସଂଖ୍ୟା ହ୍ରାସ ପାଉଛି। ଅନୁପ୍ରବେଶକାରୀମାନେ ପଞ୍ଚାୟତ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ସହ ଜମି ଦଖଲ କରୁଛନ୍ତି। ରାଜ୍ୟର ଝିଅମାନଙ୍କୁ ସେମାନେ ଅତ୍ୟାଚାର କରୁଛନ୍ତି। ଝାଡ଼ଖଣ୍ଡର ପ୍ରତ୍ୟେକ ବାସିନ୍ଦା ନିଜକୁ ଅସୁରକ୍ଷିତ ମଣୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଭୋଟ ପାଇଁ ଅନୁପ୍ରବେଶକାରୀଙ୍କୁ ଜେଏମ୍ଏମ୍ ସମର୍ଥନ କରୁଛି। ଏହି ବେଆଇନ ପ୍ରବାସୀମାନେ ରାଜ୍ୟର ଶାସକ ଦଳ ଉପରେ ପ୍ରଭାବ ବିସ୍ତାର କରିଛନ୍ତି। କ୍ଷମତାଲିପ୍ସୁ ଜେଏମ୍ଏମ୍, ଆର୍‌ଜେଡି ଏବଂ କଂଗ୍ରେସ ଝାଡ଼ଖଣ୍ଡର ବଡ଼ ଶତ୍ରୁ ବୋଲି ମୋଦି କହିଛନ୍ତି। ଆର୍‌ଜେଡି ଝାଡ଼ଖଣ୍ଡ ରାଜ୍ୟ ଗଠନର ପ୍ରତିଶୋଧ ନେଉଥିବାବେଳେ କଂଗ୍ରେସ ଉକ୍ତ ରାଜ୍ୟକୁ ଘୃଣା କରିବା ସହ ଆଦିବାସୀମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବାରୁ ବଞ୍ଚିତ କରିଛି। ଜେଏମ୍ଏମ୍ ଆଦିବାସୀଙ୍କ ଭୋଟ ବଳରେ କ୍ଷମତାକୁ ଆସିବା ପରେ ସେମାନଙ୍କ ଜମି ଓ ଜଙ୍ଗଲ ହଡ଼ପ କରୁଥିବା ଶକ୍ତି ଦ୍ୱାରା ସେମାନଙ୍କଠାରୁ ଦୂରେଇ ଯାଇଛି। ଦଳିତ, ପଛୁଆବର୍ଗ ଓ ଆଦିବାସୀଙ୍କ ପରିବର୍ତ୍ତେ ଜେଏମ୍ଏମ୍ ଭୋଟବ୍ୟାଙ୍କ ରାଜନୀତି ଚଳାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।



ଝାଡ଼ଖଣ୍ଡର ଜାମ୍‌ସେଦପୁର ଅନ୍ତର୍ଗତ ଗୋପାଳ ମଇଦାନରେ ଭାଜପାର ପରିବର୍ତ୍ତନ ମହାରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ଅନ୍ୟ ନେତାମାନେ।

# କଂଗ୍ରେସଠାରୁ ଲୋକେ କେବଳ ମିଛର ଗ୍ୟାରେଣ୍ଟି ପାଇଥାଆନ୍ତି: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୫।୯ (ଅନୁରାଧା ମହାରଣା)

ହରିୟାଣାର ବିକାଶକୁ ସମ୍ପୂର୍ଣ୍ଣ ବନ୍ଦ କରି ପୁଣି ଥରେ କୃଷକଙ୍କ ଜମି ଦଖଲ କରିବା, ଦଳିତ ଓ ମହିଳାଙ୍କ ଉପରେ ଅତ୍ୟାଚାର କରିବା ଏବଂ ଯୁବକମାନଙ୍କୁ ସେହି ପୁରୁଣା ସ୍ଥିତାବସ୍ଥାକୁ ଫେରାଇ ଆଣିବା ହେଉଛି କଂଗ୍ରେସର ମୂଳ ରାଜନୈତିକ ଉଦ୍ଦେଶ୍ୟ। କଂଗ୍ରେସଠାରୁ ଜନତା କେବଳ ମିଛର ଗ୍ୟାରେଣ୍ଟି ପାଇଥା'ନ୍ତି ବୋଲି ହରିୟାଣାର ଭାଜପା ନିର୍ବାଚନ ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କହିଛନ୍ତି।

ନିର୍ବାଚନୀ ପ୍ରଚାର ପାଇଁ ହରିୟାଣା ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କର୍‌ନାଲରେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଭେଟିବା ସହ ସାଂଗଠନିକ କାର୍ଯ୍ୟକ୍ରମ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଧର୍ମେନ୍ଦ୍ର କହିଥିଲେ, ହରିୟାଣାରେ ଭାଜପା ବିଜୟର ହ୍ୟାଟ୍ରିକ କରିବାକୁ ଯାଉଛି। ବିଗତ ୧୦ ବର୍ଷରେ ରାଜ୍ୟରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ଭାଜପା ନିରନ୍ତର ହରିୟାଣାର ସେବା କରିଆସୁଛି। ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀ ପ୍ରତ୍ୟେକ ବର୍ଗଙ୍କ କଲ୍ୟାଣ ପାଇଁ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ନେଉଛନ୍ତି । କୃଷକମାନଙ୍କୁ ସମସ୍ତ କୃଷି ସାମଗ୍ରୀ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ର ଗ୍ୟାରେଣ୍ଟି ଦେବାରେ ହରିୟାଣା ହେଉଛି ପ୍ରଥମ ରାଜ୍ୟ। ଭାଜପା ସରକାରରେ ଏହି ରାଜ୍ୟରେ ଯୁବବର୍ଗଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଇ ସେମାନଙ୍କୁ ସରକାରୀ ଚାକିରି ପ୍ରଦାନ କରାଯାଇଛି। ଗୋଟିଏପଟେ ସୈନୀ ସରକାର ଚାଷୀଙ୍କ ସ୍ୱାର୍ଥ ପାଇଁ ଚିନ୍ତା କରୁଥିବାବେଳେ ଅନ୍ୟପକ୍ଷରେ କଂଗ୍ରେସର ବାପପୁଅଙ୍କ ଶାସନରେ ଚାଷୀଙ୍କ ଚାଷଜମି ଦଖଲ ଯୋଜନା ହୋଇଛି। ଯେଉଁମାନେ ଏମ୍‌ଏସ୍‌ପି ନାଁରେ ଚାଷୀଙ୍କୁ ଠକିଥା'ନ୍ତି ସେମାନେ କେବେ ବି ନିଜ ସରକାରରେ ଗ୍ୟାରେଣ୍ଟି ପୂରଣ କରନ୍ତି ନାହିଁ। କଂଗ୍ରେସଠାରୁ ଜନତା କେବଳ ମିଛର ଗ୍ୟାରେଣ୍ଟି ପାଇଥା'ନ୍ତି । ହରିୟାଣାର ସଚେତନ ଓ ସ୍ୱାଭିମାନୀ ଲୋକମାନେ କଂଗ୍ରେସର ହରିୟାଣା ବିରୋଧୀ ଓ ଜନବିରୋଧୀ ମାନସିକତାକୁ ଭଲ ଭାବରେ ବୁଝିଛନ୍ତି। ସେଥିପାଇଁ ଆଗାମୀ ବିଧାନସଭା ନିର୍ବାଚନରେ ଜନତା କଂଗ୍ରେସ ଏବଂ ବାପପୁଅଙ୍କୁ ହରାଇ ସେମାନଙ୍କୁ ଏକ ଶିକ୍ଷା ଦେବାକୁ ଯାଉଛନ୍ତି। ହରିୟାଣାର ଭାଜପାର ଡବଲ ଇଞ୍ଜିନ ସରକାର କୃଷକ, ମହିଳା, ଦଳିତ, ବଞ୍ଚିତ ଏବଂ ଯୁବବର୍ଗଙ୍କ ନିରବଚ୍ଛିନ୍ନ ବିକାଶ କରି ବିକଶିତ ହରିୟାଣା ଗଠନ କରିବା କାମରେ ଲାଗିଥିବା ଧର୍ମେନ୍ଦ୍ର କହିଛନ୍ତି।



ହରିୟାଣାରେ କର୍‌ନାଲଠାରେ ଭାଜପା ନିର୍ବାଚନ ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

# ପାରାଦୀପ ବିଜେଡି କନ୍ଦଳ ଥାନାକୁ ଗଲା

## ପରସ୍ପର ବିରୋଧରେ ଅଭିଯୋଗ କଲେ ସମ୍ବିତ-ବସନ୍ତଙ୍କ ସମର୍ଥକ

ପାରାଦୀପ,୧୫।୯(ଶରତ ରାଉତ)

ଗତ ସାଧାରଣ ନିର୍ବାଚନ ପୂର୍ବରୁ ପାରାଦୀପ ବିଜେଡି ମଧ୍ୟରେ ଚାଲିଥିବା ଶୀତଳ ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି। ବିଶେଷକରି ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଓ ବର୍ତ୍ତମାନ ପାରାଦୀପ ନଗର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ଶନିବାର ଓ ରବିବାର ବସନ୍ତ-ସମ୍ବିତଙ୍କ ସମର୍ଥକ ପାରାଦୀପ ଆଦର୍ଶ ଥାନାରେ ପରସ୍ପର ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପାରାଦୀପ ବିଜେଡିରେ ରାଜନୀତି ସରଗରମ ହୋଇଛି। ଶନିବାର ରାତିରେ ବସନ୍ତଙ୍କ ସମର୍ଥକ ତଥା ଜିଲା ବିଜେଡି ସାଧାରଣ ସମ୍ପାଦକ ମନୋଜ କୁମାର ବେହେରା ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ ସମ୍ବିତଙ୍କ ସମର୍ଥକ ପାରାଦୀପ ନଗର ବିଜେଡି କାର୍ଯ୍ୟକାରୀ ସଭାପତି କୁମରବର ନାୟକ, ପୂର୍ବତନ ବିଧାୟକ ପ୍ରତିନିଧି ରଶ୍ମିରଞ୍ଜନ ପରିଡ଼ା, ମାନସ ବିଶ୍ୱାଳ, ସୁଶୀଲ ମହାପାତ୍ର ୧୩ ତାରିଖ ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ କରିଥିଲେ। ଏଥିରେ ସେମାନେ ଲୋକପ୍ରିୟ ନେତା ବସନ୍ତଙ୍କ ବିରୋଧରେ କିଛି ଆପତ୍ତିଜନକ ଶବ୍ଦ ବ୍ୟବହାର କରିଥିଲେ। ତାଙ୍କୁ ଦଳରୁ ବହିଷ୍କାର କରା ନ ଗଲେ ମାରି ବିଦା କରିବୁ ବୋଲି କହିଥିଲେ। ଜଣେ ନେତାଙ୍କୁ ଗଣମାଧ୍ୟମ ଆଗରେ ମାରିବା ଭଳି ଧମକ ଦେବା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏହି ଘଟଣା ପରେ ରବିବାର ସମ୍ବିତଙ୍କ ସମର୍ଥକ ମାନସ ବିଶ୍ୱାଳ ଥାନାରେ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ୧୧ ତାରିଖ ସାଙ୍ଗଠନିକ ସଭାରେ ବସନ୍ତ ଓ ଅନ୍ୟ କେତେଜଣ କର୍ମୀ ପୂର୍ବତନ ବିଧାୟକ ସମ୍ବିତଙ୍କ ବିରୋଧରେ କଟୁ ଶବ୍ଦ ପ୍ରୟୋଗ କରିଥିଲେ। ସେ ଦଳରେ ବିଭିନ୍ନ ପଦପଦବୀରେ ରହି ଯେଉଁ ସୁବିଧା ସୁଯୋଗ ନେଇଛନ୍ତି ତା'ର ତଦନ୍ତ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରିନାହିଁ। କିନ୍ତୁ ଅଭିଯୋଗ ଘଟଣାକୁ ନେଇ ୨ ନେତାଙ୍କ ସମର୍ଥକ ମୁହାଁମୁହିଁ ଅବସ୍ଥାରେ ରହିଛନ୍ତି।

ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପରାଜୟ ଘଟଣାକୁ ପୂର୍ବତନ ବିଧାୟକଙ୍କ ସମର୍ଥକମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଥିରେ ବସନ୍ତ ଦଳ ବିରୋଧ କାମ କରି ଭାଜପା ପ୍ରାର୍ଥୀଙ୍କ ପାଇଁ ଲୁକ୍କାୟିତ ଭାବେ କାମ କରୁଥିଲେ ବୋଲି ପ୍ରଥମେ ଚର୍ଚ୍ଚା ହେଉଥିଲା। ଗତ ଜୁଲାଇରେ ବିଜେଡିର ସମ୍ବିତଙ୍କ ସମର୍ଥକମାନେ ବନ୍ଧୁମିଳନ ସଭା କରିଥିଲେ। ସେଥିରେ ବସନ୍ତ ଅନୁପସ୍ଥିତ ଥିଲେ। ପୁଣି ଅଗଷ୍ଟରେ ଜନଜାଗରଣ ଶୋଭାଯାତ୍ରା କରାଯାଇଥିଲା। ସେଥିରେ ମଧ୍ୟ ବସନ୍ତ ଅନୁପସ୍ଥିତ ଥିଲେ। ଏହି ଘଟଣା ପରେ ବସନ୍ତ ସେପ୍ଟେମ୍ବର ୧୧ରେ ସାଙ୍ଗଠନିକ ସଭା କରିଥିଲେ। ସେଥିରେ ଦଳର ଆଗଧାଡ଼ିର କର୍ମୀ, ପୂର୍ବତନ ଏମ୍‌ପି କୁଳମଣି ସାମଲ, ରାଜ୍ୟ ସମ୍ପାଦକ ପ୍ରମୋଦ କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସଭାରେ ସମ୍ବିତ କିମ୍ବା ତାଙ୍କ ସମର୍ଥକ ନ ଥିଲେ। ସେହି ସଭା ପରେ ଏବେ ଥାନାରେ ଅଭିଯୋଗ ହୋଇଛି।



ସମ୍ବିତ ରାଉତରାୟ



ବସନ୍ତ ବିଶ୍ୱାଳ

# ଶଙ୍ଖ ଛାଡ଼ି ପଦ୍ମ ଧରିଲେ ସରପଞ୍ଚ

ଭୋଗରାଇ,୧୫।୯(ପ୍ରଦୀପ ଦାସ)

ସାଧାରଣ ନିର୍ବାଚନ ୩ମାସ ବିତିବା ପରେ ଏବେ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ରାଜନୈତିକ ପାଣିପାଗ ବଦଳିବାରେ ଲାଗିଛି। ସୁନାଧରବସାଣ ପଞ୍ଚାୟତ ସରପଞ୍ଚ ଦିଲୀପ କୁମାର ଦତ୍ତ ଭୋଗରାଇ ଥାନା ଛକସ୍ଥିତ ଭାଜପା କାର୍ଯ୍ୟାଳୟରେ ସାମିଲ ହୋଇ ଉତ୍ତରୀୟ ପରିଧାନ କରିଛନ୍ତି। ଏହି ସମୟରେ ବାଲେଶ୍ୱର ଏମ୍‌ପି ଡ. ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭାଜପା ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି, ସମିତିସଦସ୍ୟ ରାଧାକାନ୍ତ ପ୍ରଧାନ, ଆଶିଷ କୁମାର ମହାନ୍ତି, କ୍ୟାପଟେନ ଅଶୋକ କୁମାର ଦାସ, ସୁନୀଲ କୁମାର କର, ଅମଳେନ୍ଦୁ ଦାସ, ପରମାନନ୍ଦ ପରିଡାଙ୍କ ସହ ବହୁ ଭାଜପା ନେତା ଉପସ୍ଥିତ ରହି ଭାଜପା ଶକ୍ତି ବୃଦ୍ଧି ହେବା ସହିତ ଆଗାମୀ ୨୬ ପଞ୍ଚାୟତ ଭାଜପା ଦଖଲ କରିବ ବୋଲି ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଏଥିରେ ବିଜେଡିର କୌଣସି କ୍ଷତି ହେବ ନାହିଁ ବୋଲି ଶାଖା ସଭାପତି ରମାକାନ୍ତ କରଣ ସୂଚନା ଦେଇଛନ୍ତି।

# ବିଜେଡି ଓଡ଼ିଶାକୁ ନିଜ ଜାଗିରିଦାରୀ ଭାବି ନେଇଥିଲା: ଭାଜପା

ଭୁବନେଶ୍ୱର,୧୫।୯ (ଅନୁରାଧା ମହାରଣା)

ବିଜେଡି ଏମପି ତଥା ମୁଖପାତ୍ର ସସ୍ମିତ ପାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତି ଟିପ୍ପଣୀ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ରାଜ୍ୟ ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। ବିଜେଡି କ୍ଷମତାରୁ ବିତାଡ଼ିତ ହେବା ପରେ ପାତ୍ର ନିଜ ଅତୀତକୁ ଭୁଲିଯାଇ ଏଭଳି ମନ୍ତବ୍ୟ ଦେଇଥିବା ମହାପାତ୍ର କହିଛନ୍ତି। ବିଜେଡି ମୁଖପାତ୍ର ପାତ୍ର ବୋଧ ହୁଏ ବର୍ଷକ ତଳର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ କାର୍ଯ୍ୟକଳାପକୁ ମନେ ପକାଇ ଏଭଳି ବକ୍ତବ୍ୟ ଦେଇଥିବା କହି ସେ ପାତ୍ରଙ୍କୁ ସମାଲୋଚନା କରିଛନ୍ତି। ନବୀନ ବାବୁ ବାସ୍ତବରେ 'ସାଧୁ ପୁରୁଷ ନା ବେଇମାନ, ତାହା ପାତ୍ର ପ୍ରଥମେ ସ୍ପଷ୍ଟ କରନ୍ତୁ ବୋଲି ମହାପାତ୍ର କହିଛନ୍ତି

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମହାପାତ୍ର କହିଛନ୍ତି ଯେ, ଦୀର୍ଘ ୨୪ ବର୍ଷ ଧରି ଶାସନରେ ଥିବା ନବୀନ ପଟ୍ଟନାୟକ ଓ ବିଜେଡି ନେତା ଅହଂକାରରେ ବୁଡି ରହିଥିବା ଓଡ଼ିଶାକୁ ନିଜ ଜାଗିରିଦାରୀ ଭାବି ନେଇଥିଲେ। ଶାସନ ଦାୟିତ୍ୱରେ ଥିବାବେଳେ ନବୀନ ବାବୁ ନିଜ ଅଧସ୍ତନ କର୍ମଚାରୀଙ୍କ କବଳରେ ଗୃହବନ୍ଦୀ ଭାବେ ରହି କିଭଳି ପରିଚାଳିତ ହେଉଥିଲେ, ତାହା ସମଗ୍ର ଓଡ଼ିଶାବାସୀ ଦେଖିଛନ୍ତି। କରୋନା ସମୟରେ ସାରା ଓଡ଼ିଶାବାସୀ ଛଟପଟ ହେଉଥିବାବେଳେ ନବୀନ ଘରେ ରହୁଥିଲେ। କେବଳ ଉତ୍ତରାଧିକାରୀ ସୂତ୍ରରେ ନବୀନ ବାବୁ ରାଜନୀତିକୁ ଆସିଛନ୍ତି। ଏବେ ଓଡ଼ିଶାବାସୀ ତାଙ୍କୁ ଗାଦିରୁ ହଟାଇ ଦେବାପରେ ସହି ନ ପାରି ଅସୂୟା ଭାବ ପ୍ରଦର୍ଶନ କରି ବିଭିନ୍ନ ଟିପ୍ପଣୀମାନ ଦେଉଛନ୍ତି।

ନବୀନ ବାବୁ ଯେଉଁ ମନ୍ତବ୍ୟ ଦିଅନ୍ତି ତାହାକୁ ଅକ୍ଷର ଅକ୍ଷରେ ପାଳନ କରାଯାଏ ବୋଲି ପାତ୍ର କହିଛନ୍ତି। ମାତ୍ର ବିଗତ ଦିନର କେତେଗୁଡ଼ିଏ ଘଟଣାବଳୀ ଦେଖିଲେ ନବୀନ ବାବୁ ପକାଇଥିବା ଛେପକୁ ପୁଣିଥରେ ଢୋକିଥିବା ରାଜ୍ୟବାସୀ ଦେଖିଛନ୍ତି। ଆଦିବାସୀମାନଙ୍କୁ ପ୍ରତାରଣା ଦେବା ଉଦ୍ଦେଶ୍ୟରେ ଏବଂ ଜଙ୍ଗଲ ଜମି ହଡପ୍ ଉଦ୍ଦେଶ୍ୟରେ କ୍ୟାବିନେଟର ନିଷ୍ପତ୍ତି ଓ ପରବର୍ତ୍ତୀ ସମୟରେ ପ୍ରତ୍ୟାହାର, ସୋହେଲାରେ ଧାନ କ୍ୱିଣ୍ଟାଲ ପିଛା ୧୦୦ ଟଙ୍କାର ବୋନସ ଘୋଷଣା କରି ବୋନସ୍ ନ ଦେବା, ମନ୍ତ୍ରୀ ନବ ଦାସ ହତ୍ୟା ଘଟଣାର ତଦନ୍ତ ଏଫବିଆଇ ଦ୍ୱାରା କରାଇବା, ଓୟୁଏଟିର ଦ୍ୱିତୀୟ କ୍ୟାମ୍ପସ କେବିକେ ଅଞ୍ଚଳରେ ଖୋଲାଯିବ ବୋଲି ବିଧାନସଭାରେ ଘୋଷଣା କରି ଭୁଲିଯିବା, ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ଏକାଧିକ ସ୍ଥାନରେ ହାଇକୋର୍ଟ ବେଞ୍ଚ ସ୍ଥାପନା କରିବା ଭଳି ମିଛ ପ୍ରତିଶ୍ରୁତି ଦେଇ କୌଣସି ପଦକ୍ଷେପ ନ ନେବା ଭଳି ନବୀନବାବୁଙ୍କ ଅନେକ 'ୟୁ ଟର୍ଣ୍ଣ' ଉଦାହରଣ ଓଡ଼ିଶାବାସୀ ଦେଖିଥିବା ସେ କହିଛନ୍ତି। ଅନ୍ୟପଟେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ଭୁବନେଶ୍ୱରରୁ ସ୍ଥାନାନ୍ତର କରାଗଲା ନାହିଁ କାହିଁକି ବୋଲି ମହାପାତ୍ର ପ୍ରଶ୍ନ କରିଛନ୍ତି। ପୂର୍ବରୁ ୟୁପିଏ ଏବଂ ବର୍ତ୍ତମାନର ଏନ୍‌ଡିଏ ସରକାରର ୫ ଜଣ ଆଇନମନ୍ତ୍ରୀ ରାଜ୍ୟର ବିଜେଡି ସରକାରକୁ ବିଭିନ୍ନ ସମୟରେ ପ୍ରସ୍ତାବ ମାଗିଥିଲେ ମଧ୍ୟ ନବୀନ ବାବୁ କୌଣସି ଉତ୍ତର ଦେଇ ନ ଥିଲେ। ଏବେ କେବଳ ରାଜନୈତିକ ଉଦ୍ଦେଶ୍ୟରେ ବିଜେଡି ଚର୍ଚ୍ଚାରେ ରହିବାକୁ ଚେଷ୍ଟା କରୁଛି। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁଭଳି ଭାବେ ଲୋକଙ୍କ ସହ ମିଶୁଛନ୍ତି ତାକୁ ନବୀନ ଅନୁସରଣ କରିବା ଉଚିତ ବୋଲି ମହାପାତ୍ର କହିଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମଲ୍ଲିକ ମଧ୍ୟ ଉପସ୍ଥିତ ଥିଲେ।

# ଟେଣ୍ଟ୍ ନିର୍ମାଣ ପାଇଁ ଭାଜପା, ବିଜେଡି କର୍ମୀ ମୁହାଁମୁହିଁ

ଯାଜପୁର ଟାଉନ,୧୫।୯
(ପ୍ରୟକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ବ୍ଲକ୍‌ରେ ପ୍ରଧାନମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍ସ କାର୍ଯ୍ୟକ୍ରମର ଟେଣ୍ଟ୍ ନିର୍ମାଣ ପାଇଁ ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଛନ୍ତି। ଏନ୍‌ସି କଲେଜ ପଡ଼ିଆରେ ଭାଜପା କର୍ମୀମାନେ ଏହି ଟେଣ୍ଟ୍ କାର୍ଯ୍ୟ କରୁଥିବାବେଳେ ବିଜେଡି ସମର୍ଥିତ କେତେଜଣ କର୍ମୀ ବିଡିଓଙ୍କ ପାଖରେ ଉକ୍ତ କାର୍ଯ୍ୟ କରିବା ପାଇଁ ଯୁକ୍ତି ଉପସ୍ଥାପନ କରିଛନ୍ତି। ଘଟଣାସ୍ଥଳରେ ଯାଜପୁର ଅତିରିକ୍ତ ଜିଲାପାଳ ଶୁଭେନ୍ଦ୍ର ସାମଲ, ଜିଲା ପରିଷଦର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ବିଡିଓ ସ୍ୱାଗତ ଦାସ ପ୍ରମୁଖ ପହଞ୍ଚି ଏହାର ସମାଧାନ କରିଛନ୍ତି। ଅତିରିକ୍ତ ଜିଲାପାଳଙ୍କ ନେତୃତ୍ୱରେ ୩ୟ ପକ୍ଷ ଦ୍ୱାରା ଟେଣ୍ଟ୍ କାର୍ଯ୍ୟ ଏନ୍‌ସି କଲେଜ ପଡ଼ିଆର ଏକ ଭିନ୍ନ ସ୍ଥାନରେ କରିବାକୁ ସ୍ଥିର କରାଯାଇଛି।

ଭାଜପା ଓ ବିଜେଡି କର୍ମୀ ସମାନ ଯୁକ୍ତିକରି ଜିଲା ପ୍ରଶାସନକୁ ଜଣାଇଥିଲେ କି ସେମାନେ ଏହି ଟେଣ୍ଟ୍ କାର୍ଯ୍ୟ କରିବେ। ଭାଜପା କର୍ମୀଙ୍କ କହିବା କଥା ଏହା ଆମ ସରକାରଙ୍କ କାର୍ଯ୍ୟକ୍ରମ ହୋଇଥିବାରୁ ଆମେ କାମ କରିବୁ। ବିଜେଡି କର୍ମୀ ଯୁକ୍ତି ଉପସ୍ଥାପନ କରିଥିଲେ ଯେ, ଯାଜପୁର ବ୍ଲକ୍ ଅଧ୍ୟକ୍ଷ ବିଜେଡିର ହୋଇଥିବାରୁ ଏହି କାର୍ଯ୍ୟକ୍ରମ ବିଜେଡି କର୍ମୀ କରିବେ। ଯୁକ୍ତିତର୍କ ସମୟରେ ଭାଜପା କର୍ମୀଙ୍କ ସହ ବିଡିଓଙ୍କ କଥା କଟାକଟି ହୋଇଥିଲା। ଯାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ସତ୍ୟବ୍ରତ ଲେଙ୍କାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ସେଠାରେ ଉପସ୍ଥିତ ଥିଲା। ପୋଲିସ ଅଧିକାରୀ ଲେଙ୍କା ନିଜେ ଦାୟିତ୍ୱ ନେଇ ନୂତନ ସ୍ଥାନରେ ଉପଯୁକ୍ତ ସମୟ ମଧ୍ୟରେ ଟେଣ୍ଟ୍ କାର୍ଯ୍ୟକ୍ରମ ସାରିବା ପାଇଁ ପ୍ରଶାସନକୁ ଜଣାଇଛନ୍ତି। ଭାଜପା ପକ୍ଷରୁ ଯୁବନେତା ରାଜକିଶୋର ପରିଡ଼ା, ୩୨ନଂ. ଜୋନ୍ ସଭାପତି ମନ୍ମଥ ବରାଳ, ପ୍ରଭାତ ଘଡେଇ, କୁଳମଣି ପରିଡ଼ା ଓ ବିଜେଡି ପକ୍ଷରୁ ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା ଏବଂ ଚିତ୍ତରଞ୍ଜନ ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ରାହୁଲଙ୍କ ଭାରତ ବିରୋଧୀ ମନ୍ତବ୍ୟ ସିରିଜ୍‌ରେ ନୂଆଫର୍ଦ୍ଦ ଯୋଡ଼ି ହୋଇଛି: ଭାଜପା

ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବିକାଶ ଶିଖରକୁ ଦ୍ରୁତ ଗତିରେ ଅଗ୍ରସର ହେଉଥିବା ବେଳେ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏଥିରେ ଅନ୍ତରାୟ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ଗତ ସପ୍ତାହରେ ରାହୁଲ ବିଦେଶ ଗସ୍ତରେ ଥିଲାବେଳେ ଭାରତ ଓ ଭାରତୀୟ ସମ୍ପ୍ରଦାୟ ବିରୋଧରେ ଯେଉଁଭଳି ହୀନ ମନ୍ତବ୍ୟ ଦେଇଥିଲେ, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ରାହୁଲଙ୍କ ଭାରତ ବିରୋଧୀ ମନ୍ତବ୍ୟ ସିରିଜ୍‌ରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ିଦେଇଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଯତୀନ୍ ମହାନ୍ତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯତୀନ୍ କହିଛନ୍ତି, ବିଦେଶରେ ଥିଲାବେଳେ ଭାରତ ବିରୋଧରେ ମନ୍ତବ୍ୟ ଦେବା, ଏହାର ଗଣତନ୍ତ୍ର ଓ ବୈଶିଷ୍ଟ୍ୟ ଠାରୁ ଆରମ୍ଭ କରି ସଂସ୍କୃତି ଏବଂ ପରମ୍ପରାକୁ ନିନ୍ଦା କରିବା ରାହୁଲଙ୍କ ଅଭ୍ୟାସରେ ପରିଣତ ହୋଇଯାଇଛି। ରାହୁଲ ଶିଖ୍ ସମ୍ପ୍ରଦାୟ ବିରୋଧରେ ବକ୍ତବ୍ୟ ଦେଇ ସେମାନଙ୍କ ସ୍ୱାଭିମାନ, ବଳିଦାନ, ବୀରତ୍ୱକୁ ଅପମାନିତ କରିଛନ୍ତି। ଏହା କେବଳ ଶିଖ୍ ସମ୍ପ୍ରଦାୟଙ୍କୁ ନୁହେଁ, ବରଂ ସମଗ୍ର ଭାରତବର୍ଷକୁ ଲଜ୍ଜିତ କରିଛି । ଏଭଳି ମନ୍ତବ୍ୟ ତାଙ୍କର ତୁଚ୍ଛ ମାନସିକତାର ପରିଚୟ ଦେଇଛି। ରାହୁଲଙ୍କ ପାରିବାରିକ ସମ୍ପର୍କ ଇଟାଲି, କଲମ୍ବିଆ, ସ୍ପେନ, ଥାଇଲାଣ୍ଡ ସହ ଥାଇପାରେ। କିନ୍ତୁ ଭାରତ ଏକ ଭିନ୍ନ ରାଷ୍ଟ୍ର ଏବଂ ସଭ୍ୟତାର ଏନ୍ତୁଡ଼ିଶାଳ । ଏଠାରେ ବସବାସ କରୁଥିବା ପ୍ରତ୍ୟେକ ନାଗରିକ ଜଣେ ଜଣେ ଗର୍ବିତ ସୁସନ୍ତାନ। ତେଣୁ କଂଗ୍ରେସ ନିଜ ସ୍ଥିତିକୁ ସମୀକ୍ଷା କରି ଏଭଳି ଭାରତ ବିରୋଧୀ ମନ୍ତବ୍ୟରୁ ଦୂରେଇ ରହିବାକୁ ଯତୀନ କହିଛନ୍ତି।

# କ୍ଷୟକ୍ଷତି ପାଇଁ ଭାଜପା ଦାୟୀ ରହିବ: ବିଜେଡି

## ପୋଲାଭରମ୍ ପ୍ରକଳ୍ପ

■ନଭେମ୍ବର ୨ୟ ସପ୍ତାହରେ କାର୍ଯ୍ୟକ୍ଷମ ହେବ, କହିଲେ ପ୍ରଦୀପ ମାଝୀ

ମାଲକାନଗିରି, ୧୫।୯(ଦୁର୍ଯ୍ୟୋଧନ ପାତ୍ର)

କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶରେ ନିର୍ମିତ ପୋଲାଭରମ୍ ପ୍ରକଳ୍ପକୁ ନଭେମ୍ବର ଦ୍ୱିତୀୟ ସପ୍ତାହରେ କାର୍ଯ୍ୟକ୍ଷମ କରିବା ପାଇଁ ଯାଉଛନ୍ତି ବୋଲି ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ରବିବାର ମାଲକାନଗିରିରେ ଖବରଦାତା ସମ୍ମିଳନୀରେ କହିଛନ୍ତି। ପ୍ରକଳ୍ପ ପାଇଁ ଜିଲାରେ ଯେଉଁ କ୍ଷତି ହେବ ସେଥିପାଇଁ ଭାଜପା ଦାୟୀ ରହିବା ସହ ମାଲକାନଗିରି ଜିଲାକୁ ବଞ୍ଚାଇବା ଲାଗି ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି । ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଆନ୍ଧ୍ର ମିଳିତ ସରକାରଙ୍କୁ ୧୨ହଜାର ୫ଶହ କୋଟି ଟଙ୍କା ଅର୍ଥ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ମାଲକାନଗିରି ଜିଲାର କାଲିମେଳା, ପଡିଆ ଓ ମୋଟୁ ସହ ପଡୋଶୀ ଛତିଶଗଡ, ଆନ୍ଧ୍ର ଓ ତେଲେଙ୍ଗାନାର ଅନେକ ଅଞ୍ଚଳ ଜଳମଗ୍ନ ହେବାସହ ବହୁ ଲୋକ ବିସ୍ଥାପିତ ହେବେ। ଏଥିସହ ଜାଷ ଜମି, ଜଙ୍ଗଲ ଓ ଖଣିଜ ସମ୍ପଦ ନଷ୍ଟ ହେବ । ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇଥିବାରୁ ଆଦିବାସୀଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ କେନ୍ଦ୍ର ସରକାରଙ୍କ ସହ ଆଲୋଚନାକରି ପୋଲାଭରମ୍ ପ୍ରକଳ୍ପ ଉଚ୍ଚତା କମାଇବା, ମାଲକାନଗିରି ଜିଲାରେ ଯେପରି କୌଣସି କ୍ଷତି ନ ହେବ ସେଥିପାଇଁ କେନ୍ଦ୍ର ଓ ଆନ୍ଧ୍ର ସରକାରଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବା ପାଇଁ ବିଜେଡି ଦାବି କରିଛି।

ଆଜି ପର୍ଯ୍ୟନ୍ତ କ୍ଷୟକ୍ଷତି ହେବାକୁ ଥିବା ଲୋକମାନଙ୍କୁ ପୋଲାଭରମ୍ ପ୍ରକଳ୍ପ ସମ୍ବନ୍ଧରେ ଅବଗତ କରା ନ ଯିବା, ପଲ୍ଲିସଭା ବା ଗ୍ରାମସଭା ନ ହେବା, ଜଳମଗ୍ନ ହେବାକୁ ଥିବା ଅଞ୍ଚଳର ସର୍ଭେ ନ କରିବା ଦୁର୍ଭାଗ୍ୟଜନକ ବିଷୟ। ବିଜେଡି ଶାସନ ସମୟରେ ବାରମ୍ବାର ପୋଲାଭରମ୍ ପ୍ରକଳ୍ପ ବରୋଧରେ ସଂଗ୍ରାମକରି ଆସୁଥିଲା ବେଳେ ଏହା ସୁପ୍ରିମକୋର୍ଟରେ ଏବେ ବିଚାରାଧୀନ ଥିବା ସମୟରେ କେନ୍ଦ୍ର ସରକାର କିପରି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ଅର୍ଥ ବରାଦ କଲେ ସେ ନେଇ ମାଝୀ ପ୍ରଶ୍ନ କରିଛନ୍ତି। ଯଦି ତୁରନ୍ତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ବିଜେଡି ପକ୍ଷରୁ ମାଲକାନଗିରି, ଭୁବନେଶ୍ୱର ଓ ଦିଲ୍ଲୀରେ ଗଣବିକ୍ଷୋଭ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ପୂର୍ବତନ ବିଧାୟକ ମାନସ ମାଡକାମି, ବରିଷ୍ଠ ନେତା ଗୋପାଳକୃଷ୍ଣ ପଣ୍ଡା, ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ବିଜେଡି ନେତା ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ଏବଂ ଅନ୍ୟମାନେ।

# ସାମନ୍ତରାପୁରରେ ଖିମ୍‌ଜୀ ଜୁଏଲର୍ସର ନୂତନ ଆଉଟଲେଟ

## ଭୁବନେଶ୍ୱରରେ ୪ର୍ଥ, ଓଡ଼ିଶାରେ ୯ମ ଶୋ'ରୁମ୍ ଉଦ୍‌ଘାଟିତ



ଭୁବନେଶ୍ୱର,୧୫।୯ (ଅଭୟ ଦାଶ)

ଖିମ୍‌ଜୀ ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟଲେଟ ରବିବାର ଭୁବନେଶ୍ୱରର ସାମନ୍ତରାପୁର ଛକଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଖିମ୍‌ଜୀ ଜୁଏଲର୍ସର ଚେୟାରମ୍ୟାନ ଦିନେଶ ଖିମ୍‌ଜୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ କିଶୋର ଖିମଜୀ, ନିର୍ଦ୍ଦେଶକ ମିତେଶ୍ ଖିମ୍‌ଜୀ, ନିର୍ଦ୍ଦେଶକ ସୁମିତ୍ ଖିମ୍‌ଜୀ ଏବଂ ଖିମ୍‌ଜୀ ପରିବାରର ସଦସ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିଭଳି ୬୦୦୦ବର୍ଗଫୁଟ ପରବ୍ୟାପ୍ତ ସ୍ଥାନରେ ଗଢ଼ି ଉଠିଥିବା ଏହି ନୂତନ ଶୋ'ରୁମ୍‌ରେ ସୁନା, ହୀରା, ପ୍ଲାଟିନମ୍ ଏବଂ ରୁପା ଅଳଙ୍କାରର ବିସ୍ତୃତ କଲେକ୍ସନ ସହିତ ବିଭିନ୍ନ ପ୍ରକାର ଫ୍ୟାଶନ୍ ଗହଣା ଏବଂ କର୍ପୋରେଟ୍ ଉପହାରର ସମ୍ଭାର ଉପଲବ୍ଧ ରହିଛି। ସେହିପରି ଏହି ସ୍ୱତନ୍ତ୍ର ଅବସରକୁ ସ୍ମରଣୀୟ କରିବା ପାଇଁ ଖିମଜୀ ଜୁଏଲର୍ସ ପକ୍ଷରୁ ସୁନା ଅଳଙ୍କାର ଗଢ଼ା ମଜୁରି ଉପରେ ୪୦% ରିହାତି ପ୍ରଦାନ କରାଯାଉଛି। ଏପରିକି ହୀରାଗହଣା ମୂଲ୍ୟରେ ୨୦% ରିହାତି ଏବଂ ରୁପାର ଗଢ଼ା ମଜୁରିରେ ୨୦% ରିହାତି ଏବଂ ରୁପାର ଏମ୍‌ଆର୍‌ପି ସାମଗ୍ରୀ ଉପରେ ୧୦% ଉଦଘାଟନୀ ରିହାତି ପ୍ରଦାନ କରାଯାଉଛି।

ଏ ସମ୍ପର୍କରେ ଖିମଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି, ଆମର ଏହି ନୂତନ ଶୋ'ରୁମ୍ ଗ୍ରାହକଙ୍କୁ ଶ୍ରେଷ୍ଠ ଅଳଙ୍କାର ପ୍ରଦାନ କରିବା ପାଇଁ ବ୍ରାଣ୍ଡର ଅତୁଟ ପ୍ରତିଶ୍ରୁତିବଦ୍ଧତାର ପ୍ରତୀକ ହୋଇଥିଲାବେଳେ ଆମର ପୃଷ୍ଠପୋଷକଙ୍କ ନିରନ୍ତର ସମର୍ଥନ ଓ ଆନୁଗତ୍ୟ ପାଇଁ ଆମେ କୃତଜ୍ଞ ଅଛୁ। ଏହି ଷ୍ଟୋର ଭୁବନେଶ୍ୱରରେ ଆମର ଗ୍ରାହକମାନଙ୍କ ପାଇଁ ସପିଂ ଅଭିଜ୍ଞତାରେ ଉନ୍ନତି ଆଣିବା ସହିତ ଆମର ସମର୍ପଣର ଏକ ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଏହି ଅବସରରେ ଆମେ ଆମର କୃତଜ୍ଞତାର ପ୍ରତୀକ ଭାବେ ସ୍ୱତନ୍ତ୍ର ରିହାତି ପ୍ରଦାନ କରୁଛୁ।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରରେ ଖିମଜୀ ଜୁଏଲର୍ସର ଏହା ୪ର୍ଥ ଏବଂ ଓଡ଼ିଶାରେ ୯ମ ଶୋ'ରୁମ ବୋଲି ପ୍ରତିଷ୍ଠାନ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଅପରପକ୍ଷରେ ଆଧୁନିକ ଡିଜାଇନ୍ ଏବଂ ବିଳାସପୂର୍ଣ୍ଣ ପରିବେଶ ସହିତ ଏହି ଶୋ'ରୁମକୁ ଏକ ଅବିସ୍ମରଣୀୟ ଅଳଙ୍କାର-ସପିଂ ଅନୁଭୂତି ପ୍ରଦାନ କରିବା ପାଇଁ ଯତ୍ନର ସହ ଡିଜାଇନ୍ କରାଯାଇଛି। ଏହି ଷ୍ଟୋରର ଲେଆଉଟ୍ ଗ୍ରାହକଙ୍କୁ ଖିମଜୀ ଜୁଏଲର୍ସର ଅସାଧାରଣ କାରିଗରି, କାଳଜୟୀ ସୁନା ଏବଂ ହୀରା ଅଳଙ୍କାରଠାରୁ ଆରମ୍ଭ କରି ସ୍ୱତନ୍ତ୍ର ପ୍ଲାଟିନମ୍ ପିସ୍ ଏବଂ ଅଭିନବ ରୁପା ଏବଂ ଫ୍ୟାଶନ ଅଳଙ୍କାରକୁ କ୍ରୟ କରିବାର ସୁଯୋଗ ପ୍ରଦାନ କରିଥାଏ। ଏଠାରେ କର୍ପୋରେଟ୍ ଗିଫ୍ଟିଂ ସଲ୍ୟୁସନର ବଢୁଥିବା ଚାହିଦାକୁ ମଧ୍ୟ ପୂରଣ କରିବା ସହିତ କର୍ପୋରେଟ୍ ଗ୍ରାହକଙ୍କ ପାଇଁ ଅନନ୍ୟ ଏବଂ ସ୍ୱତନ୍ତ୍ର ଉତ୍ପାଦ ପ୍ରଦାନ କରିଥାଏ। ଏହି ନୂତନ ଷ୍ଟୋର୍ ଅସାଧାରଣ ମୂଲ୍ୟ ଏବଂ ଏକ ସ୍ମରଣୀୟ ସପିଂ ଅନୁଭୂତି ପ୍ରଦାନ କରିବା ପାଇଁ ସମର୍ପିତ ରହିଛି।

# ନିବାଭ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୧୫।୯ (ଅଭୟ ଦାଶ)

ଭାରତର ସର୍ବବୃହତ ଘରୋଇ ଲିଫ୍ଟ ବ୍ରାଣ୍ଡ ନିବାଭ୍ ଲିଫ୍ଟର ନୂତନ ଉତ୍ପାଦ 'ନିବାଭ୍ ସିରିଜ୍-୪ ହୋମ୍‌ଲିଫ୍ଟର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅସାଧାରଣ ଡିଜାଇନ୍ ସହିତ ସମନ୍ୱିତ ଏହି ଲିଫ୍ଟ ଭୁବନେଶ୍ୱରର ଘର ମାଲିକମାନଙ୍କୁ ବିଳାସପୂର୍ଣ୍ଣ ଅନୁଭୂତି ପ୍ରଦାନ କରିବ। ସେହିଭଳି ନିବାଭ୍ ସିରିଜ୍ ୪ ହୋମ୍ ଲିଫ୍ଟର ଏଆଇ-ସକ୍ଷମ କେବିନ୍ ଡିସପ୍ଲେ, ଇଣ୍ଟେଲେଜେଣ୍ଟ୍ ଏଲ୍‌ସି ଡିସ୍ପ୍ଲେ ଏବଂ ଠିକ୍ ନେଭିଗେଶନ୍ ଏବଂ କୋମଳ ଅବତରଣ ପାଇଁ ଲିଡାର ୨.୦ ଟେକ୍ନୋଲୋଜି ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାମିଲ ରହିଛି। ଏ ସମ୍ପର୍କରେ ନିବାଭ ଲିଫ୍ଟସର ସିଇଓ ତଥା ପ୍ରତିଷ୍ଠାତା ବିମଲ ବାବୁ କହିଛନ୍ତି, ଭୁବନେଶ୍ୱରର ଘର ମାଲିକଙ୍କ ନିକଟରେ ଆମର ଏହି ଅତ୍ୟାଧୁନିକ ଉଦ୍ଭାବନକୁ ପରିଚିତ କରାଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ସିରିଜ୍ ୪ ହୋମ୍ ଲିଫ୍ଟଗୁଡିକ ଅତୁଳନୀୟ ବିଳାସ ଏବଂ ସୁବିଧା ସହିତ ଆପଣଙ୍କ ରହଣି ଅନୁଭୂତିକୁ ବଢ଼ାଇବା ପାଇଁ ପ୍ରସ୍ତୁତ କରାଯାଇଛି। ବିଶେଷକରି ଆମର ନୂଆ ସିରିଜ୍ ୪ହୋମ୍ ଲିଫ୍ଟ ସହିତ ଆମେ ଦୁଇଟି ପ୍ରମୁଖ ଉପାଦାନ ଟେକ୍ନୋଲୋଜି ଏବଂ ଡିଜାଇନ୍ ଉପରେ ଧ୍ୟାନ ଦେଇଛୁ, ଯାହା ଏହାକୁ ଘରର ଆଭ୍ୟନ୍ତରୀଣ ଅଂଶରେ ଏକ ବିବୃତି ସଂଯୋଗ କରିଥାଏ।

# କୁଲଦୀପ ଏଭରଗ୍ରୀନ୍ ଚା'ର ବ୍ରାଣ୍ଡ୍ ଆମ୍ବାସାଡର




ଭୁବନେଶ୍ୱର,୧୫।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଚା' ବ୍ରାଣ୍ଡ୍ ତଥା ନେହା ଏଣ୍ଟରପ୍ରାଇଜର୍ସ ଦ୍ୱାରା ପ୍ରସ୍ତୁତ ଲୋକପ୍ରିୟ ଉତ୍ପାଦ ଏଭରଗ୍ରୀନ ଚା'ର ବ୍ରାଣ୍ଡ ଆମ୍ବାସାଡର ଭାବେ ଭାରତୀୟ କ୍ରିକେଟିୟର କୁଲଦୀପ ଯାଦବଙ୍କୁ ନିକଟରେ ନିଯୁକ୍ତି ଦିଆଯାଇଛି। ଏପରିକି ଏଭରଗ୍ରୀନ ଚା'ର ଏକ ଟିଭି କର୍ମସିଆଲ (ଟିଭିସି) ର ସୁଟିଂ କୁଲଦୀପ ଯାଦବଙ୍କୁ ନେଇ କରାଯାଇଛି, ଏହା ଖୁବଶୀଘ୍ର ଆଞ୍ଚଳିକ ଏବଂ ଜାତୀୟ ଟେଲିଭିଜନ ଚ୍ୟାନେଲରେ ପ୍ରସାରିତ ହେବ।

ଏହି ପରିପ୍ରେକ୍ଷୀରେ ଆୟୋଜତି ଏକ ଖବରଦାତା ସମ୍ମିଳନୀରେ ଏଭରଗ୍ରୀନ ଚା'ର ପରିଚାଳନା ନିର୍ଦ୍ଦେଶକ ସାଜନ ଅଗ୍ରୱାଲ, ନିର୍ଦ୍ଦେଶକ ପ୍ରବୀଣ ଅଗ୍ରୱାଲ ଏବଂ ପୱନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ସାଜନ ଅଗ୍ରୱାଲ କହିଥିଲେ,ଭାରତୀୟ ଜାତୀୟ କ୍ରିକେଟ ଟିମର ପ୍ରମୁଖ ସ୍ପିନର କୁଲଦୀପ ଯାଦବ ଆମର ବ୍ରାଣ୍ଡ୍ ଆମ୍ବାସାଡର ହୋଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏଭରଗ୍ରୀନ ପରିବାରରେ କୁଲଦୀପଙ୍କ ଯୋଗଦାନ ଦ୍ୱାରା ବ୍ରାଣ୍ଡ ଉପରେ ଗ୍ରାହକମାନଙ୍କର ଆସ୍ଥା ଓ ବିଶ୍ୱାସ ଅଧିକ ଉଚ୍ଚ ସ୍ତରରେ ପହଞ୍ଚିବ। ଏହା ପୂର୍ବରୁ ବଲିଉଡ ଅଭିନେତା ଅନିଲ କପୁର, ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କି, ଧାବିକା ଦୂତୀ ଚାନ୍ଦ ଏବଂ ଓଲିଉଡ୍ ଅଭିନେତା ସବ୍ୟସାଚୀ ଓ ଅର୍ଚ୍ଚିତା ମଧ୍ୟ ବ୍ରାଣ୍ଡର ବ୍ରାଣ୍ଡ ଆମ୍ବାସାଡର ଭାବେ ସାମିଲ ହୋଇଛନ୍ତି।

ସେହିଭଳି କୁଲଦୀପ ଯାଦବ କହିଥିଲେ, ଏଭରଗ୍ରୀନ ଚା ସହ ଯୋଡିହୋଇ ମୁଁ ବେଶ୍ ଉତ୍ସାହିତ ଅଛି। ଯେଉଁ ବ୍ରାଣ୍ଡ ଅନେକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି, ଏଭରଗ୍ରୀନ ଚା'କେବଳ ଅନ୍ୟ ଗୋଟିଏ ଚା ବ୍ରାଣ୍ଡ ନୁହେଁ ବରଂ ଏହା ଲୋକମାନଙ୍କ ମନରେ ଏକ ଭାବପ୍ରବଣତା ଭରା ଯୋଗସୂତ୍ର ସ୍ଥାପନ କରିଛି।

# ଟାଟା ମୋଟର୍ସର ଫେଷ୍ଟିଭାଲ ଅଫ୍ କାର୍‌ସ

ଭୁବନେଶ୍ୱର,୧୫।୯ (ଅଭୟ ଦାଶ)

TATA MOTORS FESTIVAL OF CARS

ଟାଟା ମୋଟର୍ସର ବହୁ ପ୍ରତୀକ୍ଷିତ ତଥା ଆକର୍ଷଣୀୟ ରିହାତି ଅଫର 'ଫେଷ୍ଟିଭାଲ ଅଫ୍ କାର୍‌ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ପୂର୍ବରୁ ଦେଖାଯାଇ ନ ଥିବା ଏଭଳି ଏକ ମୂଲ୍ୟକୁ ନେଇ କମ୍ପାନୀ ତା'ର ଅନେକ ଲୋକପ୍ରିୟ କାର ତଥା ଏସ୍‌ୟୁଭି ଉପରେ ଆକର୍ଷଣୀୟ ରିହାତି ପ୍ରଦାନ ସହିତ ବ୍ରାଣ୍ଡ୍ ଶୋ'ରୁମ୍‌ଗୁଡ଼ିକ ଜରିଆରେ ଗ୍ରାହକମାନଙ୍କୁ ଅନେକ ସୁବିଧା ଉପଲବ୍ଧ କରାଇଛି। ସେହିଭଳି ଆଶାୟୀ ଗ୍ରାହକମାନେ ନିଜ ସ୍ୱପ୍ନର କାର କ୍ରୟ କରିବା ସମୟରେ ଅବିଶ୍ୱସନୀୟ ମୂଲ୍ୟ ପ୍ରଦାନ କରିବା ସହିତ ଉପରୋକ୍ତ ଗାଡିଗୁଡିକ ଉପରେ ପ୍ରାୟ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁବିଧା ପାଇବାର ମଧ୍ୟ ସମସ୍ତ ବ୍ୟବସ୍ଥା ପ୍ରଦାନ କରାଯାଇଛି। ସେହିପରି ବ୍ରାଣ୍ଡର ପେଟ୍ରୋଲ, ଡିଜେଲ ତଥା ସିଏନଜି ଚାଳିତ ସମସ୍ତ ଏସ୍‌ୟୁଭି ଏବଂ କାର୍‌ଗୁଡିକ ଉପରେ ପାର୍ବଣ ରିହାତି ୨୦୨୪ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଉପଲବ୍ଧ ରହିଛି।

ଏ ସମ୍ପର୍କରେ ଟାଟା ପାସେଞ୍ଜର ଇଲେକ୍ଟ୍ରିକ୍ ମୋବିଲିଟି ଲିମିଟେଡ଼ର ସିଓ ବିବେକ ଶ୍ରୀବସ୍ତ କହିଛନ୍ତି, ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହୋଇଯାଇଛି। ସେଥିପାଇଁ ଆମେ ଏକ ମନମୁଗ୍ଧକର ଆକର୍ଷଣୀୟ ମୂଲ୍ୟ ରିହାତିକୁ ପ୍ରଦାନ କରିବା ପାଇଁ ଉତ୍ସୁକତାର ସହିତ ଚାହିଁ ରହିଛୁ, ଯାହାକି ଆମର ପ୍ରିୟ ଗ୍ରାହକମାନଙ୍କୁ ସନ୍ତୁଷ୍ଟ କରିପାରିବ। ଏପରିକି ଆମର ଆଇସିଇ ଯାନ ଉପରେ ସମୁଦାୟ ୨.୦୫ ଲକ୍ଷ ଟଙ୍କାର ରିହାତି ସୁବିଧା ପ୍ରଦାନ ସହିତ ଚଳିତ ପାର୍ବଣରେ ଆମେ ଅନେକ ସୀମିତ ଅବଧି ସୁଯୋଗ ପ୍ରଦାନ କରିବା ସହିତ ମୂଲ୍ୟ ହ୍ରାସ, ବିନିମୟ ସୁଯୋଗ ତଥା ଆହୁରି ଅନେକ ସୁବିଧା ପ୍ରଦାନ କରୁଛୁ।

ଯାହାକି ଆମର ପ୍ରିୟ ଗ୍ରାହକମାନଙ୍କୁ ଏକ ନିଶ୍ଚିତ ଆନନ୍ଦଦାୟକ କ୍ଷଣର ଅନୁଭବ କରିବା ସହିତ ଏକ ନୂଆଉଲ୍ଲାସର ଆରମ୍ଭ ହୋଇପାରିବ। ଆମେ ସ୍ଥିର ନିଶ୍ଚିତ ଯେ ଆମର ଗ୍ରାହକମାନେ ଏସବୁ ବିରଳ ସୁଯୋଗକୁ ଆୟତ୍ତ କରିବା ସହିତ ଟାଟାକାରର ଏକ ସ୍ୱତ୍ୱାଧିକାରୀ ହେବା ସଙ୍ଗେସଙ୍ଗେ ନିରାପଦ, ଉତ୍ତମ ଗଠନ ତଥା ଉଚିତ ମୂଲ୍ୟର ଏକ ସ୍ୱପ୍ନର କାର ନିଜ ଘରକୁ ନିଜ ପରିବାର ସହିତ ଆଣି ପ୍ରକୃତରେ ଏକ ବିଶେଷ ମୁହୂର୍ତ୍ତ ଅନୁଭବ କରିପାରିବେ।

# ୟୁକୋ ବ୍ୟାଙ୍କର ହାରାହାରି ୩୪% ମହିଳା କର୍ମଚାରୀ




ଭୁବନେଶ୍ୱର,୧୫।୯ (ଅଭୟ ଦାଶ)

ଅଲ୍ ଇଣ୍ଡିଆ ୟୁକୋ ବ୍ୟାଙ୍କ ଅଫିସର୍ସ ଫେଡେରେଶନ (ସର୍ବଭାରତୀୟ ୟୁକୋ ବ୍ୟାଙ୍କ ଅଧିକାରୀ ସଙ୍ଗଠନ) ପକ୍ଷରୁ ଏକ ଦିନିକିଆ ମହିଳା ଅଧିକାରୀଙ୍କ ଜାତୀୟ ସମ୍ମିଳନୀ ଭୁବନେଶ୍ୱରର ହୋଟେଲ ଏକ୍‌ସିଲେନ୍ସିଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ରବିବାର ୟୁକୋ ବ୍ୟାଙ୍କ ଅଧିକାରୀ ସଂଘ ଓଡ଼ିଶା ଏବଂ ନିଖିଳ ଓଡ଼ିଶା ୟୁକୋ ବ୍ୟାଙ୍କ ଅଧିକାରୀ ସଂଘର ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ, ସମସ୍ତ ବ୍ୟାଙ୍କର ହାରାହାରି ମହିଳା କର୍ମଚାରୀଙ୍କ ସଂଖ୍ୟା ୨୪% ହୋଇଥିବାବେଳେ କେବଳ ୟୁକୋ ବ୍ୟାଙ୍କର ହାରାହାରି ମହିଳା କର୍ମଚାରୀଙ୍କ ସଂଖ୍ୟା ୩୪% ହୋଇଥିବାରୁ ସେ ଉଭୟ ବ୍ୟାଙ୍କ ଓ ମହିଳା କର୍ମଚାରୀମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସେହିଭଳି ଭୁବନେଶ୍ୱରର ସାମାଜିକ ସଂଗଠନ ନିଃଶ୍ୱାସର ମୁଖ୍ୟ ନିର୍ଦ୍ଦେଶିକା ପ୍ରଫେସର ଡ. ସସ୍ମି ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ମହିଳା ଅଧିକାରୀମାନଙ୍କୁ ବିଶେଷ ଉଦବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁକୋ ବ୍ୟାଙ୍କର ସର୍ବଭାରତୀୟ ଅଧିକାରୀ ସଂଘର ସଭାପତି ରାଜକୁମାର ଅରୋରା, ସଂଘର ପରାମର୍ଶ ପରିଷଦର ସର୍ବଭାରତୀୟ ଅଧ୍ୟକ୍ଷ ଅଶୋକ କୁମାର ହଣ୍ଡା, ଅଧିକାରୀ ସଂଘର ସର୍ବଭାରତୀୟ ଅଧ୍ୟକ୍ଷ ଦୀପଙ୍କର ମିତ୍ର, ସଂଘର ସର୍ବଭାରତୀୟ ସାଧାରଣ ସମ୍ପାଦକ ସନ୍ଦୀପ ଚୋବେ, ବରିଷ୍ଠ ଉପାଧ୍ୟକ୍ଷ ଅଜୟ କୁମାର ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

ସେହିପରି ଏହି ସମ୍ମିଳନୀରେ ଦେଶର ବିଭିନ୍ନ ରାଜ୍ୟରୁ ଶତାଧିକ ମହିଳା ଅଧିକାରୀମାନେ ଯୋଗଦେଇଥିଲେ। ଅପରପକ୍ଷରେ ସଂଘର ସାଧାରଣ ସମ୍ପାଦକ ସୁକାନ୍ତ ଛାଟୋଇ ସ୍ୱାଗତ ଅଭିଭାଷଣ ସହିତ ମଞ୍ଚ ପରିଚାଳନା କରିଥିଲାବେଳେ ବ୍ୟାଙ୍କର ପୂର୍ବତନ ଅଧିକାରୀ ଯୁଧିଷ୍ଠିର ମହାରଣା, ପ୍ରକାଶ ଚନ୍ଦ୍ର ରାଏ, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ମହିଳା ଅଧିକାରୀମାନଙ୍କର ସମସ୍ୟା ଏବଂ ଏହାର ସମାଧାନ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ପରିଶେଷରେ ଆକାଶ ବକ୍ସି ଧନ୍ୟବାଦ ଅର୍ପଣ କରିଥିଲେ।

# ରପ୍ତାନିକୁ ପ୍ରଭାବିତ କରୁଛି କଣ୍ଟେନର ଅଭାବ

ଭୁବନେଶ୍ୱର,୧୫।୯
(ଅନୁରାଧା ମହାରଣା)



ମାଲ ପରିବହନ ବୃଦ୍ଧି, କଣ୍ଟେନର ଅଭାବ ଏବଂ ପ୍ରମୁଖ ରପ୍ତାନି ତଥା ବିଦେଶୀ ପରିବହନକାରୀଙ୍କ ଉପରେ ନିର୍ଭରଶୀଳତା ଦେଶର ରପ୍ତାନି କ୍ଷେତ୍ରରେ ଆହ୍ୱାନ ସୃଷ୍ଟି କରୁଛି। ଅନୁସନ୍ଧାନ ପ୍ରତିଷ୍ଠାନ ଗ୍ଲୋବାଲ ଟ୍ରେଡ ରିସର୍ଚ୍ଚ ଇନିସିଏଟିଭ (ଜିଟିଆରଆଇ) ପକ୍ଷରୁ ରବିବାର ମିଳିଥିବା ସୂଚନାନୁସାରେ ଘରୋଇ କଣ୍ଟେନର ଉତ୍ପାଦନକୁ ବୃଦ୍ଧି କରିବା, ସ୍ଥାନୀୟ ରପ୍ତାନି କମ୍ପାନୀଗୁଡିକର ଭୂମିକାକୁ ବଢ଼ାଇବା, ଘରୋଇ କଣ୍ଟେନରଗୁଡିକର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାନୀୟ ରପ୍ତାନି କମ୍ପାନୀଗୁଡ଼ିକୁ ମଜବୁତ କରିବା ପାଇଁ ଭାରତ ଅନେକ ରଣନୀତି କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି। ୨୦୨୨ରୁ ୨୦୨୪ ମଧ୍ୟରେ, ୪୦ ଫୁଟ କଣ୍ଟେନରଗୁଡିକ ପାଇଁ ରପ୍ତାନି ହାର ଯଥେଷ୍ଟ ପରିବର୍ତ୍ତନ ହୋଇଛି। ୨୦୨୨ ମସିହାରେ କୋଭିଡ ମହାମାରୀର ପ୍ରଭାବ ହେତୁ ହାରାହାରି ମୂଲ୍ୟ ୪,୯୪୨ ଡଲାର ହୋଇଥିବାବେଳେ ୨୦୨୪ ସୁଦ୍ଧା ଏହି ହାର ପ୍ରାୟ ୪,୭୭୫ ଡଲାରରେ ସ୍ଥିର ହୋଇଯାଇଥିଲା। ଏହା କହିଛି ଯେ ଏହି ହାରଗୁଡିକ ପ୍ରାକ-ମହାମାରୀ ସ୍ତରଠାରୁ ବହୁତ ଉନ୍ନତ। ୨୦୧୯ ରେ ଏହାର ମୂଲ୍ୟ ଥିଲା ୧,୪୨୦ ଡ଼ଲାର ରହିଥିଲା। ଆମେରିକା ଏବଂ ୟୁରୋପରେ ଏହାର ରପ୍ତାନିକୁ ସର୍ବାଧିକ କରିବା ପାଇଁ ଚୀନ କଣ୍ଟେନରଗୁଡିକ ହୋର୍ଡିଂ କରିଥିବା ଖବର ମଧ୍ୟ ଶୁଣିବାକୁ ମିଳିଥିଲା। ସମ୍ଭାବ୍ୟ ବାଣିଜ୍ୟ ପ୍ରତିବନ୍ଧକ ଏବଂ ସୌରପ୍ୟାନେଲ, ବୈଦ୍ୟୁତିକ ଯାନ, ଇସ୍ପାତ ଏବଂ ଆଲୁମିନିୟମ ଉପରେ ଚାଇନାର କମ୍ପାନୀ କିମ୍ବା ଅନ୍ୟାନ୍ୟ ସ୍ଥାନରେ ଦକ୍ଷିଣ ପୂର୍ବ ଏସୀୟ ଦେଶ ଆସୋସିଏସନ ଦେଶମାନଙ୍କରେ ଉତ୍ପାଦିତ ଶୁଳ୍କ ଉପରେ ଏହି ହୋର୍ଡିଂ କରାଯିବ ବୋଲି ଆଶା କରାଯାଉଛି। ତେବେ କଣ୍ଟେନର ଅଭାବ ସମସ୍ୟା ବ୍ୟାପକ ଲଜିଷ୍ଟିକ ଅଭାବରୁ ଘଟିଥିବା କୁହାଯାଉଛି।

## ଫୁର୍‌ସତ୍

# ମାଟି ଖୋଳୁ ଖୋଳୁ ମିଳିଲା ହଜାର ବର୍ଷର ପୁରୁଣା ମୂର୍ତ୍ତି

ପାଟନା



ବିହାରର ଲଖିସରାୟ ସହରର ଯୌନା ୱାର୍ଡ-୧ରେ ଥିବା ପ୍ରସିଦ୍ଧ ଅଶୋକଧାମ ମନ୍ଦିର ନିକଟସ୍ଥ ବିଲରେ ଶନିବାର ଫୁଲ ଗଛ ଲଗାଇବା ଉଦ୍ଦେଶ୍ୟରେ ଅନିଶ ଯାଦବ ନାମକ ଜଣେ ଯୁବକ ମାଟି ଖୋଳୁଥିଲେ। ତେବେ ମାଟି ଖୋଳିବା ସମୟରେ ଭୂମି ତଳେ ତାଙ୍କୁ ଏକ ଅଜବ ଶବ୍ଦ ଶୁଣାଯାଇଥିଲା। ପରେ ଶବ୍ଦ ଶୁଣାଯାଇଥିବା ଭୂମିରୁ ସେ ମାଟି ଉଠାଇଥିଲେ ଏବଂ ତାଙ୍କୁ ଭଗବାନ ବିଷ୍ଣୁଙ୍କର ଏକ ପୁରୁଣା ଚମତ୍କାର ପ୍ରତିମା ମିଳିଥିଲା। ଏଥିରେ ଆଶ୍ଚର୍ଯ୍ୟ ଚକିତ ହୋଇ ଅନିଶ ସଙ୍ଗେସଙ୍ଗେ ଗ୍ରାମବାସୀଙ୍କୁ ଡାକିଥିଲେ। କିଛି ସମୟ ମଧ୍ୟରେ ଗ୍ରାମବାସୀ ଆସି ସେଠାରେ ଜମା ହୋଇଯାଇଥିଲେ। ଗ୍ରାମବାସୀ ଭଗବାନ ବିଷ୍ଣୁଙ୍କର ଉକ୍ତ ଦିବ୍ୟ ମୂର୍ତ୍ତିକୁ ଉଦ୍ଧାର କରି ଗାଁର ଏକ ମନ୍ଦିରରେ ରଖି ବର୍ତ୍ତମାନ ପୂଜାର୍ଚ୍ଚନା କରୁଛନ୍ତି। ମୂର୍ତ୍ତିର ଉଚ୍ଚତା ପ୍ରାୟ ୨.୫ ଫୁଟ ହେବ ବୋଲି ଗ୍ରାମବାସୀ କହିଛନ୍ତି।

ଘଟଣାକୁ ନେଇ ପାଟ୍‌ନାସ୍ଥିତ ବିହାର ରାଜ୍ୟ ସଂଗ୍ରହାଳୟର ସହକାରୀ ନିର୍ଦ୍ଦେଶକ ଡକ୍ଟର ରବିଶଙ୍କର କହିଛନ୍ତି, ମୂର୍ତ୍ତିର କାରୁକାର୍ଯ୍ୟରୁ ଏହା ଏକାଦଶ ଶତାବ୍ଦୀର ପାଲ୍ ସାମ୍ରାଜ୍ୟ ସମୟର ହୋଇଥିବା ଜଣାପଡ଼ିଛି। ଏଥିରେ ମୁଙ୍ଗେର-ଜମଲପୁର ଶୈଳୀର ଉତ୍କୃଷ୍ଟ କଳାକୃତି ରହିଛି। ମୂର୍ତ୍ତି ଉପରେ ଭଗବାନ ବିଷ୍ଣୁଙ୍କର ଶଙ୍ଖ, ଚକ୍ର, ଗଦା ଏବଂ ପଦ୍ମ ସ୍ପଷ୍ଟ ଭାବରେ ଅଙ୍କାଯାଇଛି। କଳା ପଥରରେ ନିର୍ମିତ ଏହି ମୂର୍ତ୍ତି ପାଲ୍ ସାମ୍ରାଜ୍ୟ ସମୟର କାରିଗରିକୁ ପ୍ରଦର୍ଶିତ କରୁଛି। ଏହି ମୂର୍ତ୍ତି ସେ ସମୟରେ ଲୋକଙ୍କର ରହିଥିବା ଧାର୍ମିକ ବିଶ୍ୱାସକୁ ମଧ୍ୟେ ସୂଚାଉଥିବା ରବିଶଙ୍କର କହିଛନ୍ତି। ସେହିପରି ମାଟି ତଳୁ ମିଳିଥିବା ଏହି ମୂର୍ତ୍ତିରେ ଭଗବାନ ବିଷ୍ଣୁଙ୍କ ମୁଦ୍ରା ଗମ୍ଭୀର ଏବଂ ସୌମ୍ୟ ରହିଛି, ଯାହା ତାଙ୍କର ଦିବ୍ୟତାକୁ ଦର୍ଶାଉଛି ବୋଲି ପଶ୍ଚିମବଙ୍ଗର ଶାନ୍ତି ନିକେତନସ୍ଥିତ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ପ୍ରତ୍ନତାତ୍ତ୍ୱିକ ଖନନ ବିଶେଷଜ୍ଞ ଡ. ଅନିଲ କୁମାର କହିଛନ୍ତି। ଲଖିସରାୟର ଏହି ଅଞ୍ଚଳରେ ଅନେକ ପ୍ରତ୍ନତାତ୍ତ୍ୱିକ ମୂର୍ତ୍ତି ଏବଂ ଏହାର ଅବଶିଷ୍ଟାଂଶ ମିଳିଥାଏ ବୋଲି ସେ କହିଛନ୍ତି।

# ମୋଟରସାଇକେଲର ଜନ୍ମଦିନ ପାଳନ

ନୂଆଦିଲ୍ଲୀ



ସାଧାରଣତଃ ପୁରୁଷମାନଙ୍କର ମୋଟରସାଇକେଲ ପ୍ରତି ବିଶେଷ ଆଗ୍ରହ ରହିଥାଏ। ସେମାନେ ପରିବାର ସଦସ୍ୟଙ୍କ ପରି ନିଜ ବାଇକ୍‌ର ମଧ୍ୟ ଯତ୍ନ ନେଇଥାନ୍ତି। ନିକଟରେ ଏହିପରି ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ଜଣେ ବ୍ୟକ୍ତି ବନ୍ଧୁମାନଙ୍କ ଗହଣରେ ନିଜ ବାଇକ୍‌ର ଜନ୍ମଦିନ ପାଳନ କରୁଛନ୍ତି। ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଏହି ଭିଡିଓରେ ବ୍ୟକ୍ତି ଜଣକ ପ୍ରଥମେ ତାଙ୍କ ବାଇକ୍‌କୁ ହାର ପିନ୍ଧାଉଛନ୍ତି। ପରେ ସେ ନିଜ ବାଇକ୍‌ରେ ବସି ଯାଉଛନ୍ତି ଏବଂ ତାଙ୍କର ଜଣେ ବନ୍ଧୁ କେକ୍ ଧରି ବାଇକ୍ ସମ୍ମୁଖରେ ଠିଆ ହୋଇ ରହୁଛନ୍ତି। ବାଇକ୍‌ର ଟାୟାରରେ ଏକ ପ୍ଲାଷ୍ଟିକ୍ ଛୁରି ବନ୍ଧା ହୋଇଥିବା ନେଇ ଭିଡିଓରୁ ଜଣାପଡ଼ିଛି। ବ୍ୟକ୍ତି ଜଣକ ବାଇକ୍‌କୁ ଷ୍ଟାର୍ଟ କରି କିଛି ବାଟ ଆଗକୁ ନେଉଛନ୍ତି ଏବଂ ତାଙ୍କ ବନ୍ଧୁ ଧରିଥିବା କେକ୍‌କୁ ଟାୟାରରେ ବନ୍ଧା ହୋଇଥିବା ଛୁରି ନିକଟକୁ ନେଇ ଯାଉଛନ୍ତି। ଏହିପରି ଭାବେ କେକ୍ କଟା ହେବା ସମୟରେ ଉପସ୍ଥିତ ଥିବା କିଛି ବ୍ୟକ୍ତି ଗୀତ ଗାଇ ବାଇକ୍‌କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି। ଏହି ଭିଡିଓଟି ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

# ଟିଭି ଇଣ୍ଡଷ୍ଟ୍ରିରେ ନିଆଙ୍କ ୧୪ ବର୍ଷ



**ମୁମ୍ବାଇ:** ଟେଲିଭିଜନ ଇଣ୍ଡଷ୍ଟ୍ରିରେ ନିଖୁଣ ଅଭିନୟ କରି ଲଗାତର ଭାବେ ଦର୍ଶକଙ୍କ ପ୍ରଶଂସା ସାଉଁଟି ପାରୁଥିବା ଅଭିନେତ୍ରୀମାନଙ୍କ ମଧ୍ୟରୁ ନିଆ ଶର୍ମା ଅନ୍ୟତମ। ବହୁ ସଂଘର୍ଷ କରି ଅଭିନୟ କ୍ଷେତ୍ରରେ ସଫଳତା ପାଇଥିବା ନିଆ ରବିବାର ଟିଭି ଇଣ୍ଡଷ୍ଟ୍ରିରେ ୧୪ ବର୍ଷ ପୂରଣ କରିଛନ୍ତି। ଏହି ଅବସରକୁ ନିଆ ବେଶ୍ ଧୁମ୍‌ଧାମ୍‌ରେ ସେଲିବ୍ରେଟ୍ କରିଛନ୍ତି। ସେ ନିଜ ଘରକୁ ବେଲୁନ୍ ଏବଂ ଅନ୍ୟାନ୍ୟ ସାଜସଜ୍ଜା ସାମଗ୍ରୀରେ ସଜାଇଥିଲେ। ସେହିପରି ତାଙ୍କ ପାଇଁ ଏକ ସ୍ୱତନ୍ତ୍ର କେକ୍ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ଉକ୍ତ କେକ୍ ଉପରେ ନିଆ କରିଥିବା ବିଭିନ୍ନ ଚରିତ୍ରର ଫଟୋ ରହିଥିଲା। ଟିଭି ଇଣ୍ଡଷ୍ଟ୍ରିରେ ନିଆ ୧୪ ବର୍ଷ ପୂରଣ କରିଛନ୍ତି ବୋଲି ଉକ୍ତ କେକ୍‌ରେ ଉଲ୍ଲେଖ ରହିଥିଲା। କେକ୍ କାଟିବାର ବିଶେଷ ମୁହୂର୍ତ୍ତ ପାଇଁ ନିଆ ହଳଦିଆ ରଙ୍ଗର ଏକ ଲେହେଙ୍ଗା ପିନ୍ଧିଥିଲେ, ଯେଉଁଥିରେ ସେ ଖୁବ୍ ସୁନ୍ଦର ଦେଖାଯାଉଥିଲେ। ଏହାପରେ ସେ କେକ୍ କାଟିଥିଲେ। ନିଆ ତାଙ୍କର ଏହି ବିଶେଷ ମୁହୂର୍ତ୍ତର ଫଟୋକୁ ଇନ୍‌ଷ୍ଟଗ୍ରାମରେ ଶେୟାର କରିଛନ୍ତି ଏବଂ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ଟିଭି ଇଣ୍ଡଷ୍ଟ୍ରିରେ ୧୪ ବର୍ଷ ପୂରଣ କରିଛି। ଏଥିପାଇଁ ସମସ୍ତ ସାଥୀ କଳାକାର, ନିର୍ଦ୍ଦେଶକ, ପ୍ରଯୋଜକ, ଏବଂ ପ୍ରଶଂସକଙ୍କ ନିକଟରେ ସେ କୃତଜ୍ଞ। ୨୦୧୦ରେ ନିଆ 'କାଲୀ ଏକ୍ ଅଗ୍ନିପରୀକ୍ଷା' ସେଟ୍‌ରୁ ଟିଭି ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିଥିଲେ। ପରେ ୨୦୧୧ରେ 'ଏକ୍ ହଜାରୋଁ ମେଁ ମେରୀ ବେହନା ହେ'ରେ ଅଭିନୟ କରିବା ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଏହି ସିରିଏଲ୍ ତାଙ୍କୁ ବେଶ୍ ପ୍ରସିଦ୍ଧି ଦେଇଥିଲା। ସମ୍ପ୍ରତି ସେ ତାଙ୍କ ସିରିଏଲ୍ 'ସୁହାଗନ୍ ଚୁଡ଼ୈଲ୍'ରେ ବ୍ୟସ୍ତ ଅଛନ୍ତି, ଯାହା ବର୍ତ୍ତମାନ ଜିଓ ସିନେମା ଏବଂ କଲର୍ସ ଟିଭିରେ ପ୍ରସାରିତ ହେଉଛି। ଏହି ସିରିଏଲ୍‌ର ପ୍ରଥମ ଏପିସୋଡ୍ ଚଳିତ ବର୍ଷ ମେ' ୨୭ରେ ପ୍ରସାରିତ ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ସୌମ୍ୟକାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଗ୍ରେଡିଂ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

# ପିଆଷ୍ଟ୍ରି ଜିତିଲେ ଆଜରବୈଜାନ ଗ୍ରାଁ ପ୍ରି



ବାକୁ (ଆଜରବୈଜାନ), ୧୫।୯

ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରି ଆଜରବୈଜାନ ଫର୍ମୁଲାୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ରବିବାର ଅନୁଷ୍ଠିତ ଏହି ରେସ୍‌ର ଆଉ ଦୁଇଟି ଲାପ୍ ବାକି ରହିଥିବା ବେଳେ ରେଡ୍‌ବୁଲ୍‌ର ସର୍ଗିଓ ପେରେଜ ଓ ଫେରାରିର କାର୍ଲୋସ ସେଞ୍ଜଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ଦୁର୍ଘଟଣା ପାଇଁ ଦାୟୀ କିଏ ସେ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ରେସ୍ ଏକ ଭର୍ଚୁଆଲ ସେଫ୍ଟି କାର ସହ ଶେଷ ହୋଇଥିଲା। ଫେରାରିର ଚାର୍ଲସ ଲେକରେକ ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ମର୍ସିଡିଜର ଜର୍ଜ ରସେଲ ତୃତୀୟ ଏବଂ ମ୍ୟାକଲରେନର ଲଣ୍ଡୋ ନୋରିସ ଚତୁର୍ଥ ହୋଇଥିଲେ। ଯଥାକ୍ରମେ ୫ରୁ ୧୦ମ ସ୍ଥାନ ଅଧିକାର କରିଥିବା ଅନ୍ୟ ଡ୍ରାଇଭରମାନେ ହେଲେ ମାକ୍ସ ଭର୍ଷ୍ଟାପେନ (ରେଡ୍ ବୁଲ୍), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ), ଆଲେକ୍ସାଣ୍ଡର ଆଲ୍‌ବନ (ୱିଲିୟମ୍ସ), ଫ୍ରାଙ୍କୋ କାଲାପିଣ୍ଟୋ (ୱିଲିୟମ୍ସ), ଲୁଇସ ହାମିଲଟନ (ମର୍ସିଡିଜ) ଓ ଅଲିଭର ବିଅରମାନ (ହାସ୍)। ରବିବାରର ଏହି ଫଳାଫଳ ଦ୍ୱାରା ଭର୍ଷ୍ଟାପେନ୍‌ଙ୍କ ଚାମ୍ପିୟନଶିପ୍ ଅଗ୍ରଣୀ ୩ ପଏଣ୍ଟ ହ୍ରାସ ପାଇଛି। ଚଳିତ ସିଜନର ଆଉ ୭ଟି ରେସ୍ ବାକି ରହିଥିବା ବେଳେ ଭର୍ଷ୍ଟାପେନ୍‌ଙ୍କଠାରୁ ନୋରିସ ୫୯ ପଏଣ୍ଟ ପଛରେ ରହିଛନ୍ତି। ସିଜନରେ ଆଉ ସର୍ବାଧିକ ୨୦୬ ପଏଣ୍ଟ ଉପଲବ୍ଧ ରହିଛି। ଅନ୍ୟପକ୍ଷରେ କନଷ୍ଟ୍ରକ୍ଟର୍ସ ଚାମ୍ପିୟନଶିପ୍‌ରେ ରେଡ୍‌ବୁଲ୍‌କୁ ପଛରେ ପକାଇବା ସହ ମ୍ୟାକଲରେନ ୨୦ ପଏଣ୍ଟ ବ୍ୟବଧାନରେ ଅଗ୍ରଣୀ ଲାଭ କରିପାରିଛି। ଚଳିତ ସିଜନର ପରବର୍ତ୍ତୀ ରେସ୍ ସିଙ୍ଗାପୁର ଗ୍ରାଁ ପ୍ରି ସେପ୍ଟେମ୍ବର ୨୨ରେ ଅନୁଷ୍ଠିତ ହେବ।


**୨୪ତମ ଜନ୍ମଦିନ ଶୁଭେଚ୍ଛା**



**ସୌମ୍ୟକାନ୍ତ ସାହାଣୀ**
ସାନମଙ୍ଗ, ଆଳି, କେନ୍ଦ୍ରାପଡ଼ା
ତୋର ଚଲାପଥ କୁସୁମିତ ହେଉ। ଆଜି ତୋର ୨୪ତମ ଜନ୍ମବାର୍ଷିକୀରେ ମା' ଗଣେଶଦୁର୍ଗାଙ୍କ ଠାରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ- ସରୋଜକାନ୍ତ, ଆଲିସା, ଶ୍ରୀକାନ୍ତ, ପ୍ରଶାନ୍ତ, ଝୁନାରାଣୀ, ନିଶ୍ଚିତ୍
ଧ-୭୧୨୩୧


# ଚେନ୍ନାଇରେ ବାଂଲାଦେଶ କ୍ରିକେଟ ଦଳ



ଚେନ୍ନାଇ ବିମାନ ବନ୍ଦରରେ ବାଂଲାଦେଶ ଖେଳାଳି।

ଚେନ୍ନାଇ,୧୫।୯(ପି.ଟି.)

ଭାରତ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଓ ୩ ମ୍ୟାଚ୍ ଟି୨୦ ସିରିଜ୍ ପାଇଁ ବାଂଲାଦେଶ କ୍ରିକେଟ ଦଳ ରବିବାର ଚେନ୍ନାଇରେ ପହଞ୍ଚିଛି। ନିକଟରେ ପାକିସ୍ତାନ ବିପକ୍ଷରେ ୨ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜକୁ କ୍ଲିନ୍ ସୁଇପ୍ କରିବା ପରେ ଭାରତରେ ପହଞ୍ଚିଛି ବାଂଲାଦେଶ। ୧୯ ତାରିଖରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ରବିବାର ଅପରାହ୍ନରେ ବାଂଲାଦେଶ ଚେନ୍ନାଇ ବିମାନବନ୍ଦରରେ ଓହ୍ଲାଇଥିଲା। ଭାରତ ବିପକ୍ଷ ସିରିଜ୍ ବେଶ୍ ଚ୍ୟାଲେଞ୍ଜିଂ ରହିବ ବୋଲି ବାଂଲାଦେଶ ଅଧିନାୟକ ନଜମୋଲ ହୋସେନ୍ ଶନ୍ତୋ ପ୍ରକାଶ କରିଛନ୍ତି। ପାକିସ୍ତାନ ବିପକ୍ଷ ସିରିଜ୍‌ରେ ଆମର ପ୍ରଦର୍ଶନ ଅତ୍ୟନ୍ତ ଚମତ୍କାର ରହିଥିଲା। ଭାରତ ବିପକ୍ଷରେ ସମାନ ସଫଳତା ଦୋହରାଇବାକୁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି। ଭାରତ ଏକ ଶକ୍ତିଶାଳୀ ଦଳ ଓ ଏହା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲରେ ପ୍ରଥମ ସ୍ଥାନରେ ରହିଛି। ତେବେ ୫ ଦିନର ଫର୍ମାଟରେ ଠିକ୍ କ୍ରିକେଟ ଖେଳିଲେ ଆମେ ନିଶ୍ଚିତ ବିଜୟୀ ହୋଇପାରିବୁ ବୋଲି କହିଛନ୍ତି ଶନ୍ତୋ। ବିଗତ କିଛିଦିନର ଫର୍ମକୁ ଦେଖିଲେ ଆମେ ଅତ୍ୟନ୍ତ ଚମତ୍କାର କ୍ରିକେଟ ଖେଳିଛୁ। ଫଳାଫଳ ଆମ ହାତରେ ନ ଥିବା ବେଳେ ୫ ଦିନ କ୍ୱାଲିଟି କ୍ରିକେଟ ଖେଳିବା ଉପରେ ଆମେ ଗୁରୁତ୍ୱ ଦେଉଛୁ ବୋଲି ଶନ୍ତୋ କହିଛନ୍ତି।

**ସୁରକ୍ଷା ବ୍ୟବସ୍ଥା ବଢ଼ିଲା:** ଭାରତ ଗସ୍ତରେ ରହିଥିବା ବାଂଲାଦେଶ କ୍ରିକେଟ ଦଳକୁ କଡ଼ା ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରାଯାଇଛି। ଦୁଇଟି ପୋଲିସ୍ ଭ୍ୟାନ୍ ସହାୟତାରେ ବାଂଲାଦେଶ ଦଳକୁ ହୋଟେଲ ନେବାର ବ୍ୟବସ୍ଥା କରାଯାଇଥିଲା। ହୋଟେଲରେ ପହଞ୍ଚିବା ପରେ ଫୁଲ ତୋଡା ସହ ଦଳକୁ ସ୍ୱାଗତ କରାଯାଇଥିଲା। ନିକଟରେ ବାଂଲାଦେଶରେ ରାଜନୈତିକ ଅସ୍ଥିରତା କାରଣରୁ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଦେଶ ଛାଡ଼ିବାକୁ ପଡ଼ିଥିଲା। ସେଠାରେ ହୋଇଥିବା ହିଂସାକାଣ୍ଡରେ ମୁଖ୍ୟତଃ ହିନ୍ଦୁମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବିସିସିଆଇ ସମ୍ପାଦକ ଜୟ ଶାହା ବାଂଲାଦେଶ କ୍ରିକେଟ ବୋର୍ଡକୁ କଡ଼ା ସୁରକ୍ଷା ବ୍ୟବସ୍ଥା ନେଇ ଆଶ୍ୱାସନା ଦେଇଛନ୍ତି। ଆସନ୍ତା ୩ ସପ୍ତାହ ବାଂଲାଦେଶ ଭାରତରେ ରହିବାକୁ ଥିବା ବେଳେ ଏହାର ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯିବ ବୋଲି କହିଛନ୍ତି ଶାହା।

# ଉତ୍କଳ କରାଟେ ସ୍କୁଲରେ ଗ୍ରେଡିଂ ପରୀକ୍ଷା

ଭୁବନେଶ୍ୱର,୧୫।୯ (ସରୋଜ ଜେନା)

ରବିବାର ଉତ୍କଳ କରାଟେ ସ୍କୁଲରେ ସୁକୋକୋଇ କରାଟେର ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଛି। ସୁକୋକୋଇ କରାଟେ ୟୁନିୟନ ମୁଖ୍ୟ ଡ. ହରିପ୍ରସାଦ ପଟ୍ଟନାୟକ, ବରିଷ୍ଠ ପ୍ରଶିକ୍ଷକ ସେନସେଇ ଖାରବେଳ ମଲ୍ଲିକ, ଗୌରୀ ମହାନ୍ତି, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ସପନ ମିଶ୍ର, କୃଷ୍ଣଚନ୍ଦ୍ର ମହାରଣା, ସୁଶାନ୍ତ ପଣ୍ଡା, ଶୁଭେନ୍ଦୁ ଲେଙ୍କା, ଦୀପକ ଯାଦବ, ଆଶିଷ ରାଉତ, ରାହୁଲ ପ୍ରଧାନ ଓ ଗୋପାଳ ରାଓ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ। ୧୧୩ ଜଣ ପରୀକ୍ଷାର୍ଥୀ ୟେଲୋ ବେଲ୍ଟ, ୯୨ ଜଣ ଅରେଞ୍ଜ ବେଲ୍ଟ, ୫୯ ଜଣ ଗ୍ରୀନ୍ ବେଲ୍ଟ, ୪୭ ଜଣ ବ୍ଲୁ ବେଲ୍ଟ ଓ ୮୪ ଜଣ ବ୍ରାଉନ୍ ବେଲ୍ଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। କୃଷ୍ଣ ନାୟକ, ଭଗବାନ ରେଡ୍ଡୀ, ସୁସମିନୀ ପାଲଟା ସିଂ, ସନ୍ଦୀପ ଦାଶ, ଦୀପ୍ତି ସ୍ୱାଇଁ ଓ ରଜନୀ ବିଶି ପ୍ରମୁଖ ସହଯୋଗ କରିଥିଲେ।

# ଆନ୍ତଃସ୍କୁଲ ଚେସ୍: ପ୍ରିୟାଂଶ ଚାମ୍ପିୟନ

ଭୁବନେଶ୍ୱର,୧୫।୯(ସରୋଜ ଜେନା)

ଏସ୍‌ଆର୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ଫୁଲନଖରାସ୍ଥିତ ଗ୍ରାଣ୍ଡବଜାର ପରିସରରେ ପ୍ରଥମ ଗ୍ରାଣ୍ଡ ମିନିସିଟି ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଚେସ୍ ପ୍ରତିଯୋଗିତାରେ ଯାଜପୁରର ପ୍ରିୟାଂଶ ଦାସ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ପ୍ରିୟାଂଶ ୭.୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଶ୍ରୀୟାଂଶ ଦାସ ୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଆୟୁଷ ଆର୍ଯ୍ୟନ ମହାପାତ୍ର ସମାନ ୭ ପଏଣ୍ଟ ଅର୍ଜନ କରି ତୃତୀୟ ସ୍ଥାନରେ ରହିଥିଲେ। ଅନ୍ୟ ପକ୍ଷରେ ବ୍ରହ୍ମପୁରର ଡି ପଲ ସ୍କୁଲକୁ ଶ୍ରେଷ୍ଠ ବିଦ୍ୟାଳୟର ପୁରସ୍କାର ହାସଲ କରିଥିଲେ।

ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଭି. ନରସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଗ୍ରାଣ୍ଡ ମିନିସିଟି ପରିଚାଳନା ନିର୍ଦ୍ଦେଶକ ଆଶିଷ ଗର୍ଗ ସମ୍ମାନିତ ଅତିଥି ଓ ଦେବାଶିଷ ଦାସ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରଞ୍ଜନ ମହାନ୍ତି, ସ୍ନେହା ଗର୍ଗ, ଜିସି ମହାପାତ୍ର, ଶୁଭାଶିଷ ପଟ୍ଟନାୟକ ଓ ସତ୍ୟ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ କ୍ରୀଡା ଖବରଦାତା ନିରଞ୍ଜନ ରେଡ୍ଡୀଙ୍କୁ ସମ୍ମାନିତ କରାଯାଇଥିଲା।


**Classified Everyday**
**0674-2580101, 2549949**



REAL ESTATE

**SALE**

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9348871895, 9937787418.** D-1351

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437226965, 9778832554.** D-1350



FOR RENT

**Vacant Land Ac. 0.250 decimal with boundary wall at Brahmanajharilo beside NH, near Xavier School, Nakhara, Cuttack. Contact- 9937591006, 9776681678.** D-75820



Healthcare

Newly open Jyoti SPA positively health benefits (Expert therapist). 8458067955. D-76151

Kerala body Massage therapy Male/Female any person. Bhubaneswar. 9337672475. D-1285

**Full body massage experience, good looking therapist @ 999 (Bhubaneswar). 9078484455.** D-1347

Newly open health benefits SPA special offer @ 999 Bapuji Nagar. 8018429809. D-76153

**AFFIDAVIT**

I, Mrs. Sanjukta Panigrahi, aged about 48 yrs, W/o- Pradeep Ku. Sarangi, Residing at Flat No.-A/201, Infocity Green Apartment, Sailashreevihar, Bhubaneswar- 751021 do hereby solemnly affirms declare that Sanjukta Panigrahi and Sanjukta Sarangi is one and same person. D-1352

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ଵକ୍ଷେତ୍ରବାସୀ ଖଟୁଆ**
ନିୟୁକଲୋନୀ ଜଗନ୍ନାଥପୁର
ଆବିର୍ଭାବ: ୧୫।୦୩।୧୯୪୫
ତିରୋଧାନ: ୦୬।୦୯।୨୦୨୪
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।
ଧ-୧୩୪୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଵଆଦ୍ୟାପଦ କର**
ସା/ଥାନା- କରଂଜିଆ, ଜିଲ୍ଲା- ମୟୂରଭଞ୍ଜ
ଆବିର୍ଭାବ: ୨୦।୧୦।୧୯୩୬
ତିରୋଧାନ: ୦୬।୦୯।୨୦୨୪
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଝିଅ, ଜ୍ୱାଇଁ ଏବଂ ସିଦ୍ଧେଶ୍ୱର ଶିବ ମନ୍ଦିର କମିଟି
ଧ-୧୩୫୩

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ଵ ପ୍ରଦିପ୍ତ କୁମାର ମହାନ୍ତି**
ଦୋଳମଣ୍ଡପ ସାହି, ହଳଦିଆମଠ ଗଳି, ପୁରୀ
ଆବିର୍ଭାବ : ତା.୦୩/୧୦/୧୯୫୯
ତିରୋଧାନ : ତା.୧୧/୦୯/୨୦୧୯
ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା, ହେଲେ ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଓ ନିଷ୍ଠାପରତା ଆମ ଜୀବନର ପ୍ରେରଣାର ଉତ୍ସ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରଣତି।
ରାନୁ (ପତ୍ନୀ), ମିଟୁ, ଗଣ୍ଟୁ (ପୁତୁରା), ମାମୁନି (ଝିଅ), ପବନ (ଜ୍ୱାଇଁ), ବବ୍‌ଲୁ (ନାତି), କୁବୁଲି (ନାତୁଣୀ), ନୂଆବୋଉ, ଭଉଣୀମାନେ, ବବି, ବୁଲି (ପୁତୁରା ବୋହୂ) ଓ ଆତ୍ମୀୟସ୍ୱଜନ
ଧ-୧୩୩୭

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଵ ନିରଞ୍ଜନ ରାୟ**
ପ୍ରାଚୀବିହାର, ପଲାଶୁଣୀ, ଭୁବନେଶ୍ୱର
ଆବିର୍ଭାବ : ୧୪.୦୫.୧୯୪୯
ତିରୋଧାନ : ୦୪.୦୯.୨୦୧୭ (ଶୁକ୍ଳପକ୍ଷ ତ୍ରୟୋଦଶୀ)
ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭକରୁ, ଏହାହିଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ, ଝିଅ-ଜ୍ୱାଇଁ, ପୁତ୍ର-ପୁତ୍ରବଧୂ, ନାତି, ନାତୁଣି, ବନ୍ଧୁ ଓ ପରିବାରବର୍ଗ
ଧ-୧୩୩୬

ସ୍ମୃତିରେ ...
**ଗାନ୍ଧୀ ମଣିଷ ଦୋଳଗୋବିନ୍ଦ**



**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**
ତା: ୧୬.୦୯.୨୦୨୪ (ସୋମବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ ସ୍ନିଗ୍ଧା, ପଙ୍କଜରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହେମବତୀ ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡଃ ବୃନ୍ଦ ଦେବ ମିଶ୍ର
ଧ-୧୩୪୮

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ବଲାଙ୍ଗୀର ଚାମ୍ପିୟନ, ଭୁବନେଶ୍ୱର ରନରଅପ୍

**ରାଜ୍ୟ ଫେନ୍‌ସିଂ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୧୫।୯ (ବିଜୟ ରଣା)

କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୩ୟ ଓଡ଼ିଶା ରାଜ୍ୟ ଫେନ୍‌ସିଂ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ଦଳଗତ ଚାମ୍ପିୟନ ହୋଇଥିବା ବେଳେ ଭୁବନେଶ୍ୱର ରନରଅପ୍ ହୋଇଛି। ଏହି ଚାମ୍ପିୟନଶିପ୍‌ରେ ରାଜ୍ୟର ବିଭିନ୍ନ ଜିଲାରୁ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମହିଳା ବିଭାଗରେ ଝରଣା ସେଠ୍ (ବଲାଙ୍ଗୀର) ଓ ସ୍ମୃତିପ୍ରଭା ଅରୁନ୍ (ଭୁବନେଶ୍ୱର) ଶ୍ରେଷ୍ଠ ମହିଳା ଖେଳାଳି ଏବଂ ବଲାଙ୍ଗୀର ସ୍ୱାଗତ ପଟେଲ ଶ୍ରେଷ୍ଠ ପୁରୁଷ ଖେଳାଳି ବିବେଚିତ ହୋଇଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସିନେ ତାରକା ଅରିନ୍ଦମ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଏଥିରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ଏବଂ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଫେନ୍‌ସିଂ ସଂଘର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ସହ ସମ୍ପାଦକ ସୁମିତ କୁମାର ପୁରୋହିତ, କୋଷାଧ୍ୟକ୍ଷ ନିର୍ମଳ ବିକାଶ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ରମେଶ ଚନ୍ଦ୍ର ମଲିକ ଉଦ୍‌ଯାପନୀ ଉତ୍ସବ ପରିଚାଳନା କରିଥିଲେ।

# ଭଙ୍ଗାହାତରେ ଖେଳିଲେ ନୀରଜ



ନୀରଜ ଚୋପ୍ରା

ବ୍ରସେଲ୍ସ,୧୫।୯(ପି.ଟି.)

ଦୁଇଥର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ଭଙ୍ଗାହାତରେ ଡାଇମଣ୍ଡ ଲିଗ୍‌ର ସିଜନ ଫାଇନାଲରେ ଅଂଶଗ୍ରହଣ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ନୀରଜ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଅଭ୍ୟାସ ସମୟରେ ନୀରଜଙ୍କ ବାମହାତ ଭାଙ୍ଗି ଯାଇଥିଲା। ହାତରେ ଯନ୍ତ୍ରଣା ସତ୍ତ୍ୱେ ନୀରଜ ୮୭.୮୬ ମିଟର ଦୂରକୁ ଥ୍ରୋ କରିଥିଲେ। ସୋମବାର ଅଭ୍ୟାସ ସମୟରେ ନୀରଜଙ୍କ ହାତର ମେଟାକର୍ପାଲରେ ଫ୍ରାକ୍‌ଚର ହୋଇଥିଲା। ୨୬ ବର୍ଷୀୟ ନୀରଜ ନିଜ ସୋସିଆଲ ମିଡିଆରେ ଏହି ଖବର ଶେୟାର କରିଥିଲେ।

ଶନିବାର ଅନୁଷ୍ଠିତ ଫାଇନାଲରେ ନୀରଜଙ୍କଠାରୁ ମାତ୍ର ୦.୧ ସେଣ୍ଟିମିଟର ଆଗରେ ରହି ଗ୍ରେନେଡାର ପିଟର୍ସ ଆଣ୍ଡରସନ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ। କ୍ରମାଗତ ଦ୍ୱିତୀୟ ଥର ପାଇଁ ନୀରଜ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସାଧାରଣତଃ ଥ୍ରୋ ପରେ ସେ ତଳେ ପଡିଥାନ୍ତି, ଯେଉଁ ଥିରେ ବାମହାତ ତଳେ ଲାଗିଥାଏ। ତେବେ ଶନିବାର ୬ ଥ୍ରୋରେ ନୀରଜ ଠିଆ ହୋଇ ଥ୍ରୋ କରିବା ସହ ତଳକୁ ନଇଁ ନ ଥିଲେ। ଫଳରେ ଆବଶ୍ୟକୀୟ ଶକ୍ତି ଲଗାଇ ନ ପାରି ନୀରଜ ପଛରେ ରହି ଯାଇଥିଲେ। ହାତର ଆଘାତକୁ ନେଇ ନୀରଜ କୌଣସି ସୂଚନା ଦେଇ ନ ଥିବା ବେଳେ ସୁସ୍ଥ ହେବା ପାଇଁ ୧ ମାସରୁ ଅଧିକ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି। ବିଗତ କିଛି ମାସ ହେବ ନୀରଜଙ୍କଠାରେ ଏକାଧିକ ଫିଟନେସ ସମସ୍ୟା ରହିଛି। ଜଙ୍ଘରେ ସମସ୍ୟା ରହିଥିବା ବେଳେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ନୀରଜ ରୌପ୍ୟ ପଦକ ଜିତିଥିଲେ।

# ଓଜୋନ ସୁରକ୍ଷା, ଜୀବନ ରକ୍ଷା

## ଆଜି 'ବିଶ୍ୱ ଓଜୋନ ଦିବସ'। ସେ ସମ୍ପର୍କରେ ଉପସ୍ଥାପନା...



ନିକୁଞ୍ଜ ବିହାରୀ ସାହୁ

''ଓଜୋନ ଏକ ଈଷତ୍ ନୀଳବର୍ଣ୍ଣର ତଥା ତୀବ୍ର ଗନ୍ଧଯୁକ୍ତ ଗ୍ୟାସ୍। ଏହା ଜଳରେ ସାମାନ୍ୟ ମାତ୍ରାରେ ଦ୍ରବଣୀୟ। ଏହି ଗ୍ୟାସ୍‌କୁ ୧୮୪୦ ମସିହାରେ ଜଣେ ଜର୍ମାନୀ ରସାୟନବିତ୍ ଖ୍ରୀଷ୍ଟିଆନ ଫ୍ରେଡରିକ ସ୍କୋନବିନ ଆବିଷ୍କାର କରିଥିଲେ। ଏହା ସାଧାରଣତଃ ଏକ ବିଷାକ୍ତ ଗ୍ୟାସ୍ ଏବଂ ଭୂପୃଷ୍ଠରେ ଏକ ବାୟୁ ପ୍ରଦୂଷକ ପଦାର୍ଥ ରୂପେ ଜଣା। ଏହାକୁ ପାନୀୟଜଳ ବୋତଲ ପ୍ରସ୍ତୁତିରେ ଏବଂ ଜଳକୁ ଜୀବାଣୁମୁକ୍ତ କରିବା ପାଇଁ ବ୍ୟବହାର କରାଯାଇଥାଏ। ଏହା ଭୂପୃଷ୍ଠରେ ଏକ ବିଷାକ୍ତ ଗ୍ୟାସ୍ ହୋଇଥିଲା ବେଳେ ଊର୍ଦ୍ଧ୍ୱ ବାୟୁମଣ୍ଡଳରେ କିନ୍ତୁ ଆମ ପାଇଁ ଏକ ବରଦାନ ସଦୃଶ କାର୍ଯ୍ୟ କରେ।''



ଆମ ପୃଥିବୀ ଗ୍ରହରେ ଜୀବନ ସଞ୍ଚାର ହେବା ପଛରେ ଗୋଟିଏ ପ୍ରମୁଖ କାରଣ ହେଲା ଏହାର ଊର୍ଦ୍ଧ୍ୱ ବାୟୁମଣ୍ଡଳରେ ଥିବା ଓଜୋନ ମଣ୍ଡଳ। ଏହା ମହାକାଶରୁ ଆସୁଥିବା ମାରାତ୍ମକ ଅତିବାଇଗଣି ରଶ୍ମିକୁ ଶୋଷିନେଇ ଏକ ଛତା ସଦୃଶ ଆମ ଜୀବମଣ୍ଡଳକୁ ସୁରକ୍ଷା ପ୍ରଦାନ କରିଥାଏ। ଆମ ସୌରମଣ୍ଡଳର ଅନ୍ୟ କୌଣସି ଜୀବନୋପଯୋଗୀ ପିଣ୍ଡ ଯଥା ମଙ୍ଗଳ ଗ୍ରହ କିମ୍ବା ଚନ୍ଦ୍ରରେ ଓଜୋନ ମଣ୍ଡଳ ନ ଥିବାରୁ ସେଠାରେ ଜୀବନ ଧାରଣ ଅସମ୍ଭବ। ଅନ୍ତରୀକ୍ଷରୁ ସମୁଦାୟ ତିନି ପ୍ରକାରର ଅତିବାଇଗଣି ରଶ୍ମି ପୃଥିବୀରେ ଆପତିତ ହୋଇଥାଏ। ସେଥିମଧ୍ୟରୁ ସବୁଠାରୁ ମାରାତ୍ମକ ଏବଂ କ୍ଷତିକାରକ ରଶ୍ମି ହେଉଛି ଅତିବାଇଗଣି ରଶ୍ମି 'ଖ'। ଏହାର ତରଙ୍ଗ ଦୈର୍ଘ୍ୟ ପରିସର ହେଉଛି ୨୮୦ରୁ ୩୧୫ ନାନୋମିଟର। ଏହା ପ୍ରାଣୀ ଶରୀରର ଜୀବନ୍ତ କୋଷର ଡିଏନ୍ଏ (ଯାହା ଜୀବର ସମସ୍ତ ଗୁଣାବଳୀର ବାହକ)କୁ ନଷ୍ଟ କରିଦେବା ସହିତ ଚର୍ମରେ 'ମେଲାନୋମା' କର୍କଟ ରୋଗ ଏବଂ ଚକ୍ଷୁରେ ମୋତିଆବିନ୍ଦୁ ରୋଗ ସୃଷ୍ଟି କରିଥାଏ। ଏହା ଶରୀରର ରୋଗ ପ୍ରତିରୋଧକ କ୍ଷମତାକୁ ଦୁର୍ବଳ କରିଦିଏ। ଏହା ମଧ୍ୟ ଉଦ୍ଭିଦରେ ଅଭିବୃଦ୍ଧି ହାର ତଥା ଫୁଲ ଓ ଫଳ ଧରିବାର ଧାରାକୁ ଗୁରୁତର ପ୍ରଭାବିତ କରିଥାଏ। ଏହାର କୁପ୍ରଭାବ କେବଳ ସ୍ଥଳଭାଗରେ ସୀମିତ ନୁହେଁ, ଏହା ସମୁଦ୍ରରେ ସାମୁଦ୍ରିକ ଖାଦ୍ୟଶୃଙ୍ଖଳର ମୂଳାଧାର ଫାଇଟୋପ୍ଲାଙ୍କଟନ ଅଣୁଜୀବକୁ ମଧ୍ୟ ନଷ୍ଟ କରିଥାଏ। ମାତ୍ର ଆମ ବାୟୁମଣ୍ଡଳରେ ଥିବା ଓଜୋନ ସ୍ତର ଏକ କବଚ ସଦୃଶ। ଏହି ଅତି-ମାରାତ୍ମକ ରଶ୍ମିକୁ ଶୋଷିନେଇ ସମଗ୍ର ଜୀବଜଗତକୁ ରକ୍ଷା କରିଥାଏ। ସୁତରାଂ ଆମ ବାୟୁମଣ୍ଡଳରେ ଓଜୋନ ସ୍ତରର ଉପସ୍ଥିତି ଆମ ପାଇଁ ପ୍ରକୃତିର ଏକ ବରଦାନ ସଦୃଶ।

'ବିଶ୍ୱ ପାଇଁ ଚିନ୍ତନ, ସ୍ଥାନୀୟ ଭାବେ ଉଦ୍ୟମ' ଆମର ମୂଳମନ୍ତ୍ର ହେବା ଉଚିତ। ସୁତରାଂ ଆମ ପୃଥିବୀରେ ଓଜୋନ ସ୍ତରର ମହତ୍ତ୍ୱ, ମନୁଷ୍ୟକୃତ କାର୍ଯ୍ୟକଳାପ ଦ୍ୱାରା ଏହାର ବିନଷ୍ଟ ତଥା ଏହି ଧାରାରେ ପରିବର୍ତ୍ତନ ଆଣି ଓଜୋନ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ନିମନ୍ତେ ସେପ୍ଟେମ୍ବର ୧୬ ତାରିଖକୁ 'ବିଶ୍ୱ ଓଜୋନ ଦିବସ' ରୂପେ ପାଳନ କରାଯାଉଛି। ଚଳିତ ବର୍ଷର ବିଶ୍ୱ ଓଜୋନ ଦିବସ ପାଳନର ବିଷୟ ହେଉଛି, 'ମଣ୍ଟ୍ରିଲ ରାଜିନାମା: ଜଳବାୟୁ ନିମନ୍ତେ କାର୍ଯ୍ୟକ୍ରମର ଆହ୍ୱାନ'। ଓଜୋନ ସ୍ତରର ସୁରକ୍ଷା ନିମନ୍ତେ ବୈଶ୍ୱିକ କ୍ଷେତ୍ରରେ ମଣ୍ଟ୍ରିଲ ରାଜିନାମା ଏକ ସର୍ବପ୍ରଥମ ତଥା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିବାରୁ ଏହି ରାଜିନାମାର ସୁପାରିସ ଅନୁସାରେ କାର୍ଯ୍ୟକରି ଅବକ୍ଷୟମୁଖୀ ଓଜୋନ ସ୍ତରର ସୁରକ୍ଷା ସାଙ୍ଗକୁ ଆମ ପରିବର୍ତ୍ତନଶୀଳ ଜଳବାୟୁର ସୁରକ୍ଷା ଦିଗରେ ମଧ୍ୟ କାର୍ଯ୍ୟ କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ।

ଆମ ବାୟୁମଣ୍ଡଳର ନିମ୍ନ ଷ୍ଟ୍ରାଟୋମଣ୍ଡଳରେ ଭୂପୃଷ୍ଠରୁ ପ୍ରାୟ ୧୫ ରୁ ୩୫ କି.ମି. ଉଚ୍ଚତାରେ ଏହି ଓଜୋନ ମଣ୍ଡଳ ଅବସ୍ଥିତ। ଏହି ମଣ୍ଡଳ ମୁଖ୍ୟତଃ ଓଜୋନ ଗ୍ୟାସ୍‌ରେ ଗଢ଼ା। ଏହାର ହାରାହାରି ମୋଟେଇ ଡବସନ ମାପକ ପଦ୍ଧତିରେ ମାତ୍ର ୩ ମିଲିମିଟର। ଏହି ମୂଲ୍ୟ ସର୍ବଦା ସ୍ଥିର ନ ରହି ଋତୁ ଅନୁସାରେ କମ୍ ବେଶି ହୋଇଥାଏ। ଓଜୋନ ଏକ ଈଷତ୍ ନୀଳବର୍ଣ୍ଣର ତଥା ତୀବ୍ର ଗନ୍ଧଯୁକ୍ତ ଗ୍ୟାସ୍। ଏହା ଜଳରେ ସାମାନ୍ୟ ମାତ୍ରାରେ ଦ୍ରବଣୀୟ। ଏହି ଗ୍ୟାସ୍‌କୁ ୧୮୪୦ ମସିହାରେ ଜଣେ ଜର୍ମାନୀ ରସାୟନବିତ୍ ଖ୍ରୀଷ୍ଟିଆନ ଫ୍ରେଡରିକ ସ୍କୋନବିନ ଆବିଷ୍କାର କରିଥିଲେ। ଏହା ସାଧାରଣତଃ ଏକ ବିଷାକ୍ତ ଗ୍ୟାସ୍ ଏବଂ ଭୂପୃଷ୍ଠରେ ଏକ ବାୟୁ ପ୍ରଦୂଷକ ପଦାର୍ଥ ରୂପେ ଜଣା। ଏହାକୁ ପାନୀୟଜଳ ବୋତଲ ପ୍ରସ୍ତୁତିରେ ଏବଂ ଜଳକୁ ଜୀବାଣୁମୁକ୍ତ କରିବା ପାଇଁ ବ୍ୟବହାର କରାଯାଇଥାଏ। ଏହା ଭୂପୃଷ୍ଠରେ ଏକ ବିଷାକ୍ତ ଗ୍ୟାସ୍ ହୋଇଥିଲା ବେଳେ ଊର୍ଦ୍ଧ୍ୱ ବାୟୁମଣ୍ଡଳରେ କିନ୍ତୁ ଆମ ପାଇଁ ଏକ ବରଦାନ ସଦୃଶ କାର୍ଯ୍ୟ କରେ। ସେଠାରେ, ସୂର୍ଯ୍ୟରୁ ଆସୁଥିବା ଅତିବାଇଗଣି ରଶ୍ମିର ପ୍ରଭାବରେ ଅମ୍ଳଜାନର ଅଣୁ ଭାଙ୍ଗିଯାଇ ଅମ୍ଳଜାନର ପରମାଣୁରେ ପରିଣତ ହୁଏ। ଏହି ଅମ୍ଳଜାନର ପରମାଣୁ ଅମ୍ଳଜାନର ଅଣୁ ସହିତ ରାସାୟନିକ ପ୍ରତିକ୍ରିୟା କରି ଓଜୋନର ଅଣୁ ଗଠନ କରେ। ଏକ ଓଜୋନ ଅଣୁର ଆଣବିକ ବସ୍ତୁତ୍ୱ ହେଉଛି ୪୮, ଯାହା ଗୋଟିଏ ଅମ୍ଳଜାନର ଅଣୁଠାରୁ ପ୍ରାୟ ଦେଢ଼ ଗୁଣ ଭାରି। କୌଣସି ଅମ୍ଳଜାନର ଅଣୁରେ ଦୁଇଟି ପରମାଣୁ ରହିଥିଲାବେଳେ ଗୋଟିଏ ଓଜୋନ ଅଣୁ ଅମ୍ଳଜାନର ସମୁଦାୟ ତିନୋଟି ପରମାଣୁରେ ଗଢ଼ା। ମାତ୍ର ଘୋର ପରିତାପର ବିଷୟ ଯେ, କିଛି ମନୁଷ୍ୟକୃତ କାର୍ଯ୍ୟକଳାପ ଯୋଗୁ ଆମର ଏହି ରକ୍ଷାକାରୀ କବଚ ଓଜୋନ ମଣ୍ଡଳ ଏବେ କ୍ଷତିଗ୍ରସ୍ତ ହୋଇ ଏହାର ବିସ୍ତୀର୍ଣ୍ଣ ଅଞ୍ଚଳରେ ଓଜୋନ ନଷ୍ଟ ହୋଇଗଲାଣି କିମ୍ବା ଓଜୋନ ସ୍ତର ପତଳା ହୋଇ ଗଲାଣି। ଏହାକୁ 'ଓଜୋନ ସ୍ତରରେ ଛିଦ୍ର' ବୋଲି କୁହାଯାଉଛି। ଓଜୋନ ସ୍ତରରେ ଏହିଭଳି ଏକ ବିଶାଳ ଛିଦ୍ର ଗତ ୧୯୮୫ ମସିହାରେ ଦଳେ ବ୍ରିଟିଶ ବୈଜ୍ଞାନିକ ଆଣ୍ଟାର୍କଟିକା ମହାଦେଶ ଉପରେ ଆବିଷ୍କାର କରିଥିଲେ। ଫଳରେ ଏଭଳି ଛିଦ୍ର ଦେଇ ମହାକାଶରୁ ଆସୁଥିବା ମାରାତ୍ମକ ଅତିବାଇଗଣି ରଶ୍ମି ସିଧାସଳଖ ଆମ ଜୀବମଣ୍ଡଳରେ ପ୍ରବେଶ କରି ଜୀବଜଗତର ଘୋର କ୍ଷତି ସାଧନ କରୁଛି। ଏହାର ପରିଣାମ ସ୍ୱରୂପ, ବିଶ୍ୱରେ ବିଗତ ଦିନମାନଙ୍କରେ ଚର୍ମକର୍କଟ ଓ ମୋତିଆବିନ୍ଦୁ ରୋଗର ପ୍ରାଦୁର୍ଭାବ ବଢ଼ିଛି। ଓଜୋନ ସ୍ତରର ଏଭଳି କ୍ଷୟକ୍ଷତି ପାଇଁ ଆମେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ଫ୍ରିଜ୍, ଏୟାର କଣ୍ଡିଶନର ଇତ୍ୟାଦି ଉପକରଣରେ ବ୍ୟବହୃତ 'କ୍ଲୋରୋଫ୍ଲୋରୋକାର୍ବନ' ନାମକ ଏକ ପଦାର୍ଥ ମୁଖ୍ୟତଃ ଦାୟୀ। ଏହି ପଦାର୍ଥକୁ ମଧ୍ୟ ବଡି ଡିଓଡୋରାଣ୍ଟ ଭଳି ଏରୋସଲ ସ୍ପ୍ରେ ଇତ୍ୟାଦିରେ ଗ୍ୟାସୀୟ ପଦାର୍ଥକୁ ଠେଲି ପଦାକୁ ନିର୍ଗତ କରିବା ପାଇଁ 'ପ୍ରପ୍ଲେଣ୍ଟ' ରୂପରେ ବ୍ୟବହାର କରାଯାଏ। ଏହାଛଡ଼ା ଅଗ୍ନି ନିର୍ବାପକ ଯନ୍ତ୍ରରେ ବ୍ୟବହାର କରାଯାଉଥିବା ହ୍ୟାଲୋନ ନାମକ ଏକ ପଦାର୍ଥ ତଥା ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ଦ୍ରାବକ ରୂପେ ବ୍ୟବହାର କରାଯାଉଥିବା କାର୍ବନ ଟେଟ୍ରାକ୍ଲୋରାଇଡ ପଦାର୍ଥ ମଧ୍ୟ ଓଜୋନ ସ୍ତରରେ କ୍ଷତି ପହଞ୍ଚାଇପାରେ। ଏଭଳି ସମସ୍ତ ପଦାର୍ଥକୁ 'ଓଜୋନ ନଷ୍ଟକାରୀ ପଦାର୍ଥ' ବୋଲି କୁହାଯାଏ।

ଏହି ପଦାର୍ଥସବୁ ମେରୁ ଅଞ୍ଚଳର ପବନର ଭଉଁରୀରେ ଘୂରି ଘୂରି ଊର୍ଦ୍ଧ୍ୱକୁ ଉଠି ନିମ୍ନ ଷ୍ଟ୍ରାଟୋମଣ୍ଡଳରେ ଥିବା ଓଜୋନ ସ୍ତର ସହିତ ମିଳିତ ହୋଇଥାଏ। ଏହା ସେଠାରେ ପଡୁଥିବା ତୀବ୍ର ଅତିବାଇଗଣି ରଶ୍ମିର ପ୍ରଭାବରେ ବିଭାଜିତ ହୋଇ କ୍ଲୋରିନର ମୁକ୍ତମୂଳକ (Free Chlorine radical) ନିର୍ଗତ କରେ। କ୍ଲୋରିନର ଗୋଟିଏ ମୁକ୍ତମୂଳକ ଓଜୋନର ଏକ ଅଣୁ ସହିତ ରାସାୟନିକ ପ୍ରତିକ୍ରିୟା କରି ଓଜୋନ ଅଣୁକୁ ଅମ୍ଳଜାନର ଅଣୁରେ ପରିଣତ କରେ। ଏହିପରି ଭାବରେ ଓଜୋନ ସ୍ତରରେ ଓଜୋନ କ୍ଷୟ ଘଟିଥାଏ। ଏହି ପ୍ରକ୍ରିୟାରେ କ୍ଲୋରିନର ମୁକ୍ତମୂଳକଟି ବିନଷ୍ଟ ନ ହୋଇ ପୁଣି ନିର୍ଗତ ହୋଇ ଏକ କ୍ଷୁଧିତ ଦାନବ ସଦୃଶ ଅନ୍ୟ ଏକ ଓଜୋନ ଅଣୁକୁ ଆକ୍ରମଣ କରି ନଷ୍ଟ କରିଥାଏ। ହିସାବରୁ ଦେଖାଯାଇଛି ଯେ, କ୍ଲୋରିନର ଗୋଟିଏ ମୁକ୍ତମୂଳକ ଷ୍ଟ୍ରାଟୋମଣ୍ଡଳରେ ନିଜର ଦୀର୍ଘ ଜୀବନକାଳ ମଧ୍ୟରେ ପ୍ରାୟ ୧ ଲକ୍ଷ ଓଜୋନ ଅଣୁକୁ ଆକ୍ରମଣ କରି ନଷ୍ଟ କରିଥାଏ।

ତେବେ ପ୍ରତିକାର କ'ଣ? ଆମକୁ ଆମ ପୃଥିବୀରେ ଜୀବଜଗତର ସୁରକ୍ଷା ଦୃଷ୍ଟିକୋଣରୁ ଆମର ପ୍ରାକୃତିକ ରକ୍ଷାକବଚ ଓଜୋନ ସ୍ତରର ସୁରକ୍ଷା କରିବାକୁ ପଡ଼ିବ। ଆମକୁ ଦୈନନ୍ଦିନ ଜୀବନରେ ଓଜୋନ ନଷ୍ଟକାରୀ ପଦାର୍ଥର ବ୍ୟବହାରକୁ ହ୍ରାସ କରିବା ସହିତ ସେଗୁଡ଼ିକ ବ୍ୟବହୃତ ହେଉଥିବା ଫ୍ରିଜ୍, ଏସି, ବଡି ସ୍ପ୍ରେ ଭଳି ଆରାମଦାୟକ ତଥା ବିଳାସପୂର୍ଣ୍ଣ ଉପକରଣ ଓ ସାମଗ୍ରୀର ବ୍ୟବହାରକୁ ମଧ୍ୟ ସୀମିତ କରିବାକୁ ପଡ଼ିବ। ବ୍ୟକ୍ତିସ୍ତରର ଛୋଟିଆ ଛୋଟିଆ ପଦକ୍ଷେପ ଦ୍ୱାରା ସାମୂହିକ ସ୍ତରରେ ବିଶାଳ ଯୋଗଦାନ ଘଟି ଓଜୋନ ସୁରକ୍ଷା ଦିଗରେ ଆଖିଦୃଶିଆ ଏକ ବିପ୍ଳବ ସୃଷ୍ଟି କରିହେବ।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

## ଅସ୍ଥିକୁ ଦୃଢ଼ କରେ ଭିଟାମିନ୍ 'ସି'



ଭିଟାମିନ୍ 'ସି'ରେ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏହି ତାଲିକାରେ ନିକଟରେ ଆଉ ଏକ କଥାକୁ ସାମିଲ କରାଯାଇଛି। ତାହା କ'ଣ ଜାଣନ୍ତି? ଆମେ ଯଦି ପ୍ରତିଦିନ ଏଭଳି ଖାଦ୍ୟ ଖାଇବା ତେବେ ଆମର ଅସ୍ଥି ପୂର୍ବାପେକ୍ଷା ଆହୁରି ଦୃଢ଼ ରହିବ। କେବଳ ସେତିକି ନୁହେଁ, ଏହା ଶରୀର ପାଇଁ ଆଣ୍ଟି ଅକ୍ସିଡାଣ୍ଟ ଭଳି କାମ କରିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ନିୟମିତ ଖାଇଲେ ତାହା ଆମର ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରିଥାଏ। ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍)ରୁ ଏହା ଅନେକାଂଶରେ ଉପଶମ ଦେଇଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ। ରକ୍ତରେ ୟୁରିକ୍ ଏସିଡର ସ୍ତରକୁ ମଧ୍ୟ ଏହା ସନ୍ତୁଳିତ ରଖେ। ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍-ସି ଭରି ରହିଛି।

## ଏଭଳି ଅଭ୍ୟାସ ଥିଲେ...



ଖାଦ୍ୟ ଖାଇସାରିବା ପରେ କେତୋଟି ବିଷୟ ପ୍ରତି ସଚେତନ ରହିବା ନିହାତି ଦରକାର। ଖାଇବା ପରେ କେତେକ ବ୍ୟକ୍ତି କୋଲ୍ଡ ଡ୍ରିଙ୍କସ, କଫି ଆଦି ପିଇଥାଆନ୍ତି। ହେଲେ ଯଦି ଏଭଳି ଅଭ୍ୟାସ ଅଛି ତେବେ ତାହାକୁ ବର୍ଜନ କରନ୍ତୁ। ଆଉ ଏକ କଥା ହେଲା ନିଶାଦ୍ରବ୍ୟ। ଖାଇବା ସହ ହେଉ ଅବା ଖାଇବା ପରେ ନିଶାଦ୍ରବ୍ୟ ସେବନ କରିବା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି ଯେ, ଖାଦ୍ୟ ଖାଇବା ପରେ ଯଦି ଜଣେ ବ୍ୟକ୍ତି ନିଶାଦ୍ରବ୍ୟ ସେବନ କରନ୍ତି, ତେବେ ସେ ଭବିଷ୍ୟତରେ କ୍ୟାନ୍‌ସର ଦ୍ୱାରା ଆକ୍ରାନ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଛି। କେତେକ ବ୍ୟକ୍ତି ଖାଇବା ପରେ ଗାଧୋଇବାକୁ ପସନ୍ଦ କରନ୍ତି। ହେଲେ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। କାରଣ ଖାଇବା ପରେ ଗାଧୋଇଲେ ଶରୀରରେ ରକ୍ତର ପ୍ରବାହ ଆବଶ୍ୟକତାଠାରୁ ଅଧିକ ତୀବ୍ର ହୁଏ, ଯାହା ଶରୀର ପାଇଁ କ୍ଷତି ପହଞ୍ଚାଏ। ଖାଇବା ପରେ ଆପଣ କିଛି ସମୟ ପାଇଁ ବୁଲାବୁଲି କରନ୍ତୁ। ଏହା ରକ୍ତରେ ସୁଗାର୍ ଲେଭଲ୍‌କୁ ସନ୍ତୁଳିତ ରଖିବ ଏବଂ ବ୍ରେନ୍‌କୁ ଆରାମ ଯୋଗାଇବ। ଖାଇବା ପରେ କିମ୍ବା ପୂର୍ବରୁ ସାଙ୍ଗେ ସାଙ୍ଗେ ପାଣି ଜମାରୁ ବି ପିଅନ୍ତୁ ନାହିଁ। ଖାଇବାର ଅଧଘଣ୍ଟାଏ ପରେ କିମ୍ବା ପୂର୍ବରୁ ପାଣି ପିଅନ୍ତୁ, ଯାହାକି ଖାଦ୍ୟ ହଜମରେ ସାହାଯ୍ୟ କରିବ। ରାତ୍ର ଭୋଜନ ଏବଂ ଶୋଇବା ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟା ବ୍ୟବଧାନ ରହିଲେ ଭଲ। ରାତିରେ ଯେତେ ହାଲୁକା ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୋଇଥାଏ। ଖାଇବା ପରେ କିଛି ସମୟ ଚାଲବୁଲ କରନ୍ତୁ।

## କଲରା ଖାଉଥିଲେ...



କଲରାର ସ୍ୱାଦ ପିତା, ହେଲେ ଏଥିରେ ଅନେକ ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା କେତେ ଲାଭପ୍ରଦ ତାହା ପ୍ରାୟ ଅନେକ ଜାଣନ୍ତି। ଏହାକୁ ନିୟମିତ ଖାଇଲେ ରକ୍ତରେ ସୁଗାର ପରିମାଣ ଅନେକାଂଶରେ ସନ୍ତୁଳିତ ରହିଥାଏ। କେବଳ ସେତିକି ନୁହେଁ, ଏଥିରେ ଆହୁରି ଅନେକ ଭଲ ଗୁଣ ରହିଛି। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। କଲରାରେ ଭିଟାମିନ୍ 'ଏ' ଭରିରହିଛି। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଦୃଷ୍ଟିଶକ୍ତିକୁ ଆହୁରି ପ୍ରଖର କରାଇଥାଏ। ଓଜନକୁ ସନ୍ତୁଳିତ ରଖିବାରେ କେତେକାଂଶରେ କଲରା ସାହାଯ୍ୟ କରିଥାଏ। ଶରୀରରେ ଆଲର୍ଜିକୁ ପ୍ରତିହତ କରିବାର କ୍ଷମତା ମଧ୍ୟ ଏହାର ରହିଛି। ରକ୍ତ ସଞ୍ଚାଳନକୁ କଲରା ସକ୍ରିୟ ରଖିଥାଏ। କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ ଓ ଖାଦ୍ୟ ହଜମରେ ବି ସାହାଯ୍ୟ କରେ।

## ସୁନିଦ୍ରା ଓ ଅଙ୍ଗୁର



ଦିନତମାମ ପରିଶ୍ରମ ପରେ ଜଣେ ବ୍ୟକ୍ତି ରାତିରେ ଭଲ ଭାବରେ ନିଦ୍ରା ଯିବା ନିହାତି ଦରକାର। କାରଣ ଏହାଦ୍ୱାରା ଶରୀରକୁ ବିଶ୍ରାମ ମିଳିବା ସହ ମାନସିକ ଶାନ୍ତି ମିଳିଥାଏ। ତେବେ ସୁନିଦ୍ରା ପାଇଁ ଆପଣ ଏକ ସରଳ ଉପାୟ ଆପଣେଇ ପାରନ୍ତି। ତାହା କ'ଣ ଜାଣନ୍ତି? ଟୋକିଓ ୟୁନିଭର୍ସିଟି ପକ୍ଷରୁ ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ କିଛି ପରିମାଣରେ ଅଙ୍ଗୁର ଖାଆନ୍ତି, ତେବେ ତାହା ଭଲ ନିଦ ହେବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ନିଦ୍ରାଜନିତ ସମସ୍ୟାର ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏଥିରୁ ରକ୍ଷା ପାଇବା ପାଇଁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ସେମାନଙ୍କୁ ପ୍ରତିଦିନ କିଛି ପରିମାଣରେ ଅଙ୍ଗୁର ଖାଇବାକୁ ଦେଇଥିଲେ। ଏହାଦ୍ୱାରା କେତେକଙ୍କୁ ଭଲ ନିଦ ହେଉଥିବାର ସେମାନେ ଲକ୍ଷ୍ୟ କରିଥିଲେ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାବ୍ୟତୀତ ଅଙ୍ଗୁରରେ ଭିଟାମିନ୍-ସି ଭରି ରହିଛି, ଯେଉଁଥିପାଇଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ହୋଇଥାଏ। ନିୟମିତ ଅଙ୍ଗୁର ଖାଇଲେ ତାହା ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ।

## ସ୍ୱାସ୍ଥ୍ୟ ସୂଚନା

- ଆଖୁରସ ପିଇବା ଦ୍ୱାରା ଖାଦ୍ୟ ଭଲ ଭାବରେ ହଜମ ହୋଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ପାକସ୍ଥଳୀ ସଂକ୍ରମଣରୁ କେତେକାଂଶରେ ରକ୍ଷା କରିଥାଏ।
- ପ୍ରତିଦିନ ଜଳଖିଆରେ ଗଜାମୁଗ ଓ ବୁଟମିଶ୍ରିତ ସାଲାଡ୍ ସାମିଲ୍ କରନ୍ତୁ।



- ସବୁବେଳେ ଠିକ୍ ସମୟରେ ହିଁ ଖାଦ୍ୟ ଖାଆନ୍ତୁ। ଏହାଦ୍ୱାରା ଗ୍ୟାଷ୍ଟ୍ରିକଜନିତ ସମସ୍ୟା ଠାରୁ ଆପଣ ନିଜକୁ ଅନେକାଂଶରେ ଦୂରେଇ ରଖିପାରିବେ।
- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ଆପଣଙ୍କର ଯଦି କୌଣସି ମେଡିସିନ୍ ଖାଇବା ଦ୍ୱାରା ଆଲର୍ଜି ସମସ୍ୟା ଅଛି ତେବେ ତାହା ଜଣାଇବାକୁ ଭୁଲନ୍ତୁ ନାହିଁ।
- ଅନ୍ୟମାନଙ୍କ ଦ୍ୱାରା ପ୍ରରୋଚିତ ହୋଇ ଅଧିକ ସମୟ ବ୍ୟାୟାମ କରନ୍ତୁ ନାହିଁ। ଆପଣଙ୍କୁ ଯେତିକି ସମୟ ଠିକ୍ ଲାଗୁଛି ସେତିକି ସମୟ ବ୍ୟାୟାମ କରନ୍ତୁ।
- ଯଦି ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି, ତେବେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।
- ରାତ୍ର ଭୋଜନରେ ଯେତେ ଗରିଷ୍ଠଜାତୀୟ ଖାଦ୍ୟ କମ୍ ଖାଇବେ ତାହା ସେତେ ଭଲ।
- ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି କାମ କରୁଥିଲେ ଅଣ୍ଟାଜନିତ ସମସ୍ୟା ଦେଖାଦେଇପାରେ। ତେଣୁ କିଛି ସମୟ ଅନ୍ତରାଳରେ ସିଟ୍‌ରୁ ଉଠି ଟିକେ ଚାଲବୁଲ କରନ୍ତୁ।

## କୃତ୍ରିମ ରକ୍ତ



ଡ. ସ୍ନିଗ୍ଧା ପଣ୍ଡା

''ଏକ ରକ୍ତ ବଦଳକାରୀ, ଯାହାକୁ କୃତ୍ରିମ ରକ୍ତ ବା ରକ୍ତ ସରୋଗେଟ ମଧ୍ୟ କୁହାଯାଏ, ଏହା ଏକ ପଦାର୍ଥ ଯାହା ଜୈବିକ ରକ୍ତର କିଛି କାର୍ଯ୍ୟକୁ ଅନୁକରଣ କରିବା ଏବଂ ପୂରଣ କରିବା ପାଇଁ ପରିକଳ୍ପିତ। ରକ୍ତଦାନ ପାଇଁ ଏହା ଏକ ବିକଳ୍ପ ପ୍ରଦାନ କରିଥାଏ, ଯେଉଁଥିରେ ରକ୍ତ କିମ୍ବା ରକ୍ତଭିତ୍ତିକ ଉତ୍ପାଦକୁ ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣକୁ ସ୍ଥାନାନ୍ତର କରାଯାଏ। ସମ୍ପ୍ରତି କୌଣସି ବହୁଳ ଭାବରେ ଗ୍ରହଣୀୟ ଅମ୍ଳଜାନ ବହନ କରୁଥିବା କୃତ୍ରିମ ରକ୍ତ ନାହିଁ ଯାହା ଲାଲ୍ ରକ୍ତକଣିକା ରକ୍ତଦାନର ସମ୍ପୂର୍ଣ୍ଣ ବିକଳ୍ପ ସାଜିପାରେ...''



୧୬୧୬ ମସିହାରେ ୱିଲିୟମ ହାର୍ଭିଙ୍କ ଦ୍ୱାରା ରକ୍ତ ସଞ୍ଚାଳନ ପଥ ଆବିଷ୍କାର ହେବା ପରେ ଅନେକ ଗବେଷକ ଏବଂ ଡାକ୍ତର-ବୈଜ୍ଞାନିକମାନେ ବିଭିନ୍ନ ତରଳ ପଦାର୍ଥ ଯଥା ବିୟର, ପରିସ୍ରା, କ୍ଷୀର, ପଶୁ ରକ୍ତ ଏବଂ ଅଫିମ ଦ୍ୱାରା ରକ୍ତ ବଦଳାଇବାକୁ ଚିନ୍ତା କରିବା ଆରମ୍ଭ କଲେ। ପୂର୍ବରୁ ପର୍‌ଫ୍ଲୋରୋକାର୍ବନ ନାମକ ଏକ ପଦାର୍ଥ ଯାହାକି ରେଫ୍ରିଜରେଣ୍ଟ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ରରେ ବ୍ୟବହୃତ ହୁଏ, କୃତ୍ରିମ ରକ୍ତ ହିସାବରେ ବ୍ୟବହାର କରିବାକୁ ଚେଷ୍ଟା କରାଯାଇଥିଲା। ସର୍ଜିକାଲ ବ୍ୟବହାର ପାଇଁ ୧୯୮୯ରେ ଆମେରିକାର ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫ୍‌ଡିଏ) ଦ୍ୱାରା ଏହିପରି ଏକ ବିକଳ୍ପ ଅନୁମୋଦିତ ହୋଇଥିଲା। ହେଲେ ଏହାର ଉତ୍ପାଦନରେ ଜଡ଼ିତ ଜଟିଳତା ଏବଂ ବିଭିନ୍ନ ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁ ଏହାର ପ୍ରତ୍ୟାହାର କରାଯାଇଥିଲା। ରକ୍ତ ଅନୁକରଣ କରିବା ଏକ ଚ୍ୟାଲେଞ୍ଜ, କାରଣ ଏହା ମୁକ୍ତ ଅଣୁ ଏବଂ କୋଷଗୁଡ଼ିକର ଏକ ଜଟିଳ ମିଶ୍ରଣ।

ଅଧାରୁ ଅଧିକ ରକ୍ତ ପ୍ଲାଜମା, ପ୍ରୋଟିନ, ଜଳ ଏବଂ ରାସାୟନିକ ଲବଣକୁ ନେଇ ଏକ ହଳଦିଆ ରଙ୍ଗର ତରଳ ତତ୍ତ୍ୱ ଗଠିତ। ଅବଶିଷ୍ଟ ଅଂଶରେ ସେଲ୍ୟୁଲାର୍ ଉପାଦାନଗୁଡ଼ିକ ରହିଥାଏ ଯଥା, ପ୍ଲେଟ୍‌ଲେଟ୍, ଧଳା ରକ୍ତକଣିକା ଏବଂ ଲାଲ ରକ୍ତକଣିକା। ପ୍ଲେଟ୍‌ଲେଟ୍ କ୍ଷତଗୁଡ଼ିକ ଜମାଟ ବାନ୍ଧିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଧଳା ରକ୍ତକଣିକା ସଂକ୍ରମଣ ସହିତ ଲଢ଼େଇ କରିବାରେ ସାହାଯ୍ୟ କରେ ଏବଂ ହିମୋଗ୍ଲୋବିନ ଧାରଣ କରିଥିବା ଲାଲ୍ ରକ୍ତକଣିକା ରକ୍ତକୁ ଏହାର ଲାଲ୍ ରଙ୍ଗ ଦେଇଥାଏ ଏବଂ ଅମ୍ଳଜାନ ପରିବହନ କରିଥାଏ। ଏକ ଲାଲ୍ ରକ୍ତକଣିକା ଭିତରେ ପ୍ରାୟ ୨୭୦ ନିୟୁତ ହିମୋଗ୍ଲୋବିନ ଅଣୁ ଅଛି। ହିମୋଗ୍ଲୋବିନ ହେଉଛି ଏକ ଗ୍ଲୋବୁଲାର ପ୍ରୋଟିନ୍। ଏହା ଏକ ଜଟିଳ ଅଣୁ, ଯାହା ଟିସୁ ଏବଂ ରକ୍ତବାହୀ ପାଇଁ ବିଷାକ୍ତ ହୋଇପାରେ, କାରଣ ଏହା ଅମ୍ଳଜାନ ବହନ କରିଥାଏ, ଯାହା ନିଜେ ଏକ ଅକ୍ସିଡାଇଜ ଏଜେଣ୍ଟ ଅଟେ ଏବଂ ଠିକ୍ ଭାବରେ ପରିଚାଳିତ ନ ହେଲେ କ୍ଷତି ଘଟାଇପାରେ (ବାୟୁ ସଂସ୍ପର୍ଶରେ ଆସିବା ସମୟରେ କଟା ଆପଲ ଖଣ୍ଡ ବାଦାମୀ ହୋଇଯାଏ)। ତେଣୁ କୃତ୍ରିମ ରକ୍ତ ବଦଳାଇବାରେ ପ୍ରାଥମିକ ଆହ୍ୱାନ ହେଉଛି ହିମୋଗ୍ଲୋବିନର ଅମ୍ଳଜାନ ବହନ କ୍ଷମତାକୁ ନକଲ କରିବା। ବୈଜ୍ଞାନିକମାନେ ଏହି ଅନୁକରଣ କରୁଥିବା ଅଣୁଗୁଡ଼ିକୁ ହିମୋଗ୍ଲୋବିନ ଆଧାରିତ ଅମ୍ଳଜାନ ବାହକ (ଏଚ୍‌ବିଓସି) ଭାବରେ ସୂଚିତ କରନ୍ତି। ଏହାକୁ ଫଳପ୍ରଦ ଭାବରେ ଅନୁକରଣ କରିବା ପାଇଁ ଏହି ଅଣୁଗୁଡ଼ିକ ଏକ ବାହ୍ୟ ଖୋଳ ଆବଶ୍ୟକ କରନ୍ତି, ଯାହା ରକ୍ତବାହୀ ଏବଂ ଟିସୁକୁ ସୁରକ୍ଷା ଦେଇଥାଏ।

ଆଜି ପର୍ଯ୍ୟନ୍ତ ସବୁଠାରୁ ସଫଳ ଖୋଳବିହୀନ ଏଚ୍‌ବିଓସି ହେଉଛି ହେମୋପିଓର୍, ଯାହାକି ୧୯୯୦ ଦଶକରେ ବିକଶିତ ହୋଇଥିଲା। ଏହା ଗାଈର ଲାଲ୍ ରକ୍ତକଣିକାରୁ ଉତ୍ପନ୍ନ। ଏଥିପାଇଁ ଗାଈର ଲାଲ୍ ରକ୍ତକଣିକାରୁ ହିମୋଗ୍ଲୋବିନ ବାହାର କରାଯାଏ, ପାଥୋଜେନ ଅପସାରଣ ପାଇଁ ଶୁଦ୍ଧ କରାଯାଏ ଏବଂ ଟେଟ୍ରାମର୍ ରାସାୟନିକ ଭାବରେ ବନ୍ଧା ହୁଏ। ୨୦୦୧ ମସିହାରୁ ଆଫ୍ରିକାରେ ମାନବ ବ୍ୟବହାର ପାଇଁ ହେମୋପିଓର୍‌କୁ ଅନୁମୋଦନ କରାଯାଇଛି, ବିଶେଷତଃ ଯେଉଁଠାରେ ଏଚ୍‌ଆଇଭି / ଏଡ୍‌ସ ପରି ଅବସ୍ଥା ହେତୁ ପାରମ୍ପରିକ ରକ୍ତଦାନ ଅଧିକ ବିପଦ ସୃଷ୍ଟି କରିଥାଏ। ଧାର୍ମିକ କାରଣରୁ ରକ୍ତଦାନକୁ ମନା କରୁଥିବା କିମ୍ବା ବାରମ୍ବାର ଟ୍ରାନ୍ସଫ୍ୟୁଜନରେ ପ୍ରତିକ୍ରିୟା କରୁଥିବା ରୋଗୀମାନଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ହୋଇଛି। (କ୍ରମଶଃ...)

-କଲ୍ୟାଣୀ, ନଦିଆ, ପଶ୍ଚିମବଙ୍ଗ
ମୋ: ୮୨୪୦୫୦୬୬୦୫

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୬/୨୦୨୪ Bhubaneswar, Monday, September 16/ 2024

# ଇଣ୍ଡିଆ ଏ'ର ବୃହତ୍ ବିଜୟ

**ବେଙ୍ଗାଲୁରୁ,୧୫।୯(ପି.ଟି.)**

ଦୁଲୀପ୍ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଇଣ୍ଡିଆ ଏ ବୃହତ୍ ବିଜୟ ହାସଲ କରିଥିବା ବେଳେ ଇଣ୍ଡିଆ ସି ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ଅର୍ଜନ କରିଛି। ଅନ୍ତିମ ଦିନରେ ଇଣ୍ଡିଆ ଡି'କୁ ବିଜୟ ପାଇଁ ଅସମ୍ଭବ ୪୨୬ ରନ୍ ଆବଶ୍ୟକ ରହିଥିଲା। ପୂର୍ବଦିନର ଅସମାପ୍ତ ସ୍କୋର ୬୨/୧ରୁ ଆରମ୍ଭ କରି ଦଳ ୩୦୧ ରନ୍‌ରେ ଅଲଆଉଟ ହୋଇଥିଲା। ଅନ୍ୟପକ୍ଷରେ ଇଣ୍ଡିଆ ସି' ବିପକ୍ଷରେ ଅଭିମନ୍ୟୁ ଈଶ୍ୱରନ୍ ଲଢୁଆ ଶତକ ହାସଲ କରିଥିଲେ ମଧ୍ୟ ଦଳ ପ୍ରଥମ ଇନିଂସରେ ପଛୁଆ ରହିଥିଲା।

ଅନ୍ତିମ ଦିନରେ ଇଣ୍ଡିଆ ଡି'କୁ ୪୨୬ ରନ୍ ଆବଶ୍ୟକ ଥିବା ବେଳେ ଦଳ ୩୦୧ ରନ୍‌ରେ ଅଲଆଉଟ ହୋଇଥିଲା। ରିକି ଭୁଇ ଲଢୁଆ ୧୧୫ ରନ୍ କରିଥିବା ବେଳେ ଶ୍ରେୟସ ଆୟର ୪୧ ଓ ସଞ୍ଜୁ ସାମସନ୍ ୪୦ ରନ୍ ସ୍କୋର କରିଥିଲେ। ଇଣ୍ଡିଆ ଏ ପକ୍ଷରୁ ସାମ୍ସ ମୁଲାନି ୩ ଓ ତନୁଶ କୋଟିଆନ୍ ୪ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ୧୦୭ ରନ୍‌ରେ ଆଗୁଆ ଥିବା ଇଣ୍ଡିଆ ଏ ପକ୍ଷରୁ ଦ୍ୱିତୀୟ ଇନିଂସରେ ପ୍ରଥମ ସିଂ ଓ ତିଲକ ବର୍ମା ଶତକ ହାସଲ କରିଥିଲେ। ପ୍ରଥମ ୧୨୨ ଓ ତିଲକ ଅପରାଜିତ ୧୧୧ ରନ୍‌ର ଇନିଂସ ଖେଳିବା କାରଣରୁ ଇଣ୍ଡିଆ ଏ ୩୮୦/୩ରେ ଇନିଂସ ଘୋଷଣା କରିଥିଲା। ପ୍ରଥମ ୧୮୯ ବଲ୍ ଖେଳି ୧୨ ଚୌକା ଓ ୧ ଛକା ମାରିଥିଲେ। ତିଲକ ୧୯୩ ବଲ୍ ଖେଳି ୯ ଚୌକା ମାରିଥିଲେ। ସାମ୍ସ ମୁଲାନୀଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଅଂଶୁଲ କମ୍ବୋଜ।

**ଇଣ୍ଡିଆ ସି'କୁ ୩ ପଏଣ୍ଟ**

ଇଣ୍ଡିଆ ବି' ବିପକ୍ଷରେ ଅଂଶୁଲ କମ୍ବୋଜ ୮ ଉଇକେଟ ସଫଳତା ହାସଲ କରିବା ସହ ଦଳକୁ ୩ ପଏଣ୍ଟ ପ୍ରଦାନ କରିଛନ୍ତି। ଇଣ୍ଡିଆ ସି' ପ୍ରଥମ ଇନିଂସରେ ଇଶାନ କିଶନଙ୍କ ଶତକ ବଳରେ ୫୨୫ ରନ୍ କରିଥିଲା। ଅଭିମନ୍ୟୁ ଈଶ୍ୱରନ୍‌ଙ୍କ ଲଢୁଆ ୧୫୭* ରନ୍ ବଳରେ ଇଣ୍ଡିଆ ବି' ୩୩୨ରନ୍‌ରେ ଅଲଆଉଟ ହୋଇଥିଲା। ଈଶ୍ୱରନ୍ ୨୮୬ ବଲ ଖେଳି ୧୪ ଚୌକା ଓ ୧ ଛକା ମାରିଥିଲେ। ଈଶ୍ୱରନ୍ ଓ ନାରାୟଣ ଜଗଦୀଶାନ(୭୦) ପ୍ରଥମ ଉଇକେଟରେ ୧୨୯ ରନ୍ ଯୋଡିଥିଲେ। ତେବେ ଜଗଦୀଶାନ ଆଉଟ ହେବା ପରେ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ମଧ୍ୟକ୍ରମରେ ମୁଶିର ଖାନ୍(୧), ସର୍ଫରାଜ ଖାନ୍(୧୬), ରିଙ୍କୁ ସିଂ(୬) ଓ ନୀତୀଶ ରେଡ୍ଡୀ(୨) ରନ୍ କରି ଆଉଟ ହେବାରୁ ଦଳ ୨୩୭ ରନରେ ୬ ଉଇକେଟ ହରାଇଥିଲା। ଇଣ୍ଡିଆ ସି' ପକ୍ଷରୁ ଅଂଶୁଲ କମ୍ବୋଜ ୮ ଉଇକେଟ ନେଇ ମଧ୍ୟକ୍ରମରେ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ବ୍ୟଶକ ଓ ମୟଙ୍କ ମାର୍କଣ୍ଡେ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଇଣ୍ଡିଆ ବି' ଅଲଆଉଟ ହେବା ପରେ ଇଣ୍ଡିଆ ସି' ୪ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଅଧିନାୟକ ଋତୁରାଜ ଗାଏକ୍ୱାଡ ୬୨ ରନ୍ କରିଥିବା ବେଳେ ରଜତ ପାଟିଦାର ୪୨ ରନ୍ ସ୍କୋର କରିଥିଲେ। ୮ ଉଇକେଟ ନେଇଥିବା ଅଂଶୁଲ କମ୍ବୋଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା। ଦୁଇଟି ଲେଖାଏ ମ୍ୟାଚ୍ ଶେଷ ହୋଇଥିବା ବେଳେ ଇଣ୍ଡିଆ ସି' ୯ ପଏଣ୍ଟ ସହ ଶୀର୍ଷରେ ରହିଛି। ଇଣ୍ଡିଆ ବି' ୭ ପଏଣ୍ଟ ଓ ଇଣ୍ଡିଆ ସି' ୬ ପଏଣ୍ଟ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

**ଦୁଲୀପ୍ ଟ୍ରଫି**

**ଅଂଶୁଲ,ମୁଲାନୀ ପ୍ଲେୟର ଅଫ୍ ଦ ମ୍ୟାଚ୍**


ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ଓସ୍‌ଜା କର୍ମକର୍ତ୍ତା।

# ମୁଖ୍ୟମନ୍ତ୍ରୀଙ୍କ ସହ ଓସ୍‌ଜା ପ୍ରତିନିଧିଙ୍କ ଆଲୋଚନା

**ଭୁବନେଶ୍ୱର, ୧୫।୯ (ବିଜୟ ରଣା)**

ଓଡ଼ିଶାରେ କାର୍ଯ୍ୟରତ କ୍ରୀଡ଼ା ଖବରଦାତାମାନଙ୍କୁ ନେଇ ଗଠିତ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ଏକ ପ୍ରତିନିଧି ଦଳ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା କରିଛନ୍ତି। ଦୁଇ ଦଶନ୍ଧି ଧରି ସଂଗଠିତ ଓସ୍‌ଜାର କିଛି ମୌଳିକ ଆବଶ୍ୟକତା ସମ୍ପର୍କରେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ରାଜ୍ୟର ସର୍ବୋଚ୍ଚ କ୍ରୀଡ଼ା ସାମ୍ବାଦିକତା ସମ୍ମାନ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ବିଜେତାଙ୍କୁ ଓ ସରକାର ଅନ୍ୟୂନ ସ୍ୱୀକୃତିପ୍ରଦାନ କରିବା ପ୍ରମୁଖ ଦାବି ଅନ୍ୟତମ ମୁଖ୍ୟ ଥିଲା। ଏହା ବ୍ୟତୀତ କଳିଙ୍ଗ ଷ୍ଟାଡିୟମ ପରିସରରେ ରାଜ୍ୟର କ୍ରୀଡ଼ା ଖବରଦାତାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ମିଡିଆ ସେଣ୍ଟର୍ ସହ ସମସ୍ତ ପ୍ରକାର ପେସାଦାର ସୁବିଧା ସୁଯୋଗ ଉପଲବ୍ଧ କରାଇବା ପାଇଁ ମଧ୍ୟ ଦାବି ଉପସ୍ଥାପନ କରାଯାଇଥିଲା। ଏହି ପ୍ରତିନିଧି ଦଳରେ ବରିଷ୍ଠ ସାମ୍ବାଦିକ କେ. ରବି, ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି ସସ୍ମିତ ମହାପାତ୍ର, ଉପସଭାପତି ସମୀକ୍ଷା ପଟ୍ଟନାୟକ, ତପନ ସ୍ୱାଇଁ, ସମ୍ପାଦକ ସୁରେଶ ସ୍ୱାଇଁ, ସହସମ୍ପାଦକ ହିମାଂଶୁପତି ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ବିମଳ କୁମାର ରାଉଳ, ଶକ୍ତି ପ୍ରସାଦ ନନ୍ଦ ପ୍ରମୁଖ ସାମିଲ ଥିଲେ।

## ଓଡ଼ିଶା, ଝାଡ଼ଖଣ୍ଡ କ୍ୱାର୍ଟରଫାଇନାଲରେ

**ଜଳନ୍ଧର, ୧୫।୯ (ପି.ଟି.):** ଓଡ଼ିଶା ଓ ହକି ଝାଡ଼ଖଣ୍ଡ ଏଠାରେ ଚାଲିଥିବା ୧୪ତମ ଜାତୀୟ ଜୁନିୟର ହକି ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଓଡ଼ିଶା ୫-୨ ଗୋଲ୍‌ରେ ଦାଦ୍ରାନଗର ହାବେଲୀ ଓ ଡାମନ ଡିଉ ହକିକୁ ପରାସ୍ତ କରିଛି। ଦଳ ପକ୍ଷରୁ କରନ ଲାକ୍ରା (୩୦ତମ ଓ ୫୦ ତମ ମିନିଟ) ଦୁଇଟି ଗୋଲ୍ ଦେଇଥିବା ବେଳେ ଅଧିନାୟକ ଜସ୍ମିନ ମୁଣ୍ଡା (୧୫ତମ), ଅଭିଷେକ ଟପ୍ପୋ (୨୭ତମ) ଓ ଦୀପକ ପ୍ରଧାନ (୬୦ତମ) ପ୍ରତ୍ୟେକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପରାଜିତ ଦଳ ତରଫରୁ ପ୍ରଦୀପ ମଣ୍ଡଳ (୧୬ତମ) ଓ ୱିଲସନ ଖାଖା (୪୬ତମ ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଗୁଜରାଟ ବିପକ୍ଷରେ ହକି ଝାଡ଼ଖଣ୍ଡ ୨୭-୦ ଗୋଲ୍‌ରେ ବୃହତ୍ ବିଜୟ ହାସଲ କରିଛି। ଦଳର ଟପ୍ ସ୍କୋରର ଆଦିସାନ ମିଞ୍ଜ୍ ୬ ଓ ଘୁରାନ ଲୋହରା ୫ ଗୋଲ୍ ସ୍କୋର କରିଥିଲେ। ରୋଶନ ଏକ୍କା ଓ ଦୀପକ ସୋରେଙ୍ଗ ଚାରୋଟି ଲେଖାଏ ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରାଇକ୍ କମଲ ଚିକ୍ ୩ଟି ଗୋଲ ଦେଇଥିବା ବେଳେ ସୁଖନାଥ ଗୁରିଆ ଦୁଇଟି ଏବଂ ଅଭିଷେକ ଟିଗା, ସିମିତ ବାରୱା ଓ ମାଙ୍ଗ୍ରା ଦୋହଦ୍ରେ ପ୍ରତ୍ୟେକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ସୋମବାର କ୍ୱାର୍ଟରଫାଇନାଲରେ ପଞ୍ଜାବ ହକିକୁ ଭେଟିବାକୁଥିବା ବେଳେ ଝାଡ଼ଖଣ୍ଡ ହକି ହରିୟାଣା ସହ ମୁକାବିଲା କରିବ।

# ସୁଇଡେନ୍‌ଠାରୁ ଷଷ୍ଠ ଥର ହାରିଲା ଭାରତ


ଡବଲ୍ସ ମ୍ୟାଚ୍ ଅବସରରେ ଏନ୍. ଶ୍ରୀରାମ ବାଲାଜୀ ଓ ରାମକୁମାର ରାମନାଥନ।

**ଷ୍ଟକ୍‌ହୋମ୍,୧୫।୯(ପି.ଟି.)**

ଡେଭିସ୍ କପ୍ ବିଶ୍ୱ ଗ୍ରୁପ୍ ଟାଇର ସୁଇଡେନ୍ ବିପକ୍ଷରେ ୦-୪ରେ ପରାଜିତ ହୋଇଛି ଭାରତ। ପ୍ରଥମ ଦିନରେ ଭାରତ ୦-୨ରେ ପଛୁଆ ଥିବା ବେଳେ ଦ୍ୱିତୀୟ ଦିନରେ ଏନ୍. ଶ୍ରୀରାମ ବାଲାଜୀ ଓ ରାମକୁମାର ରାମନାଥନଙ୍କ ଡବଲ୍ସ ଯୋଡି ଓ ସିଦ୍ଧାର୍ଥ ବିଶ୍ୱକର୍ମା ରିଭର୍ସ ସିଙ୍ଗଲ୍ସରେ ପରାଜିତ ହୋଇଥିଲେ। ବାଲାଜୀ ଓ ରାମନାଥନଙ୍କ ଯୋଡି ୩-୬, ୪-୬ ସେଟରେ ଆଣ୍ଡ୍ରେ ଗୋରାନ୍‌ସନ ଓ ଫିଲିପ୍ ବେର୍ଗେଭିଙ୍କ ଠାରୁ ହାରି ଯାଇଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ସିଦ୍ଧାର୍ଥ ବିଶ୍ୱକର୍ମା ୨-୬, ୨-୬ ସେଟରେ ଏଲିଆସ୍ ୟେମରଙ୍କ ନିକଟରୁ ପରାଜିତ ହୋଇଥିଲେ। ଏହାକୁ ମିଶାଇ ଭାରତ ଷଷ୍ଠ ଥର ପାଇଁ ଡେଭିସ୍ କପରେ ସୁଇଡେନ୍ ବିପକ୍ଷରେ ଖେଳିଥିବା ବେଳେ ପ୍ରତ୍ୟେକ ଥର ପରାଜିତ ହୋଇଛି।

ପ୍ରଥମ ଦିନର ସିଙ୍ଗଲ୍ସ ମ୍ୟାଚରେ ଏନ୍. ଶ୍ରୀରାମ ବାଲାଜୀ ଓ ରାମକୁମାର ରାମନାଥନ ପରାଜିତ ହୋଇଥିଲେ। ଡବଲ୍ସ ସ୍ପେସିଆଲିଷ୍ଟ ବାଲାଜୀ ପ୍ରଥମ ଟାଇର ସିଙ୍ଗଲ୍ସ ଖେଳି ଏଲିଆସ୍ ୟେମରଙ୍କ ନିକଟରୁ ପରାଜିତ ହୋଇଥିଲେ। ୬-୪, ୬-୨ରେ ବାଲାଜୀ ହାରି ଯାଇଥିଲେ। ସିଙ୍ଗଲ୍ସ ଖେଳାଳି ସୁମିତ୍ ନାଗାଲ ପିଠି ସମସ୍ୟା କାରଣରୁ ଓହରି ଯାଇଥିଲେ। ଦ୍ୱିତୀୟ ସିଙ୍ଗଲ୍ସ ମ୍ୟାଚ୍‌ରେ ରାମକୁମାର ରାମନାଥନ ୩-୬, ୩-୬ ସେଟ୍‌ରେ ଲିଓ ବର୍ଗଙ୍କ ନିକଟରୁ ୬-୩, ୬-୩ ସେଟରେ ପରାଜିତ ହୋଇଥିଲେ।

# ଆଜି ଭାରତ, କୋରିଆ ସେମିଫାଇନାଲ

**ହୁଲୁନ୍‌ବୁଇର୍,୧୫।୯(ପି.ଟି.)**

ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ସେମି ଫାଇନାଲରେ ସୋମବାର ଭାରତ ଓ କୋରିଆ ପରସ୍ପର ମୁକାବିଲା କରିବେ। ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ ଏହାର ସମସ୍ତ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଆୟୋଜକ ଚାଇନାକୁ ୩-୦ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ପରବର୍ତ୍ତୀ ମ୍ୟାଚ୍‌ଗୁଡିକରେ ଜାପାନକୁ ୫-୧, ମାଲେସିଆକୁ ୮-୧, କୋରିଆକୁ ୩-୧ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୨-୧ରେ ପରାସ୍ତ କରିଥିଲେ। ଭାରତ ପକ୍ଷରୁ ଏକାଧିକ ଯୁବ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିଲେ ମଧ୍ୟ ଦଳ ସମସ୍ତ ଡିପାର୍ଟମେଣ୍ଟରେ ଉନ୍ନତ ପ୍ରଦର୍ଶନ କରିଛି। ଫରୱାର୍ଡ ଓ ଡିଫେନ୍ସରେ ଦଳର ପ୍ରଦର୍ଶନ ଚମତ୍କାର ରହିଛି। ଅଧିନାୟକ ହରମନ୍‌ପ୍ରୀତ ସିଂ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ପାକିସ୍ତାନ ଓ କୋରିଆ ବିପକ୍ଷରେ ଡବଲ୍ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ରାଜକୁମାର ପାଲ ମାଲେସିଆ ବିପକ୍ଷରେ ହ୍ୟାଟ୍ରିକ୍ ଅର୍ଜନ କରିଥିବା ବେଳେ ଅରାଇଜିତ ସିଂ ହୁଣ୍ଡାଲ, ଉତ୍ତମ ସିଂ ଓ ଗୁରଜୋତ ସିଂଙ୍କ ପରି ଖେଳାଳି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ମନ୍‌ପ୍ରୀତ୍ ସିଂଙ୍କ ସମେତ ବିବେକ ସାଗର ପ୍ରସାଦ ଓ ନୀଳକାନ୍ତ ଶର୍ମା ମିଡଫିଲ୍ଡରେ ଚମତ୍କାର ପ୍ରଦର୍ଶନ କରିଛନ୍ତି।




**ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି**

# ଆଶୀର୍ବାଦ ବେହେରା ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୧୫।୯ (ବିଜୟ ରଣା)**

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଡକ୍ଟରେଟ (ଡି.ଲିଟ୍) ଡିଗ୍ରୀରେ ସମ୍ମାନିତ ହେବାପରେ ଅଲିମ୍ପିକ ଆସୋସିଏଶନ ଏବଂ ରାଜ୍ୟର ବିଭିନ୍ନ କ୍ରୀଡ଼ା ସଙ୍ଗଠନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କ୍ରୀଡ଼ା ଓ ସମାଜକଲ୍ୟାଣ କ୍ଷେତ୍ରରେ ଆଶୀର୍ବାଦଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ରାଜ୍ୟରେ ଯୁବ କ୍ରୀଡ଼ାପ୍ରତିଭା ସୃଷ୍ଟିକରିବା ଲାଗି ତାଙ୍କ ନେତୃତ୍ୱରେ ଫାଓ ଅନେକ ବଡ଼ ବଡ଼ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦନ କରିପାରିଛି। ଅନ୍ୟମାନଙ୍କ ପାଇଁ ସେ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଓଡ଼ିଶା ରାଜ୍ୟପାଳ ରଘୁବର ଦାସ କିଟ୍‌ର ୨୦ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଅବସରରେ ଶନିବାର ଆଶୀର୍ବାଦଙ୍କୁ ଡକ୍ଟରେଟ ଡିଗ୍ରୀରେ ସମ୍ମାନିତ କରିଥିଲେ। ଆୟୋଜିତ ଉତ୍ସବରେ ନିଜ ଅଭିଭାଷଣ ରଖି ଆଶୀର୍ବାଦ ତାଙ୍କୁ ସମ୍ମାନିତ କରାଯାଇଥିବାରୁ କିଟ୍ ନିକଟରେ ସେ କୃତଜ୍ଞତା ଜ୍ଞାପନ କରିଥିଲେ। ସେ କହିଥିଲେ, ଏହା କେବଳ ତାଙ୍କ ପାଇଁ ବ୍ୟକ୍ତିଗତ ସମ୍ମାନ ନୁହେଁ ଓଡ଼ିଶା କ୍ରୀଡ଼ା ସମୁଦାୟ ମିଳିତ ଉଦ୍ୟମର ଏହା ଏକ ପ୍ରତିଫଳନ। ରବିବାର ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା, ଏମ୍‌ଜିଏମ୍ ମିନରାଲ୍ସ ଲିମିଟେଡ୍‌ର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି, ଓଡ଼ିଶା ଭଲିବଲ ଆସୋସିଏଶନର ସମ୍ପାଦକ ଡ. ଗଗନେନ୍ଦୁ ଦାଶଙ୍କ ବ୍ୟତୀତ ରାଜ୍ୟର ବିଭିନ୍ନ କ୍ରୀଡ଼ା ସଂଗଠନର ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ।



ଆଶୀର୍ବାଦ ବେହେରା (ମଝି)ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସାଲିମା ପାକିସ୍ତାନର ମହିଳା ଅମ୍ପାୟର

**ଇସ୍‌ଲାମାବାଦ, ୧୫।୯ (ପି.ଟି.)**

ସାଲିମା ଇମ୍‌ତିଆଜ ପାକିସ୍ତାନର ପ୍ରଥମ ମହିଳା ଭାବେ ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ଡେଭଲପମେଣ୍ଟ ଅମ୍ପାୟର୍ସ ପ୍ୟାନେଲକୁ ମନୋନୀତ ହୋଇଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ତରଫରୁ ରବିବାର ଏ ବିଷୟରେ ସୂଚନା ଦିଆଯାଇଛି। ସାଲିମା ଏଣିକି ମହିଳା ଅନ୍ତର୍ଜାତୀୟ ଦ୍ୱିପାକ୍ଷିକ ମ୍ୟାଚ୍ ଏବଂ ଆଇସିସି ମହିଳା ଇଭେଣ୍ଟଗୁଡ଼ିକରେ ଅମ୍ପାୟରିଂ କରିପାରିବେ। ସେ କହିଛନ୍ତି, ଏହା କେବଳ ତାଙ୍କର ଏକ ବିଜୟ ନୁହେଁ, ପାକିସ୍ତାନର ପ୍ରତ୍ୟେକ ଆଶାୟୀ କ୍ରିକେଟର ଓ ଅମ୍ପାୟରଙ୍କ ପାଇଁ ଏକ ବିଜୟ। ସୂଚନାଯୋଗ୍ୟ, ସାଲିମାଙ୍କ ଝିଅ କୈନାତ ପାକିସ୍ତାନ ପାଇଁ ୪୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ତନ୍ମଧ୍ୟରେ ୧୯ ଅନ୍ତର୍ଜାତୀୟ ଦିନିକିଆ ଓ ୨୧ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ରହିଛି। ସାଲିମା କହିଛନ୍ତି, ତାଙ୍କ ଝିଅ ୨୦୧୦ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପଦାର୍ପଣ ମ୍ୟାଚ ଖେଳିବା ପରେ ସେ ଜଣେ ଅମ୍ପାୟର ଭାବେ ନିଜକୁ ପ୍ରତିଷ୍ଠିତ କରିବାକୁ ମନ ବଳାଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ତାଙ୍କ ଦେଶରୁ ପ୍ରତିନିଧିତ୍ୱ କରିବା ତାଙ୍କର ଏକ ସ୍ୱପ୍ନ ଥିଲା। ଏସିଆନ କ୍ରିକେଟ କାଉନ୍‌ସିଲରେ ତାଙ୍କୁ ସୁଯୋଗ ମିଳିଛି। କିନ୍ତୁ ଉଚ୍ଚ ସ୍ତରରେ ମ୍ୟାଚ ପରିଚାଳନା କରିବା ତାଙ୍କର ଏକ ବଡ଼ ଲକ୍ଷ୍ୟ ଥିଲା। ସାଲିମା ୨୦୦୮ରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମହିଳା ଅମ୍ପାୟର ପ୍ୟାନେଲରେ ଯୋଗଦେଇଥିଲେ। ଗତ ୩ ବର୍ଷ ମଧ୍ୟରେ ସେ ବହୁ ଏସିଆନ କ୍ରିକେଟ କାଉନ୍‌ସିଲ ମ୍ୟାଚ ପରିଚାଳନା କରିଛନ୍ତି। ମୁଲ୍‌ତାନରେ ପାକିସ୍ତାନ ମହିଳା ଓ ଦକ୍ଷିଣ ଆଫ୍ରିକା ମହିଳା ଦଳ ମଧ୍ୟରେ ସୋମବାରଠାରୁ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳାଯିବ। ଏଥିରେ ସାଲିମା ପ୍ରଥମ ଥର ଏକ ଦ୍ୱିପାକ୍ଷିକ ସିରିଜରେ ମ୍ୟାଚ ପରିଚାଳନା କରିବେ।


ସାଲିମା ଇମ୍‌ତିଆଜ

# କେରଳକୁ ହରାଇ ଫାଇନାଲରେ ଓଡ଼ିଶା

**ଜାତୀୟ ସବ୍ ଜୁନିୟର ବାଳିକା ଫୁଟବଲ**

**ଭୁବନେଶ୍ୱର,୧୫।୯ (ସରୋଜ ଜେନା)**

ଗୋଆରେ ଅନୁଷ୍ଠିତ ଜାତୀୟ ସବ୍ ଜୁନିୟର ବାଳିକା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା। ରବିବାର ଅନୁଷ୍ଠିତ ସେମି ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୩-୧ ଗୋଲରେ କେରଳକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ କାମିନୀ ମଲିକ(୧୩) ଓ ଲିପି କିଶାନ(୩୨) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୨୯ ତମ ମିନିଟରେ କେରଳର ଏ. ତୀର୍ଥା ଏକ ଆତ୍ମଘାତୀ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷ ହେବା ସୁଦ୍ଧା ଓଡ଼ିଶା ୩-୦ରେ ଆଗୁଆ ରହିଥିଲା। ୬୬ତମ ମିନିଟରେ ଆଶିକା ମେର୍ଲିନ୍ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଆସନ୍ତା ୧୭ ତାରିଖରେ ଖେଳାଯିବାକୁ ଥିବା ଫାଇନାଲରେ ମଧ୍ୟପ୍ରଦେଶକୁ ଭେଟିବ ଓଡ଼ିଶା।


ସେମିଫାଇନାଲରେ ବିଜୟୀ ଓଡ଼ିଶା ବାଳିକା ଦଳ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ